

ଜାତିଭିତ୍ତିକ ର୍‍ୟାଲି, ଷ୍ଟିକର ଓ ସାଇନ୍‌ବୋର୍ଡ ଉପରେ କଟକଣା ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 183 | ଭାଗ ୩୩ | ସଂଖ୍ୟା ୧୮୩ | Tuesday 23 September 2025 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର ୨୩ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଅନାସ୍ଥା ବିରୋଧରେ ବିଜେଡିର କଭର ଫାୟାର

# ଅଗ୍ରାହ୍ୟ ହେଲା କଂଗ୍ରେସର ଅନାସ୍ଥା ନୋଟିସ

- ବାଚସ୍ପତିଙ୍କ ରୁଲିଂ ବିରୋଧରେ କଂଗ୍ରେସର ଧାରଣା
- ଅନାସ୍ଥା ଅଗ୍ରାହ୍ୟ ହେବା ପରେ ସ୍ୱାଭାବିକ ହେଲା ଗୃହ
- ପଞ୍ଚାୟତ ପ୍ରତିନିଧିଙ୍କ କ୍ଷମତା ହ୍ରାସ ପ୍ରସଙ୍ଗରେ ହଟ୍ଟଗୋଳ
- ଚାଲିପାରିଲାନି ଚତୁର୍ଥ ଦିନର ପ୍ରଥମାର୍ଦ୍ଧ ଅଧିବେଶନ
- ନୂଆ ଜିଏସଟି ବ୍ୟବସ୍ଥା ନେଇ ଧନ୍ୟବାଦ ପ୍ରସ୍ତାବ ଆଗତ



ଭୁବନେଶ୍ୱର,୨୨।୯ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସ ଆଣିଥିବା ଅନାସ୍ଥା ପ୍ରସ୍ତାବକୁ ଅଗ୍ରାହ୍ୟ କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ। ଅନାସ୍ଥା ନୋଟିସର ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହରେ ଏନେଇ ଆଲୋଚନା ହୋଇନପାରିବାରୁ ଏହାକୁ ଅଗ୍ରାହ୍ୟ କରିଛନ୍ତି ବାଚସ୍ପତି। ଅନାସ୍ଥା ନୋଟିସ ଅଗ୍ରାହ୍ୟ ହେବା ପରେ ପ୍ରତିବାଦରେ କଂଗ୍ରେସ ବିଧାୟକମାନେ ଗୃହ ତ୍ୟାଗ କରି ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିଲେ। କଂଗ୍ରେସ ବିଧାୟକଙ୍କୁ ଗୃହକୁ ଫେରାଇ ଆଣିବାକୁ ବାଚସ୍ପତି ସରକାରୀ ଦଳକୁ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ଦଳ ଉପମୁଖ୍ୟ ସଚେତକ ଓ ଅନ୍ୟ ବିଧାୟକମାନେ କଂଗ୍ରେସ ଦଳକୁ ଅନୁରୋଧ କରିଥିଲେ ବି ସେମାନେ ଧାରଣାରୁ ହଟିନଥିଲେ। ସେପଟେ ଅନାସ୍ଥା ଅଗ୍ରାହ୍ୟ ହେବା ପରେ ବିଜେଡିର କଭର ଫାୟାରକୁ ନେଇ ଚର୍ଚ୍ଚା ଜୋର ଧରିଛି।

ବିଧାନସଭା ମୌସୁମୀ ଅଧିବେଶନର ଚତୁର୍ଥ ଦିନର ପ୍ରଥମାର୍ଦ୍ଧ ସ୍ୱାଭାବିକ ହୋଇପାରିଲା ନାହିଁ। ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିଜେଡି ବିଧାୟକମାନେ ଗୃହର ମଧ୍ୟଭାଗରେ ଆସି ହଟ୍ଟଗୋଳ କରିଥିଲେ। ସାର କଳାବଜାରୀ ପରେ ପଞ୍ଚାୟତ ପ୍ରତିନିଧିଙ୍କ କ୍ଷମତା ହ୍ରାସ ପ୍ରସଙ୍ଗକୁ ନେଇ ବିଜେଡି ହଟ୍ଟଗୋଳ କରିଥିଲା। ରାଜ୍ୟର ସମସ୍ତ ୩୦ଟି ଯାକ ଜିଲ୍ଲା ପରିଷଦ ବିଜେଡି ଦଖଲରେ ଥିବା ବେଳେ ଅଧିକାଂଶ ପଞ୍ଚାୟତ ସମିତି ବିଜେଡି ସମର୍ଥିତ ଜିତିଛନ୍ତି। ଯେଉଁଥିପାଇଁ ରାଜନୀତିକରଣ କରାଯାଇ ପଞ୍ଚାୟତ ପ୍ରତିନିଧିଙ୍କ କ୍ଷମତା ହ୍ରାସ କରାଯାଇ ବିଡିଓଙ୍କୁ ଅଧିକ କ୍ଷମତାଶାଳୀ କରାଯାଇଛି। ଏହି ଅଭିଯୋଗ କରି ବିଜେଡି ବିଧାୟକମାନେ ଗୃହର ମଧ୍ୟ ଭାଗରେ ହଟ୍ଟଗୋଳ କରିଥିଲେ।

ମୌସୁମୀ ଅଧିବେଶନ ଆରମ୍ଭରୁ ବିଜେଡି ସାର କଳାବଜାରୀକୁ ମୁଖ୍ୟ ପ୍ରସଙ୍ଗ କରି ଗୃହ ଚଳାଇଦେଉନଥିଲା। ଶନିବାର ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେବା ପରେ ବିଜେଡିର ଏହି ପ୍ରସଙ୍ଗ ଉପରେ ରାଜନୀତିରେ ପୂର୍ଣ୍ଣଚ୍ଛେଦ ପଡିଲା। ଆଜିଠାରୁ ଆରମ୍ଭ ହୋଇଛି ପଞ୍ଚାୟତ ପ୍ରତିନିଧିଙ୍କ କ୍ଷମତା ହ୍ରାସ ➪ପୃଷ୍ଠା-୬

## ଶୁଆକାଟି ଗ୍ରାମ ପଞ୍ଚାୟତକୁ ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାର



ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ): ତୃଣମୂଳ ସ୍ତରରେ ଡିଜିଟାଲ୍ ଶାସନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ, ଗ୍ରାମ ପଞ୍ଚାୟତଗୁଡ଼ିକୁ ଆଜି ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାର (ଏନଏଇଜି) ୨୦୨୫ ପ୍ରଦାନ କରାଯାଇଛି। ଓଡ଼ିଶାର କେନ୍ଦୁଝର ଜିଲ୍ଲା ଶୁଆକାଟି ଗ୍ରାମ ପଞ୍ଚାୟତକୁ ଜୁରି ପୁରସ୍କାର ମିଳିଛି।

ମହାରାଷ୍ଟ୍ରର ଧୁଲେ ଜିଲ୍ଲା ରୋହିଣୀ ଗ୍ରାମ ପଞ୍ଚାୟତକୁ ସ୍ୱର୍ଣ୍ଣ ପୁରସ୍କାର ମିଳିଥିବାବେଳେ ତ୍ରିପୁରାର ପଶ୍ଚିମ ମଜଲିଶପୁର ଗ୍ରାମ ପଞ୍ଚାୟତ ରୌପ୍ୟ ପୁରସ୍କାର ପାଇଛନ୍ତି। ଓଡ଼ିଶାର କେନ୍ଦୁଝର ଜିଲ୍ଲା ଶୁଆକାଟି ଗ୍ରାମ ପଞ୍ଚାୟତ ଓ ଗୁଜରାଟର ପଲସାନା ଗ୍ରାମ ପଞ୍ଚାୟତକୁ ଜୁରି ପୁରସ୍କାର ମିଳିଛି। ଶୁଆକାଟି ଗ୍ରାମ ପଞ୍ଚାୟତର ସରପଞ୍ଚ କୌତୁକ ନାୟକ ଏହି ପୁରସ୍କାର ଗ୍ରହଣ କରିଥିଲେ। ଦେଶ ସାରାରୁ ୧.୪୫ ଲକ୍ଷରୁ ଅଧିକ ପ୍ରବେଶର ଏକ ଜଟିଳ ବହୁସ୍ତରୀୟ ମୂଲ୍ୟାଙ୍କନ ପରେ ନୂତନ ଭାବରେ ପ୍ରଚଳିତ ବର୍ଗ, "ଗ୍ରାମ ପଞ୍ଚାୟତରେ ଗ୍ରାସରୁଟ୍ସ ଇନିସିଏଟିଭ୍ସ ଅଧୀନରେ ଏହି ଗ୍ରାମ ପଞ୍ଚାୟତମାନଙ୍କୁ ଚୟନ କରାଯାଇଥିଲା। ଏହି ପୁରସ୍କାରପ୍ରାପ୍ତ ପଞ୍ଚାୟତଗୁଡ଼ିକ ଡିଜିଟାଲ୍ ଶାସନ, ସ୍ୱଚ୍ଛତା ଏବଂ ଅଂଶଗ୍ରହଣମୂଳକ ସେବା ପ୍ରଦାନରେ ନୂତନ ମାନଦଣ୍ଡ ➪ପୃଷ୍ଠା-୬

### ବେଆଇନ ନିଶାଠାରୁ ସବୁବର୍ଗଙ୍କୁ ଦୂରେଇ ରଖିବା ଲକ୍ଷ୍ୟ

## ଆଉ ଖୋଲିବନି ନୂଆ ମଦ ଦୋକାନ

- ଶିକ୍ଷାନୁଷ୍ଠାନ ତଥା ଧର୍ମାନୁଷ୍ଠାନ ପାଖରେ ବିକ୍ରି ହୋଇପାରିବନି ମଦ
- ନିୟମିତ ଚଢ଼ାଉ ଓ ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ

ଭୁବନେଶ୍ୱର ୨୨।୯ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ଏବଂ ଅବକାରୀ ବିଭାଗ ବେଆଇନ ମଦ ଓ ନିଶା କାରବାରକୁ ରୋକିବା ଦିଗରେ ନିଜର ଆଭିମୁଖ୍ୟକୁ ସବୁବେଳେ ସ୍ପଷ୍ଟ କରିଆସିଛି। ଏହି କ୍ରମରେ ରାଜସ୍ୱ ଆଦାୟ ନୁହେଁ ବରଂ ଲୋକଙ୍କ ଧନଜୀବନ ରକ୍ଷା ସରକାରଙ୍କ ପ୍ରାଥମିକତା ରହି ଆସିଛି। ଏହାକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ଏବଂ ପୋଲିସ ପ୍ରଶାସନର ମିଳିତ ଉଦ୍ୟମରେ ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ ଜାରି ରହିଛି। ଚଳିତ ଥରକୁ ମିଶାଇ ବିଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୪ ଥର ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ କରାଯାଇ ସାରିଲାଣି। ଏହି ଅଭିଯାନରେ ୭୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ବେଆଇନ ମଦ ଓ ସାମଗ୍ରୀ ଜବତ ହୋଇଛି। ଏଥି ସହିତ ଏହି କାରବାରରେ ସମ୍ପୃକ୍ତ ଅନେକଙ୍କୁ ଗିରଫ କରାଯିବା ସହ ଚୋରାଚାଲାଣରେ ବ୍ୟବହୃତ ଗାଡ଼ିକୁ ଚଢ଼ାଉକାରୀ ଦଳ ଜବତ କରିଛି। ତେବେ ନିକଟରେ ଚଳିତ ବିଧାନସଭା ଅଧିବେଶନରେ ମନ୍ତ୍ରୀଙ୍କ ଉତ୍ତରକୁ କିଛି ଗଣମାଧ୍ୟମ ଓ ସାମାଜିକ ➪ପୃଷ୍ଠା-୬

### ବିଜେଡି ନେତା ତୁମ୍ବନାଥଙ୍କ ଭାଇଙ୍କୁ ସାତଖୁଣ ମାଫ୍

## ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ହାତେଇଲେ ରାଇସ୍ ମିଲ୍

- କଳା ତାଲିକାଭୁକ୍ତ କରୁ ଯୋଗାଣ ବିଭାଗ
- ଗିରଫ ସିଏସ୍ଓ ପୁଷା ମୁଣ୍ଡାଙ୍କ ସମ୍ପୃକ୍ତି ଅଭିଯୋଗ



ବ୍ରହ୍ମପୁର, ୨୨।୯ (ସଂଚାର ବ୍ୟୁରୋ): ଜଣେ ବ୍ୟକ୍ତି ନିଜେ କିମ୍ବା ରକ୍ତ ସମ୍ପର୍କୀୟ ନାଁରେ ଲେବୁଲ-୨ କଣ୍ଟ୍ରାକ୍ଟର ଓ କଷ୍ଟମ ରାଇସ୍ ମିଲର୍ସ ହୋଇପାରିବ ନାହିଁ। ଯୋଗାଣ ବିଭାଗ ଲେବୁଲ-୨ କଣ୍ଟ୍ରାକ୍ଟର ନିଯୁକ୍ତି ବେଳେ ଏଭଳି ସତ୍ୟପାଠ ଦେବାକୁ କହିଥାଏ। ହେଲେ ବିଜେଡି ନେତାଙ୍କ ଭାଇ ଗଞ୍ଜାମ ଜିଲ୍ଲାର ୨ଟି ବ୍ଲକରେ ଉଭୟ ଲେବୁଲ-୨ କଣ୍ଟ୍ରାକ୍ଟର ଓ କଷ୍ଟମ ରାଇସ୍ ମିଲର୍ସ ହୋଇପାରିଛନ୍ତି। ସରକାରୀ ଗାଇଡ୍ ଲାଇନ୍ ଓ ଯୋଗାଣ ବିଭାଗ ଟେଣ୍ଡର ନିୟମକୁ ଜଳାଞ୍ଜଳି ଦେଇ ସନତ ପଣ୍ଡା ଏପରି କରିଥିଲା ବେଳେ ଯୋଗାଣ ବିଭାଗ, ଜିଲ୍ଲା ପ୍ରଶାସନ ହାତ ବାନ୍ଧି ବସିଛି। ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ପୂର୍ବତନ ଜିଲ୍ଲା ଯୋଗାଣ ଅଧିକାରୀ ପୁଷା ମୁଣ୍ଡାଙ୍କ ସମୟରେ ଏପରି ଅନିୟମିତତା ହୋଇଥିବାରୁ ତାଙ୍କ ସମ୍ପୃକ୍ତି ନେଇ ଏବେ ଅଭିଯୋଗ ହୋଇଛି।

ସନତ ପଣ୍ଡା ହେଉଛନ୍ତି ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡାଙ୍କ ଭାଇ। ସେ ଗତ ୨୦୨୩ ମସିହାରେ ସୋରଡ଼ା ବ୍ଲକ ଓ ଏନ୍ଏସି ଲାଗି ଲେବୁଲ-୨ କଣ୍ଟ୍ରାକ୍ଟର ଟେଣ୍ଡର ହାତେଇଛନ୍ତି। ଏହାର କିଛିଦିନ ପରେ ପୁରୁଷୋତ୍ତମପୁର ବ୍ଲକ ଅଲାଡି ଗାଁରେ ମା' ଦକ୍ଷିଣକାଳୀ ମଡର୍ଣ୍ଣ ରାଇସ୍ ମିଲ୍ କରିଛନ୍ତି। ଏହି ରାଇସ୍ ମିଲକୁ ଦର୍ଶାଇ ସେ କଷ୍ଟମ୍ ରାଇସ୍ ମିଲର୍ସ ଅନୁମତି ପାଇଛନ୍ତି। ଯାହା ଯୋଗାଣ ବିଭାଗର ଲେବୁଲ-୨ କଣ୍ଟ୍ରାକ୍ଟର ଟେଣ୍ଡର ନିୟମାବଳୀର ଉଲ୍ଲଂଘନ କରିଛି। ଉକ୍ତ ନିୟମ ବଳରେ ଶ୍ରୀ ପଣ୍ଡାଙ୍କୁ ୫ ବର୍ଷ ଲାଗି କଳାତାଲିକା ଭୁକ୍ତ କରିବା କଥା। ତାଙ୍କର ସିକ୍ୟୁରିଟି ଜମାରାଶିକୁ ରଦ୍ଦ କରିବା କଥା। ହେଲେ ଏପରି କିଛି କରାନଯାଇ ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗ ସନତ ପଣ୍ଡାଙ୍କୁ ଗେହ୍ଲାପୁଅ କରି କୋଳରେ ବସାଇଛି।

ସନତ ପଣ୍ଡା ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡାଙ୍କ ଭାଇ ହୋଇଥିବାରୁ ପ୍ରଶାସନ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ଭାଇ ପାଇଁ ତୁମ୍ବନାଥ କାଳେ ପ୍ରାଶାସନିକ କଳକୁ ପ୍ରଭାବିତ କରୁଥାଇ ପାରିଥାନ୍ତି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ପୂର୍ବରୁ ଲାଞ୍ଚ ମାଗି ଭିଜିଲାନ୍ସରେ ଧରା ପଡ଼ିଥିବା ଗଞ୍ଜାମ ➪ପୃଷ୍ଠା-୬

## ରତ୍ନଭଣ୍ଡାର ସ୍ଥାନାନ୍ତର ଆଜି



- ପୂର୍ବାହ୍ନ ୧୦ରୁ ସର୍ବସାଧାରଣ ଦର୍ଶନ ବନ୍ଦ
- ଶ୍ରଦ୍ଧାଳୁମାନେ ସହଯୋଗ କରିବାକୁ ଅନୁରୋଧ

ପୁରୀ,୨୨।୯(ସଂଚାର ବ୍ୟୁରୋ): ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଅସ୍ଥାୟୀ ରତ୍ନଭଣ୍ଡାରରେ ରଖାଯାଇଥିବା ଶ୍ରୀଜୀଉଙ୍କର ଅଳଙ୍କାର ତଥା ମୂଲ୍ୟବାନ ସାମଗ୍ରୀ ଆସନ୍ତା ୨୩ ସେପ୍ଟେମ୍ବର ଦିନ ସ୍ଥାୟୀ ରତ୍ନଭଣ୍ଡାରକୁ, ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ, ସ୍ଥାନାନ୍ତର କରାଯିବ। ଏଥିପାଇଁ ସେପ୍ଟେମ୍ବର ୨୩ ତାରିଖ ପୂର୍ବାହ୍ନ ୧୦ ଘଟିକା ଠାରୁ ସର୍ବସାଧାରଣ ଦର୍ଶନ ବନ୍ଦ ହେବା ସହ ଶ୍ରୀମନ୍ଦିର ନାଟମଣ୍ଡପ ଏବଂ ଜଗମୋହନ ଶୋଧ କରାଯିବ। ➪ପୃଷ୍ଠା-୬

## ଚୌଦ୍ୱାର ଥାନାରେ ହାଜତ ମୃତ୍ୟୁ

- ପୁଲିସର ଥାର୍ଡ ଡିଗ୍ରୀ ଅଭିଯୋଗ

ଚୌଦ୍ୱାର,୨୨।୯(ସଂଚାର ବ୍ୟୁରୋ): କଟକ ଚୌଦ୍ୱାର ଥାନାରେ ଅଟକ ଅଭିଯୁକ୍ତର ସନ୍ଦେହଜନକ ମୃତ୍ୟୁ। ଅଭିଯୁକ୍ତ ଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ଏସସିବି ମେଡିକାଲ ସ୍ଥାନାନ୍ତରିତ କରାଯାଇଥିଲା। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ମୃତ ଅଭିଯୁକ୍ତଙ୍କ ନାଁ ରସାନନ୍ଦ ନାୟକ। ତାଙ୍କ ଘର ଢେଙ୍କାନାଳ ସଦର ଅଞ୍ଚଳର ବୋଲି ଜଣାପଡ଼ିଛି। ତେବେ କେଉଁ ଅଭିଯୋଗରେ ପୋଲିସ୍ ➪ପୃଷ୍ଠା-୬

### ନୂଆପଡ଼ା ପଲିଟିକ୍ସ: ମୋହନ ଖେଳିବେ ମାଷ୍ଟରଷ୍ଟ୍ରୋକ

## ବିଜେପିରୁ ପ୍ରାର୍ଥୀ ହେବେ ଢୋଲକିଆଙ୍କ ଉତ୍ତରାଧିକାରୀ!

**ନୂଆପଡ଼ାରେ ପ୍ରତିଫଳିତ ହେବ ବିଜେଡିର ବିଜେପୁର ରଣନୀତି**



ଭୁବନେଶ୍ୱର, ୨୨।୯ (ସଂଚାର ବ୍ୟୁରୋ): ନୂଆପଡ଼ା ଉପରେ ତିନି ଦଳର ଆଖି। ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ପରେ ଏହି ଆସନରେ ଉପନିର୍ବାଚନ ହେବାକୁ ଯାଉଛି। ଯେକୌଣସି ସମୟରେ ନିର୍ବାଚନ କମିଶନ ଉପନିର୍ବାଚନ ପାଇଁ ତାରିଖ ଘୋଷଣା କରିପାରନ୍ତି। ତାପୂର୍ବରୁ ତିନି ଦଳ ପ୍ରାର୍ଥୀ ଚୟନ ନେଇ ରଣନୀତି ଆରମ୍ଭ କରିଦେଇଛନ୍ତି।

ରାଜେନ୍ଦ୍ର ଢୋଲକିଆ ଏହି ଆସନରୁ ଚାରି ଥର ବିଧାୟକ ହୋଇସାରିଛନ୍ତି। ୨୦୦୪ରେ ପ୍ରଥମ ଥର ପାଇଁ ଏହି ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ୨୦୦୯, ୨୦୧୯ ଓ ୨୦୨୪ରେ ବି ସେ ଏହି ଆସନରୁ ଜିତିଥିଲେ। ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ ସେ ନବୀନଙ୍କ ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ରହିଥିଲେ। ତାଙ୍କ ମୃତ୍ୟୁ ପରେ ଏହି ଆସନରୁ ବିଜେଡି ତାଙ୍କ ଉତ୍ତରାଧିକାରୀ ଭାବେ ତାଙ୍କ ପୁଅଙ୍କୁ ପ୍ରାର୍ଥୀ କରିବାକୁ ଚେଷ୍ଟା କରୁଛନ୍ତି। ଯାହା ଗତକାଲି ତାଙ୍କ ଦଶାହ କାର୍ଯ୍ୟକ୍ରମରୁ ସ୍ପଷ୍ଟ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡିର ପଶ୍ଚିମ ଓଡିଶାର ତୁଙ୍ଗ ନେତାମାନେ ଏପରି ବିଜେଡି ସଭାପତି ଦେବୀ ମିଶ୍ର ଓ ଅନ୍ୟମାନେ ଯୋଗଦେଇଥିଲେ। ଖୋଦ ଦଳର ସଭାପତି ଦିଲ୍ଲୀରେ ଥିବାରୁ ସେ ଭିଡିଓ କନଫରେନସିଂରେ ଯୋଗ ଦେଇଥିଲେ। ଦଳର ଜଣେ ବରିଷ୍ଠ ବିଧାୟକ ହୋଇଥିବାରୁ ବିଜେଡି ନେତାମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ସ୍ୱାଭାବିକ।

ସେପଟେ ସୌଜନ୍ୟତା ଦୃଷ୍ଟିରୁ ନିଜର ଜଣେ ସହଯୋଗୀ ବିଧାୟକଙ୍କୁ ହରାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆଉ ନିଜ ଭାଷଣରେ ସେ ନୂଆପଡ଼ା ନିର୍ବାଚନମଣ୍ଡଳୀର ଦାୟିତ୍ୱ ନିଜେ ନେବେ ବୋଲି ମଧ୍ୟ ଘୋଷଣା କରିଛନ୍ତି। ଗତ ନିର୍ବାଚନରେ ଏହି ଆସନରୁ କଂଗ୍ରେସରୁ ପ୍ରାର୍ଥୀ ➪ପୃଷ୍ଠା-୬

### ଉଜ୍ଜ୍ୱଳା ଯୋଜନାର ସଂପ୍ରସାରଣକୁ କେନ୍ଦ୍ରର ଅନୁମତି

## ୨୫ ଲକ୍ଷ ମହିଳାଙ୍କୁ ମିଳିବ ମାଗଣା ଏଲ୍‌ପିଜି ସଂଯୋଗ



ନୂଆଦିଲ୍ଲୀ,୨୨।୯: କେନ୍ଦ୍ର ସରକାର ଉଜ୍ଜ୍ୱଳା ଯୋଜନାର ସଂପ୍ରସାରଣକୁ ଅନୁମତି ଦେଇଛନ୍ତି। ଏହା ମାଧ୍ୟମରେ ୨୫ ଲକ୍ଷ ମହିଳାଙ୍କୁ ମାଗଣା ଏଲପିଜି ସଂଯୋଗ ପ୍ରଦାନ କରାଯିବ। ଏ ନେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରି ସୂଚନା ଦେଇଛନ୍ତି।

ଉଜ୍ଜ୍ୱଳା ଯୋଜନା ଅଧୀନରେ ୨୫ ଲକ୍ଷ ନୂତନ ଏଲପିଜି ସଂଯୋଗ ପ୍ରଦାନ କରିବା ସମ୍ପର୍କରେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏକ୍ସରେ ଲେଖିଛନ୍ତି, "ନବରାତ୍ରି ଆରମ୍ଭ ହେବା ସହିତ, ଉଜ୍ଜ୍ୱଳା ଯୋଜନା ଅଧୀନରେ ୨୫ ଲକ୍ଷ ଜମାମୁକ୍ତ ରୋଷେଇ ଗ୍ୟାସ ସଂଯୋଗ ପ୍ରଦାନ କରିବାର ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମହିଳାଙ୍କୁ ସମ୍ମାନ ଦେବା ପ୍ରତି ପ୍ରତିବଦ୍ଧତାର ଆଉ ଏକ ପ୍ରମାଣ। ଏହା ମା' ଏବଂ ଭଉଣୀମାନଙ୍କୁ ସମ୍ମାନ ଏବଂ ସଶକ୍ତ କରିବା ପାଇଁ ଆମର ସଂକଳ୍ପକୁ ଆହୁରି ମଜବୁତ କରେ।" ସେ କହିଛନ୍ତି ଯେ, ଏହି ନୂତନ ୨୫ ଲକ୍ଷ ସଂଯୋଗ ସହିତ, ସାରା ଦେଶରେ ଉଜ୍ଜ୍ୱଳା ପରିବାର ➪ପୃଷ୍ଠା-୬

### ବେଟିଂ ଆପ୍‌ରେ ଉଡ଼ାଇଦେଲେ ସରକାରୀ ଅର୍ଥ

## ଆଦର୍ଶ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଗିରଫ



ସୋନପୁର,୨୨।୯(ସଂଚାର ବ୍ୟୁରୋ): ବେଆଇନ ବେଟିଂ ଆପ୍‌ରେ ସରକାରୀ ଅର୍ଥ ଉଡ଼ାଇଦେଇଥିବା ଅଭିଯୋଗରେ ଗିରଫ ହୋଇଛନ୍ତି ଆଦର୍ଶ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ। ସୋନପୁର ବିନିକାସ୍ଥିତ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ କ୍ଷେତିଙ୍କୁ ଆଜି ଗିରଫ କରାଯାଇଛି। ସେ ୫୫ ଲକ୍ଷ ୨ ହଜାର ୬୧୦ ଟଙ୍କା ତୋଷରପାତ କରିଥିବା ବେଳେ ଏଥିରୁ ପ୍ରାୟ ୧୧ ଲକ୍ଷ ଟଙ୍କା ବେଆଇନ୍ ବେଟିଂ ଆପ୍‌ରେ ଉଡ଼ାଇ ଦେଇଥିବା ତଦନ୍ତ ସମୟରେ ଜଣାପଡ଼ିଛି। ଏହି ଟଙ୍କା ମଧ୍ୟାହ୍ନଭୋଜନ, ମୋ ସ୍କୁଲ୍ ଅଭିଯାନ ➪ପୃଷ୍ଠା-୬



## କାନ ଡେରିଥା

ଆଙ୍ଗୁଠି ଟିପିଲେ
ଅଫିସକୁ ଯିବେ
ନହେଲେ ଦରମା ଗଲା
ବଡ଼ ଅଫିସର ସାନ ଅଫିସର
ସବୁ ପାଇଁ ଲାଗୁ ହେଲା
କରୁଥିଲେ ଅବହେଳା...
ପାଣି ବୋତଲ
ଓ ଟିଫିନ ରଖିକି
ସାର୍ କରୁଥିଲେ ପାଲା
ଏବେଠୁ ଉଭେଇ ଗଲା।

■ ଦେବାଶିଷ

# ଶ୍ରୀମୟୀଙ୍କୁ ବଦନାମ ପାଇଁ ସୁଚିନ୍ତିତ ଷଡ଼ଯନ୍ତ୍ର

- ଥାଳ ପିଟୁଛନ୍ତି ନୂଆ ଯୋଗୀ
- ଭୁଲି ଯାଉଛନ୍ତି ଶ୍ରୀମୟୀଙ୍କ ଅବଦାନ





ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ): ବିଜେଡିର ବରିଷ୍ଠ ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କୁ ବଦନାମ ପାଇଁ ଚାଲିଛି ସୁଚିନ୍ତିତ ଷଡଯନ୍ତ୍ର। ଦଳର ନବାଗତ ଏପରିକି ଦଳ ପ୍ରତି ସାମାନ୍ୟ ଅବଦାନ ନଥିବା ନେତାମାନେ ଦଳର ଏହି ବରିଷ୍ଠ ନେତ୍ରୀଙ୍କ ପ୍ରତି ଅତ୍ୟନ୍ତ ଅପମାନ ସୂଚକ ମନ୍ତବ୍ୟ ଦେଉଛନ୍ତି। ଏହାକୁ ନେଇ ବିଜେଡି ଦୁଇ ଭାଗ ହେଉଥିବା ବେଳେ ଅନେକ କିନ୍ତୁ ଦଳ ପ୍ରତି ଶ୍ରୀମୟୀଙ୍କ ଅବଦାନକୁ ଭୁଲିଯାଉଥିବା ନେଇ କର୍ମୀ ମହଲରେ ଚର୍ଚ୍ଚା ଜୋର ଧରିଛି।

ଶ୍ରୀମୟୀ ଏକଦା ଦଳର ଆଇକନ୍ ଥିଲେ। ପ୍ରତ୍ୟେକ କାର୍ଯ୍ୟକ୍ରମରେ ତାଙ୍କୁ ଆଗଧାଡିରେ ଦେଖିବାକୁ ମିଳିଥିଲା। ତାଙ୍କର ଦକ୍ଷତା, ଭାବମୂର୍ତ୍ତି ପାଇଁ ତାଙ୍କୁ ସାଂସଦ ପ୍ରାର୍ଥୀମାନେ ମନୋନିତ କରାଯାଇଥିଲା। ଭୁବନେଶ୍ୱର ଭଳି ମର୍ଯ୍ୟାଦାଜନକ ଆସନରୁ ଲଢ଼ିବାକୁ ଦଳ ମନସ୍ଥିର କରିଥିଲେ ମଧ୍ୟ ରାଜନୈତିକ ବାଧ୍ୟବାଧକତାରେ ଶେଷ ମୂହୂର୍ତ୍ତରେ ଦଳ ତାଙ୍କୁ ହଟାଇ ନେଇଥିଲା। ସବୁଠାରୁ ବଡ କଥା ହେଲା, ଦଳୀୟ ପ୍ରାର୍ଥୀଭାବେ ପ୍ରଚାର ମଇଦାନକୁ ଓହ୍ଲାଇବା ସହିତ ପୋଷ୍ଟର ବ୍ୟାନର ମାରି ପରବର୍ତ୍ତୀ ସମୟରେ ଟିକଟ ପାଇନଥିଲେ ମଧ୍ୟ ଶ୍ରୀମୟୀ କୌଣସି ପ୍ରତିବାଦ କରିନଥିଲେ। ଦଳର ଜଣେ ଶୃଙ୍ଖଳିତ ସୈନିକ ଭାବେ ଦଳପତିଙ୍କ ନିଷ୍ପତ୍ତିକୁ ମଥାପାତି ସହି ନେଇଥିଲେ। ନିର୍ବାଚନରେ ଦଳ ହାରିଯିବା ପରେ ସେ ରାଜନୀତିକୁ ଏକ ପ୍ରକାର ଦୂରେଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ମନୋନିବେଶ କରିଛନ୍ତି। ସୋସିଆଲ ମିଡିଆରେ ଅତ୍ୟନ୍ତ ସକ୍ରିୟ ଥିବା ଶ୍ରୀମୟୀ ବିଭିନ୍ନ ପ୍ରସଙ୍ଗରେ ନିଜର ମତ ରଖୁଛନ୍ତି। ହେଲେ ତାଙ୍କ କଥାରୁ ଖିଅ ବାହାର କରି କିଛି ଲୋକ ଏବେ ରାଜନୀତି କରିବା ଆରମ୍ଭ କରିଛନ୍ତି। ଏପରିକି ବିଜେଡିରେ ଶ୍ରୀମୟୀଙ୍କ ସପକ୍ଷରେ ଓ ବିପକ୍ଷରେ ଦୁଇଦଳ ହୋଇ ଗଣମାଧ୍ୟମରେ ଲଢ଼ିବା ଆରମ୍ଭ କରିଛନ୍ତି।

ଜଣେ ରାଜନୈତିକ ଉଚ୍ଚଶିକ୍ଷିତ ମହିଳା ସୋସିଆଲ ମିଡିଆରେ ବିଭିନ୍ନ ପ୍ରସଙ୍ଗକୁ ଉଦ୍ଧାର କରି ନିଜର ମତ ରଖିବାରେ ➪ପୃଷ୍ଠା-୬

## ଇଟାନଗରରେ ୫୧୨୫ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ

**କଂଗ୍ରେସକୁ ତୀବ୍ର ସମାଲୋଚନା କଲେ ପ୍ରଧାନମନ୍ତ୍ରୀ**



ଇଟାନଗର, ୨୨।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅରୁଣାଚଳ ପ୍ରଦେଶ ଏବଂ ତ୍ରିପୁରା ଗସ୍ତରେ ଅଛନ୍ତି। ସକାଳୁ ସେ ରାଜଧାନୀ ଇଟାନଗରରେ ୫୧୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିରେ ସିଓମ ଉପ-ବେସିନରେ ବିକଶିତ ହେବାକୁ ଥିବା ହିଓ ଜଳବିଦ୍ୟୁତ ପ୍ରକଳ୍ପ ଏବଂ ଟାଟୋ-୧ ଜଳବିଦ୍ୟୁତ ପ୍ରକଳ୍ପ ଅନ୍ତର୍ଭୁକ୍ତ ରହିଛି। ପ୍ରଧାନମନ୍ତ୍ରୀ ମୋଦି ତାୱାଙ୍ଗଠାରେ ୧୨୯୦ କୋଟି ଟଙ୍କା ମୂଲ୍ୟର ଏକ ଅତ୍ୟାଧୁନିକ ସମ୍ମିଳନୀ କେନ୍ଦ୍ର ଏବଂ ଅନ୍ୟାନ୍ୟ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୧୫୦୦ ଦର୍ଶକ ବସିବା ବ୍ୟବସ୍ଥା ଥିବା ଏହି ସେଣ୍ଟରରେ ଜାତୀୟ ଓ ➪ପୃଷ୍ଠା-୬

## ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ରକ୍ତଦାନ ଶିବିର

● ୩୨୦ ୟୁନିଟ ରକ୍ତ ସଂଗ୍ରହ



**ନିଶ୍ଚିନ୍ତକୋଇଲି,୨୨।୯ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଡାକବଙ୍ଗଲା ଠାରେ ମାହାଙ୍ଗାର ଜନପ୍ରିୟ ବିଧାୟକ ସାରଦା ପ୍ରସାଦ ପ୍ରଧାନ ଆହ୍ୱାନ କ୍ରମେ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ ତମ ଜନ୍ମଦିନ ଅବସରରେ ଆଜି ଏକ ବିରାଟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସୋମବାର ପୂର୍ବାହ୍ନରେ ପ୍ରାକ୍ତନ ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝାଙ୍କ ସଂଯୋଜନାରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ଅତିଥିଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ନିଶ୍ଚିନ୍ତକୋଇଲି ତହସିଲଦାର ଦମୟନ୍ତୀ ସାହୁ, ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର ପ୍ରମୁଖ ଯୋଗଦେଇ ରକ୍ତଦାତା ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ପଞ୍ଚାୟତରୁ ବହୁ ଜନସାଧାରଣ ଉକ୍ତ ରକ୍ତଦାନ ଶିବିରରେ ଯୋଗ ଦେଇଥିବା ମୋଟ୍ ୩୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସମିତିସଭ୍ୟ ଭବାନୀ ଶଙ୍କର ବେହେରା, ପ୍ରାକ୍ତନ ସମିତି ସଭ୍ୟ ପିତାମ୍ବର ମହାନ୍ତି, ଜ୍ଞାନରଞ୍ଜନ ରାଉତ, ଅବିନାଶ ରାଉତ, ସନ୍ଦୀପ ସାମନ୍ତରାୟ ପ୍ରମୁଖଙ୍କ ସମେତ ବହୁ ସାରଦା ପ୍ରେମୀ ଯୋଗଦେଇ ପୂର୍ଣ୍ଣ ସହଯୋଗ କରିଥିଲେ।

● ମୂର୍ତ୍ତି ନିର୍ମାଣ ବନ୍ଦ କରିବାକୁ ପୁଲିସର ଧମକ

## ଧାରଣା ଦେବ ଦୁହୁରିଆ ବଜାର କମିଟି



**କେନ୍ଦ୍ରାପଡା,୨୨।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଦୁହୁରିଆ ସ୍ଥିତ କ୍ରସିଂ ବଜାର ବ୍ୟବସାୟୀ ସଂଘ ତରଫରୁ ସଦର ପୁଲିସର ଜୁଲମ ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୪ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆସନ୍ତା ୨୫ ତାରିଖ ଠାରୁ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ବଜାର କମିଟିର ଅଭିଯୋଗ ମୁତାବକ ଆଜି ମୂର୍ତ୍ତି ନିର୍ମାଣ ଚାଲିଥିବା ବେଳେ ସଦର ଥାନା ଅଧିକାରୀ ଓ କେତେକ ପୁଲିସ ଜୋତା ପିନ୍ଧି ମଣ୍ଡପରେ ପ୍ରବେଶ କରି କମିଟି କର୍ମକର୍ତ୍ତାମାନଙ୍କୁ ଧମକ ଚମକ ଦେବା ସହ ଅଶାଳୀନ ବ୍ୟବହାର କରିଥିଲେ। ଏହା ସହ ମୂର୍ତ୍ତି ନିର୍ମାଣ କରୁଥିବା ମିସ୍ତ୍ରୀଙ୍କୁ ସଦର ଥାନା ଅଧିକାରୀ ଓ ଏସଆଇ ଧମକ ଦେବା ପ୍ରତିବାଦରେ ଆସନ୍ତା ୨୫ ତାରିଖ ଠାରୁ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଜିଲ୍ଲାପାଳଙ୍କୁ ଜଣାଇ ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ବଜାର କମିଟି ସଭାପତି କ୍ଷେତ୍ରବାସୀ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ସାମଲ, ସାଧାରଣ ସଂପାଦକ ସନାତନ ମୁଦୁଲି, ବାମନ ଚରଣ ବେହେରା, ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଦଳିତ ମହିଳାଙ୍କ ଆମରଣ ଅନଶନକୁ ୫ଦିନ ବିତିଲା



**କେନ୍ଦ୍ରାପଡ଼ା,୨୨।୯(ସଂଚାର ବ୍ୟୁରୋ):** ଦଳିତ ମହିଳାଙ୍କୁ ନିର୍ଯାତନା ଘଟଣାରେ କେନ୍ଦ୍ରାପଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନ୍ୟାୟ ଦାବିରେ ଆଜିକୁ ୫ ଦିନ ହେଲା ରାଜକନିକା ଥାନା ଅଧିକାରୀ ସଞ୍ଜୟ ମଲିକଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ମହିଳାମାନେ ଆମରଣ ଅନଶନରେ ବସି ରହିଛନ୍ତି। କିନ୍ତୁ ଦୁଃଖର କଥା, ଜିଲ୍ଲା ପ୍ରଶାସନ ନିଦାବିସ୍ଥ ସାଜି ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରୁନାହିଁ ବୋଲି କେନ୍ଦ୍ରାପଡ଼ାର ବହୁ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରି କହିଛନ୍ତି। ପୁଲିସ ଡିଜି, ଗୃହ ବିଭାଗ ସଚିବ, ମୁଖ୍ୟ ଶାସନସଚିବ ପ୍ରମୁଖ ମଧ ସରକାରଙ୍କର ନାରୀ ନିର୍ଯ୍ୟାତନା ପ୍ରତି ଶୂନ୍ୟ ସହନଶୀଳତା ନୀତି ଆପଣେଇଥିବା କଥା କହୁଥିବା ବେଳ ତାହାକୁ ଏକ୍ଷେତ୍ରରେ କାର୍ଯ୍ୟକାରୀ କରୁନାହାନ୍ତି। ନିର୍ଯ୍ୟାତିତା ମହିଳାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ସେମାନଙ୍କୁ ନାଲି ଆଖି ଦେଖାଇ କେନ୍ଦ୍ରାପଡ଼ା ପୁଲିସ ପ୍ରଶାସନ ଯେଉଁ ଅପଚେଷ୍ଟା କରୁଛନ୍ତି ତାହାର ଉଚିତ୍ ଜବାବ୍ ଆଗାମୀ ଦିନରେ ଦିଆଯିବ ବୋଲି ଆମରଣ ଅନଶନରେ ବସିଥିବା ମହିଳା ମଞ୍ଜୁ ମଲିକ, ଝରଣା ମଲିକ, ସନ୍ଧ୍ୟାରାଣୀ ପଲାଇ, ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖଙ୍କୁ ସମର୍ଥନ କରି ବସିଥିବା ଶତାଧିକ ମହିଳା ଗଣମାଧମକୁ ଏକ ବିବୃତିରେ ପ୍ରକାଶ କରିଛନ୍ତି। ଯେ ପର୍ଯ୍ୟନ୍ତ ରାଜକନିକା ଥାନା ଅଧିକାରୀଙ୍କୁ ବହିଷ୍କାର, ନିର୍ଯ୍ୟାତିତା ମହିଳାଙ୍କୁ କ୍ଷତିପୂରଣ ପ୍ରଦାନ, ସେମାନଙ୍କ ନାମରେ ଥିବା ମିଥ୍ୟା କେସ୍‌କୁ ପ୍ରତ୍ୟାହାର କରାନଯାଇଛି ଓ ଦୋଷୀକୁ ଦଣ୍ଡ ଦିଆନଯିବା ପର୍ଯ୍ୟନ୍ତ ଅନଶନ ଅବ୍ୟାହତ ରହିବ ବୋଲି ଅନଶନକାରୀ ମହିଳାମାନେ କହିଛନ୍ତି।

### ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟିର ସ୍ୱତନ୍ତ୍ର ପଦକ୍ଷେପ

# ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଅହୋରାତ୍ର ଗଣଧାରଣା

**କେନ୍ଦ୍ରାପଡ଼ା,୨୨।୯ (ସଂଚାର ବ୍ୟୁରୋ):** ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। ସ୍ୱାଧୀନତାର ୭୯ ବର୍ଷ ପରେ ମଧ ଜିଲ୍ଲା କେନ୍ଦ୍ରାପଡା ସବୁଥିରୁ ବଞ୍ଚିତ। ଅର୍ଥନୈତିକ ବିକାଶର ୨୯ତମ ସ୍ଥାନରେ ଥିବା କେନ୍ଦ୍ରାପଡା ଜିଲ୍ଲାର ଲୋକେ ସାଧାରଣ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ। ଜିଲ୍ଲାର ଛାତି ଚିରି ୫୩ନମ୍ବର ଜାତୀୟ ରାଜପଥ ଏବଂ ରେଳପଥ ଯାଇଛି। କେନ୍ଦ୍ରାପଡାବାସୀ ଦେଶର ବିକାଶ ପାଇଁ ହଜାର ହଜାର ଏକର ଜମି ଦେଇଛନ୍ତି। ପାଇଛନ୍ତି କଣ ବୋଲି ଆଜି ପ୍ରଶ୍ନ ପଚାରୁଛନ୍ତି ? ପ୍ରତିଦିନ ସେହି ରାସ୍ତାରେ ଯାଉଥିବା ଲୋକେ ଦୁର୍ଘଟଣାରେ ଖଣ୍ଡିଆଖାବରା ହୋଇ ମୃତ୍ୟୁବରଣ କରୁଛନ୍ତି।




ଯେତେବେଳେ ରାଜ୍ୟରେ ତିନୋଟି ମେଡିକାଲ କଲେଜ ଥିଲା ସେତେବେଳଠୁ ଅର୍ଥାତ ୨୦୧୫ମସିହା ଠାରୁ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜିଲ୍ଲାରେ ଆନ୍ଦୋଳନ ଆରମ୍ଭ ହେଇଛି। ସେତେବେଳେ ସମସ୍ତ ବିରୋଧୀ ରାଜନୈତିକ ଦଳ, ଗଣସଙ୍ଗଠନ, ସାମାଜିକ ସଂଗଠନ, ବୁଦ୍ଧିଜୀବୀ ସମ୍ପ୍ରଦାୟ ନିଜସ୍ୱ ଭାବେ ଆନ୍ଦୋଳନ କରିଆସିଛନ୍ତି। ଏହା ମଧରେ ୩ରୁ ୧୭ମେଡିକାଲ କଲେଜ ରାଜ୍ୟରେ ଘୋଷଣା ହେଇଛି। ସରକାର ପରେ ସରକାର ବଦଳିଛି। କିନ୍ତୁ କେନ୍ଦ୍ରାପଡା ଜିଲ୍ଲା ଯେଉଁ ଦୁଃଖିଆକୁ ସେହି ଦୁଃଖିଆ। ରାଜନୈତିକ ପଶାପାଲିରେ କେନ୍ଦ୍ରାପଡା ବଳି ପଡିଛି।

ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜିଲ୍ଲାବାସୀ ଏକଜୁଟ ହୋଇଛନ୍ତି। ଯେ ପର୍ଯ୍ୟନ୍ତ ମେଡିକାଲ କଲେଜ ଘୋଷଣା ହୋଇନି ସେପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ। ଏହି ପରିପ୍ରେକ୍ଷୀରେ ଓଡିଶା ବିଧାନସଭାର ଚାଲିଥିବା ମୌସୁମୀ ଅଧିବେଶନରେ ମୋହନ ସରକାର ବିଧାନସଭାରେ କେନ୍ଦ୍ରାପଡାରେ ମେଡିକାଲ କଲେଜ ଘୋଷଣା କରିବା ଦାବିରେ ସୋମବାର ଠାରୁ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଅନୁଷ୍ଠିତ ଆହୋରାତ୍ର ଗଣଧାରଣାର ପ୍ରଥମ ଦିନରେ ଅଧାପକ ଅଜୟ ସାମଲ ସଭାପତିତ୍ୱ କରିଥିଲେ। ଏହି ଗଣ ଧାରଣାରେ ବିଜେଡିର ରାଜ୍ୟ ନେତା ରବି ସାମଲ, କଂଗ୍ରେସ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସ, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ସିପିଆଇ ଜିଲ୍ଲା ସମ୍ପାଦକ ବିକାଶ ବେଉରା, ଆମ୍‌ଆଦମି ଜିଲ୍ଲା ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡା, କଂଗ୍ରେସ ରାଜ୍ୟ ସମ୍ପାଦିକା ସସ୍ମିତା ପଣ୍ଡା, ନିରାକାର ଜେନା, କେଦାର ସାମନ୍ତରାୟ, ମୁକ୍ତାର ଖାଁଙ୍କ ସମେତ ସାରା ଜିଲ୍ଲାର ଆବଳ ବୃଦ୍ଧ ବନିତା ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଦାବି ହାସଲ ପର୍ଯ୍ୟନ୍ତ ଆନ୍ଦୋଳନକୁ ଚଳେଇ ରଖିବା ପାଇଁ ଅନୁରୋଧ କରିଥିଲେ।

ପ୍ରକାଶ ଥାଉକି ଆଜି ବିଧାନସଭାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବି ଉପସ୍ଥାପିତ କରିଛନ୍ତି। ଦାବି ହାସଲ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରହିବ ବୋଲି ଆନ୍ଦୋଳନକାରୀ ମାନେ ଘୋଷଣା କରିଛନ୍ତି।

# ମିଳୁନି ୟୁରିଆ, ଚାଷୀ ହନ୍ତସନ୍ତ

**ଗରଦପୁର,୨୨।୯ (ସଂଚାର ବ୍ୟୁରୋ):** ବଜାରରେ ଗତ କିଛି ଦିନ ହେଲା ୟୁରିଆ ସାର ନ ମିଳିବାରୁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଏବେ ଚାଷୀଙ୍କୁ ବ୍ୟାପକ ସାର ଆବଶ୍ୟକତା ଥିବା ବେଳେ ଏହାର ଅଭାବକୁ ନେଇ ସର୍ବତ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଚଳିତ ବର୍ଷ ଖରିଫ ଧାନ ଚାଷ ପାଇଁ ଚାଷୀ ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଛନ୍ତି। ନିୟମିତ ବର୍ଷା ହେବା ଯୋଗୁ ଚାଷୀମାନେ ବତିରି ଧାନ ତଳି ପକାଇ ପାରି ନଥିଲେ। ସେଥିପାଇଁ ବହୁ ଶ୍ରମ କରି ସେମାନେ ଆତରା ତଳି ପକାଇ ଚାଷ କରିଥିଲେ। କେତେକ ଚାଷୀ ମଧ ତଳି ଅଭାବରୁ ସମ୍ପୂର୍ଣ୍ଣ ଜମିରେ ଚାଷ କରି ପାରି ନାହାନ୍ତି। ତେବେ ଧାନ ରୋଇବା ସମୟରେ ଓ ରୋଇବା ପରେ ଚାଷୀମାନେ ଗ୍ରୋମୋର, ଡିଏପି ସହିତ ୟୁରିଆ ସାର ଜମିରେ ପ୍ରୟୋଗ କରିଥିଲେ। ଇତିମଧରେ ଧାନର ଗଛ ବଢ଼ିଛି। ଏହି ସମୟରେ ୟୁରିଆ ସାରର ଯଥେଷ୍ଟ ଆବଶ୍ୟକତା ଦେଖାଦେଇଛି। ଏପରିସ୍ଥଳେ ବଜାରରେ ଦୁଇ ସପ୍ତାହ ହେଲା ସାର ଆଦୌ ମିଳୁନାହିଁ। ପ୍ରତିଦିନ ଚାଷୀମାନେ ସାର ପାଇଁ ଆସି ନିରାଶରେ ଫେରୁଛନ୍ତି।

ଅପରପକ୍ଷେ ସମବାୟ ସମିତି ପକ୍ଷରୁ ମଧ ପ୍ରତିବର୍ଷ ଚାଷୀଙ୍କୁ ସାର ଯୋଗାଇ ଦିଆଯାଇଥାଏ। ନାନୋ ପାଇଁ ଅଧିକାଂଶ ସମିତି ସାର ଉଠାଇ ନଥିଲେ। ଫଳରେ ଏବେ ୟୁରିଆ ସାର ମିଳିବା ସମ୍ଭବ ହୋଇ ପାରୁନାହିଁ। ସାର ନମିଳିବା ଚାଷୀଙ୍କ ପାଇଁ ଏବେ ମୁଣ୍ଡ ବ୍ୟଥାର କାରଣ ହୋଇଛି।

ଏନେଇ ଗରଦପୁରର ଜଣେ ପାଇକାରୀ ବିକ୍ରେତା ପ୍ରକାଶ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ପାଇକାରୀ ବିକ୍ରେତାଙ୍କୁ ଆଉ ସାର ମିଳିବ ନାହିଁ। ସରକାରଙ୍କ ପକ୍ଷରୁ ସମବାୟ ସମିତିକୁ ସାର ଯୋଗାଇ ଦିଆଯିବ। ଚାଷୀମାନେ ସେଠାରୁ ସାର ନେଇ ପାରିବେ। ତେବେ ଅଧିକାଂଶ ସମିତି ସାର ଉଠାଉ ନଥିବାରୁ ଚାଷୀମାନେ କିପରି ସାର ପାଇପାରିବେ, ତାହା ଚିନ୍ତାର ବିଷୟ ହୋଇଛି।

କିଛି ଚାଷୀ ମଧ ଅଭିଯୋଗ କରିଛନ୍ତି କି ଯେଉଁମାନେ ପ୍ରକୃତ ଚାଷୀ ଏବଂ ବର୍ତ୍ତମାନ ସାର ଆବଶ୍ୟକ ହୋଇପଡିଛି ସେମାନେ ସାର ପାଇପାରୁନଥିବା ବେଳେ କିଛି ନକଲି ଚାଷୀ ସାର କିଣି ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି ଯାହା ଫଳରେ ପ୍ରକୃତ ଚାଷୀ ସାରରୁ ବଞ୍ଚିତ ରହୁଚି। ଯାହାକୁ ନେଇ ଚାଷୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି।

## ବାରଡାଙ୍ଗ ପଞ୍ଚାୟତରେ ଷ୍ଟ୍ରିଟ ଲାଇଟ୍ ଅଚଳ



**ମହାକାଳପଡ଼ା,୨୨।୯ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ବାରଡାଙ୍ଗ ଗ୍ରାମ ପଞ୍ଚାୟତ ୧୮ଟି ୱାର୍ଡ ସହିତ ୧୦ ଟି ଗ୍ରାମକୁ ନେଇ ଗଠିତ। ଏହି ଗ୍ରାମ ମାନଙ୍କରେ ଲାଗିଥିବା ଷ୍ଟ୍ରିଟ ଲାଇଟ୍ ଏବେ ଅଚଳ ହୋଇ ପଡିଛି। ପଞ୍ଚାୟତ କର୍ତ୍ତୃପକ୍ଷ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରୁ ନାହାଁନ୍ତି। ଲାଇଟ୍ ନଜଳିବାରୁ ରାତିରେ ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଅଚଳ ଲାଇଟ୍ ଗୁଡ଼ିକୁ ମରାମତି କରିବାକୁ ଲୋକେ ଦାବି କରିଛନ୍ତି।

## ବ୍ଲକସ୍ତରୀୟ ଜିପିଏଲଏଫ୍ କର୍ମୀ ସଙ୍ଘର ଗଣଧାରଣା



**ମହାକାଳପଡ଼ା,୨୨।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡା ବ୍ଲକ ସମ୍ମୁଖରେ ଆଜି କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ଇନ୍ ସେନଟିଭ୍ ବେସ୍ ଦରମା ପରିବର୍ତ୍ତେ ସ୍ଥାୟୀ ଦରମା ଦାବିରେ ୩୧ ପଞ୍ଚାୟତର ୩୬୨ ଜଣ ସିଆରପି ଓ ସିଏସଏସ ଗଣଧାରଣା ରେ ବସିଛନ୍ତି। ସେମାନେ ୬ମାସ ହେଲା ପୂର୍ବ ରୁ ପାଉଥିବା ସ୍ଥାୟୀ ଦରମା ନ ପାଇ ବାରମ୍ବାର ବିଭାଗୀୟ ପ୍ରଶାସନକୁ ଜଣାଇଥିଲେ ମଧ ତାହା ର କୌଣସି ସ୍ଥାୟୀ ସମାଧାନ କରାଯାଉ ନାହିଁ ବୋଲି ସଙ୍ଘ ର ସଭାପତି ରୀନା ରାଣୀ ପଣ୍ଡା ଓ ସମ୍ପାଦକ ବନଲତା ରାଉତ ସୂଚନା ଦେଇଛନ୍ତି। ୨୨ ସେପ୍ଟେମ୍ବର ୨୦୨୫ ଠାରୁ କାର୍ଯ୍ୟ ବନ୍ଦକରି ଧାରଣା ରେ ବସିବା ପାଇଁ ବ୍ଲକ ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି। ସେମାନଙ୍କ ଦାବି ପୂରଣ ନହେଲେ ସେମାନେ କାର୍ଯ୍ୟ ବନ୍ଦକରି ଧାରଣ ଅବ୍ୟାହତ ରଖିବେ ବୋଲି ସୂଚନା ଦେଇଛନ୍ତି।

## ବ୍ଲକ ସମ୍ମୁଖରେ ସ୍ୱୟଂ ସହାୟକ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଅନଶନ



**ରାଜନଗର,୨୨।୯(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସମ୍ମୁଖରେ ଓଡିଶା ଲାଇଭଲି ହୁଡ ମିଶନ ଆନୁକୂଲ୍ୟରେ କାମ କରୁଥିବା ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର, କୃଷି ମିତ୍ର ଓ ପ୍ରାଣୀ ମିତ୍ର ରେ କାର୍ଯ୍ୟରତ ମହିଳା ମାନେ କାର୍ଯ୍ୟାଳୟ ଘେରାଉ କରି ଅନଶନରେ ବସିଛନ୍ତି। ବକେୟ ଦରମା ତୁରନ୍ତ ପ୍ରଦାନ କରିବା, ନିୟମିତ ଦରମା ପ୍ରଦାନ, କାର୍ଯ୍ୟ ଅନୁଯାଇ ବର୍ଦ୍ଧିତ ହାରରେ ପାରିଶ୍ରମିକ ବୃଦ୍ଧି ଓ ସ୍ଥାୟୀ ନିଯୁକ୍ତି ଦାବୀ ନେଇ ସ୍ୱୟଂ ସହାୟକ କମ୍ୟୁନିଟି ସପୋର୍ଟ ଷ୍ଟାଫ ଅନଶନରେ ବସିଛନ୍ତି।

### ଶାନ୍ତି କମିଟି ବୈଠକରେ ସତ ଓଗାଳିଲେ ଆଇଆଇସି

# କମ୍ ମଦକୁ ଅଧିକ ଦେଖାଇ ଦୁଇ ଜଣଙ୍କୁ କରିଛନ୍ତି କୋର୍ଟ ଚାଲାଣ

**ରାଜନଗର,୨୨।୯ (ସଂଚାର ବ୍ୟୁରୋ):** ରାଜନଗର ଥାନାରେ ଆଇଆଇସି କିପରି ମିଛ ତଥ୍ୟ ଦେଖାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରୁଛନ୍ତି ତାହାର ପୋଲ ଖୋଲିଛନ୍ତି ରାଜନଗର ଥାନା ଆଇଆଇସି ନରେଶ କୁମାର ସାହୁ। ଖୋଲା ବୈଠକରେ ସମସ୍ତଙ୍କ ସାମ୍ନାରେ ନିଜର ବଡିମା ଦେଖାଇବାକୁ ଯାଇ କିପରି ମିଛ ତଥ୍ୟର ସାହାରା ନିଆଯାଇ ଲୋକଙ୍କୁ କୋର୍ଟ ଚାଲାଣ କରାଯାଏ ତାହା ନିଜେ କହିଛନ୍ତି ଆଇଆଇସି। କମ ମଦ ଧରିଥିଲେ ମଧ ଅଧିକ ମଦ ଜବତ କରିଥିବା ଦର୍ଶାଇ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରାଜନଗର ଥାନାର ଆଇଆଇସି ନରେଶ କୁମାର ସାହୁ ବୈଠକରେ କହିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।



ଆଜି ରାଜନଗର ଥାନାରେ ପୁଲିସ ପକ୍ଷରୁ ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତି ଶୃଙ୍ଖଳାର ସହ ସାରିବା ପାଇଁ ବୈଠକ ଡକାଯାଇଥିଲା। ବୈଠକରେ ତହସିଲଦାର ଯୀଶୁକୃଷ୍ଣ ଦାସ ମଧ ଉପସ୍ଥିତ ଥିଲେ। ଚୋରା ମଦ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ କରୁଥିବା ନେଇ ବ୍ୟବସାୟୀମାନେ ଅଭିଯୋଗ କରିଥିଲେ। ଦଶହରା ୩ ଦିନ ଚୋରା ମଦ ବେପାର ବନ୍ଦ କରିବାକୁ ବ୍ୟବସାୟୀମାନେ ଦାବି କରିଥିଲେ। ଆଇଆଇସି ନରେଶ କୁମାର ସାହୁ ଉତ୍ତରରେ ଆମେ ପୂର୍ବରୁ ପଦକ୍ଷେପ ନେଇଛୁ। ମଦ ନବାହାରିଲେ ମଧ ଅଧିକ ମଦ ଜବତ କରିଥିବା ଦର୍ଶାଇ ଲୋକଙ୍କୁ ଜେଲ ପଠାଉଛୁ। ଗତ ଦୁଇ ଦିନ ଭିତରେ ଦୁଇ ଜଣଙ୍କୁ ମିଛ ତଥ୍ୟରେ ଜେଲ ପଠାଇଛୁ। ୧୦ ଲିଟରରୁ କମ ମଦ ଜବତ କରି କୋର୍ଟ ଚାଲାଣ କଲେ ମାଜିଷ୍ଟ୍ରେଟ ଆମ ଉପରେ ବିଗୁଡୁଛନ୍ତି। ଫରୱାର୍ଡ ନକରିବା ପାଇଁ କହି ବେଲ ଦେଇ ଦେଉଛନ୍ତି ପ୍ରୋଭିଜନ ଅନୁଯାୟୀ। ସେଥିପାଇଁ ମଦ ନବାହାରିଲେ ମଧ କମ୍ ମଦକୁ ଅଧିକ ମଦ ଦେଖାଇ କୋର୍ଟ ଚାଲାଣ କରୁଛୁ ବୋଲି ଆଇଆଇସି ଖୋଲା ବୈଠକରେ କହିବା ଓ ଏହାର ଭିଡିଓ ଭାଇରାଲ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ଆଇନକୁ ଦଳିମକଚି କ୍ଷମତାର ଅପବ୍ୟବହାର କରି ଦୁଇ ଜଣଙ୍କୁ ବାରିମୂଲ ଜେଲ ପଠାଇବା ଘଟଣା ଆଲୋଡନ ସୃଷ୍ଟି କରିଛି। ଦୁଇ ଦିନ ତଳେ ନିଜେ ଆଇଆଇସି ପ୍ରେସ ରିଲିଜ କରି ରାଜନଗର ଗାଁର ସିଦ୍ଧାର୍ଥ ମଲ୍ଲିକଙ୍କ ଠାରୁ ୬୯ ଟି ୧୮୦ ଏମଏଲ ମଦ ଅର୍ଥାତ ୧୨ ଲିଟର ୪୨୦ ଗ୍ରାମ ମଦ ଜବତ କରିଥିବା ନେଇ ସୂଚନା ଦେଇଥିଲେ। ପରିବାର ଲୋକେ ଅଳ୍ପ ମଦ ଜବତ କରି ସିଦ୍ଧାର୍ଥକୁ କୋର୍ଟ ଚାଲାଣ ନେଇ ବିସ୍ମିତ ହୋଇଥିଲେ। ଆଜି ନିଜେ ଆଇଆଇସି ଖୋଲା ବୈଠକରେ କିପରି ଜେଲ ପଠାଇବା ପାଇଁ ମିଛ ତଥ୍ୟ ମାନ୍ୟବର କୋର୍ଟ ଓ ସାମ୍ବାଦିକଙ୍କୁ ପ୍ରଦାନ କରାଯାଉଛି ତାହାର ପୋଲ ଖୋଲିଛନ୍ତି।

## ଲୁଣା ଜଙ୍ଗଲ ଉପରେ ପ୍ରଶିକ୍ଷଣ ନେଲେ ୪୦ ଫରେଷ୍ଟର



**ରାଜନଗର,୨୨।୯(ସଂଚାର ବ୍ୟୁରୋ):** ଭିତରକନିକା ଜାତୀୟ ଉଦ୍ୟାନର ଲୁଣା ଜଙ୍ଗଲ ଉପରେ ପ୍ରଶିକ୍ଷଣ ନେଇଛନ୍ତି ୪୦ ଜଣ ଫରେଷ୍ଟର। ନିକୋଲସନ୍ ଫରେଷ୍ଟ ଟ୍ରେନିଙ୍ଗ ସ୍କୁଲ ଚମ୍ପୁଆ, କେନ୍ଦୁଝରର ୪୦ଜଣ ଫରେଷ୍ଟର ପ୍ରଶିକ୍ଷାର୍ଥୀ ଭିତରକନିକା ଜାତୀୟ ଉଦ୍ୟାନ ପରିଦର୍ଶନରେ ଆସି ବଉଳା କୁମ୍ଭୀର, ଲୁଣା ଜଙ୍ଗଲ ଓ ଏହାର ବିଶେଷତ୍ୱ ସମ୍ବନ୍ଧରେ ପ୍ରଶିକ୍ଷଣ ନେଇଛନ୍ତି। ରାଜନଗର ବନଖଣ୍ଡ ଅଧିକାରୀ ବର୍ଦ୍ଧରାଜ ଗାଓଁକର, ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସଙ୍କ ସମେତ ରିସର୍ଚ୍ଚ ଆସିଷ୍ଟାଣ୍ଟ ପ୍ରସନ୍ନ କୁମାର ନାୟକ ସେମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

## ଦୋକାନୀଙ୍କ କ୍ୟାସ୍ ବାକ୍ସରୁ ଟଙ୍କା ଚୋରି

### ଚୋରକୁ ଗୋଡ଼ାଇବାରୁ ଭୟରେ ରାସ୍ତାରେ ଫିଙ୍ଗିଦେଲା ଟଙ୍କା



**ସାଲେପୁର,୨୨।୯ (ସଂଚାର ବ୍ୟୁରୋ):** ସାଲେପୁର ହାଉସିଂବୋର୍ଡ ମାର୍କେଟ୍ କମ୍ପ୍ଲେକ୍ସ ଶ୍ରୀଜଗନ୍ନାଥ ବାସନକୁସନ ଦୋକାନ ଖୋଲିଥିବା ଦୋକାନୀଙ୍କୁ ସୋମବାର ଦିନ ୩ଘଟିକା ସମୟରେ ଜଣେ ଯୁବକ ହଠାତ୍ ଆସି ୫ଟା ହାତଘଣ୍ଟି କିଣିବାକୁ ଚାହିଁଥିଲା। ଏହି ଘଟଣାରେ ଦୋକାନ ମାଲିକ ନାରାୟଣ ସାହୁ ସଂଗେ ସଂଗେ ଦୋକାନ ଭିତରେ ଥିବା ହାତଘଣ୍ଟି ଆଣିବାକୁ ଯାଇଥିବାବେଳେ ଏହି ସୁଯୋଗରେ ଯୁବକ ଜଣକ ହଠାତ୍ ଦୋକାନରେ ଥିବା କ୍ୟାସ୍ ବକ୍ସକୁ ଖୋଲି ସେଥିରେ ଥିବା ପ୍ରାୟ ୩୫ହଜାରରୁ ଅଧିକ ଟଙ୍କା ଧରି ଚମ୍ପଟ ମାରିଥିଲା। ଏହି ଘଟଣାରେ ଦୋକାନୀ ଜଣକ ହଠାତ୍ ବୁଲିପଡ଼ି ଦେଖିଲା ବେଳକୁ ଘଣ୍ଟି ନେବାକୁ ଅପେକ୍ଷା କରିଥିବା ଦୁର୍ବୃତ୍ତ ସେଠାରୁ ଦୌଡ଼ି ପଳାଉଛି। ସଂଗେ ସଂଗେ ଦୋକାନୀ ଜଣକ ଚୋର ଚୋର କହି ତା' ପଛରେ ଦୌଡ଼ିଲାବେଳକୁ ଚୋର ଜଣକ ନେଇଥିବା ୩୫ହଜାର ଟଙ୍କାକୁ ବାଟରେ ଫିଙ୍ଗିଦେଇ ଛୁ ମାରିଥିଲା। ଶେଷରେ ଦୋକାନୀ ଟଙ୍କା ଗୁଡିକ ଗୋଟାଇ ଖଣ୍ଡିଆ ଖାବରା ହୋଇ ଦୋକାନକୁ ଫେରିଥିଲେ। ଏହି ଘଟଣାରେ ଦୋକାନୀ ଭୟଭୀତ ହୋଇଯାଇଥିବା ବେଳେ ଦୋକାନ ବାହାରେ ଲାଗିଥିବା ସିସିଟିଭି କ୍ୟାମେରାରେ ଚୋରର ସମ୍ପୂର୍ଣ୍ଣ ଫଟୋ କଏଦ ହୋଇଥିବା ଜଣାଯାଇଛି। ଯାହାକି ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

## ପାଣିରେ ବୁଡି ୩ ବର୍ଷର ଶିଶୁପୁତ୍ର ମୃତ

**ରାଜନଗର,୨୨।୯ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କଣ୍ଡିରା ପଚାଂୟତ ହଂସୁଆ(ଗୁଳା) ଗ୍ରାମର ପ୍ରଦୀପ ଦାସଙ୍କ ଏକମାତ୍ର ପୁତ୍ର ପ୍ରିୟାଂଶୁ ଦାସ(୩) ଘର ପାଖରେ ଖେଳୁଥିବା ବେଳେ ନିକଟରେ ଥିବା ପୋଖରୀରେ ପଡ଼ି ଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରି ପୋଖରୀରୁ ପ୍ରିୟାଂଶୁଂକୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ୩ୟ ଦିନରେ ଜବରଦଖଲ ଉଚ୍ଛେଦ ଅଭିଯାନ




**ପଟ୍ଟାମୁଣ୍ଡାଇ,୨୨।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ସହରରେ ଚାଲିଥିବା ଜବର ଦଖଲ ଉଚ୍ଛେଦ ଅଭିଯାନ ଆଜି ୩ୟ ଦିନରେ ପହଂଚିଛି। ଗତ ଦୁଇ ଦିନ ପଟ୍ଟାମୁଣ୍ଡାଇ ସହରରେ ଜବର ଦଖଲ ଉଚ୍ଛେଦ ଅଭିଯାନ ପରେ ଗତକାଲି ରବିବାର ଛୁଟି ଦିନ ପାଇଁ ଉଚ୍ଛେଦ ଅଭିଯାନ ବନ୍ଦ ଥିଲା। ଉଠାଦୋକାନୀ ମାନଙ୍କୁ ଉପଯୁକ୍ତ ଥଇଥାନ ନକରି ଉଚ୍ଛେଦ କରାଯାଇଥିବାରୁ ଉଠା ଦୋକାନୀ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପଟ୍ଟାମୁଣ୍ଡାଇ ଉଠା ଦୋକାନୀ ସଂଘ ସଭାପତି ଗୋପୀ ବଲ୍ଲଭ ନାୟକ ଉପସଭାପତି ପ୍ରଭାତ ମଲିକ ସମ୍ପାଦକ ଗୋପୀନାଥ ତ୍ରିପାଠୀ ପ୍ରମୁଖ ପ୍ରଶାସନ ସହ ଆଲୋଚନା କରିବା ସହିତ ଏକ ଦାବୀପତ୍ର ପ୍ରଦାନ କରି ଉଠାଦୋକାନୀମାନଙ୍କୁ ତୁରନ୍ତ ଥଇଥାନ ପାଇଁ ଦାବୀ କରିଛନ୍ତି। ଉଚ୍ଛେଦ ହୋଇଥିବା ଉଠା ଦୋକାନୀଙ୍କ ଅସନ୍ତୋଷ ମଧରେ ଆଜି ପୁନଃରାୟ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ପଟ୍ଟାମୁଣ୍ଡାଇ ବିଦ୍ୟୁତ ବିଭାଗ ଅଫିସ ନିକଟରୁ ଆଜି ଦିନ ୧୧ଟା ବେଳେ ଆରମ୍ଭ ହୋଇଥିବା ଜବରଦଖଲ ଅଭିଯାନ ଅପରାହ୍ନ ପର୍ଯ୍ୟନ୍ତ ଜାରି ରହିଥିଲା। ବିଦ୍ୟୁତ ବିଭାଗ ଅଫିସ ଠାରୁ ସବ ଡିଭିଜନ ହସ୍ପିଟାଲ ଛକ ପର୍ଯ୍ୟନ୍ତ ଜବର ଦଖଲ ଉଚ୍ଛେଦ ପରେ ପ୍ରଶାସନ ପକ୍ଷରୁ ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସ୍ଥାନରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏହି ଜବରଦଖଲ ଉଚ୍ଛେଦ ଅଭିଯାନରେ ତହସିଲଦାର ପଞ୍ଚାନନ ନାୟକ, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ଓ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପୁଲିସ ବାହିନୀ ସହିତ ସାମିଲ ହୋଇ ଜବରଦଖଲ ଉଚ୍ଛେଦ କରିଥିଲେ।

● କ୍ଷତିଗସ୍ତ ପରିବା ବ୍ୟବସାୟୀଙ୍କ ଧର୍ମଘଟ

## ଚଢ଼ାଦର ସାଙ୍ଗକୁ ପରିବା ସଂକଟରେ ଖାଉଟି ହନ୍ତସନ୍ତ

**ପଟ୍ଟାମୁଣ୍ଡାଇ:** କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ସହରରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଆଜକୁ ୩ଦିନ ଧରି ଚାଲିଛି। ପଟ୍ଟାମୁଣ୍ଡାଇ ସହରର ରାସ୍ତାକଡ଼ରେ ଉଠାଦୋକାନ କରି ପରିବା ବ୍ୟବସାୟ କରି ପରିବାର ଚଳାଉଥିବା ଉଠାଦୋକାନୀଙ୍କ ଦୋକାନ ସଂପୂର୍ଣ୍ଣ ଭାଙ୍ଗି ଯାଇଛି। ଉଠା ପରିବା ଦୋକାନ କ୍ଷତିଗସ୍ତ ଯୋଗୁଁ ହୋଲସେଲ ପରିବା ଦୋକାନ ମଧ କ୍ଷତିଗସ୍ତ ହୋଇଛି। ଜବରଦଖଲ ଉଚ୍ଛେଦରେ ମଧ କିଛି ହୋଲସେଲ ପରିବା ଦୋକାନୀ କ୍ଷତିଗସ୍ତ ହୋଇ ପଟ୍ଟାମୁଣ୍ଡାଇ ସହରକୁ ପରିବା ଯୋଗାଣ ବନ୍ଦ କରିଦେଇଛନ୍ତି। ଫଳରେ ଆଜକୁ ୩/୪ ଦିନ ଧରି ପଟ୍ଟାମୁଣ୍ଡାଇ ସହରରେ ପରିବା ସଂକଟ ଦେଖାଦେଇଛି। ଯାହା କିଛି ମିଳୁଛି ମାତ୍ରାଧିକ ଚଢ଼ା ଦରରେ ମିଳୁଥିବାରୁ ଖାଉଟିମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂଜା ସମୟରେ ଘରେ ଘରେ କୁଣିଆ ଭିଡ଼ ଥିବାବେଳେ ପରିବା ସଂକଟ ଏକ ସଂଗୀନ ସ୍ଥିତି ସୃଷ୍ଟି କରିଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ସ୍ଥାନୀୟ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପଟ୍ଟାମୁଣ୍ଡାଇ ସହରରୁ ପରିବା ସଂକଟ ଦୂର କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି।



# ଦାଦନମୁକ୍ତ ଓଡ଼ିଶା ଗଠନ ପ୍ରତିଶ୍ରୁତି ପାଣିର ଗାର



- ରାଜ୍ୟରେ ଦାଦନ ସମସ୍ୟା କମିବା ପରିବର୍ତ୍ତେ ଉତ୍କଟ ହୋଇଛି
- ସରକାରଙ୍କ କାର୍ଯ୍ୟାନୁଷ୍ଠାନ କେବଳ ଟାସ୍କଫୋର୍ସ ଗଠନରେ ସୀମିତ

**ଭୁବନେଶ୍ୱର, ୨୨।୯(ସଂଚାର ବ୍ୟୁରୋ):** ନିଜର ନିର୍ବାଚନୀ ଇସ୍ତାହାରରେ ଓଡିଶାକୁ ଦାଦନ ମୁକ୍ତ କରିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା କିନ୍ତୁ, କ୍ଷମତାକୁ ଆସିବାର ପନ୍ଦର ମାସ ପରେ ମଧ୍ୟ ରାଜ୍ୟରେ ଦାଦନ ସମସ୍ୟା କମିବା ପରିବର୍ତ୍ତେ ଅଧିକ ଉତ୍କଟ ହୋଇଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଓ ବିଧାୟକ ତଥା ଦଳର ସାଧାରଣ ସମ୍ପାଦକ ଧ୍ରୁବଚରଣ ସାହୁ ରାଜ୍ୟ ବିଜେପି ସରକାର ଦାଦନ ସମସ୍ୟା ସମାଧାନ ଦିଗରେ ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଥିବା ଅଭିଯୋଗ କରି ସରକାରଙ୍କ ଉପରେ ବର୍ଷିଥିଲେ।

ଶ୍ରୀ ଦାସବର୍ମା କହିଥିଲେ, ଦାଦନ ସମସ୍ୟାକୁ ନେଇ ବିଜେପି ତରଫରୁ ପୂର୍ବ ସରକାରଙ୍କୁ ସମାଲୋଚନା କରାଯାଇଥିଲା ଓ କ୍ଷମତାକୁ ଆସିଲେ ଏହି ସମସ୍ୟାର ସମାଧାନ କରିବ ବୋଲି ଗତ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ, କ୍ଷମତାକୁ ଆସିବାର ୧୫ ମାସ ଉଦ୍ଧ୍ୱର୍ ବିତି ଯାଇଥିଲେ ମଧ୍ୟ ସମସ୍ୟା କମିବା ପରିବର୍ତ୍ତେ ଅଧିକ ଉତ୍କଟ ହୋଇଛି। ଦାଦନ ସମସ୍ୟା ସମାଧାନ କ୍ଷେତ୍ରରେ ସରକାରଙ୍କ କାର୍ଯ୍ୟ କେବଳ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରାଯିବାରେ ସୀମିତ ରହିଛି। ରାଜ୍ୟର ବିଭିନ୍ନ ଜିଲ୍ଲାର ଗ୍ରାମାଞ୍ଚଳରେ ମନରେଗା ଯୋଜନା ମାଧ୍ୟମରେ କର୍ମ ଦିବସ ଯୋଗାଣ କମୁଥିବାରୁ ସମସ୍ୟା ରାଜ୍ୟରେ ଉତ୍କଟ ରୂପ ନେଉଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟରେ ସମୁଦାୟ ୧୭ କୋଟି ୬୧ ଲକ୍ଷ କର୍ମ ଦିବସ ଯୋଗାଇଦିଆ ଯାଇଥିବା ବେଳେ ବିଜେପି କ୍ଷମତାକୁ ଆସିବା ପରେ ଏହି ସଂଖ୍ୟା ୧୦ କୋଟି ତଳକୁ ଖସି ଆସିଛି। ସେହିପରି, ୨୦୨୩-୨୪ ଆର୍ଥିକ ବର୍ଷରେ, ୩.୩୯ ଲକ୍ଷ ପରିବାରଙ୍କୁ ୧୦୦ ଦିନର କର୍ମ ଦିବସ ଯୋଗାଯାଇଥିବା ବେଳେ ଏହା ବିଜେପି ସରକାରଙ୍କ ସମୟରେ ୧.୪୯ ଲକ୍ଷ ପରିବାରକୁ ଖସି ଆସିଛି।

ଶ୍ରୀ ଦାସବର୍ମା କହିଥିଲେ, ମନରେଗା ମାଧ୍ୟମରେ ଗ୍ରାମାଞ୍ଚଳରେ କିପରି ଅଧିକରୁ ଅଧିକ ଲୋକଙ୍କୁ କାମ ଦିଆଯିବ, ସେନେଇ ରାଜ୍ୟ ବିଜେପି ସରକାରଙ୍କ କୌଣସି ପ୍ରତିବଦ୍ଧତା ନାହିଁ। ଉଦାହରଣ ସ୍ୱରୂପ, ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅରକୁଦା ଓ ସାନପାଟଣା ଗ୍ରାମରୁ ପ୍ରାୟ ଏକ ହଜାର ଲୋକ ଗତ ମାସରେ ଦାଦନ ଖଟିବାକୁ ଗୋଆ, ମାଙ୍ଗାଲୋର ଓ ତାମିଲନାଡୁ ଯାଇଛନ୍ତି, ଯାହା ଫଳରେ ଏହି ଦୁଇ ଗ୍ରାମ ଏବେ ପୁରୁଷଶୂନ୍ୟ ହୋଇ ପଡିଛି। ଧ୍ରୁବ ଚରଣ ସାହୁ କହିଥିଲେ, ବିଜେପିର ଓଡିଶାକୁ ଦାଦନମୁକ୍ତ କରିବା ଓ ରାଜ୍ୟର ଯୁବକମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ପ୍ରତିଶ୍ରୁତି ଆଜି ପାଣିର ଗାର ପାଲଟିଛି। ସମଗ୍ର ଓଡ଼ିଶାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। କେନ୍ଦ୍ରାପଡା ଜିଲ୍ଲାରେ ନବୀନ ସରକାରଙ୍କ ସମୟରେ ଏକ ବୃହତ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ହେବ ବୋଲି ସ୍ଥିର ହୋଇଥିଲା ଯାହା ଏବେ ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର ହୋଇଛି।

# ଜାତୀୟ ମେଡିଏସନ୍ କର୍ମଶାଳା ନେଇ ମନ୍ତ୍ରୀଙ୍କ ସମୀକ୍ଷା

- ଗଠନ ହେବ କଣ୍ଟ୍ରୋଲ ରୁମ୍
- ବିଚାରପତି ଓ ଭିଆଇପିଙ୍କ ପ୍ରୋଟୋକଲ୍ ଉପରେ ଗୁରୁତ୍ୱ
- ସବୁ ବିଭାଗ ସମନ୍ୱୟରେ କର୍ମଶାଳାକୁ ସଫଳ କରିବାକୁ ପରାମର୍ଶ



**ଭୁବନେଶ୍ୱର ୨୨।୯(ସଂଚାର ବ୍ୟୁରୋ):** ଅନେକ ବଡ଼ ବଡ଼ ଇଭେଣ୍ଟର ସଫଳ ପରିଚାଳନା କରିବାରେ ଓଡ଼ିଶା ଖୁବ୍ ଆଗରେ। ରାଜ୍ୟରେ କାର୍ଯ୍ୟରତ ଦକ୍ଷ ଅଧିକାରୀଙ୍କ ନିକଟରେ ଏଥି ନେଇ ଅନେକ ଅଭିଜ୍ଞତା ରହିଛି। ତେଣୁ ନିଜର ଅଭିଜ୍ଞତାକୁ ଆଧାର କରି ଆସନ୍ତା ସେପ୍ଟେମ୍ବର ୨୮ରେ ହେବାକୁ ଥିବା ଜାତୀୟ ମେଡ଼ିଏସନ୍ କର୍ମଶାଳାକୁ ସଫଳ କରିବା ପାଇଁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି।

ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ପୁଲିସ ଡିଜି ୱାଇ. ବି. ଖୁରାନିଆ, ଆଇନ ସଚିବ ମାନସ ରଞ୍ଜନ ବାରିକ୍, ଭୁବନେଶ୍ୱର-କଟକ ପୁଲିସ କମିଶନର ଦେବଦତ୍ତ ସିଂଙ୍କ ଉପସ୍ଥିତିରେ ଅନୁଷ୍ଠିତ ସମୀକ୍ଷା ବୈଠକରେ କର୍ମଶାଳାରେ ଯୋଗଦେବାକୁ ଥିବା ବିଚାରପତି, ଭିଭିଆଇପି ଓ ଅତିଥିମାନଙ୍କ ବିବରଣୀ, କର୍ମଶାଳାରେ ଆଲୋଚନା ହେବାକୁ ଥିବା ବିଷୟ, ଉପବେଶନ ସ୍ଥଳ, ଅତିଥିମାନଙ୍କ ଯିବାଆସିବା ଓ ରହଣି ସହ ପୁରୀ, କୋଣାର୍କ ଓ ଲିଙ୍ଗରାଜ ଭଳି ପର୍ଯ୍ୟଟନ କ୍ଷେତ୍ର ଭ୍ରମଣ ନେଇ ଆଲୋଚନା ହୋଇଥିଲା। କର୍ମଶାଳା ସମୟରେ ଟ୍ରାଫିକ୍ ପରିଚାଳନା ଓ ସୁରକ୍ଷା ନେଇ ମଧ୍ୟ ଆଲୋଚନା ହୋଇଥିଲା। ପ୍ରଥମ ଥର ପାଇଁ ଓଡ଼ିଶାରେ ହେବାକୁ ଥିବା ଏହି କର୍ମଶାଳାରେ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ବି. ଆର୍. ଗାଭାଇଙ୍କ ସମେତ ଅନ୍ୟ ବିଚାରପତି ଏବଂ ବିଭିନ୍ନ ରାଜ୍ୟର ବିଚାରପତି, ଆଇନ ମନ୍ତ୍ରୀ ଏବଂ ଆଡ୍‌ଭୋକେଟ୍ ଜେନେରାଲମାନେ ଯୋଗ ଦେଉଥିବାରୁ ଓଡ଼ିଶାରୁ ସମସ୍ତେ ଯେପରି ସୁଖଦ ଅନୁଭୂତି ନେଇ ପ୍ରତ୍ୟାବର୍ତ୍ତନ କରିବେ ସେଥି ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବୈଠକରେ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ଓ ପରିବହନ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସୁରଞ୍ଜିତା ଜେନା, ଆଇନ ବିଭାଗର ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ରଙ୍କ ସମେତ ବିଭିନ୍ନ ସଂପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଢୋଲକିଆଙ୍କ ଆତ୍ମାର ସଦଗତି ନିମନ୍ତେ ବିଜୁ ପରିବାରର ଶ୍ରଦ୍ଧାଞ୍ଜଳି

- ଖରିଆର ରୋଡ୍ ସଭାରେ ୨୦ ହଜାରରୁ ଉର୍ଦ୍ଧ୍ୱ ଜନସମାଗମ
- ଶୋକସଭାରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ନବୀନ ପଟ୍ଟନାୟକ



**ଭୁବନେଶ୍ୱର, ୨୨।୯(ସଂଚାର ବ୍ୟୁରୋ):** ନୂଆପଡାର ଖରିଆର ରୋଡ ଆରଏମସି ପ୍ରାଙ୍ଗଣରେ ୨୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ, ବିଜୁ ଜନତା ଦଳର ଶୁଭେଚ୍ଛୁ ଓ ସାଥୀ ନୂଆପଡା ବିକାଶର ବିଶ୍ୱକର୍ମା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏଥିରେ ଦିଲ୍ଲୀରୁ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱର୍ଗତ ଢୋଲକିଆ କିଭଳି ତୃଣମୂଳ ସ୍ତରରେ ସବୁବର୍ଗର ଲୋକଙ୍କ ସୁଖ ଦୁଃଖରେ ସାମିଲ ହୋଇ ସମସ୍ତଙ୍କ ଆଦରଣୀୟ ହୋଇପାରିଥିଲେ କହିବା ସହ ତାଙ୍କର ଅଧୁରା କାମକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ବିଜୁ ପରିବାର ଦ୍ୱାରା ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ ଢୋଲକିଆଙ୍କ ବିକାଶ ଧାରା ଓ ସାମାଜିକ କାର୍ଯ୍ୟକ୍ରମ ଗୁଡିକୁ ଅବ୍ୟାହତ ରଖିବାକୁ ସଂକଳ୍ପ ନିଆଯାଇଥିଲା। ଶୋକସଭାରେ ନବୀନ ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳି ବକ୍ତବ୍ୟ ପରେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଅମର ଆତ୍ମାର ସଦଗତି ପାଇଁ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ସମେତ ଉପସ୍ଥିତ ହଜାର ହଜାର ଜନସାଧାରଣ ଦଣ୍ଡାୟମାନ ହୋଇ ନିରବ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ଢୋଲକିଆଙ୍କ ପତ୍ନୀ କଳ୍ପନା ଢୋଲକିଆ, ପୁତ୍ର ଏବଂ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଭ୍ରାତାବୃନ୍ଦ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପ୍ରଦୀପ ଅମାତ, ସ୍ନେହାଙ୍ଗିନୀ ଛୁରିଆ, ପୁଷ୍ପେନ୍ଦ୍ର ସିଂହଦେଓ, ଲମ୍ବୋଦର ନିହାଲ, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଗଣେଶ ମାଝୀ, ମନୋହର ରନ୍ଧାରୀ, ମନୋଜ ମିଶ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ଉପାଧ୍ୟକ୍ଷା ଦୀପିକା ଦୀପ ପ୍ରମୁଖ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିଲେ। ପୁତ୍ର ଜୟ ଢୋଲକିଆ ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ।

### ଛାତ୍ର ସଂସଦ ନିର୍ବାଚନ ପ୍ରସଙ୍ଗ

# ଛାତ୍ରଛାତ୍ରୀଙ୍କ ଆକ୍ରୋଶକୁ ଡରୁଛନ୍ତି ସରକାର



- ଏବିଭିପି ଓ ବିଜେପି ଯୁବମୋର୍ଚ୍ଚା ମଧ୍ୟରେ ଅନ୍ତଃକନ୍ଦଳ ପାଇଁ ସମସ୍ତ କ୍ୟାମ୍ପସ ଅଶାନ୍ତ
- କ୍ୟାମ୍ପସ ସୁରକ୍ଷାକୁ ନେଇ ବିଜୁ ଛାତ୍ର ଜନତା ଦଳର ଲଢ଼େଇ ଜାରି ରହିବ
- ସରକାରଙ୍କ ସତସାହସ ଥିଲେ ତୁରନ୍ତ ଛାତ୍ର ସଂସଦ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ କରନ୍ତୁ

**ଭୁବନେଶ୍ୱର, ୨୨।୯(ସଂଚାର ବ୍ୟୁରୋ):** ବିଜେପି ସରକାରକୁ ଆସିବାର ୧୫ ମାସ ବିତିଯାଇଥିଲେ ମଧ୍ୟ ଛାତ୍ର ସଂସଦ ନିର୍ବାଚନ ନ କରିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ମନରେ ଆକ୍ରୋଶ ସୃଷ୍ଟି ହୋଇଛି। ଏବିଭିପି ଓ ବିଜେପି ଯୁବମୋର୍ଚ୍ଚା ମଧ୍ୟରେ ଥିବା ଅନ୍ତଃକନ୍ଦଳ ଲାଗି କଲେଜ କ୍ୟାମ୍ପସ ଅଶାନ୍ତ ହୋଇଛି ବୋଲି ଅଭିଯୋଗ କରିଛି ବିଜୁ ଛାତ୍ର ଜନତା ଦଳ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସୀତା ସାହୁ କହିଥିଲେ ଯେ, ଚଳିତ ବିଧାନସଭାରେ ସରକାର ଦେଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟରେ ୧୯ ଜଣ ଛାତ୍ରୀ ଯୌନ ଓ ମାନସିକ ନିର୍ଯାତନାର ଶିକାର ହୋଇଛନ୍ତି। ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଠୁ ଆରମ୍ଭ କରି ବଳଙ୍ଗା, ପଟ୍ଟାମୁଣ୍ଡାଇ, ମାହାଙ୍ଗା, ଗୋପାଳପୁର ଓ ବାଲିହରଚଣ୍ଡୀ ଘଟଣା ଦର୍ଶାଉଛି ଯେ, ଏହି ସରକାରରେ ଛାତ୍ରୀମାନେ କିଭଳି ଅସୁରକ୍ଷିତ। ଗତ ୧୫ ମାସରେ ୨୨ ଜଣ ଛାତ୍ରୀ ଆତ୍ମହତ୍ୟା କରିବା ବିଜେପି ସରକାରର ଲଜ୍ଜାଜନକ ଉପଲବ୍ଧି। ଇପ୍ସୀତା ସାହୁ ଆହୁରି କହିଥିଲେ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ-ଓ ସ୍କଲାରସିପ୍ ବ୍ୟବସ୍ଥା କରିଥିଲେ, ଯାହାଦ୍ୱାରା ସବୁ ଛାତ୍ରଛାତ୍ରୀ ଉପକୃତ ହୋଇପାରିଥିଲେ। ବର୍ତ୍ତମାନର ସରକାର ନାମ ଓ ରଙ୍ଗ ପରିବର୍ତ୍ତନ କରି ଅନେକ ଯୋଜନା କରୁଥିଲେ ମଧ୍ୟ ଛାତ୍ରଛାତ୍ରୀମାନେ ସ୍କଲାରସିପ୍ ପାଇବାରୁ ବଞ୍ଚିତ ହେଉଛନ୍ତି। ଛାତ୍ର ସଂସଦ ନିର୍ବାଚନ ପାଇଁ ସରକାର ସକାରାତ୍ମକ ଥିବା କଥା ଉଚ୍ଚଶିକ୍ଷା ମନ୍ତ୍ରୀ ବାରମ୍ବାର ମିଡିଆରେ କହୁଛନ୍ତି, କିନ୍ତୁ ବର୍ତ୍ତମାନ ସୁଦ୍ଧା ସରକାର ବିଜ୍ଞପ୍ତି ପ୍ରକାଶ କରିନାହାନ୍ତି। ଯଦି ସତ୍ସାହାସ ଅଛି, ସରକାର ଆଗାମୀ ଏକ ସପ୍ତାହ ମଧ୍ୟରେ ଛାତ୍ର ସଂସଦ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ କରନ୍ତୁ ବୋଲି ଇପ୍ସୀତା ସାହୁ ଆହ୍ୱାନ ଦେଇଛନ୍ତି। ଆଗାମୀ ଦିନରେ ବିଜୁ ଛାତ୍ର ଜନତା ଦଳ ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଫଟୋ ଥିବା ଆଇକାର୍ଡ ପକାଇ ପ୍ରତ୍ୟେକ କ୍ୟାମ୍ପସରେ ଛାତ୍ରୀ ସୁରକ୍ଷା ପାଇଁ ରାଜରାସ୍ତାରେ ରାଜ୍ୟ ସରକାର ବିରୁଦ୍ଧରେ ଲଢ଼େଇ ଜାରି ରଖିବ ବୋଲି ଇପ୍ସୀତା ସାହୁ କହିଛନ୍ତି।

# ସଡ଼କ ଦୁର୍ଘଟଣାରେ ଚାଲିଗଲେ ବାପ-ପୁଅ



**ରୂପ୍ରାରୋଡ୍, ୨୨।୯ (ସଂଚାର ବ୍ୟୁରୋ) :** କଳାହାଣ୍ଡି ଜିଲା ନର୍ଲା ଥାନା ନୂଆ ଦେହେଲିଠାରେ ନର୍ଲା ପଟୁ ଆସୁଥିବା ପିକଅପ୍ ଭ୍ୟାନ ଧକ୍କା ଦେବାରୁ ସାମ୍ନା ପଟୁ ଆସୁଥିବା ଏକ ବାଇକ୍‌ରେ ଗୋଟେ ପରିବାରର ୪ ଜଣ ଯାଉଥିବା ବେଳେ ବାପ-ପୁଅ ୨ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଆଉ ୨ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି। ଖବର ନେବାରୁ ଜଣାପଡ଼ିଛି ଯେ, ମୃତକ ଜଣକ ତେର୍ଲୋ। ନର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଥିବାବେଳେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି।



## ବିଧାନସଭା ଖବର

# କରୋନା ଚିକିତ୍ସା ପାଇଁ ଜେପି ହସ୍ପିଟାଲକୁ ଦିଆଯାଇଛି ୧୧୦ କୋଟି ଟଙ୍କା

**ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ):** କରୋନା ମହାମାରୀ ସମୟରେ ରାଉରକେଲାର ଜେପି ହସ୍ପିଟାଲକୁ କରୋନା ରୋଗୀଙ୍କ ଚିକିତ୍ସା ବାବଦରେ ୧୧୦ କୋଟି ଟଙ୍କାରୁ ଅଧିକ ଅର୍ଥ ଯୋଗାଇ ଦିଆଯାଇଛି। ଏହି ଅର୍ଥ ଡିଏମଏଫ୍ ପାଣ୍ଠିରୁ ଯୋଗାଇ ଦିଆଯାଇଥିଲା। ଏହି ଡାକ୍ତରଖାନରେ ମୋଟ୍ ୧୮୭୯ ଜଣ ରୋଗୀ ଚିକିତ୍ସିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫୯୮ ଜଣ ମୃତ୍ୟୁବରଣ କରିଥିଲେ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ। ମନ୍ତ୍ରୀ ଦର୍ଶାଛନ୍ତି ଯେ , ରାଉରକେଲାର ଜେପି ହସ୍ପିଟାଲକୁ କରୋନା ଚିକିତ୍ସା ପାଇଁ ଡିଏମ୍‌ଏଫ୍ ପାଣ୍ଠିରୁ ୧୧୦,୪୮,୨୨,୧୫୪ ଟଙ୍କା ଯୋଗାଇ ଦିଆଯାଇଥିବା ବେଳେ ଔଷଧ ବାବଦକୁ ନିଜସ୍ୱ ପାଣ୍ଠିରୁ ସରକାର ୨୧,୯୦,୪୩୩ ଟଙ୍କା ପ୍ରଦାନ କରିଥିଲେ। ଜେପି ହସ୍ପିଟାଲରେ ମୋଟ୍ ୧୮୭୯ ଜଣ କରୋନା ରୋଗୀଙ୍କର ଚିକିତ୍ସା ହୋଇଥିବା ବେଳେ ସେମାନଙ୍କ ଠାରୁ ଚିକିତ୍ସା ବାବଦରେ କୌଣସି ଅର୍ଥ ଆଦାୟ ହୋଇନାହିଁ। ଡାକ୍ତରଖାନାକୁ ସୁନ୍ଦରଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ୨୦ଲକ୍ଷ ଟଙ୍କାର ୫ଟି ଭେଣ୍ଟିଲେଟର ମେସିନ୍ ଯୋଗାଇ ଦେଇଥିଲେ। ତେବେ ଚିକିତ୍ସିତ ହୋଇଥିବା ରୋଗୀଙ୍କ ମଧ୍ୟରୁ ୧୨୮୧ ଜଣ ସୁସ୍ଥହୋଇ ଘରକୁ ଫେରିଥିବାବେଳେ ୫୯୮ ଜଣ ମୃତ୍ୟୁବରଣ କରିଥିଲେ। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଡିଏମଏଫ୍ ପାଣ୍ଠିରୁ ୨୦୨୦ ରୁ ୨୦୨୩ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ଏହି ଅର୍ଥ ଯୋଗାଇ ଦିଆଯାଇଥିଲା। ୨୦୨୧ରେ ସର୍ବାଧିକ ୭୬ କୋଟି ୮୭ଲକ୍ଷ ଟଙ୍କା ଦିଆଯାଇଥିବାବଳେ ୨୦୨୩ରେ ୨କୋଟି ୭୮ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲ। ସେହିଭଳି ଔଷଧ ପାଇଁ ରାଜ୍ୟ ସରକାର ୨୦୨୧ ବର୍ଷରେ ୧୫ଲକ୍ଷ ୩୦ହଜାର ଟଙ୍କା ଦେଇଥିବାବେଳେ ୨୦୨୨ରେ ୬ଲକ୍ଷ ୬୦ହଜାର ଟଙ୍କା ପ୍ରଦାନ କରିଥିଲେ।

# ତମାଖୁ ଟିକସରୁ ଓଡ଼ିଶା ପାଇଲାଣି ୬୭୫୦ କୋଟି ଟଙ୍କା

ଗୁଟ୍‌ଖା, ତମାଖୁ, ସିଗାରେଟ, ପାନମସଲା ଆଦିରୁ ରାଜ୍ୟ ସରକାର ଗତ ୧୦ବର୍ଷ ମଧ୍ୟରେ ଭାଟ୍ ଓ ଜିଏସ୍‌ଟି ବାବଦରେ ୬୭୫୦ କୋଟି ଟଙ୍କାର ଅଧିକ ଅର୍ଥ ପାଇଲେଣି। ୨୦୨୪-୨୫ ବର୍ଷରେ ଏହିସବୁ ସାମଗ୍ରୀରୁ ରେକର୍ଡ ପରିମାଣର ୧୨୩୪ କୋଟି ଟଙ୍କା ଆଦାୟ ହୋଇଛି। ଗୁଟ୍‌ଖା, ତମାଖୁ ଆଦି ଉପରୁ ରାଜ୍ୟ ସରକାର ଆଦାୟ କରୁଥିବା ଟିକସ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ୨୦୧୮-୧୯ରୁ ନିୟମିତ ଭାବେ ଗୁଟ୍‌ଖା ତମାଖୁ ଆଦିରୁ ଆଦାୟ ଟିକସ ପରିମାଣ ବଢି ବଢି ଚାଲିଛି। ୨୦୧୮-୧୯ ବର୍ଷରେ ଏହି ସାମଗ୍ରୀରୁ ୪୮୦ କୋଟି ଟଙ୍କାର ଟିକସ ଆଦାୟ ହୋଇଥିବାବେଳେ ୨୦୨୩-୨୪ରେ ଏହା ୧୦୧୨ କୋଟି ଟଙ୍କାକୁ ଟପିଯାଇଥିଲା। ଗତ ଆର୍ଥିକ ବର୍ଷରେ ଏହା ୧୨୩୪.୮୮ କୋଟି ଟଙ୍କାରେ ପହଞ୍ଚିଛି। ତେବେ ଗୁଟ୍‌ଖା, ତମାଖୁ, ସିଗାରେଟ୍ ଓ ପାନମସଲା ଆଦିର ଉତ୍ପାଦନ, ମହଜୁଦ, ବିପଣନ ଓ ବିକ୍ରି ଉପରେ କଟକଣା ବାବଦୀୟ ତଥ୍ୟ ଅର୍ଥ ବିଭାଗ ନିକଟରେ ନଥିବା ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

# ଓଡ଼ିଶାର ଋଣ ଭାର ୧.୩୪ ଲକ୍ଷ କୋଟିକୁ ଟପିବ

ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣ ଭାରତ ୧ଲକ୍ଷ ୩୪ହଜାର କୋଟି ଟଙ୍କାକୁ ଟପିଯିବ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ୨୦୧୩-୧୪ ବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣଭାର ୩୮,୬୬୬ କୋଟି ୨୪ଲକ୍ଷ ଟଙ୍କା ଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷ ଶେଷସୁଦ୍ଧା ଏହା ୯୬,୩୧୦ କୋଟି ୪୦ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୫-୨୬ ଶେଷ ସୁଦ୍ଧା ରାଜ୍ୟର ଋଣଭାର ୧,୩୪,୯୧୩ କୋଟି ୮୪ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ତେବେ ଋଣ ପରିମାଣ ହ୍ରାସ କରିବାପାଇଁ ସରକାର ଗ୍ରହଣ କରୁଥିବା ପଦକ୍ଷେପ ମଧ୍ୟରେ ରାଜସ୍ୱ ବଳକା ସୃଷ୍ଟିକରି ଋଣ ଉପରେ ଥିବା ନିର୍ଭରଶୀଳତାକୁ ହ୍ରାସ କରିଛନ୍ତି। ଜାତୀୟ ସ୍ୱଳ୍ପ ସଞ୍ଚୟ ପାଣ୍ଠିରୁ ସରକାର ଆଉ କୌଣସି ଋଣ ଆଣୁ ନାହାନ୍ତି। ୫୦ବର୍ଷର ସୁଧବିହୀନ ଋଣକୁ ପ୍ରାଥମିକତା ଦେଇ ବିଭିନ୍ନ ବିଭାଗରେ ସଂସ୍କାର ଅଣାଯାଇଛି। ଏହି ପଦକ୍ଷେପରୁ ରାଜ୍ୟର ସୁଧଦେୟର ଭାର ହ୍ରାସ ପାଉଛି।

# ରାଜ୍ୟ ଋଣ ୫ ମାସରେ ୧୦ ହଜାର କୋଟି

**ଭୁବନେଶ୍ୱର, ୨୨।୯:** ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୪୬,୪୦୦ କୋଟି ଟଙ୍କାର ଋଣ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିବା ବେଳେ ଅଗଷ୍ଟ ଶେଷ ସୁଦ୍ଧା ୧୦ ହଜାର କୋଟି ଟଙ୍କାର ଋଣ କରିସାରିଲେଣି। ଏହି ସମୟ ମଧ୍ୟରେ ୩୧୫୮ କୋଟି ଟଙ୍କାର ଋଣ ବି ପରିଶୋଧ କରିଛନ୍ତି। ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ବିଜେଡି ବିଧାୟକ ପ୍ରତାପ କେଶରୀ ଦେବଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାର କରିଥିବା ଋଣ ଓ ପରିଶୋଧ କରିଥିବା ଋଣକୁ ହିସାବ କଲେ ଅଗଷ୍ଟ ଶେଷ ସୁଦ୍ଧା ରାଜ୍ୟର ନିଟ୍ ଋଣ ୬୯୧୧ କୋଟି ୨୩ ଲକ୍ଷ ଟଙ୍କା ହୋଇଛି। ତେବେ ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୪-୨୫ ବର୍ଷରେ ରାଜ୍ୟ ସରକାର ୪୨,୭୩୨ କୋଟି ୪୫ ଲକ୍ଷ ଟଙ୍କା ଋଣ ଉଠାଇଥିଲେ ଏବଂ ୧୭,୩୫୦କୋଟି ୮୬ଲକ୍ଷ ଟଙ୍କାର ଋଣ ପରିଶୋଧ କରିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି ଦର୍ଶାଇଛନ୍ତି ଯେ, ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ମୋଟ୍ ନିଜସ୍ୱ ରାଜସ୍ୱ ବାବଦରେ ୧ଲକ୍ଷ ୨୬ହଜାର କୋଟି ଟଙ୍କା ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିବାବେଳେ ଅଗଷ୍ଟ ଶେଷସୁଦ୍ଧା ୪୨,୪୪୩.୮୬ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ଏଥି ମଧ୍ୟରେ ନିଜସ୍ୱ ଟିକସ ବାବଦରେ ୨୨,୩୦୩ କୋଟି ଟଙ୍କା ସଂଗ୍ରହ ହୋଇଥିବାବେଳେ ଅଣଟିକସ ରାଜସ୍ୱ ବାବଦରେ ରାଜ୍ୟ ସରକାର ୨୦,୧୪୧.୮୧ କୋଟି ଟଙ୍କା ପାଇଛନ୍ତି। ସେହିଭଳି ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର କେନ୍ଦ୍ରୀୟ ଅନୁଦାନ ବାବଦରେ ୪୧,୫୯୧ କୋଟି ଟଙ୍କା ପାଇବାର ଲକ୍ଷ୍ୟ ରଖିଥିବାବେଳେ ଅଗଷ୍ଟ ଶେଷସୁଦ୍ଧା ୪୬୫୧ କୋଟି ଟଙ୍କା ପାଇଛନ୍ତି। କେନ୍ଦ୍ରୀୟ ଟିକସରୁ ରାଜ୍ୟର ଅଂଶ ଭାବେ ୬୪,୪୦୮ କୋଟି ଟଙ୍କା ପାଇବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିବାବେଳେ ଏହି ସମୟରେ ପାଇଛନ୍ତି ୨୪ହଜାର କୋଟି ଟଙ୍କା । ମୋଟାମୋଟି ଭାବେ କେନ୍ଦ୍ରରୁ ଅଗଷ୍ଟ ଶେଷ ସୁଦ୍ଧା ରାଜ୍ୟ ୨୮,୬୫୬ କୋଟି ୮୧ ଲକ୍ଷ ଟଙ୍କା ପାଇଛି। ଉଭୟ ନିଜସ୍ୱ ଟିକସ, ନିଜସ୍ୱ ଅଣଟିକସ, କେନ୍ଦ୍ରୀୟ ପ୍ରାପ୍ତି ଆଦିକୁ ମିଶାଇ ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨ଲକ୍ଷ ୩୨ହଜାର କୋଟି ଟଙ୍କା ପାଇବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିବାବେଳେ ଅଗଷ୍ଟ ଶେଷ ସୁଦ୍ଧା ୭୧,୧୦୦ କୋଟି ୬୭ ଲକ୍ଷ ଟଙ୍କା ପାଇଛନ୍ତି। (ତଥ୍ୟ)

### ସୈନିକ ସ୍କୁଲ ବଞ୍ଚାଅ, ଅଳିଆ ଗଦା ହଟାଅ ଅଭିଯାନ

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଘେରଉ



**ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ):** ସୈନିକ ସ୍କୁଲ ଅବୈଧ ଡମ୍ପିଂୟାର୍ଡକୁ ପ୍ରୋତ୍ସାହନ ବିରୁଦ୍ଧରେ ଆଜି ପଟିଆ ଶିଳ୍ପାଞ୍ଚଳରେ ଥିବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଘେରଉ କରିଥିଲା ସୈନିକ ସ୍କୁଲ ବଞ୍ଚାଅ ଅଳିଆଗଦା ହଟାଅ ଅଭିଯାନ। ବିଏମସି ଗାଡ଼କଣ ଡମ୍ପିଂୟାର୍ଡରେ ୨୨ ବର୍ଷ ଧରି ଭୁବନେଶ୍ୱରର ଲକ୍ଷାଧିକ ବାସିନ୍ଦାକୁ ହନ୍ତସନ୍ତ କରିବା ସହ ସୈନିକ ସ୍କୁଲ, ବାଣୀବିହାର, ଆରଆରଏଲ ସମେତ ଅନେକ ନାମକରା ଶିକ୍ଷାନୁଷ୍ଠାନର ହଜାର ହଜାର ଛାତ୍ରଛାତ୍ରୀଙ୍କ ଗୁରୁତର ବିପଦ ସୃଷ୍ଟି କରିଚାଲିଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଏବଂ ସ୍ୱାସ୍ଥ୍ୟ ବିପଦକୁ ଅଣଦେଖା କରି ଉପଯୁକ୍ତ ତଦାରଖ ବିନା ସିଟିଓ ଜାରି କରିଥିଲେ। ଅଳିଆ ଗଦା ହଟାଅ ଅଭିଯାନ, ବିଏମସି ଓ ପଲ୍ୟୁସନ ବୋର୍ଡର ମିଳିତ ଅନୁସନ୍ଧାନ ୯ ସେପ୍ଟେମ୍ବରରେ ନିଶ୍ଚିତ କରାଯାଇଥିଲା ଯେ, ପ୍ରକ୍ରିୟାକରଣ ୟୁନିଟ୍ ପାଇଁ କୌଣସି ବୈଧ କାଗଜ ପତ୍ର ନାହିଁ।

କୌଣସି ନିୟମ ଅନୁପାଳନ ନ ହେବା ଜାଣିବା ସତ୍ତ୍ୱେ ସିଟିଓ ଜାରି କରିବା ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡର ଗୁରୁତର ପ୍ରକ୍ରିୟାଗତ ତ୍ରୁଟି । ପ୍ରଦୂଷଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ । ଗାଡ଼କଣ ଅଳିଆ ଗଦା ଭିତରେ ବହୁଦିନ ଧରି ବେଆଇନ ଭାବରେ ଅଳିଆ ପ୍ରକ୍ରିୟାକରଣ ହେଉଥିଲା । ହେଲେ ସେହି ୱିଣ୍ଡୋ କମ୍ପୋଷ୍ଟିଂ, ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର, ରି ସାଇକଲିଙ୍ଗ ପ୍ଲାଣ୍ଟ ଏବଂ ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ ସମୂହକୁ ଏଇ ମାତ୍ର ଅଗଷ୍ଟ ୧୨ରେ ପ୍ରଦୂଷଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟକୁ ପରିଚାଳନା ପାଇଁ କାର୍ଯ୍ୟ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି। ଏହି ପ୍ଲାଣ୍ଟକୁ ସମସ୍ତ ଆଇନ ଉଲ୍ଲଙ୍ଘନ କରି ଅନୁମତି ପ୍ରଦାନ କରାଯାଇଛି। ୭ ଦିନ ମଧ୍ୟରେ ସବୁ ଅଳିଆ ସ୍ଥାନ ସଫା କରିବାକୁ ବିଏମସିକୁ ନିର୍ଦ୍ଦେଶ ଦେଇଥିଲା ପ୍ରଦୂଷଣ ବୋର୍ଡ। ତେଣୁ ଆଞ୍ଚଳିକ ଅଧିକାରୀ ୭ ଦିନ ମଧ୍ୟରେ ବିଏମସିକୁ ଦିଆଯାଇଥିବା ସିଟିଓ ପ୍ରତ୍ୟାହାର ନ କଲେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାକୁ ଅଳିଆଗଦା ହଟାଅ ଅଭିଯାନର ପ୍ରସନ୍ନ ବିଷୋୟୀ କହିଛନ୍ତି ।

### ବେସରକାରୀ ବିଦ୍ୟାଳୟ ଫି' ନିର୍ଦ୍ଧାରଣ କମିଟିର ରିପୋର୍ଟ ତୁରନ୍ତ ଲାଗୁ କର

# ପ୍ୟାରେଣ୍ଟ ଫେଡେରେସନ୍ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ):** ବେସରକାରୀ ବିଦ୍ୟାଳୟ ଫି ନିର୍ଦ୍ଧାରଣ କମିଟି ରିପୋର୍ଟ ତୁରନ୍ତ ଲାଗୁ କରିବା ନିମନ୍ତେ ଆଜି ନ୍ୟାସନାଲ ପ୍ୟାରେଣ୍ଟ ଫେଡେରେସନ୍ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗଣଶିକ୍ଷା ବିଭାଗର ସଚିବଙ୍କ ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ରହି ବିଭାଗର ଉପଶାସନ ସଚିବ ମନୋଜ ତ୍ରିପାଠୀଙ୍କ ସହ ବିସ୍ତୃତ ଆଲୋଚନା କରିବା ସହ ବିଭାଗୀୟ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଏ ସମ୍ବନ୍ଧରେ ଅବଗତ କରାଯାଇଛି ବୋଲି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ବେସରକାରୀ ବିଦ୍ୟାଳୟରେ ଫି ନିର୍ଦ୍ଧାରଣକୁ ନେଇ ଓଡ଼ିଶା ଶିକ୍ଷା ଆଇନ୍-୧୯୬୯ ଏବଂ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଅଧିନିୟମ ନଂ- ୩୦୭୨୦ ୨୩ ସେପ୍ଟେମ୍ବର ୧୯୯୬ ଅନୁଯାୟୀ ପ୍ରାବଧାନ ଅଛି, କିନ୍ତୁ ଏହାକୁ ପ୍ରକୃତ ଅର୍ଥରେ ପାଳନ କରାଯାଉନାହିଁ । ଫଳରେ ବିଭିନ୍ନ ସମୟରେ ଅଭିଭାବକମାନଙ୍କ ଧାରଣା, ଧର୍ମଘଟ ଏବଂ ଆମରଣ ଅନଶନ ଭଳି କାର୍ଯ୍ୟକ୍ରମ ଚାଲୁଛି ଏବଂ ଫି ସମସ୍ୟାକୁ ନେଇ ଛାତ୍ରଛାତ୍ରୀମାନଙ୍କ ଉପରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଆକ୍ରୋଶମୂଳକ ଆଚରଣ ଏବଂ ଆତ୍ମହତ୍ୟା ଭଳି ଦୁଃଖଦ ଘଟଣା ମଧ୍ୟ ସାମ୍ନାକୁ ଆସିଛି। ଏ ସବୁକୁ ଦୃଷ୍ଟିରେ ରଖି ତତ୍କାଳୀନ ସରକାରଙ୍କ ଆଦେଶ ଅନୁଯାୟୀ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବଙ୍କ ନିର୍ଦ୍ଦେଶାନୁସାରେ ୨୦୧୮ ମସିହାରେ ଏକ ଫି ନିର୍ଦ୍ଧାରଣ କମିଟି ଗଠନ କରାଯାଇଥିଲା, ଯେଉଁଥିରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଅଧ୍ୟକ୍ଷ ଥିଲେ ଏବଂ ଓଡ଼ିଶାର ବିଭିନ୍ନ ପ୍ରାନ୍ତରର ବେସରକାରୀ ବିଦ୍ୟାଳୟର ଅଧ୍ୟକ୍ଷ, ପୃଷ୍ଟପୋଷକ, ଅଭିଭାବକ ସଂଘ, ଅଭିଭାବକ, ଆଇନ୍ ବିଭାଗ ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନେ ସଦସ୍ୟ ଥିଲେ। ବିଭିନ୍ନ ପର୍ଯ୍ୟାୟ ରେ ବହୁ ବୈଠକ ବସି ବହୁ ଆଲୋଚନା ପରେ ସମସ୍ତଙ୍କ ସହମତିରେ ଏକ ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଲାଭ ନିମନ୍ତେ ପଠାଯାଇଥିଲା ଏବଂ ୨୦୧୯ ମସିହାରେ କମିଟି ଅଧ୍ୟକ୍ଷ ତତ୍କାଳୀନ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିର୍ଦ୍ଦେଶନାମା ନଂ- ୧୫୩୬୨ ତା-୧୧/୦୪/୨୦୧୯ ରେ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସେଣ୍ଟ ଜାଭିୟର୍ସ ଖଣ୍ଡଗିରିକୁ ନିର୍ଦ୍ଦେଶ ଦେଇଥିଲେ। ଯାହାକୁ ବିରୋଧ କରି ସ୍କୁଲ କର୍ତ୍ତୃପକ୍ଷ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ, କିନ୍ତୁ ଉଚ୍ଚ ନ୍ୟାୟାଳୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶାନାମାକୁ କାଏମ୍ ରଖି ଶିକ୍ଷା ବିଭାଗ ଏହାକୁ ତୁରନ୍ତ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ମାମଲାକୁ ଖାରଜ କରି ଦେଇଥିଲେ। ଏହି ନିର୍ଦ୍ଦେଶାନାମାକୁ ଲାଗୁ କରିବାପାଇଁ ପ୍ରଚେଷ୍ଟା ଚାଲିଥିବା ସମୟରେ ପରବର୍ତ୍ତୀ ଅବସ୍ଥାରେ କୋଭିଡ୍ ମହାମାରୀ ଯୋଗୁଁ ଦୀର୍ଘ ଦୁଇବର୍ଷ ଏହା କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଲା। କୋଭିଡ ମହାମାରୀ ଉପରାନ୍ତେ ତତ୍କାଳିନ ଶିକ୍ଷାମନ୍ତ୍ରୀ, ଗଣଶିକ୍ଷା ସଚିବ ଏବଂ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେଇଥିଲା, ଯେଉଁଥିରେ କି ପ୍ରତିଶ୍ରୁତି ଦିଆଗଲା କି ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ତୁରନ୍ତ ବ୍ୟବସ୍ଥା କରାଯିବ। ଏ ସମ୍ବନ୍ଧରେ ବିଧାନସଭାରେ ପଚରାଯାଇଥିବା ପ୍ରଶ୍ନରେ ଶିକ୍ଷାମନ୍ତ୍ରୀ ଉତ୍ତର ରଖିଥିଲେ କି, ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଯିବ। ପରବର୍ତ୍ତୀ ଅବସ୍ଥାରେ ୨୦୨୪ ମସିହାରେ ଶିକ୍ଷାମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ସଚିବ, ଓସେପା ନିର୍ଦ୍ଦେଶକ, ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ହୋଇଥିବା ବୈଠକରେ ନିଷ୍ପତି ନିଆଗଲା ତୁରନ୍ତ ଏହାକୁ କିଛି ସଂଶୋଧନ କରି କାର୍ଯ୍ୟକାରୀ କରାଯିବ। କିନ୍ତୁ ସାଧାରଣ ନିର୍ବାଚନ ନିମନ୍ତେ ଆଚରଣବିଧି ଲାଗୁ ହେବା ଯୋଗୁଁ ଏହା ସ୍ଥଗିତ ରହିଥିଲା, କିନ୍ତୁ ବର୍ତ୍ତମାନ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ଲକ୍ଷାଧିକ ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ତୁରନ୍ତ ଲାଗୁ କରିବା ନିମନ୍ତେ ନିର୍ଦ୍ଦେଶନାମା ଜାରି କରିବାକୁ ଫେଡେରେସନ୍ ତରଫରୁ ଦାବି କରାଯାଇଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ମଙ୍ଗଳବାର ୨୩ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
Tuesday 23 September 2025, Bhubaneswar

# ପାକିସ୍ତାନ ଦଳର ସୈନ୍ୟବାଦୀ ଅଭିବ୍ୟକ୍ତି



ଏସିଆ କପ୍ ୨୦୨୫ର ସୁପର୍ ଫୋର୍ ମ୍ୟାଚ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ମୁକାବିଲା କେବଳ କ୍ରିକେଟ୍ ମଇଦାନରେ ସୀମିତ ରହିନଥିଲା। ପାକିସ୍ତାନ ଦଳର କିଛି ଖେଳାଳିଙ୍କ ସୈନ୍ୟବାଦୀ ଅଭିବ୍ୟକ୍ତି ଏହି ମ୍ୟାଚ୍‌କୁ ବିବାଦର କେନ୍ଦ୍ରବିନ୍ଦୁରେ ପରିଣତ କରିଛି। ସାହିବଜାଦା ଫରହାନ୍ ନିଜର ଅର୍ଦ୍ଧଶତକ ପରେ ଏକ 'ଗନ୍ ଫାୟାରିଂ' ଅଭିବ୍ୟକ୍ତି କରିଥିଲେ, ଯାହାକୁ ଏକେ-୪୭ ବନ୍ଧୁକ ଚଳାଇବାର ଅନୁକରଣ ବୋଲି ବ୍ୟାଖ୍ୟା କରାଯାଇଛି। ସେହିପରି ହାରିସ୍ ରାଉଫ୍ ଭାରତୀୟ ପ୍ରଶଂସକଙ୍କୁ ଉଦ୍ଦେଶ୍ୟରେ '୬-୦' ଇଙ୍ଗିତ କରିଥିଲେ, ଯାହା ପାକିସ୍ତାନର ଏକ ମିଥ୍ୟା ଦାବିକୁ ସୂଚିତ କରୁଛି ଯେପରି ଅପରେସନ୍ ସମୟରେ ଛଅଟି ଭାରତୀୟ ବିମାନ ନଷ୍ଟ କରାଯାଇଥିଲା। ଏହି ଅଭିବ୍ୟକ୍ତିଗୁଡ଼ିକ କ୍ରିକେଟ୍‌ର ଆତ୍ମାକୁ ଆଘାତ ଦେଇଛି ଏବଂ ରାଜନୀତିକୁ କ୍ରୀଡ଼ା ସହିତ ମିଶ୍ରଣ କରିବାର ଏକ ଦୁର୍ଭାଗ୍ୟଜନକ ଉଦାହରଣ ସୃଷ୍ଟି କରିଛି।

କ୍ରିକେଟ୍ ହେଉଛି ଏକ ଏମିତି କ୍ରୀଡ଼ା ଯାହା ଦେଶଗୁଡ଼ିକୁ ଏକତ୍ର କରିବାର କ୍ଷମତା ରଖିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଥିବା ଐତିହାସିକ ବିରୋଧ ସତ୍ତ୍ୱେ, ଏହି ମ୍ୟାଚ୍‌ଗୁଡ଼ିକ ଲକ୍ଷ୍ୟ ଲକ୍ଷ୍ୟ ପ୍ରଶଂସକଙ୍କୁ ଏକ ସାଧାରଣ ମଞ୍ଚରେ ଆଣିଥାଏ। କିନ୍ତୁ ପାକିସ୍ତାନ ଖେଳାଳିଙ୍କର ଏହି କାର୍ଯ୍ୟକଳାପ ଏହି ଭାବନାକୁ ବିନଷ୍ଟ କରିଛି। ଫରହାନ୍‌ଙ୍କର 'ଗନ୍' ଅଭିବ୍ୟକ୍ତି ହିଂସାର ପ୍ରତୀକ ଭାବରେ ଦେଖାଯାଉଛି, ଯାହା କ୍ରିକେଟ୍‌ର ଶାନ୍ତିପୂର୍ଣ୍ଣ ପରିବେଶରେ ଅନୁପଯୁକ୍ତ। ଏହା କେବଳ ଭାରତୀୟ ପ୍ରଶଂସକଙ୍କୁ ଉତ୍ତେଜିତ କରିନାହିଁ, ବରଂ ରାଜନୈତିକ ବିବାଦକୁ ଜନ୍ମ ଦେଇଛି ଏବଂ ବଏକଟ୍ ଡାକରା ଉଠିଛି। ରାଉଫ୍‌ଙ୍କର '୬-୦' ଇଙ୍ଗିତ ଏକ ମିଥ୍ୟା ପ୍ରଚାରକୁ ଆଧାର କରିଛି, ଯାହା ସୈନ୍ୟ ସଂଘର୍ଷକୁ କ୍ରିକେଟ୍ ମଇଦାନରେ ଆଣିଛି।ଏହା ପାକିସ୍ତାନର 'ମୁଜାହିଦ୍' ମାନସିକତାକୁ ପ୍ରତିଫଳିତ କରୁଛି, ଯାହା କ୍ରୀଡ଼ାର ମୂଲ୍ୟବୋଧକୁ ହ୍ରାସ କରୁଛି।

ଏହି ଘଟଣା କ୍ରିକେଟ୍‌ରେ ରାଜନୀତିର ପ୍ରଭାବକୁ ଉଜାଗର କରୁଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଥିବା ତିକ୍ତତା କାରଣରୁ ମ୍ୟାଚ୍‌ଗୁଡ଼ିକ ପ୍ରାୟତଃ ଉତ୍ତେଜନାପୂର୍ଣ୍ଣ ହୋଇଥାଏ, କିନ୍ତୁ ଖେଳାଳିମାନେ ନିଜର ବ୍ୟକ୍ତିଗତ ବା ରାଷ୍ଟ୍ରୀୟ ରାଜନୈତିକ ଦୃଷ୍ଟିକୋଣକୁ ମଇଦାନରେ ଆଣିବା ଉଚିତ୍ ନୁହେଁ। ଏହା କ୍ରୀଡ଼ାର ନିରପେକ୍ଷତାକୁ ବିନଷ୍ଟ କରିଥାଏ ଏବଂ ପ୍ରଶଂସକଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିଥାଏ। ମ୍ୟାଚ୍ ପରେ ହ୍ୟାଣ୍ଡସେକ୍ ନ ହେବା ଏହି ବିରୋଧର ଏକ ପ୍ରତ୍ୟକ୍ଷ ଉଦାହରଣ। ଏହିପରି ଅଭିବ୍ୟକ୍ତିଗୁଡ଼ିକ ଯୁବକଙ୍କୁ ହିଂସାତ୍ମକ ମାନସିକତା ଆଡ଼କୁ ଆକର୍ଷିତ କରିପାରେ, ଯାହା ସମାଜ ପାଇଁ ବିପଦଜନକ।

ଆଇସିସିର ଭୂମିକା ଏଠାରେ ଗୁରୁତ୍ୱପୂର୍ଣ୍ଣ। ଏହି ସଂସ୍ଥା ଏପରି ଅଭିବ୍ୟକ୍ତିଗୁଡ଼ିକୁ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। ରାଉଫ୍‌ଙ୍କର ଅଭିବ୍ୟକ୍ତି ରାଜନୈତିକ ହୋଇଥିବାରୁ ଏହାକୁ ଶାସ୍ତି ଦିଆଯାଇ ପାରିବ କି ନାହିଁ ବୋଲି ପ୍ରଶ୍ନ ଉଠିଛି। ଆଇସିସି ନିୟମାବଳୀରେ ରାଜନୈତିକ ବାର୍ତ୍ତା ପ୍ରଦର୍ଶନକୁ ନିଷେଧ କରାଯାଇଛି, ତେଣୁ ଏହାର କାର୍ଯ୍ୟାନୁଷ୍ଠାନ ନେବା ଉଚିତ୍। ପାକିସ୍ତାନ କ୍ରିକେଟ୍ ବୋର୍ଡ ମଧ୍ୟ ନିଜର ଖେଳାଳିଙ୍କୁ ସଂଯମ ରଖିବାକୁ ନିର୍ଦ୍ଦେଶ ଦେବା ଦରକାର। ଏହା ନହେଲେ ଭବିଷ୍ୟତରେ ଏହିପରି ଘଟଣା ବଢ଼ିବ ଏବଂ କ୍ରିକେଟ୍‌ର ପ୍ରତିଷ୍ଠା ହ୍ରାସ ପାଇବ।

ଶେଷରେ, କ୍ରିକେଟ୍ ହେଉଛି ଏକ ଖେଳ, ଯୁଦ୍ଧ ନୁହେଁ। ପାକିସ୍ତାନ ଦଳର ଏହି ସୈନ୍ୟବାଦୀ ଅଭିବ୍ୟକ୍ତି କ୍ରୀଡ଼ାର ମର୍ଯ୍ୟାଦାକୁ ହ୍ରାସ କରିଛି ଏବଂ ଦୁଇ ଦେଶ ମଧ୍ୟରେ ଶାନ୍ତିର ସମ୍ଭାବନାକୁ ଆଘାତ ଦେଇଛି। ଆମେ ଆଶା କରୁଛୁ ଯେ ଏହି ଘଟଣାରୁ ଶିକ୍ଷା ନେଇ ଭବିଷ୍ୟତରେ କ୍ରିକେଟ୍ କେବଳ କ୍ରୀଡ଼ା ଭାବରେ ରହିବ। ଏହା ଦ୍ୱାରା ପ୍ରଶଂସକମାନେ ନିରାଶ ହୋଇଛନ୍ତି ଏବଂ ଏହାର ପୁନରାବୃତ୍ତି ରୋକିବା ଆବଶ୍ୟକ।

# ଆତ୍ମହତ୍ୟା ଓ ସଚେତନତା



ଯୁଧିଷ୍ଠିର ମହାରଣା

ଆବହମାନ କାଳରୁ ନିଜକୁ ହତ୍ୟା କରିବାର ପ୍ରବଣତା ମନୁଷ୍ୟ ଭିତରେ ରହିଛି। ପ୍ରାୟ ସବୁ ଧର୍ମଶାସ୍ତ୍ରରେ ଆତ୍ମହତ୍ୟା ଏକ ମହାପାପ ଭାବେ ବିବେଚିତ ଏବଂ ନିଜକୁ ନିଜେ ହତ୍ୟା କରିବା ଯେ ଏକ ପ୍ରକୃତି ବିରୋଧୀ କାର୍ଯ୍ୟ, ତାହା ମଣିଷକୁ ସତର୍କ କରାଯାଇଛି। ବୌଦ୍ଧଧର୍ମ ମତରେ, ମନରେ ଉଠୁଥିବା ଏଷଣଶ ଓ କାମନାର ଅପୂରଣୀୟତାକୁ ନେଇ ଯେଉଁମାନେ ନୈରାଶ୍ୟ ଜାଲରେ ଛନ୍ଦି ହୋଇ ଆତ୍ମହତ୍ୟା କରନ୍ତି, ସେମାନେ କେବଳ କର୍ମଫଳ ଭୋଗ ଚକ୍ରରେ ବ୍ୟାହତ ସୃଷ୍ଟି କରନ୍ତିନି ବରଂ ନୀଚ ଯୋନିରେ ଜନ୍ମ ହୋଇ ଅଶେଷ ଦୁଃଖ ଭୋଗ କରିବା ନିମନ୍ତେ ସଂସାର ଚକ୍ରରେ ବାରମ୍ବାର ନିପତିତ ହୁଅନ୍ତି। ଫଳତଃ ଜନ୍ମ-ମୃତ୍ୟୁ-ଜରା-ବ୍ୟାଧିର ସଂସାର ଚକ୍ର ସେମାନଙ୍କ ପାଇଁ ଅସରନ୍ତି ପାଲଟି ଯାଏ। ଏପରିକି ଆମ ହିନ୍ଦୁ ଶାସ୍ତ୍ରରେ ଆତ୍ମହତ୍ୟା ନିଷେଧ ସମ୍ବନ୍ଧିତ ଅନେକ ଭୟଙ୍କର ପରିସ୍ଥିତିର ବ୍ୟାଖ୍ୟା ରହିଛି। ଏହା ସତ୍ୟ ଯେ ମନୁଷ୍ୟ ବ୍ୟତୀତ ଅନ୍ୟ କୌଣସି ଜୀବ ନିଜକୁ ହତ୍ୟା କରିବାର ଦୃଷ୍ଟାନ୍ତ ନାହିଁ। ପୂର୍ବାପେକ୍ଷା ଆଜିର ପ୍ରଯୁକ୍ତିବିଦ୍ୟାର ବଜାରଭିତ୍ତିକ ଆଧୁନିକ ସମାଜରେ ବେଶୀ ଆତ୍ମହତ୍ୟା ଦୃଷ୍ଟିଗୋଚର ହୁଏ। ଏବେ ଏକ ଆନ୍ତର୍ଜାତିକ ରିପୋର୍ଟ ଅନୁସାରେ ଭାରତରେ ୧୮ରୁ ୩୯ ବର୍ଷ ବୟସର ଲୋକମାନଙ୍କ ଭିତରେ ଆତ୍ମହତ୍ୟା ମୃତ୍ୟୁର ଏକ ଅଗ୍ରଗାମୀ କାରଣ ଭାବେ ଉଭା ହୋଇଛି। ଦେଶରେ ପ୍ରତିଦିନ ୬୩୦ଜଣ ଆତ୍ମହତ୍ୟା କରୁଥିବାବେଳେ ରିପୋର୍ଟ ପ୍ରକାଶ ପାଇବା ଦିନ ଜଣେ ୧୮ ବର୍ଷୀୟ ଇଞ୍ଜିନିୟରିଂ ଛାତ୍ର ଆତ୍ମହତ୍ୟା କରିଛି ଯିଏକି ତାର ଆତ୍ମହତ୍ୟା ଚିଠିରେ ଆତ୍ମହତ୍ୟାର କାରଣ 'ଇଞ୍ଜିନିୟରିଂ ଆଘାତ' ବୋଲି ଉଲ୍ଲେଖ କରିଛି। ଅଧିକାଂଶ ଯୁବକ ଆର୍ଥିକ ସମସ୍ୟା, ପାଠପଢ଼ାର ବୋଝ, ପରୀକ୍ଷାର ଚାପ, ବିଚ୍ଛିନ୍ନ ସମ୍ପର୍କ ଇତ୍ୟାଦି କାରଣ ଯୋଗୁଁ ଭାବପ୍ରବଣତାର ଶିକାର ହୋଇ ଜୀବନ ହାରି ଦିଅନ୍ତି। ୨୦୨୪ରେ ଘଟିଥିବା ସର୍ବମୋଟ ୨, ୮୪, ୩୧୪ ଆତ୍ମହତ୍ୟା ମଧ୍ୟରୁ ମହିଳାଙ୍କ ହାର ହେଉଛି ୭୧.୨ ଏବଂ ପୁରୁଷଙ୍କ ହାର ହେଉଛି ୫୭.୭ ପ୍ରତିଶତ। ସମଗ୍ର ପୃଥିବୀରେ ଯୁବ ସମ୍ପ୍ରଦାୟଙ୍କ କ୍ଷେତ୍ରରେ ଆତ୍ମହତ୍ୟା ସବୁଠାରୁ ଅଧିକ। ପୃଥିବୀର ସର୍ବମୋଟ ଜନସଂଖ୍ୟାର ୧୭.୮ ପ୍ରତିଶତ ଲୋକ ଭାରତରେ ବାସ କରନ୍ତି। କିନ୍ତୁ ପୃଥିବୀର ସର୍ବମୋଟ ଆତ୍ମହତ୍ୟାର ୩୬.୬ ପ୍ରତିଶତ ମହିଳା ଓ ୨୪.୩ ପ୍ରତିଶତ ପୁରୁଷ ଭାରତରେ ଆତ୍ମହତ୍ୟା କରନ୍ତି। ଭାରତରେ ଆତ୍ମହତ୍ୟା କ୍ଷେତ୍ରରେ ମହିଳାମାନଙ୍କ ଅନୁପାତ ହେଉଛି ୨:୧ ଯାହା ବିଶ୍ୱ ପରିସଂଖ୍ୟାନ ଠାରୁ ଅଧିକ କାହିଁକି ନା ସମଗ୍ର ବିଶ୍ୱରେ ବେଶୀ ପୁରୁଷ ଆତ୍ମହତ୍ୟା କରିଥାନ୍ତି। ଭାରତରେ ବେଶୀ ବିବାହିତା ମହିଳା ଆତ୍ମହତ୍ୟା କରନ୍ତି। ଏହା ଅବଶ୍ୟ ଚିନ୍ତାର ବିଷୟ।

ଏହି ସୁନ୍ଦର ସୃଷ୍ଟିରେ ମଣିଷ କାହିଁକି ନିଜକୁ ହତ୍ୟା କରେ, ତାହାର ଅନେକ କାରଣ ମନୋବିଜ୍ଞାନୀମାନେ ଦର୍ଶାଇଛନ୍ତି। ଏତଦ୍ ବ୍ୟତୀତ ଆଜିର ପ୍ରତିଯୋଗିତାମୂଳକ ସମାଜରେ ମଣିଷ ସିଜୋଫ୍ରେନିଆ, ବାଇପୋଲାର, ମାନସିକ ବ୍ୟର୍ଥତା ଭଳି ମାରାତ୍ମକ ମାନସିକ ରୋଗର ମଧ୍ୟ ବହୁ ମାତ୍ରାରେ ଶିକାର ହେଉଛି। ଏତାଦୃଶ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ମଧ୍ୟରୁ ପ୍ରତ୍ୟେକ ଦଶ ଜଣରେ ଆତ୍ମହତ୍ୟା କରିଥାନ୍ତି ବୋଲି ମାନସିକ ରୋଗ ବିଶେଷଜ୍ଞମାନେ ମତ ଦିଅନ୍ତି। ଏଠାରେ ଉଲ୍ଲେଖନୀୟ, ଭାରତର ପୂର୍ବତନ ରାଷ୍ଟ୍ରପତି ବୈଜ୍ଞାନିକ ଏପିଜେ ଅବଦୁଲ କଲାମ ତାଙ୍କ ପୁସ୍ତକ ଭାରତ ୨୦୨୦ରେ ସତର୍କ ବାଣୀ ଶୁଣାଇ ଲେଖିଛନ୍ତି ଯେ ଭାରତ ନିଶ୍ଚିତ ଭାବରେ ଭବିଷ୍ୟତରେ ଏକ ବିକଶିତ ରାଷ୍ଟ୍ର ହେବ ଏବଂ ଶିଳ୍ପ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଅଭୂତପୂର୍ବ ଅଗ୍ରଗତି କରିବ, କିନ୍ତୁ ବିକଶିତ ଭାରତରେ ଯେଉଁ କେତେକ ସମସ୍ୟା ଉତ୍କଟ ରୂପ ଧାରଣ କରିବ, ସେଥି ମଧ୍ୟରୁ ଆତ୍ମହତ୍ୟା ଅନ୍ୟତମ। ଉକ୍ତ ପୁସ୍ତକରେ ଦର୍ଶାଯାଇଛି ଯେ ଏଭଳି ପରିସ୍ଥିତିର ମୁକାବିଲା ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା ଓ ଭିତ୍ତିଭୂମିକୁ ଆଧାର କରି ଜୀବନଶୈଳୀକୁ ବିଶେଷକରି ଯୁବ ସମ୍ପ୍ରଦାୟଙ୍କ ମଧ୍ୟରେ ପୁନଃ ଜାଗ୍ରତ କରିବା ଭଳି ପଦକ୍ଷେପ ନେବାକୁ ପଡ଼ିବ। ଏହାର ଅର୍ଥ, ଭାରତର ମୂଳ ଶାସ୍ତ୍ର ବେଦ, ଉପନିଷଦ, ବେଦାନ୍ତ ମଣିଷକୁ କେବଳ ଆହାର, ନିଦ୍ରା, ମୈଥୁନର ଜୀବ ଭାବରେ ଦେଖିନାହିଁ ବରଂ ମହାଚେତନାର ଅଂଶ ଭାବେ ପ୍ରମାଣିତ କରିଛି ଯାହା ଏହି ଭୌତିକ ଜଗତକୁ ଅତିକ୍ରମ କରିବାର ସାମର୍ଥ୍ୟ ରଖିଛି। ମନୁଷ୍ୟର ଚେତନା ଯଦି ବ୍ୟକ୍ତିକୈନ୍ଦ୍ରିକ ଓ ଆକାଶଚୁମ୍ବୀ ଆଶା ସହିତ ଜଡ଼ିତ ହୁଏ, ତେବେ ତାର ଚେତନା ଦେହ, ମନ, ଇନ୍ଦ୍ରିୟ, ବୁଦ୍ଧି ଭଳି ନିମ୍ନ ସ୍ତରରେ ଅଟକି ଯିବା ସାର ହେବ ଯେଉଁଠି ନୈରାଶ୍ୟ ଓ ମାନସିକ ଚାପ କବଳରେ ପଡ଼ିଯାଇ ଆତ୍ମହତ୍ୟାର ଶିକାର ହେବା ସହଜ ହେବ। ମୋଟ ଉପରେ କହିବାକୁ ଗଲେ, ପ୍ରତ୍ୟେକ ମନୁଷ୍ୟ ଆସ୍ତିକ ହେଉ ବା ନାସ୍ତିକ, ବୁଝିବା ଉଚିତ ଯେ ଜଡ଼ ଓ ଚେତନା ସମ୍ମିଶ୍ରିତ ଜୀବନ ପ୍ରକୃତିର ଏକ ଅବଦାନ ଯାହାକୁ ସଫଳତା ଓ ବିଫଳତାର ଦ୍ୱାହି ଦେଇ ଆମର ନଷ୍ଟ କରିବାର ଅଧିକାର ନାହିଁ। ଆଶା ଓ ନିରାଶା, ଦୁଃଖ ଓ ସୁଖର ଲୁଚକାଳି ଖେଳ ମଣିଷ ମନରେ ଘଟିବ ହିଁ ଘଟିବ। ସେସବୁ ଆବେଗ ସହିତ ନିଜକୁ ବାନ୍ଧି ହର୍ଷୋତ୍‌ଫୁଲ୍ଲତା କି ନୈରାଶ୍ୟରେ ନିଜକୁ ଭସାଇ ଦେବା ଉଚିତ ନୁହେଁ। ଆଜିର ଶିକ୍ଷା ପ୍ରଣାଳୀରେ ଏପରି ଦାର୍ଶନିକ ଭାବଧାରା ସାମିଲ ହେବା ଉଚିତ। ଭାରତରେ ବି ମେଣ୍ଟାଲ ହେଲ୍‌ଥ କେୟାର ଆକ୍ଟ -୨୦୧୭ରେ ମାନସିକ ରୋଗର ନିରାକରଣ ପାଇଁ ବିଧି ବ୍ୟବସ୍ଥା ହୋଇଛି। ସେହି ଆଇନରେ ମନୋବିଜ୍ଞାନୀମାନଙ୍କ ପରାମର୍ଶ, ସାମାଜିକ କର୍ମୀଙ୍କ ନିଯୁକ୍ତି ଭଳି ଅନେକ ପ୍ରକାର ଉତ୍ତମ ବ୍ୟବସ୍ଥା ବି ରହିଛି। ତେବେ କେବଳ ଆଇନ ଭିତରେ ଏହାକୁ ସୀମିତ ରଖିଲେ ଚଳିବନି, ସେଗୁଡ଼ିକ କାର୍ଯ୍ୟକାରୀ ହେଲେ ହିଁ ଆତ୍ମହତ୍ୟାକୁ ଟାଳି ହେବ। ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ନିଯୁକ୍ତି ଯେତେ ମାତ୍ରାରେ ଅଧିକ ହେବ, ସେତେ ମାତ୍ରାରେ ମହିଳାମାନଙ୍କ ଆତ୍ମହତ୍ୟା ପ୍ରବଣତାର ଅବସାନ ଘଟିବ ଯେମିତି ଚୀନରେ ସମ୍ଭବ ହୋଇଛି। ଆତ୍ମହତ୍ୟାକୁ ଏକ ଉତ୍କଟ ସାମାଜିକ ବ୍ୟାଧି ଭାବରେ ଆମକୁ ଗ୍ରହଣ କରିବାକୁ ହେବ। ଏଥିପାଇଁ ସରକାରଙ୍କ ଉପରକୁ କେବଳ ଦାୟିତ୍ୱ ଖସାଇ ଦେଇ ଆମେ ନିରବଦ୍ରଷ୍ଟା ସାଜିଲେ ଲାଭ ହେବନାହିଁ। ସରକାର, ମନୋବିଜ୍ଞାନୀ, ସାମାଜିକକର୍ମୀ, ମନସ୍ତାତ୍ତ୍ୱିକ ପରାମର୍ଶଦାତା, ଧାର୍ମିକ, ବ୍ୟକ୍ତିବିଶେଷ, ଦାର୍ଶନିକ, ବୁଦ୍ଧିଜୀବୀ ଓ ଶିକ୍ଷକଙ୍କ ଭଳି ବିଜ୍ଞଜନମାନେ ଏ ବାବଦରେ ସଚେତନତା ସୃଷ୍ଟି ପାଇଁ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ସ୍ତରରେ ପ୍ରୟାସ କରିବା ଉଚିତ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ଦୂରଭାଷ: ୯୪୩୭୧୬୩୫୨୮**

# ମହାଳୟା ଓ ପୃଥିବୀ ମାତାଙ୍କ ଆଗମନ



ଡକ୍ଟର ଲକ୍ଷ୍ମଣ ସାହୁ

ମା' ହେଉଛି ଶକ୍ତି। ମା' ଜୀବନ ଦେବା ସହିତ ଜୀବନ ସୃଷ୍ଟି କରନ୍ତି। ଅସ୍ତିତ୍ୱର ପ୍ରତ୍ୟେକ ସୃଜନଶୀଳ ଶକ୍ତି ହେଉଛି ମାତା। ପୃଥିବୀ ଓ ପ୍ରକୃତି ହେଉଛି ମାତା। ପଶୁ ଓ ଉଦ୍ଭିଦ ମଧ୍ୟ ମାତା ରୂପରେ ବିଦ୍ୟମାନ। ପାଞ୍ଚଟି ଉପାଦାନରେ ନିର୍ମିତ ଶରୀର ମାତୃ ଗର୍ଭରେ ସୃଷ୍ଟି ହୁଏ। ତେଣୁ ମାତାଙ୍କର ସ୍ଥାନ ଦେବତା ଓ ପିତୃପୁରୁଷଙ୍କ ଅପେକ୍ଷା ବଡ଼ ଅଟେ। ମହାଳୟା ଅମାବାସ୍ୟା ଦିନ ପିତୃ ପୁରୁଷମାନଙ୍କୁ ସକାଳେ ଶ୍ରଦ୍ଧା ସହକାରେ ତର୍ପଣ କରି ବିଦାୟ ଦିଆଯାଇ ସନ୍ଧ୍ୟାରେ ମା' ଦୁର୍ଗାଙ୍କୁ ପୃଥିବୀକୁ ଆସିବା ପାଇଁ ପୂଜା କରାଯାଇଥାଏ। ଶୁଭକାମନା ମା'ଙ୍କ ଆଗମନ ଦ୍ୱାରା ଚିହ୍ନିତ। ବର୍ଷା ପରେ ଜୀବନର ଉତ୍ପତ୍ତି ଓ ଏହି ବ୍ରହ୍ମାଣ୍ଡରେ ଏହାର ଗତିଶୀଳତା ପାଇଁ ଜଗନ୍ମାତାର ଆଗମନ ନିମନ୍ତେ ମହାଳୟା ଆହ୍ୱାନ ଯେମିତି ମନେହୁଏ।

ନବରାତ୍ରୀ ଓ ପିତୃପୁରୁଷଙ୍କ ମିଳନକୁ ମହାଳୟା କୁହାଯାଏ। ନବରାତ୍ରୀ ଏକ ହିନ୍ଦୁ ପର୍ବ ଓ ଏହା ନଅ ରାତି ଓ ଦଶ ଦିନ ଧରି ପ୍ରତିବର୍ଷ ଶରତ ଋତୁରେ ପାଳନ କରାଯାଇଥାଏ। ଏହା ବିଭିନ୍ନ କାରଣରୁ ଏବଂ ଭାରତୀୟ ସାଂସ୍କୃତିକ କ୍ଷେତ୍ରର ବିଭିନ୍ନ ଭାଗରେ ଭିନ୍ନ ଭିନ୍ନ ଭାବେ ପାଳନ କରାଯାଇଥାଏ। ସମୟରେ ଗୋଟିଏ ପଟରେ ଘରେ ମା' ଦୁର୍ଗାଙ୍କ ଆଗମନ ପାଇଁ ପୂଜା କରାଯାଇଥାଏ ଓ ପିତୃପୁରୁଷଙ୍କୁ ଜଳ ଅର୍ପଣ କରି ସେମାନଙ୍କୁ ନିଜ ଦୁନିଆରେ ଖୁସି ରହିବାକୁ ତଥା ପରିବାର ସଦସ୍ୟଙ୍କ ଉପରେ ସର୍ବଦା ଦୟାଳୁ, ଆଶୀର୍ବାଦ ନଜର ରଖିବାକୁ ଅନୁରୋଧ କରାଯାଏ। ମହାଳୟା ଅମାବାସ୍ୟା ସକାଳେ ପିତୃପୁରୁଷମାନେ ପୃଥିବୀକୁ ବିଦାୟ ନେଇଥିଲେ ଓ ସନ୍ଧ୍ୟାରେ ମାତା ଦୁର୍ଗା ତାଙ୍କର ଯୋଗୀ ଓ ପୁତ୍ର ଗଣେଶ ତଥା କାର୍ତ୍ତିକେୟଙ୍କ ସହ ପୃଥିବୀରେ ଅବତରଣ କରିଥିଲେ।

ଶତାବ୍ଦୀ ଶତାବ୍ଦୀ ଧରି ଭାରତୀୟ ସଂସ୍କୃତିରେ ମହାଳୟା ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ଏହି ଦିନ ସ୍ୱତନ୍ତ୍ର ପୂଜା କରାଯାଏ। ଏହି ଦିନ ଜଗନ୍ମାତାଙ୍କୁ ଏକ ଝିଅ ରୂପରେ ନିମନ୍ତ୍ରଣ କରାଯାଏ। ଏହି ଦିନ ଦେବୀ ମା' ଦୁର୍ଗାଙ୍କ ମୂର୍ତ୍ତି ଚିତ୍ରିତ ହେବା ସହିତ ତାଙ୍କୁ ଚକ୍ଷୁ ଦାନ କରାଯାଏ। ତାଙ୍କର ବିଗ୍ରହ ବା ପ୍ରତିମାକୁ ଅତ୍ୟନ୍ତ ମନୋରମ ମଣ୍ଡପ ସଜାଯାଏ। ମା ଦୁର୍ଗାଙ୍କ ମୂର୍ତ୍ତି ତିଆରି କରୁଥିବା କାରିଗରମାନେ ସେମାନଙ୍କ କାର୍ଯ୍ୟକୁ ଆଗରୁ ନିକ୍ଷୁଣ ଭାବରେ ଆରମ୍ଭ କରନ୍ତି କିନ୍ତୁ ମହାଳୟା ଦିନ ମୂର୍ତ୍ତିକୁ ଅନ୍ତିମ ସ୍ପର୍ଶ ଦିଅନ୍ତି। ମହାଳୟା ଦିନ ପିତୃ ପୁରୁଷ ଶ୍ରାଦ୍ଧ ତର୍ପଣ ଶେଷ ହୁଏ ଓ ଦେବୀ ମା'ଙ୍କ ପାକ୍ ଏହି ଦିନଠାରୁ ଆରମ୍ଭ ହୁଏ। ପିତୃ ପାକ୍ ପରି ଦେବୀ ପାକ୍ ମଧ୍ୟ ୧୫ ଦିନ ପର୍ଯ୍ୟନ୍ତ ଚାଲେ। ଯେଉଁଥିରୁ ଦଶ ଦିନ ମୁଖ୍ୟ କାର୍ଯ୍ୟ ଆରାଧନା ଓ ସମର୍ପଣର ଭାବ ଅଛି । ଯାହା କେବଳ ନବରାତ୍ରୀ ସମୟରେ ଘଟିଥାଏ ଓ ୧୫ ଦିନରେ ଲକ୍ଷ୍ମୀ ପୂଜା ସହିତ ସମାପନ କରାଯାଏ।

ଏହି ଦିନ ଦେବୀ ମହାମାୟା (ଚଣ୍ଡୀ) ପାଠ ପଠନ ପାରମ୍ପାରିକ ଭାବରେ କରାଯାଏ। ଯାହାକି ଦେବୀ ଦୁର୍ଗାଙ୍କ ଜନ୍ମ ଓ ରାକ୍ଷସ ରାଜା ମହିଷାସୁରା ଉପରେ ତାଙ୍କର ଚରମ ବିଜୟ ବର୍ଣ୍ଣନା କରାଯାଇଥାଏ। ମହାଳୟା ଦିନ ଦେବତା ଓ ଦେବୀମାନେ ରାକ୍ଷସ ମହିଷାସୁରାକୁ ଶେଷ କରିବା ପାଇଁ ମାତା ଦୁର୍ଗାଙ୍କୁ ନିବେଦନ କରିଥିଲେ। ମହାଳୟା କାହାଣୀ ଅନୁଯାୟୀ ଯେତେବେଳେ ପ୍ରଭୁ ରାମ ରାବଣଙ୍କୁ ପରାସ୍ତ କଲେ, ସେତେବେଳେ ସେ ତାଙ୍କ ପୂର୍ବପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ମହାଳୟା ଉପବାସ ପାଳନ କରିଥିଲେ। ଏହି ଉପବାସର ପ୍ରଭାବ ସହିତ ସେମାନଙ୍କର ପୂର୍ବପୁରୁଷମାନେ ପରିତ୍ରାଣ ବା ନର୍କରୁ ମୁକ୍ତି ପାଇଥାନ୍ତି। ପୃଥିବୀ ଦେବୀ ପାର୍ବତୀଙ୍କ ମାତୃ ଘର ବୋଲି ବିଶ୍ୱାସ କରାଯାଏ।

ତେଣୁ ଏହି ନବରାତ୍ରୀରେ ଅର୍ଥାତ୍ ନଅ ଦିନ ପାଇଁ ମାତା ତାଙ୍କ ମାତୃ ଘରକୁ ଆସନ୍ତି। ପୃଥିବୀରେ ବାସ କରୁଥିବାଭକ୍ତଙ୍କ ଦୁଃଖ ଦୂର କରନ୍ତି ଓ ଆସୁରିକ ଶକ୍ତିଗୁଡ଼ିକୁ ମଧ୍ୟ ନଷ୍ଟ କରନ୍ତି। ପାର୍ବତୀ ହିମାଳୟଙ୍କ ଝିଅ ଓ ହିମାଳୟ ପୃଥିବୀର ରାଜା ଥିଲେ। ମାତା ପାର୍ବତୀ ଜଗତପିତା ଭୋଳେନାଥଙ୍କୁ ବିବାହ କରିଛନ୍ତି। ସେହି ଦୃଷ୍ଟିରୁ ମାତା ପାର୍ବତୀଙ୍କୁ ଜଗତମାତା କୁହାଯାଏ। ମହାଳୟା ଦିନ, ମାତା ପାର୍ବତୀ ତାଙ୍କ ମାତୃ ଘରକୁ ଆସିବା ପରେ କୈଳାଶ ପର୍ବତକୁ ବିଦାୟ ଦିଅନ୍ତି।

ତେଣୁ ମହାଳୟା ଦିନ ମାତାଙ୍କୁ ସ୍ୱାଗତ କରିବା ପାଇଁ ଏକ ପ୍ରକାର ସଂକଳ୍ପ ସ୍ୱରୂପ ଶପଥ ନିଆଯାଇ ବିଶେଷ ପ୍ରାର୍ଥନା କରାଯାଏ। ମହାଳୟା ଓ ନଅ ଦିନର ଆରାଧନା ଦ୍ୱାରା, ଯେ କେହି ଜୀବନରେ ଶକ୍ତି, ସଂଯମତା, ନିଷ୍ଠା ଓ ସାଧନାର ଫଳପ୍ରଦ ଲାଭ କରିଥାଏ। ମହାଳୟାରୁ ନଅ ଦିନର ଏହି ସ୍ୱାତିକ ଯାତ୍ରାର ଅସ୍ତିତ୍ୱର ଏହି ବିବିଧ ସୃଜନଶୀଳ ରୂପକୁ ଭକ୍ତ ସ୍ମରଣ ରଖିଛି।

ଶୈଳ ପୁତ୍ରୀ ରୂପରେ ଭକ୍ତମାନେ ଆତ୍ମ-ସମ୍ମାନ ଓ ଦୃଢ଼ ଇଚ୍ଛାଶକ୍ତି ସହିତ ଦେବୀଙ୍କୁ ଦେଖୁଥିବାବେଳେ ବ୍ରହ୍ମଚାରିଣୀଙ୍କୁ ସ୍ଥିର ମନ ଓ ସଂଘର୍ଷଶୀଳ ଆତ୍ମା ସ୍ୱରୂପ ହେବାକୁ ପଡ଼େ। ମା'ଙ୍କର ଅନ୍ୟ ଦୁଇନାମ ହେଲା ଅପର୍ଣ୍ଣା ଓ ଉମା। ଦେବୀଙ୍କ ଏହି ରୂପ ତପସ୍ୟାର ତେଜରେ ତେଜୋଦୀପ୍ତ ହୋଇଥାଏ। ତାଙ୍କ



ଡାହାଣ ହାତରେ ମନ୍ତ୍ର ଜପାମାଳି ଓ ବାମ ହାତରେ କମଣ୍ଡଳୁ ଶୋଭାପାଏ। ଭକ୍ତ ନିଜ ମନକୁ ସ୍ୱାଧିଷ୍ଠାନ ଚକ୍ରରେ ଅବସ୍ଥାପିତ କରି ଆରାଧନା କରିଥାନ୍ତି। ଚନ୍ଦ୍ରଘଂଟାଙ୍କ ସ୍ୱରୂପ ଉଗ୍ରରୂପା ଦେବୀ ଦଶଭୁଜା ଓ ବ୍ୟାଘ୍ର/ ସିଂହ ଉପରେ ବିରାଜମାନ। ଅନେକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତା ଦେବୀଙ୍କର ମୁଦ୍ରା ଯୁଦ୍ଧାଭିମୁଖୀ ହୋଇଥାଏ। କଲ୍ୟାଣକାରୀ ପ୍ରକୃତି ଲାଭଦାୟକ, ଯେପରି, ସେ ଜଗତରେ ଲାଳନପାଳନ କରନ୍ତି, ତାଙ୍କୁ ଶକ୍ତି ଭାବରେ ବିବେଚନା କରାଯାଏ। କୁଷ୍ମାଣ୍ଡା ପୌରାଣିକ ମତେ ଦେବୀଙ୍କ ହସରୁ ବ୍ରହ୍ମାଣ୍ଡ ସୃଷ୍ଟି। ଭକ୍ତ ନିଜ ମନକୁ ଅନାହତ ଚକ୍ରରେ ଅବସ୍ଥାପିତ କରି ଆରାଧନା କରିଥାଏ।

ନବରାତ୍ର ଷଷ୍ଠ ଦିବସରେ କାତ୍ୟାୟନୀ ଦେବୀଙ୍କୁ ଏହି ସ୍ୱରୂପରେ ଉପାସନା କରାଯାଏ। ମହର୍ଷି କାତ୍ୟାୟନଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଦେବୀ ତାଙ୍କର କନ୍ୟା ରୂପରେ ଜନ୍ମ ହୋଇଥିଲେ, ବୋଲି ଦେବୀଙ୍କ ନାମ କାତ୍ୟାୟନୀ। ଭଗବାନ କୃଷ୍ଣଙ୍କୁ ପତି ରୂପେ ପାଇବାକୁ ବ୍ରଜଗୋପୀମାନେ ଦେବୀ କାତ୍ୟାୟନୀଙ୍କୁ ଆରାଧନା କରିଥିଲେ। ତେଣୁ ଦେବୀଙ୍କୁ ଏକ ଗର୍ଭଧାରଣ ଶକ୍ତି ଭାବେ ଗ୍ରହଣ କରାଯାଏ। ସେ ସନ୍ତାନ ଜନ୍ମ ଦେଇଥାନ୍ତି ଓ ମହିଳାମାନଙ୍କ ସୃଜନଶୀଳ ସମ୍ଭାବନାକୁ ବଢ଼ାଇଥାନ୍ତି। ସ୍କନ୍ଦ ଦେବୀ ଅର୍ଥାତ୍ କୁମାର କାର୍ତ୍ତିକେୟଙ୍କ ମାତା ହୋଇଥିବାରୁ ତାଙ୍କୁ ସ୍କନ୍ଦମାତା କୁହାଯାଏ। କାତ୍ୟାୟନୀ ରକ୍ଷକ ଅଟନ୍ତି। ମାତାଙ୍କ ରୂପ ହେଉଛି ଏହି ଜଗତର ସନ୍ତୁଳନ ଓ ସମନ୍ୱୟର ଏକ ପ୍ରତି ନକଲ। ନବରାତ୍ରର ନବମ ବା ଶେଷ ଦିବସରେ ସିଦ୍ଧିଦାତ୍ରୀ ଦେବୀଙ୍କୁ ଏହି ସ୍ୱରୂପରେ ଉପାସନା କରାଯାଏ। ଦେବୀ ପଦ୍ମାସନା ଦେବୀ ଚତୁର୍ଭୁଜା ଓ ହାତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରିଥାନ୍ତି। ଯେଉଁଠାରେ ମା'ମାନେ ସେମାନଙ୍କର ପିଲାମାନଙ୍କର ଯତ୍ନ ନିଅନ୍ତି ଓ କାଳରାତ୍ରୀ ମାଧମରେ ଜୀବନର ପ୍ରକୃତ ଚେତନାକୁ ମନେ ରଖନ୍ତି। ସେତେବେଳେ କି ମହାଗୌରୀ ସିଦ୍ଧିଦାତ୍ରୀ ରୂପ ଜ୍ଞାନରେ ପରିପୂର୍ଣ୍ଣ। ମାତାଙ୍କର ନଅ ଦୁର୍ଗା ଧର୍ମ ହେଉଛି ଆମ ଜୀବନର ବିକାଶର ପର୍ଯ୍ୟାୟ ଓ ଏହାର ବହୁମୁଖୀ ବ୍ୟକ୍ତିତ୍ୱର ପ୍ରତିଛବି।

କହିବା ବାହୁଲ୍ୟ ଦେବୀଙ୍କ ଦ୍ୱାରା ଉପାସନା ଅନୁତାପ, ତ୍ୟାଗ, ନୈତିକତା ଓ ସଂଯମତାର ଭାବନାକୁ ଜାଗ୍ରତ କରେ। ନବରାତ୍ରିର ନବମୀ ଦିନରେ ମାତା ସିଦ୍ଧିଦାତ୍ରୀଙ୍କୁ ଯେଭଳି ପୂଜା କରାଯାଏ ଶେଷ ପୂଜାରେ ମାତା ଜଗଦମ୍ବା ହେଉଛନ୍ତି ବାଣୀରୂପା। ସେ ମଧ୍ୟ ବକ୍ତବ୍ୟ, ବୁଦ୍ଧି ଓ ଜ୍ଞାନ ପ୍ରଦାନକାରୀ। ଦେବୀ ଦୁର୍ଗାଙ୍କର ଏହି ଦ୍ୱିତୀୟ ରୂପ ଭକ୍ତ ଓ ସିଦ୍ଧଙ୍କୁ ଅସମ୍ପୂର୍ଣ୍ଣ ଫଳାଫଳ ଦେଇଥାଏ। ସମସ୍ତ ପୂଜା ଧାନରୁ ଆରମ୍ଭ ହୁଏ। ଯାହା ହଜାର ହଜାର ବର୍ଷ ଧରି ଏହି ପରମ୍ପରା ପାଳନ ହୋଇ ଆସୁଅଛି। ମାତା ଭଗବତୀଙ୍କ ଅନୁଗ୍ରହରେ ଅନ୍ତର୍ନିହିତ ଶକ୍ତି ଜାଗ୍ରତ କରିବାର ଏହା ଏକ ସୁଯୋଗ। ଦୁର୍ଗା ପୂଜା ରୀତିନୀତିରେ ୬୪ଯୋଗିନୀ ଓ ଆଠଟି ଶକ୍ତି ପୂଜା କରାଯାଏ। ଏମାନେ ଅଷ୍ଟ ଶକ୍ତି ଭାବରେ ମଧ୍ୟ ଜଣାଶୁଣା। ଭାରତର ବିଭିନ୍ନ ସ୍ଥାନରେ ଭିନ୍ନ ଭାବରେ ବ୍ୟାଖ୍ୟା କରାଯାଇଥାଏ। ପରିଶେଷରେ ସମସ୍ତ ଦେବୀମାନେ ଶକ୍ତି ଭାବରେ ଜଣାଶୁଣା , ଶକ୍ତିଶାଳୀ ଶକ୍ତି ପ୍ରଦର୍ଶନ କରନ୍ତି ବୋଲି ବିଶ୍ୱାସ ରହିଛି। ଏହି ଶକ୍ତିଗୁଡ଼ିକ ସମାନ ଶକ୍ତିଶାଳୀ ଈଶ୍ୱରୀୟ ନାରୀ, ତାଙ୍କ ଶକ୍ତିର ବିଭିନ୍ନ ଦିଗକୁ ପ୍ରକାଶ କରନ୍ତି। ପବିତ୍ର ଆତ୍ମାଙ୍କର ବିଭିନ୍ନ ଉପାଦାନକୁ ଜାଗ୍ରତ କରିବା ଓ ଆହ୍ୱାନ କରିବା ପାଇଁ ଏହା କରାଯାଇଥାଏ।

ଆମ ଭିତରେ ଏକ ଆତ୍ମା ଅଛି। ସେହି ପ୍ରାଣର ଅନେକ ପ୍ରକାରରତା ଅଛି, ଯାହାର ଅନେକ ନାମ ଅଛି, ଅନେକ ସୂକ୍ଷ୍ମ ଧର୍ମ ଓ ନବରାତ୍ରୀ ଏସବୁ ସହିତ ଜଡିତ ଅଛି। ଦେବୀ ଦୁର୍ଗା ବସ୍ତୁ ଜଗତରେ ଅଗ୍ରଗତି ପାଇଁ ଆଶୀର୍ବାଦ ସହିତ ଭକ୍ତଙ୍କ ଇଚ୍ଛା ପୂରଣ କରିବା ଜାରି ରଖନ୍ତି। ଯାହାଫଳରେ ଭକ୍ତ ସନ୍ତୁଷ୍ଟ ହୋଇ ନିଜ ଜୀବନ ପଥରେ ଆଗକୁ ବଢ଼େ। ଏହି ପୃଥିବୀରେ ଏସମସ୍ତ ଉପାଦାନକୁ ଡାକିବା, ଜାଗ୍ରତ କରିବା ଓ ଉପାସନା କରିବା ହେଉଛି ନବରାତ୍ରୀ ପର୍ବର ଲକ୍ଷ୍ୟ।

ଅନ୍ୟ ପକ୍ଷରେ ବିଚାର କଲେ ତିନୋଟି ସ୍ତରରେ ନବରାତ୍ରୀଙ୍କ ମହତ୍ତ୍ୱ ଅତି ଗୁରୁତ୍ୱପୂର୍ଣ୍ଣ। ଶାରୀରିକ, ମାନସିକ ଓ ଆଧାତ୍ମିକ ପରିବର୍ତ୍ତନ ସହିତ, କମ୍ ଖାଦ୍ୟ ଖାଇବା ଦ୍ୱାରା ମଣିଷ ଶରୀରକୁ କୌଣସି ସଂକ୍ରମଣରୁ ରକ୍ଷା କରିଥାଏ। ଭାରତୀୟ ଜଳବାୟୁକୁ ଅନୁକରଣ କରିବା ପାଇଁ ପ୍ରକୃତ ସ୍ଥାନଗୁଡ଼ିକ ସହଜରେ ଉପଲବ୍ଧ। ନବରାତ୍ରୀ ଉପବାସ ରହି ସ୍ୱାତିକ ଖାଦ୍ୟ ଖାଇବା ଦ୍ୱାରା ଜଣେ ବ୍ୟକ୍ତି ପ୍ରଚୁର ପରିମାଣରେ କ୍ୟାଲସିୟମ ପାଇଥାଏ। ଆୟୁର୍ବେଦ ଅନୁଯାୟୀ ଶରୀର ଶୁଦ୍ଧତା ପାଇଁ ଏହା ସର୍ବୋତ୍ତମ ସମୟ ବୋଲି ବିବେଚନା କରାଯାଏ। ଏହି ଦିନରେ ମାନସିକ ସ୍ତରରେ ମଧ୍ୟ ବ୍ୟକ୍ତି ଶାନ୍ତି ଲାଭ କରେ।

ନିଷ୍କର୍ଷରେ କହିଲେ ନବରାତ୍ରୀ ହେଉଛି ଆଭ୍ୟନ୍ତରୀଣ ଶକ୍ତି ସଂଗ୍ରହ ଓ ବିତରଣ କରିବାର ପର୍ବ। ଏହା ଅନ୍ଧକାର ଉପରେ ଆକ୍ରମଣ, ମନ୍ଦ ନୀତି, ବାସ୍ତବତା ଉପରେ ସତ୍ୟର ପର୍ବ। ଯଦି ନବରାତ୍ରିରେ ବିବେକ ଶୁଦ୍ଧ ହୁଏ ତେବେ ଜ୍ଞାନର ଆଲୋକ ସ୍ୱୟଂଚାଳିତ ଭାବରେ ଆଲୋକିତ ହୁଏ। ଏହି ଦିନରେ ବିବେକକୁ ଶୁଦ୍ଧ କରିବା ପରେ, ସତ୍ୟକୁ ପରାସ୍ତ କରି ଅଯୋଧ୍ୟା ରୂପରେ ଶରୀରକୁ ଆସିବାକୁ ଆମନ୍ତ୍ରଣ କରାଯାଏ। ନବରାତ୍ରୀ ଉପବାସ ପଛରେ ଏସବୁ ମୌଳିକ ଧାରଣା ହେଉଛି ଯେ ଇନ୍ଦ୍ରିୟଗୁଡ଼ିକୁ ନିୟନ୍ତ୍ରଣ କରିବା ସହିତ ଚାରିଆଡେ ଚିନ୍ତାଧାରାରେ କୃତ୍ରିମ ଭାବକୁ ହ୍ରାସ ହେବା ଉଚିତ୍। ପାତ୍ରକୁ ଭିତରରୁ ସଫା ରଖିବା ଭଳି ଭିତରର ଆତ୍ମାକୁ ଶୁଦ୍ଧ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ...!!!

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪**
**ମୋବାଇଲ୍: ୯୦୪୦ ୧୫୧୪୭୫**

# ନବରାତ୍ରୀରେ ନବଦୁର୍ଗା ପୂଜା



ସନ୍ତୋଷ କୁମାର ଦାଶ

ଆଶ୍ୱିନ ମାସର ଅମାବାସ୍ୟା ପର ଦିନ ପ୍ରତିପଦ ତିଥି ଠାରୁ ମହା ନବମୀ ପର୍ଯ୍ୟନ୍ତ ମାତୃ ଭକ୍ତ ମାନେ ନବଶକ୍ତି ସ୍ୱରୂପିଣୀ ମା' ଦୁର୍ଗାଙ୍କୁ ୯ ଟି ରୂପରେ ପୂଜା କରିଥାନ୍ତି। ଏହାକୁ ନବରାତ୍ରି ରେ ନବ ଦୁର୍ଗା ପୂଜା ବୋଲି କୁହାଯାଇଥାଏ। ଆଦିଶକ୍ତି ଙ୍କ ପ୍ରଥମ ସ୍ୱରୂପା ଶୈଳପୁତ୍ରୀ ଙ୍କ ଉପାସନା ସହ ନବରାତ୍ରର ଆରମ୍ଭ ହୋଇଥାଏ।ପୌରାଣିକ କିମ୍ବଦନ୍ତୀ ଅନୁସାରେ ହିମାଳୟଙ୍କ ତପସ୍ୟା ଓ ପ୍ରାର୍ଥନା ଦ୍ୱାରା ପ୍ରସନ୍ନ ହୋଇ ଦେବୀ ତାଙ୍କର କନ୍ୟା ଭାବେ ଜନ୍ମ ନେଇଥିଲେ। ଏହିଦିନ ଭକ୍ତ ଓ ସାଧକ ନିଜର ମନକୁ ମୂଳାଧାର ଚକ୍ରରେ ଅବସ୍ଥାନ କରି ଉପାସନା କରିଥାନ୍ତି।ନବରାତ୍ର ର ଦ୍ୱିତୀୟ ଦିବସରେ ମା ଦୁର୍ଗା ଙ୍କୁ ବ୍ରହ୍ମଚାରିଣୀ ସ୍ୱରୂପ ରେ ମାତୃ ଭକ୍ତମାନେ ଉପାସନା କରି ଥାନ୍ତି। ମାଙ୍କର ଅନ୍ୟ ଦୁଇନାମ ହେଲା ଅପର୍ଣ୍ଣା ଓ ଉମା। ଦେବୀଙ୍କ ଏହି ରୂପ ତପସ୍ୟାର ତେଜରେ ତେଜୋଦୀପ୍ତ ହୋଇଥାଏ। ତାଙ୍କ ଡାହାଣ ହାତରେ ମନ୍ତ୍ର ଜପାମାଳି ଓ ବାମ ହାତରେ କମଣ୍ଡଳୁ ଶୋଭାପାଏ। ଭକ୍ତ ନିଜ ମନକୁ ସ୍ୱାଧିଷ୍ଠାନ ଚକ୍ର ରେ ଅବସ୍ଥାପିତ କରି ଆରାଧନା କରିଥାଏ। ନବରାତ୍ରୀ ର ତୃତୀୟ ଦିନ ରେ ମା ଙ୍କୁ ଚନ୍ଦ୍ରଘଣ୍ଟା ସ୍ୱରୂପ ରେ ପୂଜା କରା ଯାଇଥାଏ। ଏହା ଦେବୀଙ୍କ ଉଗ୍ରରୂପାଦେବୀ ଦଶଭୁଜା ଓ ବ୍ୟାଘ୍ର/ ସିଂହ ଉପରେ ବିରାଜମାନ। ଅନେକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତା ଦେବୀଙ୍କର ମୁଦ୍ରା ଯୁଦ୍ଧାଭିମୁଖୀ। ନବରାତ୍ରୀ ର ଚତୁର୍ଥ ଦିନ ମା କୁଷ୍ମାଣ୍ଡା ରୂପରେ ପୂଜା ପାଇଥାନ୍ତି। ପୌରାଣିକ କଥା ଅନୁସାରେ ଦେବୀଙ୍କ ହସରୁ ବ୍ରହ୍ମାଣ୍ଡ ସୃଷ୍ଟି। ଭକ୍ତ ନିଜ ମନକୁ ଅନାହତ ଚକ୍ରରେ ଅବସ୍ଥାପିତ କରି ମା ଙ୍କୁ ଆରାଧନା କରିଥାନ୍ତି। ଏହି ରୂପରେ ଦେବୀ ଅଷ୍ଟଭୁଜା ଓ ହାତରେ କମଣ୍ଡଳୁ, ଧନୁ, କମଳ, ଅମୃତ କଳସ, ଚକ୍ର, ଗଦା ଓ ଜପାମାଳି ଧାରଣ କରିଥାନ୍ତି। ନବରାତ୍ରୀର ପଞ୍ଚମ ଦିବସରେ ମା ଦୁର୍ଗା ଦେବୀଙ୍କୁ ସ୍କନ୍ଦମାତା ରୂପରେ ଉପାସନା କରାଯାଇ ଥାଏ। ପୁରାଣ ଅନୁସାରେ କୁମାର କାର୍ତ୍ତିକେୟ ଙ୍କ ମାତା ହୋଇଥିବାରୁ ଦେବୀ ଙ୍କୁ ସ୍କନ୍ଦମାତା ବୋଲି କୁହାଯାଇଥାଏ। ଦେବୀ ଚତୁର୍ଭୁଜା ଓ ସିଂହ ଉପରେ ବିରାଜମାନ।ଏହି ରୂପରେ ମାତା ପୁତ୍ର ସ୍କନ୍ଦକୁ କୋଳରେ ବସାଇଥାନ୍ତି। ନବରାତ୍ର ର ଷଷ୍ଠ ଦିବସରେ ଦେବୀ ଙ୍କୁ କାତ୍ୟାୟନୀ ବେଶ ରେ ପୂଜା କରାଯାଇଥାଏ। ପୁରାଣ ର କିମ୍ବଦନ୍ତୀ ଅନୁସାରେ ମହର୍ଷି କାତ୍ୟାୟନ ଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଦେବୀ ତାଙ୍କର କନ୍ୟା ରୂପରେ ଜନ୍ମ ହୋଇଥିଲେ। ସେଥି ପାଇଁ ଦେବୀଙ୍କ ନାମ କାତ୍ୟାୟନୀ।ଭଗବାନ ଶ୍ରୀକୃଷ୍ଣ ଙ୍କୁ ପତି ରୂପେ ପାଇବାକୁ ବ୍ରଜ ଗୋପୀ ମାନେ ଦେବୀ କାତ୍ୟାୟନୀଙ୍କୁ ଆରାଧନା କରିଥିଲେ ବୋଲି ବିଭିନ୍ନ ଶାସ୍ତ୍ର ରେ ବର୍ଣ୍ଣିତ ହୋଇଛି। ତେଣୁ ବିବାହ ହୋଇ ପାରୁନଥିବା ଯୁବତୀ ମାନେ ଦେବୀ କାତ୍ୟାୟନୀ ଙ୍କୁ ପୂଜା କଲେ ସୁଫଳ ପାଇ ଥାନ୍ତି ବୋଲି ବିଶ୍ୱାସ ରହିଛି।ନବରାତ୍ର ର ସପ୍ତମ ଦିବସ ରେ ଦେବୀଙ୍କୁ କାଳରାତ୍ରୀ ରୂପରେ ପୂଜା କରାଯାଇଥାଏ। ଏହା ଦେବୀଙ୍କ ବିକଟାଳ ରୂପ। ଏହି ରୂପରେ ତ୍ରୀନେତ୍ର ଧାରିଣୀ, ଶରୀରର ବର୍ଣ୍ଣ ଅନ୍ଧକାର ଭଳି ଗାଢ଼ କଳା, ଚତୁର୍ଭୁଜା ଦେବୀ ଗର୍ଦ୍ଦଭ ଉପରେ ଆରୁଢ଼ ହୋଇ ହାତରେ ଲୌହ ଖଡ୍‌ଗ ଧାରଣ କରିଥାନ୍ତି।ନବରାତ୍ର ର ଅଷ୍ଟମ ଦିବସରେ ଦେବୀ ଙ୍କୁ ମହାଗୌରୀ ରୂପ ରେ ପୂଜା କରାଯାଇଥାଏ। ଏହା ଦେବୀଙ୍କ ସୌମ୍ୟ ରୂପ। ଏହି ରୂପରେ ବୃଷଭ ବାହିନୀ ଦେବୀଙ୍କ ଶରୀରର ବର୍ଣ୍ଣ ଗୌର, ଶ୍ୱେତବସ୍ତ୍ର ପରିହିତା ଦେବୀ ଚତୁର୍ଭୁଜା ଓ ଦୁଇ ହାତରେ ଡମ୍ବରୁ ଓ ତ୍ରିଶୁଳ ଧାରଣ କରିଥାନ୍ତି ଓ ଅନ୍ୟ ଦୁଇ ହାତରେ ଅଭୟ ପ୍ରଦାନ କରିଥାନ୍ତି। ନବରାତ୍ରର ନବମ ବା ଅନ୍ତିମ ଦିବସରେ ଦେବୀ ଙ୍କୁ ସିଦ୍ଧିଦାତ୍ରୀ ସ୍ୱରୂପରେ ପୂଜା କରାଯାଇ ଥାଏ। ଏହି ରୂପରେ ପଦ୍ମାସନା ଦେବୀ ଚତୁର୍ଭୁଜା ଓ ହାତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରିଥାନ୍ତି। ସିଦ୍ଧିଦାତ୍ରୀଙ୍କ ପୂଜା ସହିତ ନବରାତ୍ର ରେ ନବଦୁର୍ଗା ଙ୍କ ପୂଜା ସମ୍ପୂର୍ଣ୍ଣ ହୋଇଥାଏ। ନବରାତ୍ରୀ ରେ ଜଗତ ଜନନୀ, ଦୁର୍ଗତିନାସିନୀ ମା ଦୁର୍ଗା ଙ୍କ ନବ ରୂପ କୁ ପୂଜା କଲେ ନିଜର ଓ ପରିବାର ର ସମସ୍ତ ଗ୍ରହ ଦୋଷ, ରିଷ୍ଟ ଖଣ୍ଡନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଜୟ ମା ଦୁର୍ଗା।।



# ବିମାନ ଅପହରଣ ପାଇଁ ଉଦ୍ୟମ!

- ସିଆଇଏସଏଫ କବ୍‌ଜାରେ ୯ ଯାତ୍ରୀ
- କକ୍‌ପିଟ୍ ଦ୍ୱାର ଖୋଲିବାକୁ ଉଦ୍ୟମ
- ପାଇଲଟ୍‌ଙ୍କ ଉପସ୍ଥିତ ବୁଦ୍ଧିକୁ ପ୍ରଶଂସା

ବାରାଣସୀ,୨୨।୯ଃ ଆଜି ସକାଳେ ଏୟାର୍ ଇଣ୍ଡିଆର ଏକ ବିମାନକୁ କେତେ ଜଣ ଯାତ୍ରୀ ଅପହରଣ ପାଇଁ ଉଦ୍ୟମ କରିଥିବା ଭଳି ଖବର ଆସିଛି। ଆଇଏକ୍ସ-୧୦୮୬ ବିମାନଟି ଆଜି ପ୍ରାତଃ ୮ଟା ସମୟରେ ବେଙ୍ଗାଲୁରୁରୁ ବାରଣାସୀ ଯାଉଥିବା ସମୟରେ ଜଣେ ଯାତ୍ରୀ କକ୍‌ପିଟ୍‌ର ଦ୍ୱାର ଖୋଲିବା ସକାଶେ ଉଦ୍ୟମ କରିଥିଲେ। ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ବିମାନ ଅପହରଣ ନେଇ ସନ୍ଦେହ ବଢ଼ିଥିଲା। କିନ୍ତୁ ଏହି ସମୟରେ ସମ୍ପୃକ୍ତ ବିମାନର ପାଇଲଟ୍ ଉପସ୍ଥିତ ବୁଦ୍ଧି ଖଟାଇବା ଫଳରେ ଉଭୟ ବିମାନ ଓ ସେଥିରେ ଥିବା ଯାତ୍ରୀମାନେ ସୁରକ୍ଷିତ ଭାବେ ଏଠାରେ ଅବତରଣ କରିଥିଲେ। ବିମାନଟି ଅବତରଣ କରିବା ପରେ ଉକ୍ତ ଯାତ୍ରୀଙ୍କ ସମେତ ମୋଟ ୯ ଜଣଙ୍କୁ ବିମାନ ବନ୍ଦର ସୁରକ୍ଷା ଦାୟିତ୍ୱରେ ଥିବା କେନ୍ଦ୍ରୀୟ ଉଦ୍ୟୋଗ ନିରାପତ୍ତା ବାହିନୀ (ସିଆଇଏସ୍ଏଫ୍)କୁ ହସ୍ତାନ୍ତର କରାଯାଇଛି। ଏନେଇ ଏୟାର୍ ଇଣ୍ଡିଆ ପକ୍ଷରୁ ସବିଶେଷ ସୂଚନା ଦିଆଯିବା ସହ ଏହି ଖବର ଗଣମାଧ୍ୟମ ରିପୋର୍ଟରୁ ଜାଣିବାକୁ ପାଇଥିବା କୁହାଯାଇଛି। ତେବେ ଯାତ୍ରା ସମୟରେ ମଧ୍ୟ ଯାତ୍ରୀଙ୍କ ସୁରକ୍ଷାରେ କୌଣସି ଉଲ୍ଲଙ୍ଘନ ହୋଇନଥିବା କୁହାଯିବା ସହ ମାମଲାର ତଦନ୍ତ ଚାଲିଥିବା ସ୍ପଷ୍ଟ କରାଯାଇଛି।

ଅନ୍ୟପକ୍ଷରେ ଉକ୍ତ ଯାତ୍ରୀ ଜଣଙ୍କ କେଉଁ ଉଦ୍ଦେଶ୍ୟ ନେଇ କକ୍‌ପିଟରେ ପ୍ରବେଶ ପାଇଁ ଉଦ୍ୟମ କରିଥିଲେ, ସେନେଇ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କିଛି ବି ସ୍ପଷ୍ଟ ହୋଇପାରିନାହିଁ। ଚେଷ୍ଟା କରିଥିଲେ ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ। ସେ କକ୍‌ପିଟ୍‌ରେ ପ୍ରବେଶ କରିବା ସକାଶେ ପାସ୍‌କୋଡ୍ ମାରିବା କ୍ଷଣି ପାଇଲଟଙ୍କ ନିକଟରେ ସିଗନାଲ୍ ପହଞ୍ଚିଥିଲା। ପାଇଲଟ୍ ଜଣଙ୍କ ସିସିଟିଭି ଫୁଟେଜ୍ ଦେଖିବା କ୍ଷଣି ଏହାକୁ ଏକ ଅପହରଣ ଉଦ୍ୟମ ଭାବେ ବିବେଚନା କରିବା ସହ କକ୍‌ପିଟ୍ ଦ୍ୱାର ଖୋଲିନଥିଲେ। ତେବେ ଉକ୍ତ ଯାତ୍ରୀ ଜଣଙ୍କ କକପିଟ୍ ପାସକୋଡ୍ କିପରି ଜାଣିଲେ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଉକ୍ତ ଯାତ୍ରୀ ଜଣଙ୍କ ପ୍ରଥମ ଥର ପାଇଁ ବିମାନରେ ଯାତ୍ରା କରୁଥିବାରୁ କକ୍‌ପିଟ୍ ଦ୍ୱାରକୁ ଶୌଚାଳୟ ଦ୍ୱାର ଭାବି ଖୋଲିବାକୁ ଉଦ୍ୟମ କରିଥିଲେ। ଏହାପରେ ବିମାନର କ୍ରିଉ ମେମ୍ବରଙ୍କଠାରୁ ସଠିକ୍ ସୂଚନା ପାଇବା ପରେ ସେ ହଟିଯାଇଥିଲେ ବୋଲି ଉକ୍ତ ଯାତ୍ରୀ ଜଣଙ୍କ କହିଥିବା ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି।

## ମରକ୍କୋ ମାଟିରୁ ରାଜନାଥଙ୍କ କଡ଼ା ବାର୍ତ୍ତା

# ପିଓକେ ପାଇଁ ଆମକୁ ଲଢ଼ିବାକୁ ପଡ଼ିବନି



ନୂଆଦିଲ୍ଲୀ,୨୨।୯ଃ ସୁଦୂର ମରକ୍କୋରୁ ଭାରତର ପଡ଼ୋଶୀ ଦେଶ ପାକିସ୍ତାନକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଖୁବ୍‌ଶୀଘ୍ର ପିଓକେ ଆମର ହେବ। ତେବେ ଏହାକୁ ହାସଲ କରିବା ସକାଶେ ଆମକୁ ପାକିସ୍ତାନ ବିରୋଧରେ ଯୁଦ୍ଧ ଲଢ଼ିବାକୁ ପଡ଼ିବନି। କାରଣ ପିଓକେର ଲୋକେ ନିଜେ ଭାରତରେ ମିଶିବାକୁ ଆଗ୍ରହୀ ବୋଲି ଅନେକ ଥର ପ୍ରମାଣିତ କରିସାରିଛନ୍ତି। ୫ ବର୍ଷ ପୂର୍ବେ କାଶ୍ମୀରରେ ଭାରତୀୟ ସେନାକୁ ସମ୍ବୋଧିତ କରି ମୁଁ କହିଥିଲି ପିଓକେ ଉପରେ ଆକ୍ରମଣ କରିବାର ଦରକାର ପଡିବନି। ସେମାନେ ଆମ ନିଜର। ପିଓକେ ନିଜେ କହିବ, ମୁଁ ବି ଭାରତ। ଏହା ଭାରତର ମଜବୁତ ରଣନୀତିର ଫଳ। ସେ ଦିନ ନିଶ୍ଚିତ ଆସିବ।' ପିଓକେରେ ହେଉଥିବା ପରିବର୍ତ୍ତନକୁ ନେଇ ଏଭଳି କହିଛନ୍ତି ଶ୍ରୀ ସିଂହ।

ସମ୍ପ୍ରତି ରାଜନାଥ ମରକ୍କୋ ଯାତ୍ରାରେ ଥିବା ବେଳେ ସେଠାରେ ଭାରତୀୟ ମୂଳବାସିନ୍ଦାଙ୍କୁ ସମ୍ବୋଧିତ କରି ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି, ପାକିସ୍ତାନ ନିଜକୁ ସୁଧାରି ନେଉ। ଆତଙ୍କୀ ଆକ୍ରମଣ କିମ୍ବା ଅନୁପ୍ରବେଶକୁ ବନ୍ଦ କରୁ। ନଚେତ ଯେ କୌଣସି ମୁହୂର୍ତ୍ତରେ ପୁଣିଥରେ ଆରମ୍ଭ ହୋଇପାରେ 'ଅପରେସନ୍ ସିନ୍ଦୂର'।ପାର୍ଟ-2 ଓ ପାର୍ଟ- 3 ଏବେ ବି ବାକି ଅଛି। ଏହା ପାକିସ୍ତାନର ଆଚରଣ ଉପରେ ନିର୍ଭର କରେ। ଯଦି ସେମାନେ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ହୁଅନ୍ତି, ତେବେ ସେମାନଙ୍କୁ କଡ଼ା ଜବାବ୍ ଦିଆଯିବ। ପାକିସ୍ତାନ ଓ ଭାରତ ଭିତରେ ଅନେକ ପ୍ରାର୍ଥକ୍ୟ ରହିଛି। ତାହା ହେଲା ପାକିସ୍ତାନ ପହଲଗାମରେ, ଆମର ୨୬ ଲୋକଙ୍କୁ ସେମାନଙ୍କ ଧର୍ମ ପଚାରି ହତ୍ୟା କରିଥିଲା। କିନ୍ତୁ ଆମେ କର୍ମ ଦେଖି ମାରୁ। ଅର୍ଥାତ ଆତଙ୍କୀ କାର୍ଯକଳାପ ଦେଖି ଖରାପ କର୍ମର ଆମେ ଦଣ୍ଡ ଦେଲୁ।

ତେବେ ଅପରେସନ୍ ସିନ୍ଦୂରରେ କେତେ ପାକିସ୍ତାନୀ ଆତଙ୍କୀ ନିହତ ହୋଇଛନ୍ତି, ସେନେଇ ଶ୍ରୀ ସିଂହ କିଛି ବି କହିନାହାନ୍ତି। ସେ କହିଛନ୍ତି ଯେ ସଂଖ୍ୟା ଯଦି କହିବୁ, ତେବେ ଲୋକେ ଖୁସିରେ ନାଚିବେ। ଆମ ପ୍ରସ୍ତୁତିର ସ୍ତର ଖୁବ୍ ମଜବୁତ। ପହଲଗାମ୍ ଆତଙ୍କୀ ହମଲାର ପରଦିନ ଏକ ବୈଠକ ବସିଥିଲା। ଏଥିରେ ଦେଶର ଜାତୀୟ ସୁରକ୍ଷା ପରାମର୍ଶଦାତା, ପ୍ରତିରକ୍ଷା ସଚିବ, ୩ ସେନା ମୁଖ୍ୟ ଓ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଉପସ୍ଥିତ ଥିଲେ। ଏହି ସମୟରେ ମୁଁ ପଚାରିଲି କ'ଣ ଏବେ ବି ଯୁଦ୍ଧ ହେଲେ ଆମେ ଏଥିପାଇଁ ପ୍ରସ୍ତୁତ? ଏହାର ଉତ୍ତରରେ ସେନା ମୁଖ୍ୟ କହିଥିଲେ, ଆମେ ପୁରା ପ୍ରସ୍ତୁତ। ଯେକୌଣସି ସମୟରେ ଯୁଦ୍ଧ କରିପାରିବୁ। ମୁଁ ତା' ପରଦିନ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲି। ସେ ବୈଠକରେ ୩ ସେନାଙ୍କୁ କହିଥିଲେ, ଯେପରି ଚାହୁଁଛ ସେଭଳି ଆକ୍ସନ ନେଇପାରିବେ। ଏହା ପରେ କ'ଣ ହେଲା ତାହା ତ ସମସ୍ତେ ଦେଖିଛନ୍ତି। ଭାରତୀୟ ସୁରକ୍ଷା ବଳ ପାକିସ୍ତାନ ସୀମାର ୧୦୦ କିମି ଭିତରେ ପଶି ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରିଛନ୍ତି। ଏହାଛଡା ଆକ୍ରମଣରେ ମାସୁଦ ଆଜାରର ପୂରା ପରିବାର ସଫା ହୋଇଯାଇଛି। ବୋଲି ଶ୍ରୀ ସିଂହ କହିଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୧୦ ବର୍ଷର ସଫଳତା ବିଷୟରେ ମଧ୍ୟ କହିଥିଲେ। ସେ କହିଥିଲେ ଯେ ବିଶ୍ୱ ଏବଂ ଭୂରାଜନୈତିକ ଚ୍ୟାଲେଞ୍ଜ ସତ୍ତ୍ୱେ ଭାରତ ସବୁଠାରୁ ଦ୍ରୁତ ଗତିରେ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ପାଲଟିପାରିଛି। ବିଶ୍ୱରେ ଏକାଦଶରୁ ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଆଗାମୀ ଦିନରେ ଦେଶ ଶ୍ରେଷ୍ଠ ୩ ବୃହତ୍ ଅର୍ଥନୀତିରେ ମଧ୍ୟ ସ୍ଥାନ ପାଇବ।

# ସମୁଦ୍ର ଭିତରେ ପଣ୍ୟବାହୀ ଜାହାଜରେ ଅଗ୍ନିକାଣ୍ଡ



**ବୋଝେଇ ହୋଇଛି ହଜାରେ ଟନ୍ ଚାଉଳ ଓ ଚିନି**

ପୋରବନ୍ଦର,୨୨।୯ଃ ଆଜି ଗୁଜରାଟର ପୋର୍‌ବନ୍ଦରଠାରୁ କିଛି ଦୂରରେ ସମୁଦ୍ର ଭିତରେ ଅଚାନକ ଏକ ପଣ୍ୟବାହୀ ଜାହାଜରେ ନିଆଁ ଲାଗିଯାଇଛି। ଉକ୍ତ ଜାହାଜଟି ହୁତୁହୁତୁ ହୋଇ ଜଳୁଥିବା ସମୟର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଅଗ୍ନିକାଣ୍ଡରେ ସମୟରେ ଉକ୍ତ ଜାହାଜରେ ଏକ ହଜାର ଟନ୍‌ରୁ ଊର୍ଦ୍ଧ୍ୱ ଓଜନର ଚିନି ଓ ଚାଉଳ ବୋଝେଇ ହୋଇଥିଲା। ନିଆଁ ଲିଭାଇବା ସକାଶେ ଘଟଣାସ୍ଥଳରେ ୩ଟି ଦମକଳ ଗାଡ଼ି ପହଞ୍ଚିଥିବା ଜଣାପଡ଼ିଛି। ଜାମନଗରସ୍ଥିତ ଏଚ୍ଆର୍ଏମ୍ ଏଣ୍ଡ ସନ୍ସ କମ୍ପାନୀର ଉକ୍ତ ଜାହାଜରେ ୯୫୦ ଟନ ଚାଉଳ ଓ ୧୦୦ ଟନ୍‌ର ଚିନି ଲଦାଯାଇଥିଲା। ତେବେ ଚାଉଳ ବୋଝେଇ ହୋଇଥିବାରୁ ଜାହାଜରେ ନିଆଁ ଲାଗିବା କ୍ଷଣି ଏହା ବ୍ୟାପକ ହୋଇଥିଲା। ତେଣୁ ବିଶେଷ କୌଣସି କ୍ଷତିରୁ ବଞ୍ଚିବା ସକାଶେ ଉକ୍ତ ଜାହାଜଟିକୁ ସମୁଦ୍ର ଭିତରକୁ ପ୍ରାୟ ୧୦୦ କିମି ଦୂର ପର୍ଯ୍ୟନ୍ତ ଟଣାଯାଇଥିବା ଜଣାପଡ଼ିଛି। ଏହି ଜାହାଜଟି ସୋମାଲିଆର ବୋସାସୋ ଯାଉଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ନିଆଁକୁ ରୋକାଯାଇପାରିନଥିବା ବେଳେ ଅଗ୍ନିକାଣ୍ଡର ଠୋସ୍ କାରଣ ମଧ୍ୟ ଜଣାପଡ଼ିନାହିଁ।

# ଦୁଇ ଭାରତୀୟ ଇଞ୍ଜିନିୟରଙ୍କୁ ଆଇଜି ନୋବେଲ



**ତିଆରି କରିଛନ୍ତି ୟୁଭି ଲ୍ୟାମ୍ପ୍‌ରେ ସୁସଜ୍ଜିତ ଜୋତା ଷ୍ଟାଣ୍ଡ୍**

ନୂଆଦିଲ୍ଲୀ,୨୨।୯ଃ ଜୋତା ଷ୍ଟାଣ୍ଡରୁ ଦୁର୍ଗନ୍ଧ କମାଇବା ଗବେଷଣା ପାଇଁ ୨ ଭାରତୀୟ ଇଞ୍ଜିନିୟର ଆଇଜି ନୋବେଲ ପୁରସ୍କାର ଜିତିଛନ୍ତି। ଉତ୍ତରପ୍ରଦେଶର ଗ୍ରେଟର ନୋଏଡାସ୍ଥିତ ଶିବ ନାଦର ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ବିକାଶ କୁମାର ଓ ତାଙ୍କ ଛାତ୍ର ତଥା ରିସର୍ଚ୍ଚର ସାର୍ଥକ ମିତ୍ତଲଙ୍କୁ ଏହି ସଫଳତା ମିଳିଛି। ଉଭୟେ ଅଲଟ୍ରା ଭାୟୋଲେଟ (ୟୁଭି) ଲ୍ୟାମ୍ପ୍‌ରେ ସୁସଜ୍ଜିତ ଏକ ଜୋତା ଷ୍ଟାଣ୍ଡ୍ ଡିଜାଇନ୍ କରିଥିଲେ, ଯାହା ଜୋତାକୁ ସଫା ରଖିବା ସହ ସେଥିରେ ଥିବା ଜୀବାଣୁକୁ ନିଷ୍କ୍ରିୟ କରିଥାଏ। ଏହାଦ୍ୱାରା ଜୋତା ଷ୍ଟାଣ୍ଡର ଦୁର୍ଗନ୍ଧ କମିଥାଏ ବୋଲି ଉଭୟ ନିଜ ଗବେଷଣାରେ ଉଲ୍ଲେଖ କରିଥିଲେ। ଜୋତା ଷ୍ଟାଣ୍ଡ୍‌ରୁ ଦୁର୍ଗନ୍ଧ ଆସିବାର ଜୀବାଣୁ ଏକ ପ୍ରମୁଖ କାରଣ ବୋଲି ଉଭୟ ବିକାଶ ଓ ସାର୍ଥକ ନିଜ ଗବେଷଣାରେ ଦର୍ଶାଇଛନ୍ତି। ସେମାନଙ୍କର ଏହି ଅଧ୍ୟୟନ ୨୦୨୨ରେ ପ୍ରକାଶିତ ହୋଇଥିଲା। ହଷ୍ଟେଲ ରୁମ୍‌ରେ ଥିବା ଦୁର୍ଗନ୍ଧଯୁକ୍ତ ଜୋତା ଷ୍ଟାଣ୍ଡ୍‌କୁ ଦେଖି ସାର୍ଥକ ଏହି ଗବେଷଣା କରିବାକୁ ଠିକ୍ କରିଥିଲେ, ଯେଉଁଥିରେ ତାଙ୍କୁ ତାଙ୍କ ପ୍ରଫେସର ବିକାଶ ସାହାଯ୍ୟ କରିଥିଲେ।

**ଆଇଜି ନୋବେଲର ବିଶେଷତ୍ୱ କ'ଣ?**

ବିଜ୍ଞାନ କ୍ଷେତ୍ରରେ କିଛି ଗବେଷଣା ପ୍ରଥମେ ଲୋକଙ୍କୁ ହସାଇଥାଏ ଓ ପରେ ଏହାକୁ ନେଇ ଚିନ୍ତା କରିବାକୁ ବାଧ କରିଥାଏ। ଏପରି ଗବେଷଣା କରିଥିବା ବୈଜ୍ଞାନିକଙ୍କୁ ପ୍ରତିବର୍ଷ ଆଇଜି ନୋବେଲ ସମ୍ମାନ ପ୍ରଦାନ କରାଯାଇଥାଏ। ୧୯୯୧ରେ ଆମେରିକାର ବିଜ୍ଞାନ ହାସ୍ୟ ପତ୍ରିକା 'ଆନାଲ୍ସ ଅଫ୍ ଇମ୍‌ପ୍ରୋବେବ୍‌ଲ ରିସର୍ଚ୍ଚ' ପକ୍ଷରୁ ପ୍ରଥମ ଥର ପାଇଁ ଆଇଜି ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତି ବର୍ଷ ବ୍ରିଟେନ୍‌ର ବୋଷ୍ଟନରେ ଏହି ପୁରସ୍କାରର ବିଜେତାଙ୍କ ନାମ ଘୋଷଣା କରାଯାଇଆସିଛି।

## ମହାକାଶରେ ବିଦେଶୀ ଉପଗ୍ରହର ସନ୍ଦିଗ୍ଧ କାର୍ଯ୍ୟକଳାପ

# ଭାରତ ପଠାଇବ ୫୦ 'ବଡିଗାର୍ଡ ସାଟେଲାଇଟ୍'



**ଆସନ୍ତା ବର୍ଷ ପ୍ରଥମ ଉପଗ୍ରହ ଉତ୍‌କ୍ଷେପଣ!**

**ଖର୍ଚ୍ଚ ହେବ ପାଖାପାଖି ୨୭ ହଜାର କୋଟି**

ନୂଆଦିଲ୍ଲୀ,୨୨।୯ଃ ଭାରତ ଏବେ ମହାକାଶରେ ଥିବା ନିଜର ଉପଗ୍ରହଗୁଡ଼ିକୁ ବାହ୍ୟ ବିପଦରୁ ସୁରକ୍ଷା ଦେବା ପାଇଁ ଏକ ନୂତନ ଯୋଜନାରେ କାମ କରୁଛି। ଏହି ଯୋଜନାର ଲକ୍ଷ୍ୟ ଶତ୍ରୁ ଦେଶର ଉପଗ୍ରହରୁ ସମ୍ଭାବ୍ୟ ଆକ୍ରମଣକୁ ରୋକିବା। ଏହି ପଦକ୍ଷେପକୁ ଏଥିପାଇଁ ଦ୍ରୁତ ଗତିରେ ନିଆଯାଇଛି, କାରଣ ଏକ ବିଦେଶୀ ଉପଗ୍ରହ ନିକଟରେ ଏକ ଭାରତୀୟ ଉପଗ୍ରହର ବେଶ୍ ନିକଟତର ହୋଇଛି। ନିର୍ଦ୍ଦିଷ୍ଟ ସୂତ୍ର ଅନୁଯାୟୀ, କେନ୍ଦ୍ର ସରକାର ଏପର 'ବଡିଗାର୍ଡ' ସାଟେଲାଇଟ୍ ବିକଶିତ କରିବାକୁ ଚାହୁଁଛନ୍ତି, ଯାହା ଭାରତୀୟ ସାଟେଲାଇଟ୍‌ର ଆଖାପଖରେ ରହି ତାକୁ ବିପଦରୁ ରକ୍ଷା କରିପାରିବ ଏବଂ ଯେକୌଣସି ସନ୍ଦେହଜନକ କାର୍ଯ୍ୟକଳାପ ଚିହ୍ନଟ କରିପାରିବ। ଗତ ବର୍ଷ ମଧ୍ୟଭାଗରେ ଏକ ପଡ଼ୋଶୀ ଦେଶର ଉପଗ୍ରହ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଉପଗ୍ରହଠାରୁ ମାତ୍ର ଏକ କିମି ଦୂରରେ ଅତିକ୍ରମ କରିଥିଲା। ଏହି ଉପଗ୍ରହ ପୃଥିବୀ ଉପରେ ନଜର ରଖିବା ସହ ମ୍ୟାପିଂ କାର୍ଯ୍ୟ କରୁଥିଲା, ଯାହା ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ବ୍ୟବହୃତ ହୋଇଥାଏ। ଅବଶ୍ୟ ଉପଗ୍ରହଗୁଡ଼ିକ ପରସ୍ପର ସହ ଧକ୍କା ହୋଇ ନଥିଲେ, କିନ୍ତୁ ଏହା ଏକ ସଂଯୋଗ ନୁହେଁ, ବରଂ ଏକ ଶକ୍ତି ପ୍ରଦର୍ଶନ ଥିଲା ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ଏପରି ସାଟେଲାଇଟ୍ ପଠାଇ ଉକ୍ତ ଦେଶ ମହାକାଶରେ ନିଜର ଶକ୍ତି ପ୍ରଦର୍ଶନ କରିବାକୁ ଚାହୁଁଥିଲା। କିନ୍ତୁ ଏହା ଭାରତର ଜାତୀୟ ସୁରକ୍ଷା ପ୍ରତି ବିପଦ ବୋଲି ଆଶଙ୍କା କରାଯାଉଥିଲା।

ଏନେଇ ଅବଶ୍ୟ ଇସ୍ରୋ ଓ ମହାକାଶ ବିଭାଗ ଏହା ଉପରେ କୌଣସି ପ୍ରତିକ୍ରିୟା ଦେଇନାହାଁନ୍ତି। କିନ୍ତୁ ଉପଗ୍ରହ ସୁରକ୍ଷା ପ୍ରକଳ୍ପ ଅଧୀନରେ ଭାରତ ଏହାର ମହାକାଶ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ଏହି ପ୍ରକଳ୍ପ ଅଧୀନରେ ପ୍ରାୟ ୨୭ ହଜାର କୋଟି ମୂଲ୍ୟରେ ୫୦ଟି ସର୍ଭେଲାନ୍ସ ସାଟେଲାଇଟ୍ ପଠାଇବାକୁ ନିଷ୍ପତ୍ତି ହୋଇଛି। ଏଥି ମଧ୍ୟରୁ ପ୍ରଥମ ଉପଗ୍ରହଟି ଆସନ୍ତା ବର୍ଷ ଉତ୍‌କ୍ଷେପଣ ହେବା ଆଶା ରହିଛି। ଭାରତର ପଡ଼ୋଶୀ ଚୀନ୍ ଏବଂ ପାକିସ୍ତାନ ସହ ଦୀର୍ଘକାଳୀନ ସୀମା ବିବାଦ ରହିଛି। ଏହି ଦେଶଗୁଡ଼ିକର ଅନ୍ତରୀକ୍ଷ କ୍ଷମତା ବିଭିନ୍ନ ସ୍ତରର। ପାକିସ୍ତାନ ପାଖରେ କେବଳ ୮ଟି ଉପଗ୍ରହ ରହିଛି। କିନ୍ତୁ ଭାରତ ପାଖରେ ଏହି ସଂଖ୍ୟା ଶହେରୁ ଅଧିକ। ତେବେ ଏ କ୍ଷେତ୍ରରେ ଚୀନ୍ ସବୁଠାରୁ ଆଗରେ ରହିଛି।

# କେନ୍ଦ୍ର ସରକାର ଓ ଡିଜିସିଏକୁ ସୁପ୍ରିମକୋର୍ଟଙ୍କ ଜବାବ ତଲବ୍

**ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ମାମଲା**



ନୂଆଦିଲ୍ଲୀ,୨୨।୯ଃ ଗତ ଜୁନ୍ ୧୨ ତାରିଖରେ ଅହମ୍ମଦାବାଦରେ ଘଟିଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ମାମଲାର ଶୁଣାଣି ସୁପ୍ରିମକୋର୍ଟ କରିଛନ୍ତି। ଶୁଣାଣି ସମୟରେ ସୁପ୍ରିମକୋର୍ଟ ଏହି ମାମଲା ନେଇ ଦାଖଲ ହୋଇଥିବା ପ୍ରାରମ୍ଭିକ ରିପୋର୍ଟ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହ ଏହି ମାମଲାରେ ସୁପ୍ରିମ୍‌କୋର୍ଟ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ), ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ଓ କେନ୍ଦ୍ର ସରକାରଙ୍କୁ ଜବାବ ତଲବ କରିଛନ୍ତି। ଏହି ମାମଲାରେ ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ଏହି ମାମଲାର ପ୍ରାଥମିକ ରିପୋର୍ଟରେ ଦୁର୍ଘଟଣା ପାଇଁ ପାଇଲଟଙ୍କୁ ଦାୟୀ କରାଯାଇଥିଲା। କିନ୍ତୁ ପୂରା ତଦନ୍ତ ପ୍ରକ୍ରିୟା ଶେଷ ହେବା ପୂର୍ବରୁ ଏପରି ମନ୍ତବ୍ୟ ଦୁର୍ଭାଗ୍ୟଜନକ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ଏଥିସହ ଏହି ମାମଲାରେ ସୁପ୍ରିମ୍‌କୋର୍ଟ ଏହି ମାମଲାର ନିରପେକ୍ଷ ତଦନ୍ତ ଏକ ବିଶେଷଜ୍ଞ ଦଳ ଦ୍ୱାରା କରାଇବା ସକାଶେ ନିର୍ଦ୍ଦେଶ ଜାରି କରିବା ସକାଶେ କେନ୍ଦ୍ର ସରକାର ଓ ଡିଜିସିଏକୁ ତାଗିଦ୍ କରିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଓ ଜଷ୍ଟିସ୍ ଏନ. କୋଟିଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଏପରି ଏକ ସମ୍ବେଦନଶୀଳ ଘଟଣାର ନିରପେକ୍ଷ ତଦନ୍ତ ଜରୁରୀ। କିନ୍ତୁ ଯେଉଁ ତରିକାରେ ଏହି ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରାଯାଇଛି, ତାହା ସାଧାରଣରେ ଅନେକ କିଛି ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଏହି ମାମଲାରେ ତଦନ୍ତ ପ୍ରକ୍ରିୟା ପୂରା ହେବା ପର୍ଯ୍ୟନ୍ତ ଗୋପନୀୟତା ରକ୍ଷା କରାଯିବା ଜରୁରୀ ଥିଲା। କାରଣ ଏପରି ଅଘଟଣ ସଂକ୍ରାନ୍ତ ରିପୋର୍ଟର ଫାଇଦା ପ୍ରତିପକ୍ଷ ବିମାନ ଚଳାଚଳ କମ୍ପାନୀମାନେ ଉଠାଇବାର ଯଥେଷ୍ଟ ଆଶଙ୍କା ରହିଥାଏ ବୋଲି ଖଣ୍ଡପୀଠ କହିଛନ୍ତି। ଏହି ମାମଲାରେ ଅବସରପ୍ରାପ୍ତ ପାଇଲଟ୍ ଅମିତ୍ ସିଂହଙ୍କ ପରିଚାଳିତ ଏକ ସ୍ୱେଚ୍ଛାସେବୀ ସଂଗଠନ ସେଫ୍‌ଟି ମ୍ୟାଟର୍ସ ଫାଉଣ୍ଡେସନ୍ ପକ୍ଷରୁ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯିବା ସହ ଏପରି ଏକ ସମ୍ବେଦନଶୀଳ ମାମଲାର ତଦନ୍ତ କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଏକ କମିଟି ଦ୍ୱାରା କରାଯିବା ସକାଶେ ଦାବି ହୋଇଥିଲା। ଏହି ମାମଲାରେ ପ୍ରକାଶିତ ପ୍ରାଥମିକ ତଦନ୍ତ ରିପୋର୍ଟରେ ବିମାନ ଚଳାଚଳ ଆଇନ୍-୨୦୧୭ର ଉଲ୍ଲଙ୍ଘନ କରାଯାଇଥିବା ଅଭିଯୋଗ ହୋଇଛି।

# ମାନହାନୀକୁ ଅପରାଧମୁକ୍ତ କରିବାର ସମୟ ଆସିଛିଃ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୨।୯ଃ ସୁପ୍ରିମକୋର୍ଟ ସୋମବାର ମାନହାନୀକୁ ଅପରାଧମୁକ୍ତ କରିବାର ସମୟ ଆସିଛି ବୋଲି ମନ୍ତବ୍ୟ ଦେଇଛନ୍ତି। ଏହା ୨୦୧୬ରେ ଦିଆଯାଇଥିବା ମାନହାନୀ ଆଇନର ସାମ୍ବିଧାନିକ ବୈଧତାକୁ ସମର୍ଥନ କରିଥିବା ରାୟରୁ ଏକ ପରିବର୍ତ୍ତନକୁ ସୂଚାଇଛି, ଯେଉଁଥିରେ ସମ୍ମାନର ଅଧିକାରକୁ ସମ୍ବିଧାନର ଅନୁଚ୍ଛେଦ ୨୧ ଅଧୀନରେ ଜୀବନ ଓ ସମ୍ମାନର ମୌଳିକ ଅଧିକାର ବୋଲି କୁହାଯାଇଥିଲା। ଏହି ମନ୍ତବ୍ୟ ଦି ୱାୟାର ଅନଲାଇନ ପ୍ରକାଶନ ବିରୁଦ୍ଧରେ ଜେଏନ୍‌ୟୁ ପ୍ରଫେସରଙ୍କ ପକ୍ଷରୁ ଦାୟର ହୋଇଥିବା ମାନହାନୀ ମାମଲାର ଶୁଣାଣି ସମୟରେ ଆସିଛି। ମାମଲାଟି ଗତ ୨୦୧୬ରେ ପ୍ରକାଶିତ ଏକ ଖବର ଉପରେ ଆଧାରିତ, ଯେଉଁଥିରେ ପ୍ରଫେସରଙ୍କୁ ଜେଏନ୍‌ୟୁକୁ 'ବିଚ୍ଛିନ୍ନତାବାଦ ଓ ଆତଙ୍କବାଦର ଆଡ୍ଡା' ଓ 'ସଂଗଠିତ ଯୌନ ରାକେଟ' ବୋଲି ଅଭିଯୋଗ କରାଯାଇଥିଲା। ବିଚାରପତି ଏମଏମ ସୁନ୍ଦ୍ରେଶ କହିଛନ୍ତି, ଏହାକୁ ଅପରାଧମୁକ୍ତ କରିବାର ସମୟ ଆସିଛି। ଦି ୱାୟାରର ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ ଏହି ମନ୍ତବ୍ୟକୁ ସମର୍ଥନ କରି ସଂସ୍କାରର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ଭାରତରେ ମାନହାନୀ ଏବେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୫୬ ଅଧୀନରେ ଅପରାଧ ରହିଛି, ଯାହା ପୂର୍ବରୁ ଭାରତୀୟ ଦଣ୍ଡ ସଂହିତାର ଧାରା ୪୯୯କୁ ବଦଳାଇଛି।

# ଆମେରିକାକୁ ମୁହଁ ମୋଡୁଛନ୍ତି ଭାରତୀୟ ଛାତ୍ରଛାତ୍ରୀ



**କାନାଡା ସର୍ବାଧିକ ପ୍ରଭାବିତ ଦେଶ**

**ନୀତିଗତ ପରିବର୍ତ୍ତନ, ଭିସା ନିୟମାବଳୀରେ ଅନିଶ୍ଚିତତା ପ୍ରମୁଖ କାରଣ**

ନୂଆଦିଲ୍ଲୀ,୨୨।୯ଃ ବିଦେଶରେ ପାଠ ପଢ଼ିବା ଭାରତୀୟ ଛାତ୍ରୀଛାତ୍ରଙ୍କ ବିଦେଶରେ ପଢ଼ିବା ଆଗ୍ରହରେ ପରିବର୍ତ୍ତନ ଆସିଛି। ଆଇଡିପି ଏଜୁକେଶନ ପକ୍ଷରୁ ରବିବାର ଜାରି ରିପୋର୍ଟ ଅନୁଯାୟୀ, ଭାରତୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆମେରିକାରେ ପାଠପଢ଼ା ସମ୍ପର୍କିତ ତଥ୍ୟ ଖୋଜିବା ହାର ବର୍ଷକ ମଧ୍ୟରେ ୪୬.୪ ପ୍ରତିଶତ ହ୍ରାସ ପାଇଛି। ସେହିପରି କାନାଡାରେ ଏହି ହାର ୨ ବର୍ଷ ମଧ୍ୟରେ ୭୦ରୁ ୭୫ ପ୍ରତିଶତ କମିଛି। ଆଇଡିପି ଏଜୁକେଶନର ଦକ୍ଷିଣ ଏସିଆ, କାନାଡା, ଲାଟିନ ଆମେରିକା (ଏଲ୍ଏଟିଏଏମ୍) ଆଞ୍ଚଳିକ ନିର୍ଦ୍ଦେଶକ ପୀୟୂଷ କୁମାର କହିଛନ୍ତି ଯେ ସମ୍ପ୍ରତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକାଳରେ ବିଭିନ୍ନ ନୀତିଗତ ପରିବର୍ତ୍ତନ ଓ ଭିସା ନିୟମାବଳୀରେ ଅନିଶ୍ଚିତତା ଯୋଗୁ ସେଠାରେ ଭାରତୀୟ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଯୋଜନା ପ୍ରଭାବିତ ହୋଇଛି। ଗତବର୍ଷ ଜୁନ୍ ପରଠାରୁ ଭାରତୀୟ ଛାତ୍ରୀଛାତ୍ରଙ୍କ ଭିସା ଅନୁମୋଦନ ହାର ମଧ୍ୟ ହ୍ରାସ ପାଇଛି। ଏହାର ପ୍ରଭାବରେ ଦେଶର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆମେରିକାରେ ପାଠପଢ଼ା ସମ୍ପର୍କିତ ତଥ୍ୟ ଖୋଜିବା ହାର ୪୬.୪ ପ୍ରତିଶତ ହ୍ରାସ ପାଇଛି। ସେହିପରି ଆମେରିକା ପକ୍ଷରୁ ଟାରିଫ ଲାଗୁ କରାଯିବା ଯୋଗୁ କାନାଡାର ନିମ୍ନଗାମୀ ଅର୍ଥନୀତି ଆଦି କାରଣରୁ ସେଠାରେ ପଢ଼ିବାର ଆଗ୍ରହ କମିଛି। ତେବେ ବ୍ରିଟେନ୍ ଓ ଅଷ୍ଟ୍ରେଲିଆ ପ୍ରତି ଭାରତୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆକର୍ଷଣ ପୂର୍ବ ବର୍ଷ ପରି ରହିଛି।

ସେହିପରି ଅଷ୍ଟ୍ରେଲିଆରେ ଚଳିତ ବର୍ଷ ଭାରତୀୟ ଛାତ୍ରୀଛାତ୍ରଙ୍କ ସଂଖ୍ୟାରେ ୯ ପ୍ରତିଶତ ବୃଦ୍ଧି ଘଟିଛି। ଅଷ୍ଟ୍ରେଲିଆରେ ଉଚ୍ଚଶିକ୍ଷା ଅଧ୍ୟୟନ କଲେ ନିଯୁକ୍ତି ପାଇଁ ପର୍ଯ୍ୟାପ୍ତ ସୁଯୋଗ ମିଳିପାରିବ ବୋଲ ସେମାନଙ୍କର ଭରସା ଥିବା ପୀୟୂଷ କହିଛନ୍ତି। ଅଷ୍ଟ୍ରେଲିଆ ସରକାର ୧୯୬୯ରେ ଆଇଡିପି ସ୍ଥାପନ କରିଥିଲେ। ଶିକ୍ଷା କ୍ଷେତ୍ରରେ ଏହା ଏକ ବୈଶ୍ୱିକ ସଂସ୍ଥା, ଯାହା ପ୍ରତିବର୍ଷ ୧ ଲକ୍ଷ ଛାତ୍ରଛାତ୍ରୀଙ୍କୁ ୮୦୦ରୁ ଅଧିକ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବା ପାଇଁ ସାହାଯ୍ୟ କରିଥାଏ। ଏହାର ନେଟ୍‌ୱର୍କ ଅଷ୍ଟ୍ରେଲିଆ, ବ୍ରିଟେନ୍, ଆମେରିକା, କାନାଡା, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ ଆଦି ଦେଶରେ ରହିଛି। ଭାରତର ୬୩ ସହରରେ ଆଇଡିପିର ୭୩ଟି କାର୍ଯ୍ୟାଳୟ ରହିଛି।

## ଯୋଗୀ ସରକାରଙ୍କ ନିଷ୍ପତ୍ତି

# ଜାତିଭିତ୍ତିକ ର୍‍ୟାଲି, ଷ୍ଟିକର ଓ ସାଇନ୍‌ବୋର୍ଡ ଉପରେ କଟକଣା

**ସଚେତନତା ସୃଷ୍ଟି ଉପରେ ଅଖିଳେଶଙ୍କ ଗୁରୁତ୍ୱ**



ନୂଆଦିଲ୍ଲୀଃ ଉତ୍ତରପ୍ରଦେଶ ସରକାର ସୋମବାରଠୁ ରାଜ୍ୟର ସମସ୍ତ ଅଞ୍ଚଳରେ ଜାତିଭିତ୍ତିକ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଛନ୍ତି। ଯାହା ମଧ୍ୟରେ ପୁଲିସ ରେକର୍ଡ ଓ ସର୍ବସାଧାରଣ ସ୍ଥାନରେ ନିଜ ଜାତି ବିଷୟରେ କୌଣସି ପ୍ରକାର ଉଲ୍ଲେଖ ହୋଇପାରିବ ନାହିଁ। ଆହ୍ଲାବାଦ ହାଇକୋର୍ଟ ରାଜ୍ୟରେ ଜାତିଆଣ ଆକ୍ଷେପ ବୃଦ୍ଧି ପାଉଥିବା ନେଇ ମନ୍ତବ୍ୟ ଦେବା ପରେ ଯୋଗୀ ଆଦିତ୍ୟନାଥଙ୍କ ସରକାର ଏହି ନୂଆ ନିୟମ ଲାଗୁ କରିଛନ୍ତି। ଏନେଇ ଉତ୍ତର ପ୍ରଦେଶର ମୁଖ୍ୟ ଶାସନ ସଚିବ ଦୀପକ କୁମାର ଏକ ଚିଠି ଜାରି କରିଛନ୍ତି, ଯେଉଁଥିରେ ସମସ୍ତ ବିଭାଗକୁ ସୂଚନା ଦିଆଯିବା ସହ କୁହାଯାଇଛି ଯେ ଏଣିକି ପ୍ରାଥମିକ ତଦନ୍ତ ରିପୋର୍ଟ (ଏଫ୍ଆଇଆର୍), ଗିରଫ ପରୱାନା ସହ ସମସ୍ତ ପୁଲିସ ନଥିପତ୍ରରେ ସନ୍ଦିଗ୍ଧଙ୍କ ପରିଚୟ ପାଇଁ ସେମାନଙ୍କ ଜାତି ବଦଳରେ ପିତାମାତାଙ୍କ ନାମ ଉଲ୍ଲେଖ ରହିବ।

ଆହୁରି ପୁଲିସ୍ ନୋଟିସ ବୋର୍ଡ, ଗାଡ଼ି ଓ ସାଇନ ବୋର୍ଡରେ ଲାଗିଥିବା ବିଭିନ୍ନ ଜାତିଗତ ଚିହ୍ନ, ଷ୍ଟିକର, ସ୍ଲୋଗାନ ଓ ସୁପାରିସ୍ ଆଦିକୁ ତୁରନ୍ତ ପ୍ରଭାବରେ ହଟାଇବାକୁ ଏହି ପତ୍ରରେ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ହେଉଥିବା ଜାତିଗତ ଶୋଭାଯାତ୍ରା ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଯାଇଛି। ତା'ଛଡ଼ା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ହେଉଥିବା ଜାତିଆଣ ଆକ୍ଷେପ ଉପରେ ତୀକ୍ଷ୍ଣ ନଜର ରଖିବାକୁ ବି ପୁଲିସକୁ ଆଦେଶ ଦିଆଯାଇଛି। ଏ ପ୍ରସଙ୍ଗରେ ସରକାର ସ୍ପଷ୍ଟ କରିଛନ୍ତି ଯେ ଅନୁସୂଚିତ ଜାତି ଏବଂ ଜନଜାତି (ଅତ୍ୟାଚାର ନିବାରଣ) ଆଇନ ଅନୁଯାୟୀ ଦାୟର ହୋଇଥିବା ମାମଲାରେ ଏହି ନିୟମ ଲାଗୁ ହେବ ନାହିଁ। କାରଣ ଏପରି ମାମଲାରେ ଜାତି ଚିହ୍ନଟ କରିବା ପାଇଁ ଆଇନଗତ ଆବଶ୍ୟକତା ରହିଛି। ତେବେ ହାଇକୋର୍ଟ ଶୁଣାଣୀ ଆଧାରରେ ଆଗରୁ ପ୍ରଚଳିତ ନିୟାମକରେ ସଂଶୋଧନ କରାଯାଇ ବହୁ ଜଲଦି ଏନେଇ ନୂଆ ମାର୍ଗଦର୍ଶିକା (ଏସ୍ଓପି) ଓ ପୁଲିସ ମାନୁଆଲ ଜାରି କରାଯାଇଛି।

ଏହି ନିର୍ଦ୍ଦେଶନାମା ଜାରି ହେବା ପରେ ବିରୋଧୀ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ସରକାରଙ୍କୁ ଘେରିଛନ୍ତି। ସେ କହିଛନ୍ତି ଯେ ସରକାର ଏ ଦିଗରେ ପ୍ରଶାସନିକ ରହିତାଦେଶ ଲଗାଇଲେ ବିଶେଷ କିଛି ଫାଇଦା ମିଳିବ ନାହିଁ। ତେଣୁ ଏହା ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେବା ଜରୁରୀ। ୫୦୦ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଏହି ଘୃଣ୍ୟ ପ୍ରଥା ନେଇ ଏବେ ସରକାରଙ୍କ ମୁଣ୍ଡରେ ଚେତା ପଶିଛି। ଏବେ ବି ଏମିତି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କ ସାଙ୍ଗିଆ ଶୁଣି ସମାଜର ଅନେକ ଲୋକ ସେମାନଙ୍କୁ ସମାଲୋଚନା କରୁଛନ୍ତି। ତେଣୁ ଏନେଇ ସମାଜରେ ସଚେତନତା ସୃଷ୍ଟି ହେବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଯାଦବ କହିଛନ୍ତି।




## ଓଡ଼ିଆ ଝିଅ ଅନାହିତା ଜିତିଲେ ଫାରୋ ଇନଲାଇନ ଫ୍ରିଷ୍ଟାଇଲ ବିଶ୍ୱକପ୍

**ଭୁବନେଶ୍ୱର,୨୨।୯ (ସଂଚାର ବ୍ୟୁରୋ) :** ଓଡ଼ିଶାର ସ୍କେଟିଂ ତାରକା ଅନାହିତା ମିଶ୍ର ପର୍ତ୍ତୁଗାଲରେ ଅନୁଷ୍ଠିତ ଫାରୋ ଇନଲାଇନ ଫ୍ରିଷ୍ଟାଇଲ ବିଶ୍ୱକପରେ ସ୍ୱର୍ଣ୍ଣ ପଦକ ଜିତି ଭାରତକୁ ଗୌରବାନ୍ୱିତ କରିଛନ୍ତି। ଏହି ସଫଳତା ସହ ସେ ଏସିଆର ପ୍ରଥମ ଖେଳାଳି ଭାବେ ୟୁରୋପୀୟ ପ୍ରାଧାନ୍ୟ ବିଶିଷ୍ଟ ଏହି ଚାମ୍ପିୟନସିପରେ ସ୍ୱର୍ଣ୍ଣ ଜିତିଛନ୍ତି। କଟକର ଏହି ଯୁବ ପ୍ରତିଭା ରବିବାର ଅନୁଷ୍ଠିତ ଏହି ପ୍ରତିଷ୍ଠିତ ଇଭେଣ୍ଟରେ ସ୍ପିଡ ସ୍ଲାଲମରେ ବିଶ୍ୱର ୪ ନମ୍ବର ଖେଳାଳିଙ୍କୁ ପରାସ୍ତ କରି ଶୀର୍ଷ ସ୍ଥାନ ସହ ଟ୍ରଫି ଓ ନଗଦ ପୁରସ୍କାର ହାସଲ କରିଛନ୍ତି। ୨୦୨୫ରେ ଏହା ଅନାହିତାଙ୍କ ତୃତୀୟ ଆନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ। ଏହା ପୂର୍ବରୁ ସେ ପୋଲାଣ୍ଡର କେଟ୍ରଜିନ ଓ ଫ୍ରାନ୍ସର ରେନେସରେ ସ୍ୱର୍ଣ୍ଣ ଜିତି ନିଜକୁ ଏହି ଖେଳର ଉଜ୍ଜ୍ୱଳ ତାରକା ଭାବେ ପ୍ରତିଷ୍ଠିତ କରିଛନ୍ତି। ଭାରତରେ ରୋଲର ସ୍କେଟିଂ ଏକ ସ୍ୱର୍ଣ୍ଣିମ ଯୁଗ ଦେଖୁଛି। ଗତ କିଛି ସପ୍ତାହ ମଧ୍ୟରେ ସ୍ପିଡ ସ୍କେଟର, ଆର୍ଟିଷ୍ଟିକ ସ୍କେଟର ଓ ଇନଲାଇନ ଫ୍ରିଷ୍ଟାଇଲ ସ୍କେଟରମାନେ ଆନ୍ତର୍ଜାତୀୟ ମଞ୍ଚରେ ନିଜର ଛାପ ଛାଡୁଛନ୍ତି।

## ଅକଳରେ ପଡ଼ିଲେ ବିଜେପି ବିଧାୟକ



**ଭୁବନେଶ୍ୱର, ୨୨।୯(ସଂଚାର ବ୍ୟୁରୋ):** ବିଧାନସଭାରେ ଅକଳରେ ପଡିଗଲେ ବିଜେପି ବିଧାୟକ ବିଭୂତି ପ୍ରଧାନ। କଥାଟା ପୂରା ବିଛା ମନ୍ତ୍ର ନଜାଣି ସାପ ଗାତରେ ହାତ ପୁରାଇଲା ପରି। ମୌସୁମୀ ଅଧିବେଶନର ୪ର୍ଥ ଦିନର ଅପରାହ୍ନରେ ବିଜେପି ବିଧାୟକ ବିଭୂତି ପ୍ରଧାନ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ ପାଇଁ କମିଟି ଗଠନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଦାବି କରି ଅଡୁଆରେ ପଡ଼ିଥିଲେ। ବିଧାୟକ କହିଥିଲେ ଯେ, ପୂର୍ବରୁ ପ୍ରଧାନମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟବସ୍ଥା ତଦନ୍ତ ପାଇଁ କହିଥିଲେ। ନବୀନ ପଟ୍ଟନାୟକ ପ୍ରତି ସମସ୍ତଙ୍କ ଭଲ ପାଇବା ଅଛି। ବିଭୂତି ପ୍ରଧାନ ଆହୁରି କହିଥିଲେ, ସୋସିଆଲ ମିଡ଼ିଆରେ ଚର୍ଚ୍ଚା ହେଉଛି, ତାମିଲ ବାବୁ ସକ୍ରିୟ ହେବା ବେଳେ ନବୀନ ବାବୁ ନିଷ୍କ୍ରିୟ ହୋଇପଡନ୍ତି। ନବୀନ ବାବୁ ସକ୍ରିୟ ହେଲେ ତାମିଲ ବାବୁ ସନ୍ନ୍ୟାସ ନିଅନ୍ତି କହିଥିବା ବେଳେ ଯାହାକୁ ନେଇ ଗୃହରେ ତାତି ଦେଖିବାକୁ ମିଳିଛି। ବିଜେପି ବିଧାୟକଙ୍କ ବୟାନ ଗୃହ ବିବରଣୀରୁ ବାଦ ଦେବାକୁ ଦାବି କରି ପ୍ରତିବାଦ କରିଥିଲା ବିଜେଡି। ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଲେ ଗୃହରେ ଅପସଙ୍ଗକୁ ପ୍ରସଙ୍ଗ କରୁଛନ୍ତି । ଏହା ହେବା ଉଚିତ ନୁହେଁ । ଏଭଳି କଥା ଗୃହରେ ଭୁଲ ପରମ୍ପରା ସୃଷ୍ଟି କରୁଛି। ତେଣୁ ଏହାକୁ ଗୃହ ବିବରଣୀରୁ ବାଦ ଦେବାକୁ ଦାବି କରିଥିଲେ ବିଜେଡି ସଦସ୍ୟ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ମଧ୍ୟ ଏ ପ୍ରସଂଗରେ ବିଧାୟକ ଓ ଶାସକ ଦଳକୁ ଟାର୍ଗେଟ କରି ବିଜେପି ବିଧାୟକଙ୍କ ବୟାନକୁ ବିବରଣୀରୁ ବାଦ ଦେବାକୁ ଦାବି କରୁଥିଲେ। ଗୃହ ସ୍ୱାଭାବିକ ଭାବେ ଚାଲୁଥିବା ସମୟରେ ବିଜେପି ବିଧାୟକଙ୍କ ଏପରି ବୟାନ ଗୃହରେ ପୁଣି ହଟ୍ଟଗୋଳ ପରିସ୍ଥିତି ସୃଷ୍ଟି କରିଥିଲା। ବିଜେଡିର ସମସ୍ତ ବିଧାୟକ ନିଜ ଆସନରେ ଛିଡା ହୋଇ ବିଜେପି ବିଧାୟକଙ୍କ ବୟାନକୁ ସମାଲୋଚନା କରିଥଲେ। ଗୃହକୁ ସ୍ୱାଭାବିକ ଆଣିବାକୁ ବାଚସ୍ପତି କହିଲେ ବିରୋଧୀ ଦଳ ନେତାଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ କୌଣସି ତଦନ୍ତ ଆବଶ୍ୟକତା ନାହିଁ । ମୁଁ ଅନୁଭବ କରୁଛି ବିଧାୟକ ଭାବପ୍ରାବଣତାରେ ଏପରି କହି ଦେଇଛନ୍ତି। କିନ୍ତୁ ବିଜେଡି ସଦସ୍ୟଙ୍କ ଜୋରଦାର ପ୍ରତିବାଦ ପରେ ବିଧାୟକ ବିଭୂତି ପ୍ରଧାନ ନିଜ ବୟାନ ପ୍ରତ୍ୟାହାର କରି ନେଇଛନ୍ତି। ସେ କହିଥିଲେ ଯେ ମୁଁ କହୁଥିବା ବୟାନକୁ ମୁଁ ପ୍ରତ୍ୟାହାର କରୁଛି।

## ମାଈ ହାତୀର ଗଳିତ ମୃତଦେହ ଉଦ୍ଧାର

**କେନ୍ଦୁଝର,୨୨।୯(ସଂଚାର ବ୍ୟୁରୋ):** କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ ବିମଳା ଫରେଷ୍ଟ ସେକ୍ସନ ଅଧିନ ରାଣିବଡ଼ା ସଂରକ୍ଷିତ ଜଙ୍ଗଲର କୁଡବିଲ ଗ୍ରାମ କାଉବସା ନଦୀ ନିକଟରୁ ମାଈ ହାତୀର ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତ ହାତୀଟିର ବୟସ ୮ରୁ ୧୦ ବର୍ଷ ଭିତରେ ହୋଇଥିବ ବୋଲି ବନ ବିଭାଗ ଅନୁମାନ କରୁଛି। ହାତୀଟିର ୪ ରୁ ୫ ଦିନ ତଳେ ମୃତ୍ୟୁ ହୋଇଥାଇପାରେ ବୋଲି କୁହାଯାଉଛି।

## ସମରେନ୍ଦ୍ରଙ୍କ ଉପରୁ ହଟିଲା ନିଲମ୍ବନ ଆଦେଶ

**ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଢେଙ୍କାନାଳ ଜିଲ୍ଲାର ସମରେନ୍ଦ୍ର ନନ୍ଦଙ୍କ ଉପରେ କରିଥିବା ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିନେଇଛନ୍ତି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଅଧ୍ୟକ୍ଷ ସୁଜିତ ପାଢ଼ୀ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

## ସର୍ପାଘାତରେ ନାବାଳକ ମୃତ

**ଭଦ୍ରକ,୨୨।୯(ସଂଚାର ବ୍ୟୁରୋ):** ବନ୍ତ ଥାନା ବରପଦା ଗ୍ରାମର ଖିରୋଦ ଜେନାଙ୍କ ସାନପୁଅ ବିପ୍ଳବ ଘରେ ଶୋଇଥିବା ସମୟରେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ପରିବାର ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିପ୍ଳବଙ୍କର ମୃତ୍ୟୁ ହୋଇଛି। ପୁଅକୁ ହରାଇ କ୍ଷୀରୋଦ ଜେନା ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ତାଙ୍କୁ କିଛି ସରକାରୀ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

### ପେନ୍‌ସନ୍, ପ୍ରୋଟେକ୍ସନ୍ ଓ ଆକ୍ରିଡେସନ୍ ଦାବି

## ବିଧାନସଭା ସମ୍ମୁଖରେ ଓୟୁଜେର ଧାରଣା

**ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ):** ପେନ୍‌ସନ୍, ପ୍ରୋଟେକ୍‌ସନ୍ ଓ ଆକ୍ରିଡ଼େସନ ଦାବିରେ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଓୟୁଜେ ପକ୍ଷରୁ ଗଣଧାରଣା ଦିଆଯାଇଛି ମୋହନ ସରକାର ବିରୋଧରେ। ଏଥିରେ ୩୦ଟି ଜିଲ୍ଲା ଶାଖାରୁ ପ୍ରାୟ ପାଞ୍ଚଶହରୁ ଊର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇ ଦାବି ସପକ୍ଷରେ ସ୍ଲୋଗାନ୍ ଦେଇଥିଲେ। ପ୍ରତିଶ୍ରୁତି ଦେଇ ବିଜେପି ସରକାର କିପରି ସାମ୍ବାଦିକଙ୍କ ଗୋଟିଏ ବି ଦାବି ପୂରଣ କରିନାହାନ୍ତି ତାହାକୁ ପ୍ରତିବାଦ ସଭାରେ ବଖାଣିଥିଲେ ଓଡ଼ିଶାର ବିଭିନ୍ନ କୋଣରୁ ଆସିଥିବା ସାମ୍ବାଦିକମାନେ।




ବିରୋଧୀ ବିଜେଡ଼ି ଓ କଂଗ୍ରେସର ବିଧାୟକମାନେ ସମାବେଶରେ ଯୋଗଦେଇ ସାମ୍ବାଦିକଙ୍କ ଦାବି ସପକ୍ଷରେ ମତ ରଖିଥିଲେ। ବିଜେଡି ବିଧାୟକ ଅରୁଣ ସାହୁ କହିଥିଲେ ଯେ, ସାମ୍ବାଦିକଙ୍କ ଦାବିକୁ ଆମ ଦଳ ସମର୍ଥନ କରୁଛି। ରାଜ୍ୟର ଆଜି ଏମିତି ପରିସ୍ଥିତି ସୃଷ୍ଟି ହୋଇଛି ଯେଉଁ ଧାରଣା ସ୍ଥଳରେ ସାମ୍ବାଦିକମାନେ ଅନ୍ୟ ସଙ୍ଗଠନ ସମସ୍ୟାକୁ ସରକାରଙ୍କ ପାଖରେ ପହଞ୍ଚାଇବା କଥା ସେମାନେ ଆଜି ଆନ୍ଦୋଳନ କରୁଛନ୍ତି। ସେହିପରି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଥିଲେ ସରକାର ତୁରନ୍ତ ସାମ୍ବାଦିକଙ୍କ ଦାବିକୁ ପୂରଣ କରନ୍ତୁ। କଂଗ୍ରେସ ଦଳ ସବୁବେଳେ ସାମ୍ବାଦିକଙ୍କ ଦାବି ସହ ଅଛି ଓ ରହିବ। ଓୟୁଜେର ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗଣସମାବେଶରେ ବରିଷ୍ଠ କଂଗ୍ରେସ ନେତା, ବିଧାୟକ ତାରାପ୍ରସାଦ ବାହିନୀପତି, ବିଜେଡ଼ି ବିଧାୟକ ଅରୁଣ ସାହୁ, ଅନନ୍ତ ନାରାୟଣ ଜେନା, ସଞ୍ଜୀବ ମଲ୍ଲିକ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଶାରଦା ଜେନା, ପ୍ରଦୀପ ସାହୁ, ମାଧବ ଧଡ଼ା ଓ ରୂପେଶ ପାଣିଗ୍ରାହୀ ପ୍ରମୁଖ ଉଦ୍‌ବୋଧନ ଦେଇ ଓୟୁଜେ ପକ୍ଷରୁ ଉପସ୍ଥାପିତ ଦାବି ଯଥାର୍ଥ ଓ ଏହାକୁ ବିଧାନସଭାରେ ପ୍ରଭାବୀ ଢଙ୍ଗରେ ଉତ୍‌ଥାପନ କରାଯିବା ବୋଲି ପ୍ରତିଶ୍ରୁତି ଦେଇଥିଲେ।ସେହିପରି ବରିଷ୍ଠ ସାମ୍ବାଦିକ ରବି ଦାସ, ଓୟୁଜେ ଉପସଭାପତି ରାଜେଶ ପଟ୍ଟନାୟକ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ କିଶାନ ରାଉତ, ପ୍ରମୋଦ ସାମନ୍ତରାୟ, ସମ୍ପାଦକ ପ୍ରସନ୍ନ ପାଇକରାୟ, କୋଷାଧ୍ୟକ୍ଷ ଅମୂଲ୍ୟ ସ୍ୱାଇଁ, ସଂଯୋଜକ ସନ୍ତୋଷ ସିଂଦେଓ, ଦେବପ୍ରସାଦ ଦାସ, ବଦ୍ରିନାରାୟଣ ମିଶ୍ର, ଆଦିତ୍ୟ ମେକାପ, ରୂପେଶ ସାହୁ ଓ ରାମନାରାୟଣ ଶତପଥୀ ପ୍ରମୁଖ ବକ୍ତବ୍ୟ ରଖି ସାମ୍ବାଦିକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ତୁରନ୍ତ ପାଳନ କରାଯାଉ ବୋଲି ଦାବି କରିଥିଲେ। ଶେଷରେ ସଭାପତି ଶ୍ରୀ ମହାନ୍ତି ଗଣଧାରଣାର ଏହିଭଳି ବ୍ୟାପକ ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହାପରେ ଓୟୁଜେର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଲୋକସେବା ଭବନରେ ଭେଟି ଦାବିପତ୍ର ଦେଇଥିଲେ। ମୁଖ୍ୟମନ୍ତ୍ରୀ ଦାବି ପ୍ରତି ଅବଗତ ଥିବା କହିଥିବା ଓୟୁଜେ ପ୍ରେସ ବାର୍ତ୍ତା ରେ ଜଣାଇଛି।



## ନଦୀ ଗର୍ଭରେ ପୂଜା ପାଉଛନ୍ତି ମା' ମନସା

**କେନ୍ଦ୍ରାପଡା, ୨୨।୯ (ସଂଚାର ବ୍ୟୁରୋ) :** ସର୍ପର ଦେବୀ ମା' ମନସା । ନଦୀ ଗର୍ଭରେ କଦଳୀ ଭେଳାରେ ପାଆନ୍ତି ପୂଜା। ସର୍ପ ଦଂଶନରୁ ମୁକ୍ତି ପାଇବା ପାଇଁ ମା'ଙ୍କୁ ପୂଜା କରନ୍ତି ଲୋକେ । ମାନସିକ ପୂରଣ ହେଲେ ଶ୍ରଦ୍ଧାରେ ଭକ୍ତ ଟଙ୍କା ହାର ଅର୍ପଣ କରିଥାନ୍ତି । ଏଭଳି ପୂଜା ଦେଖି ବାକୁ ମିଳିଛି କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକର ବଙ୍ଗଭାଷୀ ଅଂଚଳ ରେ । ଚାଲିଛି ପୂଜା ଆରାଧନା । ନଈରେ ଭେଳାରେ ସୁନ୍ଦରଭାବେ ମା'ଙ୍କୁ ସଜ୍ଜିତ କରାଯାଇଛି। ମା'ଙ୍କୁ ଟଙ୍କା ଲାଗିଥିବା ଫୁଲହାର ଚଢେଇବା ପାଇଁ ଲାଗିଛି ପ୍ରତିଯୋଗିତା । ଏ ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ବଟୀଘର, ଖରିନାଶି, ପେଟଛିଲା ଆଦି ଅଞ୍ଚଳରେ ସର୍ପର ଦେବୀ ମା'ମନସା ଦେବୀଙ୍କପୂଜାର ଦୃଶ୍ୟ । ବର୍ଷ ବର୍ଷ ଧରି ପାଳିତ ହେଉଛି ଏହି ପୂଜା । ସର୍ପ ଦଂଶନରୁ ମୁକ୍ତି ପାଇବା ପାଇଁ ଏହି ପୂଜା କରୁଥିବା ଭକ୍ତମାନେ କୁହନ୍ତି । ଭକ୍ତି ଆଉ ବିଶ୍ୱାସରେ ଦୁଃଖ ଜଣାଇଲେ ମା' ଶୁଣନ୍ତି ବୋଲି ବିଶ୍ୱାସ ରହିଆସିଛି। ସୂର୍ଯ୍ୟାସ୍ତ ପୂର୍ବରୁ ନଦୀରେ ବିସର୍ଜନ ହୋଇଥାଏ । ସ୍ଥାନୀୟ ବିଧାୟକ ମା'ଙ୍କ ଆଶୀର୍ବାଦ ଗ୍ରହଣ କରିଥିବା ବେଳେ ପୂଜା ଦେଖିବାକୁ ପ୍ରବଳ ଭିଡ଼ ଜମିଛି।

# ୧୭ ଲକ୍ଷ ଅପରାଧିକ ମାମଲା ସରିବ କେବେ ?

**ଭୁବନେଶ୍ୱର,୨୨। ୯:** ଓଡ଼ିଶାରେ ବର୍ଷକୁ ବର୍ଷ ଅପରାଧିକ ମାମଲା ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଏବେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ଆଇନ୍ ଅଦାଲତଗୁଡ଼ିକରେ ପ୍ରାୟ ୧୭ ଲକ୍ଷ ଅପରାଧିକ ମାମଲା ବିଚାର ପ୍ରତୀକ୍ଷାରେ ରହିଛି। ଏହି ମାମଲାଗୁଡ଼ିକ ଭିତରୁ କେତେକ ୨୦/୩୦ ବର୍ଷର ପୁରୁଣା।

ଗତ ଅଗଷ୍ଟ ଶେଷସୁଦ୍ଧା ୩୦ଟି ଯାକ ଜିଲ୍ଲାରେ ଥିବା ଅଦାଲତଗୁଡ଼ିକରେ ୧୬,୮୪,୪୩୨ ଅପରାଧିକ ମାମଲା ବିଚାରାଧୀନ ଥିଲା। ଏଥି ମଧ୍ୟରୁ ସର୍ବାଧିକ ଅପରାଧିକ ମାମଲା ରହିଛି କଟକ ଜିଲ୍ଲାରେ। କଟକ ଜଜ୍‌ସିପ୍‌ରେ ୧,୬୮,୪୮୩ ଅପରାଧିକ ମାମଲା ବିଚାର ପ୍ରତୀକ୍ଷାରେ ଥିବାବେଳେ ତାହା ପଛକୁ ରହିଛି ରାଜଧାନୀ ଭୁବନେଶ୍ୱରରେ ଥିବା ଖୋରଧା ଜିଲ୍ଲା। ଖୋରଧା ଜଜ୍‌ସିପ୍‌ରେ ଗତ ଅଗଷ୍ଟ ଶେଷସୁଦ୍ଧା ୧,୬୮,୪୩୮ଟି ମାମଲା ବିଚାର ପ୍ରତୀକ୍ଷାରେ ଥିବାବେଳେ ଗଞ୍ଜାମ ଜଜ୍‌ସିପ୍‌ରେ ଏହି ସଂଖ୍ୟା ୧,୦୧,୯୯୮ ରହିଛି। ଏ କ୍ଷେତ୍ରରେ ଚତୁର୍ଥ ସ୍ଥାନରେ ବାଲେଶ୍ୱର ଜଜ୍‌ସିପ୍‌ରେ ୧,୦୦,୧୦୫ ଟି ଅପରାଧିକ ମାମଲା ବିଚାର ପ୍ରତୀକ୍ଷାରେ ଥିବାବେଳେ ସୁନ୍ଦରଗଡରେ ଏହି ସଂଖ୍ୟା ୯୨,୪୪୫, ଅନୁଗୁଳ ଜିଲ୍ଲାରେ ୮୫,୯୬୯, ଯାଜପୁରରେ ୮୫,୧୫୫ ଓ ଅଗଷ୍ଟ ସ୍ଥାନରେ ଥିବା ସମ୍ବଲପୁରରେ ବିଚାରାଧୀନ ଅପରାଧିକ ମାମଲା ସଂଖ୍ୟା ୮୦,୫୬୦ଟି ସରକାରୀ ସୂତ୍ରରୁ ଜଣାପଡିଛି।

ସବୁଠାରୁ କମ୍ ଅପରାଧିକ ମାମଲା ରହିଛି ଗଜପତି ଜିଲ୍ଲାରେ। ଏହି ଜିଲ୍ଲାରେ ଉକ୍ତ କିସମର ବିଚାରାଧିନ ମାମଲା ସଂଖ୍ୟା ଗତ ଅଗଷ୍ଟ ଶେଷସୁଦ୍ଧା ୮୫୨୭ ଥିଲାବେଳେ ଦେବଗଡ ଭଳି ଛୋଟିଆ ଜିଲ୍ଲାରେ କିନ୍ତୁ ୧୮,୯୭୯ଟି ଅପରାଧିକ ମାମଲା ବିଚାର ପ୍ରତୀକ୍ଷାରେ ରହିଥିଲା। ମୋଟାମୋଟି ଭାବେ ସମଗ୍ର ରାଜ୍ୟରେ ଉଭୟ ବିଚାରାଧିନ ଫୌଜଦାରୀ ଓ ଦେୱାନି ମାମଲା ସଂଖ୍ୟା ଗତ ଅଗଷ୍ଟ ଶେଷସୁଦ୍ଧା ୧୯,୯୭,୩୧୭ ରହିଥିଲା।

ହାଇକୋର୍ଟ, ସୁପ୍ରିମ୍‌କୋର୍ଟ ଓ ଅନ୍ୟାନ୍ୟ ଟ୍ରିବ୍ୟୁନାଲରେ ବିଚାର ପ୍ରତୀକ୍ଷାରେ ଥିବା ମାମଲାକୁ ମିଶାଇଲେ ଏହି ସଂଖ୍ୟା ପ୍ରାୟ ୨୩ ଲକ୍ଷ ହେବ ବୋଲି ଆଶଙ୍କା କରାଯାଉଛି। ତହସିଲ ଠାରୁ ରାଜସ୍ୱ ପାର୍ଷଦଙ୍କ ପର୍ଯ୍ୟନ୍ତ ବିଭିନ୍ନ ରାଜସ୍ୱ କୋର୍ଟରେ ପଡି ରହିଥିବା ମାମଲା ସହିତ ଦୁର୍ନୀତି ନିବାରଣ ମାମଲାକୁ ମିଶାଇଲେ ରାଜ୍ୟରେ ସମସ୍ତ କିସମର ମାମଲା ପ୍ରାୟ ୨୮ଲକ୍ଷ ହେବ ବୋଲି ଆକଳନ କରାଯାଇଛି।

ଏଠାରେ ଉଲ୍ଲେଖନୀୟ ଯେ, ମାମଲା ସଂଖ୍ୟା ହ୍ରାସ ସହିତ ତ୍ୱରିତ ଫଏସଲା ପାଇଁ ଓଡିଶା ସରକାର ଅର୍ଥ କମିଶନଙ୍କ ସୁପାରିଶ୍ ଆଧାରରେ ୨୦୧୧ ମସିହାରେ ରାଜ୍ୟ ମାମଲା ନୀତି ପ୍ରଣୟନ କରିଥିଲେ। ମାମଲା ନୀତିର ଲକ୍ଷ୍ୟ ଯଦି ପୂରଣ ହୋଇଥାନ୍ତା ତେବେ ୫ବର୍ଷର ପୁରୁଣା ଗୋଟିଏ ହେଲେ ମାମଲା କୌଣସି ଅଦାଲତର ଗଡୁନଥାନ୍ତା ଏବଂ ମାମଲା ସଂଖ୍ୟା ମଧ୍ୟ ଢେର କମ୍ ରହିଥାନ୍ତା। ବିଭିନ୍ନ କାରଣରୁ ଓଡିଶା ରାଜ୍ୟ ମାମଲା ନୀତି ସଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବାରୁ ଏଭଳି ପରିସ୍ଥିତି ଲାଗି ରହୁଛି ବୋଲି ଅଭିଜ୍ଞ ଆଇନ୍‌ଜୀବୀମାନେ ମତ ଦେଉଛନ୍ତି।

ଏମିତିକି ଏବେ ବି ଆମ ରାଜ୍ୟରେ ୨୦୦୦ବର୍ଷ ପୂର୍ବର ବହୁ ଦେୱାନି ଓ ଫୌଜଦାରୀ ମାମଲା ସମେତ ଭିଜିଲାନ୍ସ ମାମଲା ମଧ୍ୟ ଗଡି ଚାଲୁଛି। ପ୍ରାୟ ୩୫ବର୍ଷ ତଳେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଗୋଟିଏ କଲେଜରେ କିଛି ନିର୍ଦ୍ଦିଷ୍ଟ ଛାତ୍ରଛାତ୍ରୀଙ୍କୁ ଯୁକ୍ତ ଦୁଇ ପରୀକ୍ଷାର ନମ୍ବର ବଢାଇ ମାର୍କସିଟ୍ ଦିଆଯାଇଥିଲା। ଏହି ଘଟଣା ଜଣାପଡିବା ପରେ ସରକାର ତଦନ୍ତ ଦାୟିତ୍ୱ ଭିଜିଲାନ୍ସ ସଂସ୍ଥା ହାତରେ ଅର୍ପଣ କରିଥିଲେ। ଭାତହାଣ୍ଡିରୁ ଗୋଟିଏ ଭଳି ଏହି ମାମଲା ଏବେ ବି ଭିଜିଲାନ୍ସ କୋର୍ଟରେ ଚାଲିଛି। ସରକାରଙ୍କ ପକ୍ଷରୁ ଠିକଣା ସମୟରେ ସାକ୍ଷ୍ୟପ୍ରମାଣ ଉପସ୍ଥାପନ କରାନଯିବା ମାମଲା ଗଡିବାର ଅନ୍ୟତମ କାରଣ ବୋଲି କୁହାଯାଉଛି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶ୍ରୀମୟୀଙ୍କୁ...

କୌଣସି ବାଧା ନାହିଁ। ହେଲେ ଶ୍ରୀମୟୀ ଛୋଟ ହେଉ ବା ବଡ଼ ହେଉ, କୌଣସି ପ୍ରସଙ୍ଗରେ କିଛି ମତ ରଖିବା ମାତ୍ରେ ତାହାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ସବୁଠାରୁ ବଡକଥା ହେଲା ଶ୍ରୀମୟୀ କିମ୍ବା ବିଜେଡି ସଭାପତି ଏ ବାବଦରେ ପଦୁଟିଏ ପାଟି ଫିଟାଉ ନଥିବା ବେଳେ ଆକସ୍ମିକ ଭାବେ ଟିକସ ନେଇ ଚିତ୍‌ପଟାଙ୍ଗ ମାରିଥିବା ମନ୍ମଥ ରାଉତରାୟ ଏ କ୍ଷେତ୍ରରେ ଏବେ ଆଗରେ ଅଛନ୍ତି। ପ୍ରତିଦିନ ଶ୍ରୀମୟୀଙ୍କୁ ଲକ୍ଷ୍ୟକରି ଅତ୍ୟନ୍ତ ଅରୁଚିକର ମନ୍ତବ୍ୟ ଦେଉଛନ୍ତି। ବିଜେଡିର କିଛି ନେତାଙ୍କ କହିବା କଥା ଯେ, ମନ୍ମଥ ଭୁଲିଯାଉଛନ୍ତି ଶ୍ରୀମୟୀ ଏକଦା ନବୀନଙ୍କ ପାଇଁ ଗୀତ ଗାଇବା ସହିତ ବିଜେଡି ପ୍ରଚାରର ମଙ୍ଗ ଧରିଥିଲେ। ନାରୀ ନେତ୍ରୀଙ୍କ ମଧ୍ୟରେ ସବୁଠାରୁ ଆଗଧାଡିରେ ଥିଲେ। ଏତେ ସବୁ ବାକ୍‌ଯୁଦ୍ଧ ସତ୍ତ୍ୱେ ଏବେ ବି ଦଳର ଜଣେ ଶୃଙ୍ଖଳିତ ସୈନିକ। ହେଲେ ଦଳରେ ଅଳ୍ପଦିନ ତଳେ ଯୋଗ ଦେଇଥିବା ମନ୍ମଥ ଓ ନିର୍ବାଚନରେ ଶୋଚନୀୟ ଭାବେ ହାରିଥିବା କିଛି ନେତା ଏବେ ଶ୍ରୀମୟୀଙ୍କୁ ଆଶାବାଡି କରି ରାଜନୀତି ଚଳାଇଛନ୍ତି। ଏହା ହୁଏତ ସେହିସବୁ ନେତାଙ୍କୁ କିଛିଦିନ ପାଇଁ ପବ୍ଲିସିଟି ଦେଇପାରେ, କିନ୍ତୁ ବିଜେଡିର ଯେଉଁ କ୍ଷତି ହେଉଛି ତାହାକୁ ଭରଣା କରିବା କଷ୍ଟକର ହୋଇପଡିବ ବୋଲି ମତପ୍ରକାଶ ପାଉଛି।

### ଇଟାନଗରରେ...

ଅନ୍ତର୍ଜାତୀୟସ୍ତରର ସମ୍ମିଳନୀ ଆୟୋଜିତ ହୋଇପାରିବ। ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଟାନଗରରେ ସାଧାରଣ ସଭାକୁ ସମ୍ବୋଧିତ କରି କହିଛନ୍ତି ଯେ, ମୋର ଅରୁଣାଚଳ ପ୍ରଦେଶ ଗସ୍ତ ସ୍ୱତନ୍ତ୍ର ହୋଇଛି। ନବରାତ୍ରିର ପ୍ରଥମ ଦିନରେ ମୁଁ ଏତେ ସୁନ୍ଦର ପର୍ବତ ଦେଖିବାକୁ ପାଇଲି। ଆଜି ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର କାର୍ଯ୍ୟକାରୀ ହୋଇଛି। ଜିଏସଟି ସଞ୍ଚୟ ମହୋତ୍ସବ ଆରମ୍ଭ ହୋଇଛି। ଅରୁଣାଚଳ ପ୍ରଦେଶକୁ ଶକ୍ତି, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଏବଂ ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ପ୍ରକଳ୍ପ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, କଂଗ୍ରେସ ଦଳର ବିଚାରଧାରା ଅରୁଣାଚଳ ପ୍ରଦେଶ ଏବଂ ସମଗ୍ର ଉତ୍ତର-ପୂର୍ବାଞ୍ଚଳକୁ ବହୁତ କ୍ଷତି ପହଞ୍ଚାଇଛି। ସେ ଆହୁରି ମଧ୍ୟ କହିଥିଲେ ଯେ, ମୋଦି ସେମାନଙ୍କୁ ପୂଜା କରନ୍ତି, ଯାହାକୁ କେହି ପଚାରି ନାହାନ୍ତି। ଅରୁଣାଚଳ ପ୍ରଦେଶ ପରେ ଆଜି ଅପରାହ୍ନରେ ମୋଦି ତ୍ରିପୁରା ଗସ୍ତ କରିଛନ୍ତି। ଦୁଇ ରାଜ୍ୟରେ ବିଭିନ୍ନ ପ୍ରକଳ୍ପ ପାଇଁ ୫ ହଜାର ୧୨୭ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ତ୍ରିପୁରା ରାଜଧାନୀ ଅଗରତାଲାରେ ବିଭିନ୍ନ କାର୍ଯ୍ୟକ୍ରମ ପରେ ଅଗରତାଲାରୁ ମୋଦି ହେଲିକପ୍ଟରରେ ତ୍ରିପୁରାର ଉଦୟପୁର ଯାଇଛନ୍ତି। ସେଠାରେ ସେ ୫୨୪ ବର୍ଷର ପୁରୁଣା ମାତା ତ୍ରିପୁରା ସୁନ୍ଦରୀ ମନ୍ଦିରର ପୁନଃ ବିକାଶ କାମର ଉଦଘାଟନ କରିଛନ୍ତି। ଏହି ମନ୍ଦିରର ବିକାଶ ପାଇଁ ୭୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ହେଲିପ୍ୟାଡରୁ ମୋଦି ତ୍ରିପୁରା ସୁନ୍ଦରୀ ମନ୍ଦିର ପର୍ଯ୍ୟନ୍ତ ୧୨ କିଲୋମିଟର ରୋଡ୍ ଶୋ' କରିଛନ୍ତି। ଉତ୍ତର-ପୂର୍ବ ରାଜ୍ୟର ବିକାଶ ଲାଗି ନିରନ୍ତର ପ୍ରୟାସ ସରକାର କରୁଥିବା ମୋଦି ପ୍ରକାଶ କରିଛନ୍ତି।

### ଅଗ୍ରାହ୍ୟ...

ପ୍ରସଙ୍ଗ। ଏହି ପ୍ରସଙ୍ଗରେ ବିଜେଡି ଗୃହକୁ ଅଚଳ କରିବା ଦେଖି କଂଗ୍ରେସ ବିଜେପି-ବିଜେଡିର ଭିତିରି ସମ୍ପର୍କକୁ ନେଇ ପ୍ରଶ୍ନ ଉଠାଇଛି। କଂଗ୍ରେସ ଅଭିଯୋଗ କରିଛି ଯେ, ଅନାସ୍ଥା ପ୍ରସ୍ତାବ ଉପରେ ଗୃହରେ ଆଲୋଚନା କରାଇ ନଦେବାକୁ ବିଜେଡି ବିଜେପିକୁ କଭର ଫାୟାର ଦେଉଥିଲା।

ଯେଉଁଥିପାଇଁ ଅଧିବେଶନର ପ୍ରଥମ ତିନି ଦିନ ସାର ଓ ଆଜି ପଞ୍ଚାୟତ ପ୍ରତିନିଧିଙ୍କ କ୍ଷମତା ହ୍ରାସ ପ୍ରସଙ୍ଗକୁ ନେଇ ଜାଣିଶୁଣି ଗୃହ ଚଳାଇ ଦେଉନାହିଁ। କଂଗ୍ରେସ ସାର ପ୍ରସଙ୍ଗରେ ମୁଲତବି ନୋଟିସ ଦେଇଥିଲା। ଏହାକୁ ବାଚସ୍ପତି ଗ୍ରହଣ ମଧ୍ୟ କରିଥିଲେ। କିନ୍ତୁ ବିଜେଡି ବିଧାୟକମାନେ ଏନେଇ ଆଲୋଚନା କରିବାର ସୁଯୋଗ ଦେଲେନାହିଁ। ବରଂ ସରକାରୀ ଦଳକୁ ସୁହାଇବାକୁ ଗୃହକୁ ଅଚଳ କରିରଖିଲେ। ଆଉ ଆଜି ପୁଣି ଥରେ ପଞ୍ଚାୟତ ପ୍ରତିନିଧି ପ୍ରସଙ୍ଗରେ ଗୃହରେ ବିଶୃଙ୍ଖଳା କରୁଛନ୍ତି। ଏହି ପ୍ରସଙ୍ଗରେ ଆସନ୍ତାକାଲି ବିଜେଡିର ବିଧାନସଭା ଘେରାଉ କାର୍ଯ୍ୟକ୍ରମ ରହିଛି। ତେଣୁ ଆଜି ବିଜେଡି ଏହି ପ୍ରସଙ୍ଗ ଉଠାଇବାର କୌଣସି ପ୍ରାସଙ୍ଗିକତା ନଥିଲା ବୋଲି କଂଗ୍ରେସ ଅଭିଯୋ କରିଛି। ସେପଟେ କଂଗ୍ରେସ ଅଭିଯୋଗର ଜବାବ ଦେଇଛି ବିଜେଡି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, କଂଗ୍ରେସ ଅନାସ୍ଥା ନୋଟିସ ଦେବା ପୂର୍ବରୁ ମୁଖ୍ୟ ବିରୋଧୀ ଦଳ ଅର୍ଥାତ ବିଜେଡି ସହ କାହିଁକି ଆଲୋଚନା କରିନଥିଲା। ଆବଶ୍ୟକ ସଂଖ୍ୟା ନଥାଇ କଂଗ୍ରେସ କେବଳ ରାଜନୈତିକ ହଟଚମଟ ସୃଷ୍ଟି କରିବାକୁ ଚେଷ୍ଟା କରୁଥିଲା। ଆଉ ଏଥିପାଇଁ ଦଳ ନିଜକୁ ନିଜେ ଲୋକହସା କରିଛି। ଗତ ସାଧାରଣ ନିର୍ବାଚନରେ କଂଗ୍ରେସର ସବୁ ଭୋଟ ବିଜେପିକୁ ଯାଇଛି, ଏକଥା ପ୍ରମାଣିତ ହୋଇସାରିଛି। ତେଣୁ କଂଗ୍ରେସ ଓ ବିଜେପିର ଭିତିରି ସମ୍ପର୍କ କାହାକୁ ଅଛାପ ନୁହେଁ ବୋଲି ସେ କହିଛନ୍ତି। ବରଂ ଚାଷୀଙ୍କ ସମସ୍ୟାକୁ ଗୃହରେ ଆଲୋଚନା କରାଇନଦେବାକୁ ବିଜେପି ସହ ସାଲିସ କରି କଂଗ୍ରେସ ଅନାସ୍ଥା ଆଣିଥିଲା ବୋଲି ବିଜେଡି ଅଭିଯୋଗ କରିଛି। ସଂଖ୍ୟା ନଥାଇ ଅନସ୍ଥା ଆଣିବା ଅପେକ୍ଷା ସରକାରଙ୍କ ବିଫଳତାକୁ ନେଇ ଗୃହରେ ଆଲୋଚନା କରିଥିଲେ ସରକାରୀ ଦଳ ଅଡୁଆରେ ପଡିଥାନ୍ତା ବୋଲି ଦଳର ଅନ୍ୟ ନେତାମାନେ ଯୁକ୍ତି ବାଢ଼ିଛନ୍ତି।

ବିଜେପି ମଧ୍ୟ କଂଗ୍ରେସର ଏଭଳି ରଣନୀତିକୁ ସମାଲୋଚନା କରିଛି। ସଂଖ୍ୟା ନଥାଇ କଂଗ୍ରେସ କେବଳ ଭାଷଣବାଜୀ କରିବାକୁ ଅନାସ୍ଥା ନୋଟିସ ଦେଇଥିଲା। ବିଜେପି ଅଭିଯୋଗ କରିଛି ଯେ, ବିଧାନସଭା ଚଳାଇନଦେବାକୁ କଂଗ୍ରେସ ବିଜେଡିର ହାତବାରିସୀ ସାଜିଛି। ବିଧାନସଭାରେ କଂଗ୍ରେସ ବିଜେପି ସହ ଅଛି, ନା ବିଜେଡି ବିଜେପି ସହ ଅଛି, ଏହାକୁ ନେଇ ତିନି ପ୍ରମୁଖ ଦଳର ନେତାଙ୍କ ଭିତରେ କଥା କଟାକଟି ଚାଲିଥିବା ସ୍ୱଳ୍ପ କାଳୀନ ମୌସୁମୀ ଅଧିବେଶନର ୪ ଦିନ ଧୋଇ ହୋଇଗଲାଣି। ଅବଶ୍ୟ ଆଜି ଦ୍ୱିତୀୟାର୍ଦ୍ଧରେ ନୂଆ ଜିଏସଟି ଲାଗୁ ହେବା ନେଇ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ ବିଜେପି ସଦସ୍ୟମାନେ। ଆଜି ଅପରାହ୍ନ ଅଧିବେସନରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନୂଆ ଜିଏସଟି ଲାଗୁ ହେବା ନେଇ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ଏଥିପାଇଁ ବିଧାନସଭା କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଥିଲା। ଅବଶ୍ୟ ଏହି ଆଲୋଚନା ଆଜି ଅସମାପ୍ତ ରହିଛି। ଆସନ୍ତାକାଲି ଧନ୍ୟବାଦ ପ୍ରସ୍ତାବ ଉପରେ ପୁଣି ଥରେ ଆଲୋଚନା ହେବ।

### ଶୁଆକାଟି...

ସ୍ଥାପନ କରିଛନ୍ତି। ପ୍ରତ୍ୟେକ ପୁରସ୍କାରରେ ଏକ ଟ୍ରଫି, ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସ୍ୱର୍ଣ୍ଣ ପୁରସ୍କାର ପାଇଁ ୧୦ ଲକ୍ଷ ଟଙ୍କା ଏବଂ ରୌପ୍ୟ ପୁରସ୍କାର ପାଇଁ ୫ ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଛି, ଯାହାକୁ ନାଗରିକ-କୈନ୍ଦ୍ରିକ ପଦକ୍ଷେପଗୁଡ଼ିକୁ ସୁଦୃଢ଼ କରିବା ପାଇଁ ପୁନଃବିନିଯୋଗ କରାଯିବ। ଶୁଆକାଟି ଗ୍ରାମ ପଞ୍ଚାୟତ ଓଡ଼ିଶା ୱାନ୍ ଏବଂ ସେବା ଓଡ଼ିଶା ପ୍ଲାଟଫର୍ମ ମାଧ୍ୟମରେ ଅତ୍ୟାବଶ୍ୟକ ସେବାଗୁଡ଼ିକୁ ଡିଜିଟାଇଜ୍ କରିଛି, ଯାହା ନାଗରିକମାନଙ୍କୁ ତୁରନ୍ତ ଟ୍ରାକିଂ ସହିତ ୨୪ ଘଣ୍ଟିଆ ଉପଲବ୍ଧତା ପ୍ରଦାନ କରୁଛି। ମହିଳା ନେତୃତ୍ୱ ଏବଂ ଅନ୍ତର୍ଭୁକ୍ତିମୂଳକ ସେବା ପ୍ରଦାନକୁ ସୁନିଶ୍ଚିତ କରି, ଏହା ପ୍ରଯୁକ୍ତିବିଦ୍ୟା କିପରି ସରକାର ଏବଂ ନାଗରିକଙ୍କ ମଧ୍ୟରେ ସେତୁ ସ୍ଥାପନ କରେ ତାହାର ଉଦାହରଣ ହୋଇଛି।

### ଆଉ...

ଗଣମାଧ୍ୟମରେ ଭିନ୍ନ ରୂପରେ ଉପସ୍ଥାପିତ ହୋଇଥିବା ବିଭାଗର ନଜରକୁ ଆସିଛି। ବିଭାଗ ପକ୍ଷରୁ ଏଥିନେଇ ସବୁ ଜନସାଧାରଣ ତଥା ରାଜ୍ୟବାସୀଙ୍କୁ ଜଣାଇ ଦିଆଯାଉଛି କି, ବର୍ତ୍ତମାନ ନୂଆ ମଦ ଦୋକାନ ଖୋଲିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ଯୋଜନା ନାହିଁ କିମ୍ବା ନିକଟ ଭବିଷ୍ୟତରେ ମଧ୍ୟ ପ୍ରସ୍ତାବ ନାହିଁ। ଅବକାରୀ ନୀତିର ଅଧିନିୟମ-୨୬ ଅନୁଯାୟୀ ଶିକ୍ଷାନୁଷ୍ଠାନର ୫୦୦ ମିଟର, ଧର୍ମାନୁଷ୍ଠାନର ୩୦୦ ମିଟର ଏବଂ ସର୍ବସାଧାରଣ ସ୍ନାନାଗାରର ୧୦୦ ମିଟର ପରିଧି ମଧ୍ୟରେ ମଦ ଦୋକାନ ଖୋଲିବା ନେଇ ପ୍ରାବଧାନ ନାହିଁ। ଏ ସମ୍ପର୍କିତ କୌଣସି ଅଭିଯୋଗ ଆସିଲେ ବିଭାଗ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏଥିସହିତ ସମସ୍ତ ମଦ ଦୋକାନଗୁଡ଼ିକ ଯେପରି କୌଣସି ଶିକ୍ଷାନୁଷ୍ଠାନ, ମନ୍ଦିର କିମ୍ବା ଅନ୍ୟ ନିଷିଦ୍ଧାଞ୍ଚଳରେ ନ ରହିବ ସେଥିନେଇ ପଦକ୍ଷେପ ନିଆଯାଉଛି। ଏଥି ସହ ସବୁ ମଦ ଦୋକାନ ତଥା ବାର୍‌ଗୁଡ଼ିକୁ ଗୁଗୁଲ ମ୍ୟାପ୍‌ରେ ଚିହ୍ନଟ କରାଯିବା ସହ ସରକାରଙ୍କ ନିକଟରେ ତଥ୍ୟ ରହିବ। ଏଠାରେ ସୂଚନା ଯୋଗ୍ୟଯେ, ବିଭିନ୍ନ ସମୟରେ ସରକାରଙ୍କ ପକ୍ଷରୁ ଆବଣ୍ଟିତ ହୋଇଥିବା ମଦ ଦୋକାନ ତଥା ବାର ଗୁଡ଼ିକ ବିଭିନ୍ନ କାରଣ ଯଥା ଜନ ଅସନ୍ତୋଷ, ବେଆଇନ କାରବାରରେ ସମ୍ପୃକ୍ତି, ଦେବାଳିଆ ସ୍ଥିତି ଯୋଗୁଁ ମଦ ଦୋକାନ ଲାଇସେନ୍ସ ନବୀକରଣ ନ କରିବା ଇତ୍ୟାଦି କାରଣ ନେଇ ମଦ ଦୋକାନ ଗୁଡ଼ିକ ବନ୍ଦ ହୋଇଥାଏ । ତେବେ ପରବର୍ତ୍ତୀ ସମୟରେ ଅନୁସନ୍ଧାନ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ । ଏହା ଏକ ସାଧାରଣ ପ୍ରକ୍ରିୟା । ତେବେ ନୂଆ ମଦ ଦୋକାନ ନ ଖୋଲିବା ନେଇ ସରକାର ନିଷ୍ପତ୍ତି ବଳବତ୍ତର ଅଛି ।

ଅବକାରୀ ବିଭାଗ ପକ୍ଷରୁ ଆହୁରି ସ୍ପଷ୍ଟ ଭାବେ ସବୁ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ସମସ୍ତ ପ୍ରକାର ବେଆଇନ ମଦ ତଥା ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ପାଇଁ ବିଭାଗ ନିୟମିତ ଭାବେ ବିଭିନ୍ନ ସ୍ଥାନରେ ସଚେତନତା ଅଭିଯାନ ଜାରି ରଖିଛି। ସେହିପରି ବିଭାଗ ପକ୍ଷରୁ ସବୁ ଜିଲ୍ଲାରେ ମଡେଲ ନିଶାନିବାରଣ କେନ୍ଦ୍ର ଖୋଲାଯିବ। ଆଗାମୀ ଅକ୍ଟୋବର- ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ବେଆଇନ ତଥା ସମସ୍ତ ପ୍ରକାର ନିଶା ସେବନଠାରୁ ଦୂରେଇ ରହିବା ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯିବ । ଏଥିନେଇ ଅବକାରୀ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଟ୍ରାନ୍ସପୋର୍ଟ...

ଜିଲ୍ଲା ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡାଙ୍କ ବ୍ଲୁ ଆଏଡ ବୟ ସାଜିଥିଲେ ସନତ। ପଣ୍ଡା ବାବୁଙ୍କ ଦ୍ୱାରା ମୁଣ୍ଡା ବାବୁ କୁଆଡ଼େ ସବୁ କୁକର୍ମ କରି ଚାଲିଥିଲେ। ଶ୍ରୀ ମୁଣ୍ଡା ଧରା ପଡ଼ି ଜେଲ୍ ଯିବା ପରେ ସନତ ପଣ୍ଡାଙ୍କୁ ତଦନ୍ତ ପରିସରକୁ ନେବାକୁ ବିଭିନ୍ନ ମହଲରେ ଦାବି ଉଠିଥିଲା। ଯଦିଓ ଏ ଦିଗରେ କେହି ଗୁରୁତ୍ୱ ଦେଲେନାହିଁ, କିନ୍ତୁ ଜଣେ ସବୁ ନିୟମକୁ ଜଳାଞ୍ଜଳି ଦେଇ ଉଭୟ କଷ୍ଟମ ରାଇସ୍ ମିଲର୍ସ ଓ ଲେବୁଲ-୨ କଣ୍ଟ୍ରାକ୍ଟର ସାଜିଥିଲେ ବି କେହି କାହିଁକି ଶୁଣୁନାହାନ୍ତି ବୁଝାପଡୁନି। ଓଡ଼ିଶା ସାଧାରଣ ଖାଉଟି ଯୋଗାଣ ନିଗମରେ ଏ ନେଇ ବାରମ୍ବାର ଅଭିଯୋଗ ହୋଇଛି। ହେଲେ କେହି କିଛି ଶୁଣିନାହାନ୍ତି। ତୁରନ୍ତ ସନତ ପଣ୍ଡାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

### ରତ୍ନଭଣ୍ଡାର...

ଶ୍ରୀମନ୍ଦିର ମୁଖ୍ୟ ଦେଉଳ ତଥା ଝୁଲଣ ମଣ୍ଡପ ପରିସରକୁ ଭକ୍ତଙ୍କ ପ୍ରବେଶ ବାରଣ ରହିବ। ତେବେ ମହାପ୍ରସାଦ ପାଇବାକୁ ଇଚ୍ଛୁକ ଶ୍ରଦ୍ଧାଳୁମାନେ ଆନନ୍ଦ ବଜାରକୁ ଯାଇ ମହାପ୍ରସାଦ ନେଇ ପାରିବେ। ରତ୍ନଭଣ୍ଡାର ସ୍ଥାନାନ୍ତର କାର୍ଯ୍ୟ ସମାପନ ପରେ ପ୍ରବେଶ କଟକଣା ପ୍ରତ୍ୟାହାର ତଥା ଦର୍ଶନ ସ୍ୱାଭାବିକ ହେବ। ମହାପ୍ରଭୁଙ୍କ ସେବାରେ କରାଯାଉଥିବା ଏହି ଦର୍ଶନ କଟକଣା ପାଇଁ ଶ୍ରଦ୍ଧାଳୁମାନେ ସହଯୋଗ କରିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିନମ୍ର ନିବେଦନ କରାଯାଇଛି।

### ଚୌଦ୍ୱାର...

ତାଙ୍କୁ ଅଟକ ରଖିଥିଲା ତାହା ଜଣାପଡ଼ିନାହିଁ। ସେପଟେ ପୋଲିସର ଥାର୍ଡ ଡିଗ୍ରୀ ଯୋଗୁ ଆତ୍ମହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି ମୃତକଙ୍କ ପତ୍ନୀ ଓ ଭାଇ ଅଭିଯୋଗ କରିଛନ୍ତି। ମୃତକଙ୍କ ଭାଇ କହିଛନ୍ତି "ରସାନନ୍ଦଙ୍କୁ ଥାନାରେ ମାଡ଼ ମରାଯାଇଥିଲା। ଫଳରେ ସେ ପାଇଖାନା ଯିବା ବାହାନାରେ ପାଇଖାନା ଭିତରେ ଆତ୍ମହତ୍ୟା କରିଛନ୍ତି। ପୋଲିସ୍ ଗାଡ଼ି ଚୋରି ମାମଲାରେ ଥାନାକୁ ଆଣିଥିଲା।"

### ୨୫ ଲକ୍ଷ...

ସଦସ୍ୟଙ୍କ ସଂଖ୍ୟା ୧୦.୬୦ କୋଟିକୁ ବୃଦ୍ଧି ପାଇବ।

ତାଙ୍କର ଏହି ଟ୍ୱିଟକୁ ରିଟ୍ୱିଟ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେ ଲେଖିଛନ୍ତି, "ନବରାତ୍ରିର ପବିତ୍ର ଅବସରରେ, ମୁଁ ଉଜ୍ଜ୍ୱଳା ପରିବାର ସହିତ ଜଡିତ ସମସ୍ତ ମା' ଏବଂ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି। ଏହି ପଦକ୍ଷେପ କେବଳ ଏହି ପବିତ୍ର ଅବସରରେ ସେମାନଙ୍କୁ ଆନନ୍ଦ ଦେବ ନାହିଁ ବରଂ ମହିଳା ସଶକ୍ତିକରଣ ପ୍ରତି ଆମର ସଂକଳ୍ପକୁ ମଧ୍ୟ ମଜବୁତ କରିବ," ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି।

### ବିଜେପିରୁ...

ହୋଇଥିଲେ ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ। ଏହି ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ହେବାକୁ ଆଗ୍ରହୀ ଥିବା ଘାସିରାମ ମାଝୀଙ୍କୁ ଦଳ ପ୍ରାର୍ଥୀ କରିନଥିଲା। କିନ୍ତୁ ସେ ସ୍ୱାଧୀନ ଭାବେ ଛିଡା ହୋଇ ଦୁଇ ନମ୍ବର ସ୍ଥାନରେ ଥିଲେ। କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକ ୧୫ ହଜାର ୫୦୧ ଖଣ୍ଡ ଭୋଟ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଘାସିରାମ ୫୦ ହଜାର ୯୦୪ଖଣ୍ଡ ଭୋଟ ପାଇଥିଲେ। ରାଜେନ୍ଦ୍ର ଢୋଲକିଆ ୬୧ ହଜାର ୮୨୨ ଖଣ୍ଡ ଭୋଟ ପାଇ ଜିତିଥିଲେ। ଏଥର ଭକ୍ତ ଦାସ ଘାସିରାମଙ୍କୁ ପ୍ରାର୍ଥୀ କରିବାକୁ ଉଦ୍ୟମ ଚଳାଇଛନ୍ତି। ଘାସିରାମଙ୍କ ପାଖରେ ୫୦ ହଜାର ଆଦିବାସୀ ଭୋଟ ଥିବାରୁ ବିଜେଡି ମଧ୍ୟ ତାଙ୍କୁ ନିଜ ଶିବିରକୁ ଟାଣିବାକୁ ଯୋଜନା କରୁଛି।

୨୦୨୪ରେ ବିଜେପି ପ୍ରଥମ ଥର ପାଇଁ ଏକକି ସରକାର କରିଛି। ସରକାର ଗଠନକୁ ଦେଢ ବର୍ଷ ପୂରିନଥିବା ବେଳେ ଦଳ ଏକ ଉପନିର୍ବାଚନର ସମ୍ମୁଖୀନ ହେବାକୁ ଯାଉଛି। ଏଭଳି ସ୍ଥିତିରେ ବିଜେପି ଯଦି ହାରିଯାଏ ତେବେ ସାଧାରଣରେ ଏକ ଭୁଲ ବାର୍ତ୍ତାଯିବ। ଯେଉଁଥି ପାଇଁ ଖୋଦ ମୋହନ ମାଝୀ ଢୋଲକିଆଙ୍କ ପରିବାରକୁ ବ୍ୟକ୍ତିଗତ ଭାବେ ଭେଟିବା ସହ ନୂଆପଡ଼ା ପାଇଁ ତାଙ୍କର ଅଧୁରା ସ୍ୱପ୍ନ ପୂରଣ କରିବାର ଦାୟିତ୍ୱ ନେଇଛନ୍ତି। ବିଜେପୁର ଉପନିର୍ବାଚନ ସମୟରେ ବିଜେଡି ଯେଉଁ ରଣନୀତି ଆପଣେଇଥିଲା ମୋହନ ସେଇ ରଣନୀତି ଆପଣେଇବାକୁ ଯାଉଛି ବୋଲି ଚର୍ଚ୍ଚା ହେଉଛି। ସେ ସମୟରେ ମଧ୍ୟ ବିଜେପୁର କଂଗ୍ରେସର ଗଡ ଥିଲା। କିନ୍ତୁ ଆକସ୍ମିକ ଭାବେ ସୁବଳ ସାହୁଙ୍କ ମୃତ୍ୟୁ ପରେ ବିଜେଡି ଅତି ଚତୁରତାର ସହ ତାଙ୍କ ପତ୍ନୀ ରୀତା ସାହୁଙ୍କୁ ବିଜେଡିରେ ମିଶାଇ ତାଙ୍କୁ ଉପନିର୍ବାଚନରେ ପ୍ରାର୍ଥୀ କରାଇଦେଲା। ଆଉ ପରେ ରୀତା ସାହୁ ନବୀନଙ୍କ ମନ୍ତ୍ରିମଣ୍ଡଳରେ ମନ୍ତ୍ରୀ ମଧ୍ୟ ହୋଇଥିଲେ।

### ଆଦର୍ଶ...

ଓ ଛାତ୍ରୀ ନିବାସ ପାଣ୍ଠି ବାବଦରେ ୨୦୨୧-୨୨ରୁ ୨୦୨୪-୨୫ ମଧ୍ୟରେ ଆସିଥିବା ଅର୍ଥ ହଡ଼ପ କରିଥିବା ନେଇ ଶ୍ରୀ କ୍ଷେତିଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ସେ ୨୦୨୧ ସେପ୍ଟେମ୍ବର ୨୯ ତାରିଖରେ ଉକ୍ତ ବିଦ୍ୟାଳୟର ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଥିଲେ। ପରେ ତାଙ୍କ ବିରୋଧରେ ସରକାରୀ ଅର୍ଥ ତୋଷରପାତ ଅଭିଯୋଗ ଆସିବା ପରେ ଭିଜିଲାନ୍ସ ପକ୍ଷରୁ ୧୯/୨୦୨୫ରେ ଏକ ମାମଲା ରୁଜୁ କରାଯାଇଥିଲା।

## ଏଲଆଇସି କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ



ବ୍ରହ୍ମପୁର,୨୨।୯ (ସଂଚାର ବ୍ୟୁରୋ): ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡାସିଙ୍ଗି ସ୍ଥିତ ଏଲଆଇସି କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ ଘଟିଛି। ସକାଳ ୭.୩୦ ମିନିଟ ସମୟରେ ଏଲଆଇସି କାର୍ଯ୍ୟାଳୟର ଦ୍ୱିତୀୟ ମହଲାରୁ ଧୂଆଁ ବାହାରୁଥିବା ନେଇ କାର୍ଯ୍ୟାଳୟର ସିକ୍ୟୁରିଟି ଦେଖିବାକୁ ପାଇଥିଲେ। ଏନେଇ ସେ ଏଲଆଇସିର ଉପରିସ୍ଥ ଅଧିକାରୀଙ୍କୁ ଫୋନ ଯୋଗେ ଜଣାଇବା ପରେ ସେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟ ଆରମ୍ଭ କରିଥିଲା। ସେପଟେ ଦ୍ୱିତୀୟ ମହଲାର ଆଇଟି ଲ୍ୟାବରେ ନିଆଁ ଲାଗିଥିଲା। ଯାହାଫଳରେ ବହୁ କମ୍ପ୍ୟୁଟର, ପ୍ରିଣ୍ଟର, ଫେନ, ଲାଇଟ ସହ ଅନେକ ଇଲେକ୍ଟ୍ରିକାଲ ମେସିନ ଜଳୁଥିବା ଦେଖିବାକୁ ପାଇଥିଲେ ଅଗ୍ନିଶମ କର୍ମଚାରୀମାନେ। ଅଧିକ ମାତ୍ରାରେ ଧୂଆଁ ନିର୍ଗତ ହେବା ଯୋଗୁଁ ଦ୍ୱିତୀୟ ମହଲାକୁ ଯାଇ ନିଆଁ ଲିଭାଇବା କାର୍ଯ୍ୟରେ ବହୁ ବାଧା ଉପୁଜିଥିଲା। ତଥାପି ମଧ ଅଗ୍ନିଶମ ବିଭାଗର ୬ଟି ଗାଡ଼ି ଓ ୩୦ରୁ ଅଧିକ କର୍ମଚାରୀ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ପ୍ରାୟ ତିନି ଘଣ୍ଟା ପରେ ନିଆଁକୁ ସଫଳତାର ସହ ଆୟତ୍ତ କରିବାରେ ସହାୟକ ହୋଇଥିଲେ ଅଗ୍ନିଶମ କର୍ମଚାରୀ ବୋଲି ଅଗ୍ନିଶମ ଅଧିକାରୀ ଠାକୁର ପ୍ରସାଦ ଦଳେଇ କହିଛନ୍ତି।

## ଅଗ୍ନିକାଣ୍ଡରେ ଜଳିଗଲା ଗାଈ



କାକଟପୁର/ଅସ୍ତରଙ୍ଗ,୨୨।୯ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନ ଝାଡ଼ଲିଙ୍ଗ ପଂଚାୟତ ନାନପୁର ଗ୍ରାମରେ ରବିବାର ବିଳମ୍ବିତ ରାତ୍ରରେ ଅଗ୍ନିକାଣ୍ଡ ଘଟିଥିଲା। ଏହି ଅଗ୍ନିକାଣ୍ଡରେ ଏକ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛି। ଖବର ମୁତାବକ ଝାଡ଼ଲିଙ୍ଗ ପଂଚାୟତ ଅଧୀନ ନାନପୁର ଗ୍ରାମର ବିନୋଦ ପତି ଙ୍କ ଗୁହାଳ ଘରେ ବିଳମ୍ବିତ ରାତ୍ର ୧ଘଟିକା ରେ ବିଦ୍ୟୁତ ସଟ ସର୍କିଟ ଯୋଗୁଁ ହଠାତ ନିଆଁ ଲାଗି ଯାଇଥିଲା। କ୍ଷଣିକ ମଧରେ ଗୁହାଳ ରେ ବନ୍ଧା ହୋଇଥିବା ଗାଈକୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରାଯାଇଥିଲେ ହେଁ ଦୁର୍ଭାଗ୍ୟ ବଶତଃ ଏହି ଅଗ୍ନିକାଣ୍ଡରେ ଗାଈଟି ଜୀବନ୍ତ ଦଗ୍ଧ ହୋଇଯାଇଥିଲା। ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇଁ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚିଥିଲେ। କିନ୍ତୁ କ୍ଷଣିକ ମଧରେ ନିଆଁରେ ସବୁ ଜଳି ପୋଡି ପାଉଁଶ ହୋଇଯାଇଥିଲା। ସ୍ଥାନୀୟ ବାସିନ୍ଦା ଦାବୀ କରିଛନ୍ତି ଅଗ୍ନି ବିପନ୍ନଙ୍କୁ ସରକାରୀ ସହାୟତା ପାଇଁ।

## ମୋହନ କଲୋନୀ ଚୋରି ଘଟଣାରେ ୨ ଗିରଫ



ହିଞ୍ଜିଳିକାଟୁ,୨୨।୯ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ପୌରାଞ୍ଚଳର ମୋହନ କଲୋନୀ ପ୍ରଥମ ଲାଇନ ସ୍ଥିତ ମମତା ପଣ୍ଡାଙ୍କ ଘରୁ ଗତ ୧୭ତାରିଖରେ ଚୋରି ହୋଇଥିବା ଘଟଣାରେ ପୋଲିସ ଦୁଇ ଜଣକୁ ଗିରଫ କରିଛି। ଗିରଫମାନେ ହେଲେ ପାଟପୁର ଗ୍ରାମର ସନ୍ତୋଷ ସାହୁ ଓ ବ୍ରହ୍ମପୁର ବଡ଼ ବଜାରର ଦିପୁନ କୁମାର ସାହୁ। ପ୍ରକାଶ ଯେ, ପୌରାଞ୍ଚଳର ମୋହନ କଲୋନୀ ପ୍ରଥମ ଲାଇନ ସ୍ଥିତ ମମତା ପଣ୍ଡାଙ୍କ ଘରୁ ଗତ ୧୭ତାରିଖ ବିଳମ୍ବିତ ରାତିରେ କଳାକନା ବୁଲାଇ ଦେଇଥିଲେ ଦୁର୍ବୃତ୍ତ। ସେ ଆଶ୍ୱିନ ପିତୃପକ୍ଷ ଶ୍ରାଦ୍ଧ କରିବାକୁ ପୋଡ଼ିଙ୍ଗି ଗ୍ରାମକୁ ଯାଇଥିଲେ। ତେବେ ଘରେ କେହି ନଥିବା ସୁଯୋଗ ଦେଖି ମୁଖ୍ୟଦ୍ୱାର ଗ୍ରିଲର ଚାବି ଭାଙ୍ଗି ଘରେ ପଶି ଆଲମାରୀ ଭାଙ୍ଗି ୨ତୋଳାର ମଙ୍ଗଳସୂତ୍ର, ୧ତୋଳାର ସୁନାରୁଲି, ୮ଟି ରୁପା ପାଉଁଜି ଓ ନଗଦ ୫୦୦୦ ଟଙ୍କା ଧରି ଚମ୍ପଟ୍ ମାରିଥିଲେ ଲୁଟେରା। ଏନେଇ ମମତା ପଣ୍ଡା ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଆଜି ପୁଲିସ ଦୁଇ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ନେଇ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ତେନ୍ତୁଳଖୁଣ୍ଟିରେ ଯୁଗ୍ମ ଜନଶୁଣାଣି ଶିବିର



ନବରଙ୍ଗପୁର,୨୨।୯ (ସଂଚାର ବ୍ୟୁରୋ): ଆଜି ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୪୩ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୬ଟି ବ୍ୟକ୍ତିଗତ ଓ ୭ଟି ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୨ଟିର ତତ୍କ୍ଷଣାତ ସମାଧାନ କରାଯାଇଥିଲା।

# ବାଲି ମାଫିଆଙ୍କୁ ରୋକିବାରେ ପ୍ରଶାସନ ବିଫଳ

ଯାଜପୁର,୨୨।୯ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର ବିଭିନ୍ନ ନଦୀ ପଠାରୁ ଦିନରାତି ବାଲିର ଅବୈଧ ଉଠାଣ ଚାଲିଥିବାରୁ ଲୋକମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ବାଲି ଉଠାଣରେ କଟକଣା ଲଗାଇ ଦେଇଥିଲେ ମଧ ବାଲି ମାଫିଆମାନଙ୍କୁ ସେଥିରେ କୌଣସି ପ୍ରଭାବ ପଡୁନାହିଁ। ବ୍ରାହ୍ମଣୀ, ବୈତରଣୀ ଓ ଖରସ୍ରୋତା ନଦୀରେ ପାଖାପାଖି ୫୦ରୁ ଅଧିକ ଅନଧିକୃତ ବାଲିଘାଟରୁ ରାତିରେ ହାଇୱା ଗାଡି ମାଧମରେ ଶହ ଶହ ଟ୍ରିପ ବାଲି ଉଠାଣ ହେଉଛି। କେତେକ ଘାଟରେ ମେସିନ ଓ ଡ୍ରେଜର ଦ୍ୱାରା ମଧ ବାଲି ଲୁଟ ଚାଲିଥିବା ଅଭିଯୋଗ ମିଳିଛି।



ଗ୍ରାମ୍ୟ ରାସ୍ତାରେ ନିରବଚ୍ଛିନ୍ନ ଭାବରେ ଚାଲିଥିବା ବାଲି ବୋଝେଇ ଗାଡି ଦ୍ୱାରା ଗ୍ରାମବାସୀଙ୍କ ନିଦ୍ରାହାନି ଘଟୁଥିବା ସହିତ ରାସ୍ତାର ଅବସ୍ଥା ମଧ ଦିନକୁ ଦିନ ଖରାପ ହେଉଛି। ଏହି ବାଲିକୁ ଉଚ୍ଚ ଦରରେ ଯାଜପୁର ସହିତ ଭଦ୍ରକ ଓ କେନ୍ଦୁଝର ଜିଲ୍ଲାକୁ ଯୋଗାଣ ହେଉଛି। ଖଣି ବିଭାଗ, ରାଜସ୍ୱ ବିଭାଗ ଓ ପୁଲିସର ମିଳିତ ଅଣଦେଖାରୁ ବାଲି ମାଫିଆମାନଙ୍କର ହାତ ଶକ୍ତିଶାଳୀ ହୋଇପଡିଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଅନେକ ସ୍ଥାନରେ ଶାସକ ଓ ବିରୋଧୀ ଦଳର ସ୍ଥାନୀୟ ନେତାମାନେ ମଧ ବାଲି ଘାଟରେ ପ୍ରଭାବ ପ୍ରତିଷ୍ଠା କରିଛନ୍ତି ବୋଲି କୁହାଯାଉଛି। ବାଲିର ଏହି ଅନିୟନ୍ତ୍ରିତ ଚାଲାଣରୁ ଘରବାଡି କାମ କରୁଥିବା ଆର୍ଥିକ ଅନଗ୍ରସରଙ୍କୁ ବେଶୀ ଦାମ ଦେବାକୁ ପଡୁଛି। ଫଳରେ ସରକାରୀ ଯୋଜନାରୁ ଲାଭାନ୍ୱିତ ହେବାକୁ ଥିବା ଗରିବ ଲୋକଙ୍କ ପାଇଁ ବାଲିର ଦର ବୋଝ ଉପରେ ବୋଝ ସାବ୍ୟସ୍ତ ହୋଇଥିବାରୁ ସେମାନଙ୍କ ଅସନ୍ତୋଷ ବଢୁଛି।

# ନିରାଶ ଛାତ୍ରନେତା, ଆରବର୍ଷକୁ ଅପେକ୍ଷା

ହିଞ୍ଜିଳିକାଟୁ,୨୨।୯ (ସଂଚାର ବ୍ୟୁରୋ): ଛାତ୍ରସଂସଦ ନିର୍ବାଚନ ନେଇ ପୂର୍ବ ସରକାରକୁ ଅନେକ ଥର ଟାର୍ଗେଟ୍ କରିଥିଲା ବିଜେପି । ବିଜେପି ସରକାରକୁ ଆସିଲେ ଛାତ୍ର ସଂସଦ ନିର୍ବାଚନ ହେବ ଆଉ ଛାତ୍ର ନେତାଙ୍କୁ ଆଗକୁ ଆଣିବ । ଏଭଳି ଅନେକ ପ୍ରତିଶ୍ରୁତି ଦେଇଥିଲା ବିଜେପି। କିନ୍ତୁ ରାଜ୍ୟରେ ଗତବର୍ଷ ଜୁନ୍ ମାସରେ ଓଡ଼ିଶାରେ ବିଜେପି ସରକାର ଗଢ଼ାଯିବା ପରେ ଦୀର୍ଘଦିନ ଧରି ବନ୍ଦଥିବା ଛାତ୍ର ସଂସଦ ନିର୍ବାଚନ ନେଇ ଆଶା ସଞ୍ଚାର ହୋଇଥିଲା। ଖୋଦ ଉଚ୍ଚଶିକ୍ଷାମନ୍ତ୍ରୀ ମଧ୍ୟ ଏ ନେଇ ସଙ୍କେତ ଦେଇଥିଲେ। ଏହାପରେ ବିଭିନ୍ନ ଛାତ୍ର ସଂଗଠନଗୁଡ଼ିକ ଚଳଚଞ୍ଚଳ ହୋଇ ଉଠିଥିଲେ। ହେଲେ ଛାତ୍ରସଂସଦ ନିର୍ବାଚନ ନେଇ ଏବେ ଆଉ କୌଣସି ସୋର ଶବ୍ଦ ନାହିଁ।




ଦଶହରା ଛୁଟି ପୂର୍ବରୁ ସାଧାରଣତଃ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେଉଥିବା ବେଳେ ଏଥର ପୂଜା ନିକଟତର ହୋଇଗଲାଣି କିନ୍ତୁ ଛାତ୍ର ସଂସଦ ନିର୍ବାଚନ ହୋଇପାରିଲା ନାହିଁ । ବର୍ତ୍ତମାନ ଛାତ୍ର ସଂସଦ ନିର୍ବାଚନ ଆଉ ଆଶା କରାଯାଉନଥିବା ବେଳେ ଏଯାଏଁ ଉଚ୍ଚ ଶିକ୍ଷା ବିଭାଗ ନିରବ ରହିଛି। ନିର୍ବାଚନକୁ ନେଇ କୌଣସି ସଙ୍କେତ ମିଳୁନଥିବାରୁ ଛାତ୍ର ନେତା ବି ନିଷ୍କ୍ରିୟ ହୋଇ ଧିରେ ଧିରେ କ୍ୟାମ୍ପସ୍‌ରୁ ଦୂରେଇ ଗଲେଣି। ନିର୍ବାଚନ ଆଶାରେ ଜୁନ୍, ଜୁଲାଇ ବେଳକୁ ଛାତ୍ରନେତାଙ୍କ ଯେତେ ଧାଁ ଦୌଡ଼ ଦେଖିବାକୁ ମିଳୁଥିଲା ଅଗଷ୍ଟ ବେଳକୁ ତାହା ଶିଥିଳ ପଡ଼ିଲା ଏବଂ ସେପ୍ଟେମ୍ବରରେ ଶୂନ୍ୟ ହୋଇଗଲା। ୭ ବର୍ଷ ପରେ କ୍ୟାମ୍ପସକୁ ରାଜନୀତି ଫେରିବ ବୋଲି ସମସ୍ତେ ଆଶା କରିଥିବା ବେଳେ କିନ୍ତୁ ଏବର୍ଷ ମଧ୍ୟ ନିରାଶ ହେବାକୁ ପଡିବ ବୋଲି ଅନୁମାନ କରାଯାଉଛି।

ଏବେ ପ୍ରଶ୍ନ ଉଠିଛି, ଏଥର ଛାତ୍ର ସଂସଦ ନିର୍ବାଚନ ହେବ ନା ନାହିଁ? ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ନିଜ ପ୍ରତିଶ୍ରୁତି ପାଳନ କରିବେ ତ? ନା ଗତବର୍ଷ ଭଳି ଏଥର ମଧ୍ୟ ରାଜ୍ୟ ସରକାର ନିର୍ବାଚନକୁ ଟାଳିଦେବେ ?

## ଶୈଳପୁତ୍ରୀ ଉପାସନାରୁ ଆରମ୍ଭ ହେଲା ନବରାତ୍ର ପୂଜା

● ନାଲିକଲି ବେଶରେ ଦର୍ଶନ ଦେଲେ ମା'

କାକଟପୁର/ଅସ୍ତରଙ୍ଗ,୨୨।୯ (ସଂଚାର ବ୍ୟୁରୋ): ଶକ୍ତିପୀଠରେ ଆରମ୍ଭ ହୋଇଛି ସୋମବାର ଠାରୁ ନବରାତ୍ର ପୂଜା। ଶକ୍ତିପୀଠ ତଥା ପୁରୀ ଜିଲ୍ଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠରେ ଷୋଡଶ ଉପଚାର ପୂଜା ଆରମ୍ଭ ହୋଇସାରିଥିବା ବେଳେ ସୋମବାର ଠାରୁ ଆରମ୍ଭ ହୋଇଛି ନବପତ୍ରିକା। ପାର୍ବଣରେ କାକଟପୁରର ଅଦିଷ୍ଠାତ୍ରୀ ଦେବୀ ପରମ ବୈଷ୍ଣବୀ ମା ମଙ୍ଗଳାଙ୍କ ପୀଠ ବେଶ ଉତ୍ସବ ମୁଖର ହୋଇପଡିଛି । ନବରାତ୍ରୀ ଠାରୁ ମା'ଙ୍କ ନିକଟରେ ସ୍ୱତନ୍ତ ପୂଜା ନୀତିକାନ୍ତି ହେଉଥିବା ବେଳେ ନବଦିନାତ୍ମକ ପୂଜାର ପ୍ରଥମ ଦିନରେ ମା ମଙ୍ଗଳାଙ୍କ ଦର୍ଶନ ପାଇଁ ଏବେ ରାଜ୍ୟ ଓ ରାଜ୍ୟ ବାହାରୁ ଭକ୍ତଙ୍କ ଭିଡ ଜମିବାରେ ଲାଗିଛି। ମା' ବିଳମ୍ବିତ ରାତ୍ରରେ ନାଲିକଲି ବେଶରେ ଦର୍ଶନ ଦେବେ । ମୂଳାଷ୍ଟମୀଠାରୁ ଆରମ୍ଭ ହୋଇ ମହାଷ୍ଟମୀ ପର୍ଯ୍ୟନ୍ତ ଚାଲିବାକୁ ଥିବା ପାର୍ବଣ ପୂଜାରେ ମା'ଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା ରୀତି ନୀତିରେ ଚାଲିଛି। ନବମୀ ପର୍ଯ୍ୟନ୍ତ ମା'ଙ୍କର ବିଭିନ୍ନ ବେଶ ଅନୁଷ୍ଠିତ ହେବ। ପଞ୍ଚମୀରେ ତିରକମାଣ ବେଶ, ଷଷ୍ଠିରେ କାର୍ତ୍ତୀୟଇନି ବେଶ, ସପ୍ତମୀରେ ପ୍ରସିଦ୍ଧ ସିଂହବାହିନୀ ବେଶ, ଅଷ୍ଟମୀରେ ମହିଷାମର୍ଦ୍ଦିନି ବେଶ, ନବମୀରେ ମା'ଙ୍କ ମହାନବମୀ ବେଶ ବା ଶାନ୍ତି ବେଶ ଅନୁଷ୍ଠିତ ହେବ ।

# ବଦଳି ଶିକ୍ଷକଙ୍କ ପୁନଃନିଯୁକ୍ତି ଦାବିରେ ଛାତ୍ରଛାତ୍ରୀଙ୍କ ଧାରଣା



ବାଲିଅନ୍ତା,୨୨।୯ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଅଧୀନ ସରକଣା ସ୍ଥିତ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟରୁ ବଦଳି କରାଯାଇଥି ଦୁଇ ଜଣ ଶିକ୍ଷକଙ୍କୁ ପୁନଃନିଯୁକ୍ତି ଦାବିରେ ଛାତ୍ରଛାତ୍ରୀ ମୁଖ୍ୟ ଫାଟକ ସମ୍ମୁଖରେ ୪ ଘଣ୍ଟା ଧରି ପ୍ରତିବାଦ କରିଥିଲେ। ଖବର ପାଇ ବିଡିଓ ରଶ୍ମିତା ନାଥ, ଗୋଷ୍ଠୀ ଶିକ୍ଷା ଅଧିକାରୀ ନିହାରିକା ପଣ୍ଡା ଓ ବିଆରସିସି ରମାମଣି ଦେଇ ପହଞ୍ଚି ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଉଲ୍ଲେଖଯୋଗ୍ୟ ଗଣିତ ଶିକ୍ଷକ ଭାଗିରଥି ସାହୁଙ୍କ ସିଆରସିସି ଭାବେ ପଦୋନ୍ନତି କରାଯାଇଛି। ଇଂରାଜୀ ଶିକ୍ଷକ କଳ୍ପନା ମିଶ୍ରଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଦୁଇ ଜଣ ଶିକ୍ଷକଙ୍କୁ କାଢ଼ି ନେବା ଦ୍ୱାରା ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଆଜି ସ୍କୁଲରେ ପହଞ୍ଚିବା ପରେ ଛାତ୍ରଛାତ୍ରୀମାନେ ଶ୍ରେଣୀକୁ ନଯାଇ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ବଦଳି ଶିକ୍ଷକ ଦ୍ୱୟଙ୍କୁ ପୁଣି ଏଠାରେ ନିଯୁକ୍ତି ନେଇ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ବିଦ୍ୟାଳୟରେ ଅଭିଭାବକ ଓ ଉପରିସ୍ଥ ଅଧିକାରୀମାନଙ୍କ ବୈଠକ ବସିଥିଲା। ଅଭାଭାବକଭାନେ ଶିକ୍ଷକ ଦ୍ୱୟଙ୍କ ବଦଳି ରଦ୍ଦ କରି ପୁନଃ ନିଯୁକ୍ତ ନେଇ ଦାବି କରିଥିଲେ।

ଅଭିଭାବକମାନଙ୍କ କହିବାନୁସାରେ ବିଦ୍ୟାଳୟରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୪୨୦ ଛାତ୍ରଛାତ୍ରୀ ପଢ଼ନ୍ତି । ୨୦ ଜଣ ଶିକ୍ଷକ ଶିକ୍ଷାଦାନ ଦାୟିତ୍ୱରେ ଥିଲେ। ସେମାନଙ୍କ ମଧରୁ ୫ ଜଣ ଶିକ୍ଷକ ଅସୁସ୍ଥ ଅଛନ୍ତି । ଦେଢ଼ ବର୍ଷ ହେଲା ପ୍ରଧାନ ଶିକ୍ଷକ ପଦବି ଖାଲି ପଡ଼ିଛି। ବଦଳ ଶିକ୍ଷକ ଗଣିତ ଓ ଇଂରାଜୀ ଭଲ ପଢ଼ାଉଥିଲେ। ତେଣୁ ଉଭୟ ଶିକ୍ଷକଙ୍କୁ ପୁଣି ଅବସ୍ଥାପିତ କରାଯାଉ ।

## କୋରେଇରେ ଭାରିଯାନ ଚଳାଚଳରେ ନିଷେଧ

ଯାଜପୁର,୨୨।୯ (ସଂଚାର ବ୍ୟୁରୋ): କୋରେଇ ବ୍ଲକ୍‌ର ସଠିପୁର ଠାରୁ ବୈତରଣୀ ରୋଡ ପର୍ଯ୍ୟନ୍ତ ଭାରି ଯାନବାହନ ଚଳାଚଳକୁ ଏକ ମାସ ପର୍ଯ୍ୟନ୍ତ ନିଷେଧ କରାଯାଇଛି। ମୋଟର ଭେହିକଲ୍ ଆଇନ ୧୯୮୮ର ଧାରା ୧୧୫ ସହିତ ଓଡ଼ିଶା ମୋଟର ଭେହିକଲ୍ ନିୟମାବଳୀ ୧୯୯୩ର ନିୟମ ୬୩ ଓ ୯୩ ଅନୁଯାୟୀ ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର, ଏହି ଆଦେଶ ଜାରି କରିଛନ୍ତି । ସଡ଼କ ବିସ୍ତାର, ସୁଦୃଢ଼ୀକରଣ କାମ ସମୟରେ ଯାତାୟାତ ଜାମ ଓ ସଡ଼କ ଦୁର୍ଘଟଣା ରୋକିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ସମୟରେ ସମସ୍ତ ଭାରି ଯାନବାହନ ବୈତରଣୀ ସଡ଼କ ରାସ୍ତାରୁ ରଗଡି, ବରୁଣ୍ଡାଇ, ମିନାବଜାର, ପଟିକୋଟେ ମାର୍ଗରେ ପରିଚାଳିତ ହେବ। ଏହି ନିଷେଧ ୨୧.୦୯.୨୦୨୫ରୁ ୨୦.୧୦.୨୦୨୫ (ଏକ ମାସ ପର୍ଯ୍ୟନ୍ତ) ଜାରି ରହିବ।

## ବିଜେପି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର




ବ୍ରହ୍ମପୁର,୨୨।୯ (ସଂଚାର ବ୍ୟୁରୋ): ଜନସ୍ୱାସ୍ଥ୍ୟ ସହ ଭାଗିତା ଓ ସୁସ୍ଥ ସମ୍ପ୍ରଦାୟ ଗଠନ କ୍ଷେତ୍ରରେ ଭାରତୀୟ ଜନତା ପାର୍ଟି ତରଫରୁ ଦେଶ ବ୍ୟାପୀ ଚାଲିଥିବା ସେବା ପକ୍ଷରେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ଦ୍ୱାରା ସହରର ସର୍ବପୁରାତନ ଏସ୍‌ଏସ୍‌ଭିଟି ଗ୍ରାଉଣ୍ଡ ଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ବିଧାୟକ କେ ଅନିଲ କୁମାରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଭାରତୀୟ ଜନତା ପାର୍ଟିର ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଶିବିରରେ ଚକ୍ଷୁ ଓ ଦନ୍ତ ପରୀକ୍ଷା, ସ୍ତ୍ରୀ ଓ ପ୍ରସୂତୀ ବିଭାଗ, ଅସ୍ଥି ଓ ଶଲ୍ୟ ଚିକିତ୍ସା, ମେଡିସିନ, ଶିଶୁ ରୋଗ, ଭିବିଡି, ଆନାଟୋମୀ, ଟିବି ଇତ୍ୟାଦି ବିଭାଗ ଗୁଡିକର ପରାମର୍ଶ ସହ ଉପଯୁକ୍ତ ଓ ସାଧାରଣ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି। ଅଭିଜ୍ଞ ତଥା ପେଶାଦାର ବିଶେଷଜ୍ଞ ଡାକ୍ତର ମାନଙ୍କର ଏକ ଟିମ୍ ଲୋକମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା, ପରୀକ୍ଷା ନିରୀକ୍ଷା କରିବା ସହ ମାଗଣାରେ ପରାମର୍ଶ, ଚିକିତ୍ସା ଓ ଔଷଧ ପ୍ରଦାନ କରିଛନ୍ତି। ବିଭିନ୍ନ ବର୍ଗର ପାଖାପାଖି ୭୦୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ମୁଖ୍ୟତଃ ବୟସ୍କ, ଶିଶୁ ଓ ମହିଳାମାନେ ନିଜ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ ତାରିଖ ଠାରୁ ଅକ୍ଟୋବର ୨ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜନ୍ମ ଜୟନ୍ତୀ ପର୍ଯ୍ୟନ୍ତ ପାଳିତ ହେଉଥିବା ଏହି 'ସେବା ପକ୍ଷ'ର ସ୍ୱାସ୍ଥ୍ୟ ଶିବିର 'ଏକ ସୁସ୍ଥ ଓ ସଶକ୍ତ ସାମାଜ ଗଠନ' ଲକ୍ଷ୍ୟ ଅଟେ। ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ଦ୍ୱାରା ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ସେବା ପକ୍ଷର ପ୍ରମୁଖ କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ସୋଆ ଆଇଡିଏସ୍-ଆଲାଇନ୍ ବିଶ୍ୱବିଦ୍ୟାଳୟ ସହଭାଗିତା

ଭୁବନେଶ୍ୱର,୨୨।୯ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍‌ସେସ ଏବଂ ୟୁଏସ୍‌ଏର ଆଲାଇନ୍ ବିଶ୍ୱବିଦ୍ୟାଳୟ ମଧରେ ସହଭାଗିତା ସ୍ଥାପନ ହୋଇଥିବା ବେଳେ ଶିଳ୍ପ ଏବଂ ଶିକ୍ଷା କ୍ଷେତ୍ରରେ ଏକତ୍ର କାର୍ଯ୍ୟ କରିବା ନେଇ ଚୁକ୍ତି ହୋଇଛି।

ପ୍ରଥମ ଥର ପାଇଁ ଆଇଡିଏସ୍ ଏବଂ ଅର୍ଥୋଡଂଟିକ୍ସ, ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ବିଶ୍ୱର ୧ ନମ୍ବର ସହଭାଗୀ ଅନୁଷ୍ଠାନ ମଧରେ ସହଯୋଗିତା ହୋଇଛି। ଏହା ଫଳରେ ପିଜି ଛାତ୍ରଛାତ୍ରୀମାନେ କ୍ଲିୟର ଆଲାଇନର ଟେକ୍ନୋଲଜି, ଥ୍ରୀଡି ପେନ୍‌ଟିଙ୍ଗ ଏବଂ ଏସୀୟା ମହାଦେଶର ରୋଗୀ ସେବା ନିମନ୍ତେ ଯେଉଁସବୁ




ପ୍ରକଳ୍ପ କାର୍ଯ୍ୟ କରିବେ ସେଥିରେ ଅର୍ଥ ପ୍ରଦାନ ସହ ଆନ୍ତର୍ଜାତିକ ବିଶେଷଜ୍ଞମାନଙ୍କର ସହଯୋଗ ମଧ ପ୍ରାପ୍ତ ହେବ।

ଏହା ଫଳରେ ଛାତ୍ରଛାତ୍ରୀମାନଙ୍କୁ ଡିଜିଟାଲ୍ ଅର୍ଥୋଡଂଟିକ୍ସ ଏବଂ ସହଭାଗୀ ଗବେଷଣା କ୍ଷେତ୍ରରେ ଅଧିକ ଅଭିଜ୍ଞତା ହାସଲ କରିପାରିବେ।

ଆଲାଇନ ବିଶ୍ୱବିଦ୍ୟାଳୟ ଗ୍ରାଂଟର ଏପିଏସି ଆଲାଇନ୍ ଟେକ୍ନୋଲଜିର ବାର୍ଷିକ ଗବେଷଣା ପୁରସ୍କାର ସହ ଯୋଡ଼ି ହୋଇଥିବା ବେଳେ ଏସୀୟା ମହାଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅର୍ଥୋଡଂଟିକ୍ସ ଏବଂ ଦନ୍ତ ଗବେଷଣା ନିମନ୍ତେ ଅନୁଦାନ ପ୍ରଦାନ କରିଥାଏ। ୨.୧୧ କୋଟିର ଏହି ସହଭାଗିତା ଦ୍ୱାରା ଅନେକ ଯୁବ ଅର୍ଥୋଡଂଟିକ୍ସ ଏବଂ ଗବେଷକଙ୍କୁ ବିଶ୍ୱସ୍ତରୀୟ ସୁବିଧା ମିଳିପାରିବ ବୋଲି ପ୍ରଫେସର (ଡାକ୍ତର) ଭୂୟାଁ କହିଛନ୍ତି।

● ଓଡ଼ିଶା ନିଶା ନିବାରଣ ଅଭିଯାନର ଦାବି

## ରାଜସ୍ୱ ବୃଦ୍ଧି ଲକ୍ଷ୍ୟରେ ଅଧିକ ମଦ ଦୋକାନ ଖୋଲାନଯାଉ

ବ୍ରହ୍ମପୁର,୨୨।୯ (ସଂଚାର ବ୍ୟୁରୋ): ଭାଜପା ସରକାର କ୍ଷମତାକୁ ଆସିବା ପୂର୍ବରୁ ଗୁଜୁରାଟ ମୋଡେଲରେ ଓଡ଼ିଶାରେ ସମ୍ପୂର୍ଣ୍ଣ ନିଶା ନିବାରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ପୁଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ଅବସରରେ ଓଡ଼ିଶାରେ ରାଜ୍ୟ ସରକାର ୭୦ଟି ମଦ ଦୋକାନ ଖୋଲିବାକୁ ଅନୁମୋଦନ କରିଛନ୍ତି। ରାଜ୍ୟର ୩୩ଟି ଜିଲାରେ ଏହି ମଦ ଦୋକାନ ଖୋଲାଯିବା ନେଇ ସ୍ଥିର ହୋଇଛି । ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଓଡ଼ିଶା



ନିଶା ନିବାରଣ ଅଭିଯାନର ସମ୍ପାଦକ ରବି ରଥ ପ୍ରକାଶ କରିଛନ୍ତି। ଗୋଟିଏ ପଟେ ନିଶାମୁକ୍ତ ଭାରତ ସମ୍ମିଳିତ ବାର୍ତ୍ତା ନେଇ ମୁଖ୍ୟମନ୍ତ୍ରୀ ଏହାର ଶୁଭାରମ୍ଭ କରୁଥିବା ବେଳେ ଅନ୍ୟପଟେ ମଦ ଦୋକାନ ଖୋଲିବା ନିଷ୍ପତ୍ତି ହାସ୍ୟାସ୍ପଦ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଏକ ସର୍ଭେରୁ ଜଣାପଡ଼ିଛି ଯେ ଓଡ଼ିଶାରେ ୩୮.୪ ପ୍ରତିଶତ ଲୋକ ମଦ ପିଅନ୍ତି। ଯାହା ଜାତୀୟ ହାରଠୁ ସର୍ବାଧିକ। ଏହାଠାରୁ ଅଧିକ ମଦୁଆ ସୃଷ୍ଟି କରାନଯାଉ।

ରାଜ୍ୟ ସରକାର ୭୦ଟି ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିଛି ଓଡ଼ିଶା ନିଶା ନିବାରଣ ଅଭିଯାନ ।

**ଲୁଟୁଛନ୍ତି ଅସାଧୁ ବ୍ୟବସାୟୀ**

# ୟୁରିଆ ବସ୍ତା ଏବେ ୯୦୦

କାକଟପୁର/ଅସ୍ତରଙ୍ଗ,୨୨।୯ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୟୁରିଆ ସାରର ଘୋର ଅଭାବ ଦେଖାଦେଇଛି। ଧାନ ରୁଆ ପରେ ଗଛ ବଢ଼ିବାକୁ ୟୁରିଆ ସାରର ଆବଶ୍ୟକତା ଥିବା ବେଳେ କୌଣସି ସମବାୟ ସମିତିରେ ସାର ନାହିଁ। ଫଳରେ ଚାଷୀ ବାଧ୍ୟ ହୋଇ ଖୋଲା ବଜାରରୁ ସାର କିଣୁଥିବା ବେଳେ ଅସାଧୁ ବ୍ୟବସାୟୀଙ୍କ ଶୋଷଣ ଚାଷୀକୁ ହତାଶ କରୁଛି। ୨ ଗୁଣରୁ ଅଧିକ ଦାମ୍‌ରେ ଚାଷୀ ୟୁରିଆ କିଣୁଛନ୍ତି। ବ୍ୟବସାୟୀ ସାରର ଅଭାବ ଦେଖାଇ ଚଢ଼ା ଦରରେ ବିକ୍ରି କରୁଛନ୍ତି। କଳାବଜାରୀ ଉପରେ ପ୍ରଶାସନ ନିୟନ୍ତ୍ରଣ କରିବା ପରିବର୍ତ୍ତେ ଚାଷୀଙ୍କ ଅଭିଯୋଗ ପରେ କୃଷି ଅଧିକାରିଣୀ ଡିଲର ପଏଣ୍ଟକୁ ଦୋକାନ ବନ୍ଦ କରି ଦେବାକୁ ନିର୍ଦ୍ଦେଶ ଦେଉଛନ୍ତି। ଯାହା ଫଳରେ ଚାଷୀଙ୍କୁ ଚକିତ କରିଛି ସରକାରୀ କର୍ମଚାରୀଙ୍କ ଏଭଳି ମନ୍ତବ୍ୟ।

ସୂଚନା ଅନୁସାରେ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ସରକାରୀ ଧାର୍ଯ୍ୟ ଦର ୟୁରିଆ ବସ୍ତା ପିଛା ୨୬୭ ଟଙ୍କା ରହିଥିବା ବେଳେ ଅସ୍ତରଙ୍ଗ ବଜାର ସମେତ ଗ୍ରାମାଞ୍ଚଳରେ ଧାନରୁଆ ବେଳେ ୩୫୦ଟଙ୍କାରୁ ୫ଶହ



ଟଙ୍କାରେ ବିକ୍ରି ହେଉଥିଲା। ଏବେ ଧାନ ଗଛ ବଢ଼ିବା ପାଇଁ ୟୁରିଆର ଆବଶ୍ୟକତା ରହିଥିବାରୁ ଦର ଅସାଧୁ ବ୍ୟବସାୟୀ ବଢ଼ାଇ ଚାଲିଛନ୍ତି। ମାତ୍ର କୌଣସି ସମିତିରେ ସାର ନାହିଁ। ଅସ୍ତରଙ୍ଗ ବ୍ଲକ ଅଂଚଳରେ ଥିବା ୧୦ଟି ସମିତି ଥିବା ବେଳେ କେନ୍ଦ୍ରାପଟି ସମିତି କେବଳ ନିୟମରେ ରହିଥିବାରୁ ସାର ଉଠାଇବାର ନିୟମ ରହିଛି, କିନ୍ତୁ କେତେ ସାର ଉଠାଉଛନ୍ତି

### ଡିଲର ପଏଣ୍ଟ ଓ କୃଷି କର୍ମଚାରୀଙ୍କ ମଧ୍ୟରେ ଚାଲିଛି ଚାଷୀ ମାରଣ ନୀତି

### ସାର ନ ପାଇଁ ଚାଷୀ ହତାଶ

ତଥ୍ୟ ବିଭାଗୀୟ ଅଧିକାରୀ ପାଖରେ ନାହିଁ। ସେହିଭଳି ଡିଏପି ମଧ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଅନ୍ୟପକ୍ଷରେ ଡିଲରଙ୍କୁ ସାର ବିକ୍ରି ପାଇଁ ଅନୁମତି ରହିଛି। ମାତ୍ର ଡିଲରଙ୍କ ଠାରୁ ସାର ନେଇ ବିନା ଲାଇସେନ୍ସରେ ସ୍ଥାନୀୟ ବଜାରରେ ଅସାଧୁ ବେପାରୀମାନେ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଏଘଟଣା ସମ୍ପର୍କରେ ଅସ୍ତରଙ୍ଗ ବ୍ଲକ କୃଷି ଅଧିକାରିଣୀ ଅବଗତ ଥିଲେ ମଧ କୌଣସି ସ୍ଥାନରେ ଆଜି ପର୍ଯ୍ୟନ୍ତ ଚଢ଼ାଉ କରାଯାଇ ନାହିଁ। ସବୁ ଜାଣି ନିରବ ଦ୍ରଷ୍ଟା ସାଜିଛନ୍ତି। ଏ ନେଇ ଜିଲ୍ଲାପାଳ ଘଟଣାକୁ ଗୁରୁତର ସହ ନେଇ ଚାଷୀଙ୍କ ସମସ୍ୟାକୁ ଦୂର କରିବା ସହ କଳାବଜାରୀରେ ଲିପ୍ତ ଥିବା ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣ ଦାବି ହୋଇଛି।

## ବରୀରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ଯାଜପୁର,୨୨।୯ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ବରୀ ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।




ମୋଟ ୧୫୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୧୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୬ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୩୪ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅସିତ୍ କୁମାର ମହାନ୍ତି, ତହସିଲଦାର ଦୀପ୍ତିମୟୀ ବେହେରାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

● ପାଞ୍ଚଦିନିଆ ପ୍ରଶିକ୍ଷଣ ଓ କର୍ମଶାଳା ଉଦ୍‌ଘାଟିତ

# ଯୋଗଦେଲେ ୧୬ ରାଜ୍ୟ ଓ ୟୁଟି ପ୍ରତିନିଧି



ଭୁବନେଶ୍ୱର, ୨୨।୯(ସଂଚାର ବ୍ୟୁରୋ): 'ଭାରତରେ ପ୍ରାଣୀ ଖାଦ୍ୟ ପରିଚାଳନାର ଅଗ୍ରଗତି' ଶୀର୍ଷକ ୫ଦିନିଆ ପ୍ରଶିକ୍ଷଣ ଓ କର୍ମଶାଳା ଆଜିଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନଠାରେ ଆୟୋଜିତ ଏହି

● ନବସୃଜନ ଓ ସହଯୋଗ ନିମନ୍ତେ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ

କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ଦୀର୍ଘସ୍ଥାୟୀ ପ୍ରାଣିପାଳନର ମୂଳ ଆଧାର ହେଉଛି ପ୍ରାଣୀ ଖାଦ୍ୟ ବ୍ୟବସ୍ଥାର ସୁପରିଚାଳନା। ଜଳବାୟୁ-ଅନୁକୂଳ ପ୍ରାଣି ଖାଦ୍ୟର ଉତ୍ପାଦନ ଏବଂ ବର୍ଷ ସାରା ଉପଲବ୍ଧ ହେଉଥିବା ଉଚ୍ଚ-ଗୁଣମାନ ଖାଦ୍ୟକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି। ପ୍ରାଣିସମ୍ପଦର ସମୃଦ୍ଧି ଓ ଗ୍ରାମୀଣ ଜୀବନ-ଜୀବିକାକୁ ଅଧିକ ସଶକ୍ତ କରିବା ପାଇଁ ପ୍ରାଣୀ ଖାଦ୍ୟ ପରିଚାଳନାରେ ବିବିଧତା ହେଉଛି ସମୟର ଆହ୍ୱାନ। ଏହି ପ୍ରଶିକ୍ଷଣ ଓ କର୍ମଶାଳା ପ୍ରାଣିପାଳନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଘାସ ଚାଷ ପାଇଁ ଏକର ପିଛା ୩୫ ହଜାର ହିସାବରେ ସର୍ବାଧିକ ସାଢ଼େ ୩ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦିଆଯାଉଛି। ଏହି ଯୋଜନା ଗୋପାଳକଙ୍କ ସମୃଦ୍ଧିରେ ବିଶେଷ ସହାୟକ ହୋଇଛି। ଯୋଜନାରେ ୫ ବର୍ଷ ମଧ୍ୟରେ ପ୍ରାୟ ୧୫ ଲକ୍ଷ ଚାଷୀଙ୍କୁ ସାମିଲ କରି ସେମାନଙ୍କ ଆୟକୁ ବହୁଗୁଣିତ କରିବା ପାଇଁ ବିଭାଗ ଲକ୍ଷ୍ୟ ରଖିଛି। କେନ୍ଦ୍ର ସରକାରଙ୍କ ବେଙ୍ଗାଲୁରୁସ୍ଥିତ ପ୍ରାଣୀ ସମ୍ପଦ ଉତ୍କର୍ଷ କେନ୍ଦ୍ର (ସିଇଏଏଚ୍) ଓ ଭୁବନେଶ୍ୱରସ୍ଥିତ ପ୍ରାଣୀ ଚିକିତ୍ସାଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ଶିବିରରେ ୧୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ (ୟୁଟି)ର ପ୍ରତିନିଧିମାନେ ଭାଗ ନେଇଛନ୍ତି। ଏହି ଶିବିରରେ ପ୍ରାଣୀ ଖାଦ୍ୟ ଉତ୍ପାଦନରେ ବ୍ୟବହାର ହେଉଥିବା ନୂତନ ପ୍ରଯୁକ୍ତି ବିଦ୍ୟା, ନୂତନ ପ୍ରଜାତିର ପ୍ରାଣୀ ଖାଦ୍ୟଶସ୍ୟ, ଯୋଗାଣ ବ୍ୟବସ୍ଥା ଆଦି ବିଷୟରେ ସବିଶେଷ ସୂଚନା ମିଳିପାରିବ। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ଅଫିସିଆଲ୍ ପଡ୍‌କାଷ୍ଟ ଓ ହ୍ୱାଟ୍ସଆପ ଚ୍ୟାନେଲ ଉଦ୍‌ଘାଟିତ ହୋଇଛି। ପ୍ରାଣୀ ଖାଦ୍ୟ ପରିଚାଳନା ଓ ପ୍ରାଣୀ ପାଳନ କ୍ଷେତ୍ରରେ ନବସୃଜନ ଓ ସହଯୋଗକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ 'କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ-ପ୍ରାଣୀ ଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନ-ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତି ମଧ୍ୟ ସ୍ୱାକ୍ଷରିତ ହୋଇଛି। କାର୍ଯ୍ୟକ୍ରମରେ ରାଜ୍ୟରେ ପ୍ରାଣୀ ପାଳନର ସଫଳତା ଉପରେ ଏକ ବୃତ୍ତଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ସିୱାର ନିର୍ଦ୍ଦେଶକ ମୃଦୁଳା ଦେବୀ, ବେଙ୍ଗାଲୁରୁ ସିଇଏଏଚ୍‌ର ନିର୍ଦ୍ଦେଶକ ଡକ୍ଟର ମହେଶ, ଅତିରିକ୍ତ ଶାସନ ସଚିବ ରିନା ମହାପାତ୍ର, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କନଷ୍ଟେବଳ ନା ଅପରାଧୀଙ୍କ ସର୍ଦ୍ଦାର !



ମାଲକାନଗିରି, ୨୨।୯(ସଂଚାର ବ୍ୟୁରୋ): କର୍ଣ୍ଣାଟକର ଜଣେ ବ୍ୟବସାୟୀଙ୍କୁ ଅପହରଣ ଓ ଲୁଟ୍ ମାମଲାରେ ଆଜି ମାଲକାନଗିରି ପୁଲିସ ମୋଟ ୩ ଜଣଙ୍କୁ ଗିରଫ କରିଛି। ତେବେ ଏହି ଅଭିଯୁକ୍ତମାନଙ୍କ ମଧ୍ୟରେ ଜଣେ ମହିଳା କନ୍‌ଷ୍ଟେବଳ ବି ରହିଛନ୍ତି। ସେ

● କର୍ଣ୍ଣାଟକ ବ୍ୟବସାୟୀଙ୍କୁ ଅପହରଣ ଘଟଣାରେ ୩ ଗିରଫ

● ବିଭିନ୍ନ ଥାନାରେ ରହିଛି ଏକାଧିକ ମାମଲା

ହେଉଛନ୍ତି ମାଲକାନଗିରି ଜିଲ୍ଲା ଓର୍କେଲ୍ ଥାନାର କନଷ୍ଟେବଳ ବାସନ୍ତୀ ବିଶ୍ୱାସ। ତେବେ ବାସନ୍ତୀ ସିନା କନଷ୍ଟେବଳ ଚାକିରି କରି ସରକାରଙ୍କଠାରୁ ଟଙ୍କା ନେଉଛନ୍ତି, କିନ୍ତୁ ତାଙ୍କର ଆଚରଣ କୌଣସି ଅପରାଧୀଙ୍କ ସର୍ଦ୍ଦାରଠାରୁ କମ୍ ନୁହେଁ। କାରଣ ସଦ୍ୟ ମାମଲା ବ୍ୟତୀତ ତାଙ୍କ ନାମରେ ମାଲକାନଗିରି ଓ ବାଲିମେଳା ଆଦି ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ଜଣାପଡ଼ିଛି। ଆଜି ଗିରଫ ହୋଇଥିବା ଅନ୍ୟ ଦୁଇ ଜଣ ଅଭିଯୁକ୍ତ ହେଲେ ବାଲିମେଳା ଗ୍ରାମର ସୁଲତାନ ସିଂ ଓ ପଶ୍ଚିମବଙ୍ଗ ଜୟରାମପୁର ଗ୍ରାମର ରାଜୁ ସେଖ୍। ଏହି ଅପହରଣ ଗତ ୧୧ ତାରିଖରେ ଘଟିଥିଲେ ହେଁ ଏହା ଆଜି ସାମ୍ନାକୁ ଆସିଛି।

ଏ ସଂକ୍ରାନ୍ତରେ ପୁଲିସ୍ ଦେଇଥିବା ସୂଚନାନୁସାରେ, ମାଲକାନଗିରି ଜିଲ୍ଲାରେ ବ୍ୟବସାୟ କଲେ ଅଧିକ ଲାଭ ମିଳିବା ଲୋଭ ଦେଖାଇ ରାଜୁ କର୍ଣ୍ଣାଟକର ଶ୍ରୀରାମପୁର ଥାନା କାଡପା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ରଘୁ ନରସିଂହ ନାମକ ବ୍ୟବସାୟୀଙ୍କୁ ମାଲକାନଗିରିକୁ ଡାକିଥିଲେ। ସେ ମଧ୍ୟ ରାଜୁଙ୍କ କଥାରେ ବିଶ୍ୱାସ କରି ମାଲକାନଗିରି ଆସିଥିଲେ। ଏଠାରେ ରାଜୁ ଓ ସୁଲତାନ୍ ତାଙ୍କୁ ଏକ ହୋଟେଲରେ ରଖି ବ୍ୟବସାୟ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ନରସିଂହଙ୍କୁ ଏମ୍‌ଭି ୧୭ ନିକଟସ୍ଥ ଜଙ୍ଗଲକୁ ନେଇ ସେଠାରେ ଅନ୍ୟ ଦୁଇ ସାଥୀଙ୍କୁ ଡକାଇ ନରସିଂହଙ୍କୁ ମାରପିଟ୍ କରିବା ସହ ତାଙ୍କ ମୋବାଇଲ ଛଡ଼ାଇ ନେବା ସହ ପାସ୍‌ୱାର୍ଡ ମାଗି ଆକାଉଣ୍ଟରୁ ୮୨ ହଜାର ଟଙ୍କା ନେଇଯାଇଥିଲେ। ପରେ ସୁଲତାନ ଓ ରାଜୁ ଉକ୍ତ ବ୍ୟବସାୟୀଙ୍କୁ ହୋଟେଲକୁ ନେଇ ନଗଦ ୩ ଲକ୍ଷ ଟଙ୍କା ନେଇଥିଲେ। ପରେ ସେମାନେ ତାଙ୍କୁ ଅନ୍ୟ ଏକ ହୋଟେଲକୁ ସ୍ଥାନାନ୍ତର କରିବା ସହ ତାଙ୍କ ଉପରେ କଡ଼ା ନଜର ରଖିଥିଲେ। ଏହି ସମୟରେ ମହିଳା କନ୍‌ଷ୍ଟେବଳ ବାସନ୍ତୀ ସେଠାକୁ ଆସି ନିଜକୁ ପୁଲିସ ଅଧିକାରୀର ପରିଚୟ ଦେଇ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ। ପରବର୍ତ୍ତୀ ସମୟରେ ସେମାନେ ନରସିଂହଙ୍କୁ ଏମ୍‌ଭି ୧୪ ଗ୍ରାମକୁ କାରରେ ନେଇ ସେଠାରେ ତାଙ୍କୁ ଆଉ ୩ ଲକ୍ଷ ଟଙ୍କା ଯୋଗାଡ଼ କଲେ ମୁକ୍ତ କରିଦେବେ ବୋଲି କହିଥିଲେ। ନରସିଂହଙ୍କ କାର୍ ରାସ୍ତା ଉପରେ ଥିବାବେଳେ କେତେକ ଗ୍ରାମବାସୀ ଏହା ଦେଖି ଏ ସମ୍ପର୍କରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ନରସିଂହଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସତକଥା ପଦାକୁ ଆସିଥିଲା। ଏନେଇ ଥାନାରେ ୪୮୮/୨୫ରେ ମାମଲା ରୁଜୁ କରାଯିବା ସହ ବାସନ୍ତୀଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ପୂର୍ବରୁ ବାସନ୍ତୀ ମାଲକାନଗିରି ସଦର ଥାନାରେ କାର୍ଯ୍ୟ କରୁଥିବା ବେଳେ କିଛି ଦିନ ତଳେ ତାଙ୍କର ଓର୍କେଲ ଥାନାକୁ ବଦଳି ହୋଇଥିଲା। କିନ୍ତୁ ଗତ କିଛିଦିନ ହେଲା ସେ ଛୁଟିରେ ଥିବା ବେଳେ ଏହି ସମୟରେ ଅଧିକ ଟଙ୍କା ରୋଜଗାର କରିବା ସକାଶେ ଅପରାଧ ରାସ୍ତା ବାଛିଥିବା ଚର୍ଚ୍ଚା ହେଉଛି। ସେହିପରି ପୂର୍ବରୁ ସେ ଏଟିଏମ୍ ଲୁଟ୍ ଓ ଗଞ୍ଜେଇ ବ୍ୟବସାୟରେ ସମ୍ପୃକ୍ତ ରହି ଜେଲ୍‌ରୁ ଫେରିଥିବା ମଧ୍ୟ ଜଣାପଡ଼ିଛି।

## କ୍ୟାବ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟଣାରେ ୪ ଗିରଫ

ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ): ଗତ ଶନିବାର ଚନ୍ଦକା ଅଞ୍ଚଳରୁ କ୍ୟାବ୍ ଡ୍ରାଇଭର୍ ବିଦ୍ୟାଧର ସାହୁଙ୍କ ମୃତଦେହ ଉଦ୍ଧାର କରାଯିବା ପରେ ଏହି ମାମଲାରେ ଗତକାଲି ୩ ଜଣଙ୍କୁ ଅଟକ ରଖି ସ୍ଥାନୀୟ ପୁଲିସ୍ ପଚରାଉଚରା କରୁଥିଲା। ଆଜି ଏହି ମାମଲାରେ ମୋଟ ୪ ଜଣଙ୍କୁ କମିଶନରେଟ୍ ପୁଲିସ୍ ପକ୍ଷରୁ ଗିରଫ କରାଯାଇଥିବା ବେଳେ ସେମାନେ ସମସ୍ତେ ଗଜପତି ଜିଲ୍ଲାର ବାସିନ୍ଦା ବୋଲି ଜଣାପଡ଼ିଛି। ଭୁବନେଶ୍ୱର ବଡ଼ଗଡ଼ ଥାନାରେ ଗତ ୧୬ ତାରିଖ ହୋଇଥିବା ନିଖୋଜ ଘଟଣାରୁ ତଦନ୍ତ କରି ପରେ ପୁଲିସ ମୃତ୍ୟୁ ଘଟଣାର ତଦନ୍ତ କରିଥିଲା। ଏହା ପଛର ଖୁଲାସା କରିଛି କମିଶନରେଟ୍ ପୁଲିସ। ପୂରା ଘଟଣାରେ ଟଙ୍କା ନେଇ ଫେରାର ଅଛନ୍ତି ଜଣେ ଯୁବତୀ। ଯିଏକି ଚାକିରି ଦେବାକୁ କହି କରୁଥିଲେ ଠକେଇ। ଗଢ଼ିଥିଲେ ଠକେଇ ଗ୍ୟାଙ୍ଗ। ଯାହାର ସଦସ୍ୟ ଥିଲେ ବିଦ୍ୟାଧର। ଖୁବ୍‌ଶୀଘ୍ର ଘଟଣାର ଖୁଲାସା କରିବ କମିଶନରେଟ୍ ପୁଲିସ ବୋଲି କହିଛନ୍ତି ଏସ୍. ଦେବଦତ୍ତ ସିଂହ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



ପୁରୁଣା ବସ୍‌ଷ୍ଟାଣ୍ଡରେ ମା' ଦୁର୍ଗାଙ୍କ ରଙ୍ଗ କାମ ଶେଷ ହେବା ପରେ କାରିଗର ଆଭୂଷଣ ପିନ୍ଧାଉଛନ୍ତି।
(ଫଟୋ-ଚନ୍ଦ୍ରଶେଖର ସାହୁ)

## ବଜ୍ରପାତ ନେଲା ୨ ଜୀବନ

ପାଟଣାଗଡ଼,୨୨।୯(ସଂଚାର ବ୍ୟୁରୋ): ଖପ୍ରାଖୋଲ ଥାନା ବାଗଦୋର ଗ୍ରାମପଞ୍ଚାୟତ ମାଲପଡାରେ ଗାଧୋଇ ଯାଉଥିବା ବେଳେ ବଜ୍ରାଘାତରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ମୃତକ ମଧ୍ୟରୁ ଜଣେ ବେଲପଡା ଥାନା ମାଲପଡାର ଟିକେଧର ମାଝୀ ଓ ଆଉଜଣେ ହେଉଛନ୍ତି ଖପ୍ରାଖୋଲ ସାହାଜପାଣି ଗାଁର ଦିଲ୍ଲୀପ ମାଝୀ। ଦିଲ୍ଲୀପ ସମ୍ପର୍କୀୟଙ୍କ ଘରକୁ ଆସିଥିବା ବେଳେ ସାଙ୍ଗହୋଇ ଗାଧୋଇବାକୁ ଯାଉଥିବାବେଳେ ବର୍ଷା ସହ ଘଡଘଡି ମାରିଥିଲା। ଭୟରେ ଦୁହେଁ ଗଛତଳକୁ ଚାଲିଯାଇଥିବା ବେଳେ ବଜ୍ରାଘାତ ହେବାରୁ ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି।

## ଭିଜିଲାନ୍ସ ଜାଲରେ ଡାଟା ଏଣ୍ଟ୍ରି ଅପରେଟର

ସୋର,୨୨।୯(ସଂଚାର ବ୍ୟୁରୋ): ବ୍ଲକ ମଙ୍ଗଳ ଅଧିକାରୀ ବିଭାଗର ଡାଟା ଏଣ୍ଟ୍ରି ଅପରେଟର ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରିଲା ବାଲେଶ୍ୱର ଭିଜିଲାନ୍ସ ଟିମ୍। ସୂଚନା ଅନୁସାରେ, ସିମୁଳିଆ ବ୍ଲକର ଡାଟା ଏଣ୍ଟ୍ରି ଅପରେଟର ବିଶ୍ୱରଞ୍ଜନ ପ୍ରଧାନ ଏସି, ଏସଟି ମ୍ୟାରେଜ ସାର୍ଟିଫିକେଟ କରିବା ପାଇଁ ନରେଶ ମୁଦୁଲି ନାମକ ଜଣେ ବ୍ୟକ୍ତିଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସୋମବାର ନରେଶ ଏହି ଟଙ୍କା ଦେବା ସମୟରେ ଭିଜିଲାନ୍ସ ଟିମ୍ ବିଶ୍ୱରଞ୍ଜନଙ୍କୁ ଧରିଥିଲା।

# ଭୁଲ୍ ଔଷଧରେ ମରିଗଲା ଶିଶୁ!

■ କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା

■ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ): ଡାକ୍ତର ଭୁଲ୍ ମେଡିସିନ୍ ଦେବାରୁ ଜଣେ ୩ ବର୍ଷର ଶିଶୁ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ଏଭଳି କିଛି ଅଭିଯୋଗ ଆସିଛି ରାଜଧାନୀର ପ୍ରମୁଖ ସରକାରୀ ଡାକ୍ତରଖାନା କ୍ୟାପିଟାଲ ହସ୍ପିଟାଲରୁ। ୩ ବର୍ଷର ଶିଶୁ ମୃତ୍ୟୁକୁ ନେଇ ହସ୍ପିଟାଲ ପରିସରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଭୁଲ୍ ମେଡିସିନ୍‌ରୁ ଶିଶୁର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗତକାଲି ରାତିରେ ଶିଶୁର ସ୍ୱାସ୍ଥ୍ୟ ଖରାପ ହେବାରୁ ପରିବାର ଲୋକ କ୍ୟାପିଟାଲ ହସ୍ପିଟାଲ ଆଣିଥିଲେ। ତେବେ ହସ୍ପିଟାଲରେ ଡ୍ୟୁଟିରେ ଥିବା ଡାକ୍ତର ତାକୁ ଔଷଧ ଦେଇଥିଲେ। କିନ୍ତୁ ଔଷଧ ଖାଇବା ପରେ ଶିଶୁଟି ଭଲ ହେବ କ'ଣ, ବରଂ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ତେବେ ଶିଶୁର ମୃତ୍ୟୁ ହେବା ପରେ ଚିକିତ୍ସା କରିଥିବା ଡାକ୍ତର ସେଠାରୁ ଚାଲିଯାଇଥିଲେ। ପରେ ଯେଉଁ ଡାକ୍ତର ଆସିଥିଲେ, ସେ ଭୁଲ ମେଡିସିନ ଦିଆଯାଇଥିବାରୁ ଶିଶୁଟି ମୃତ୍ୟୁବାଶ କରିଥିବା ପରିବାର ଲୋକଙ୍କୁ କହିଥିଲେ ବୋଲି ସେମାନେ କହିଛନ୍ତି। ଏହାକୁ ନେଇ ହସ୍ପିଟାଲ ପରିସରରେ ପ୍ରବଳ ଉତ୍ତେଜନା ଦେଖାଦେଇଛି। ସେପଟେ ଶିଶୁ ମୃତ୍ୟୁ ଘଟଣାରେ ଶୋକ ବ୍ୟକ୍ତ କରିବା ସହ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଥଣ୍ଡା ଜ୍ୱରରେ ଆକ୍ରାନ୍ତ ହୋଇଥିବା ସାଲିଆ ସାହିର ଉକ୍ତ ଶିଶୁପୁତ୍ରକୁ କ୍ୟାପିଟାଲ ହସ୍ପିଟାଲ ଆଣିଥିଲେ ପରିବାର ଲୋକେ। କିନ୍ତୁ ଚିକିତ୍ସା ଅବହେଳା ଯୋଗୁଁ ଶିଶୁର ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ କରୁଥିବା ଅଭିଯୋଗକୁ ଶିଶୁରୋଗ ବିଭାଗ ମୁଖ୍ୟ ଖଣ୍ଡନ କରିଛନ୍ତି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି ଯେ ଏହି ଘଟଣାର ତଦନ୍ତ ଚାଲିଛି।

ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ

## ଇଭିଏମ୍ ଓ ଭିଭିପାଟ୍‌ର ତଦାରଖ ଆରମ୍ଭ

ନୂଆପଡ଼ା, ୨୨।୯(ସଂଚାର ବ୍ୟୁରୋ): ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ୭୧ ର ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଅସମୟ ଦେହାନ୍ତ ପରେ ଏଠାରେ ଉପନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏହି କ୍ରମରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଇଭିଏମ୍ ଓ ଭିଭିପାଟ ଗୋଦାମ ଗୃହରେ ସଂରକ୍ଷିତ ଥିବା ୟୁନିଟ ଗୁଡିକର ପ୍ରଥମ ସ୍ତରୀୟ ତଦାରଖ ଆରମ୍ଭ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ମଧୁସୂଦନ ଦାଶ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ, ଅତିରିକ୍ତ ଶାସନ ସଚିବ ତଥା ଇଭିଏମ୍, ରାଜ୍ୟ ନୋଡାଲ ଅଧିକାରୀ ପ୍ରମୋଦ କୁମାର ସାହୁ, ଉପ ଶାସନ ସଚିବ ଜିତେନ୍ଦ୍ର ପାତ୍ର, ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଅତିରିକ୍ତ ନିର୍ବାଚନ ଅଧିକାରୀ ସୁବାସ ଚନ୍ଦ୍ର ରଉତ, ଉପ ଜିଲ୍ଲାପାଳ ତଥା ଇଆର୍‌ଓ, ସୁର୍ମି ସୋରେନ୍, ନିର୍ବାଚନ ଡେପୁଟୀ କଲେକ୍ଟର ସେଖ ନସିମ, ଡିସି ହେମନ୍ତ ପୁଟା, ବିଡ଼ିଓ କୋମନା ସର୍ବେଶ୍ୱର ଜାଲ, ତହସିଲଦାର ନୂଆପଡା ପ୍ରଣବ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହା ସହିତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଭାରତୀୟ ଜନତା ପାର୍ଟି, ବିଜୁ ଜନତା ଦଳ ଏବଂ ଆପ୍ ପ୍ରତିନିଧି ମଣ୍ଡଳ ଉପସ୍ଥିତ ଥିଲେ ।

## କୋଟି କୋଟି ଟଙ୍କା ନେଇ କମ୍ପାନୀ ଫେରାର୍

● ବିଜ୍ଞାପନ ଦେଖି ରୋଜଗାରର ଲୋଭ ଦେଖାଇଥିଲା




ରାଉରକେଲା,୨୨।୯(ସଂଚାର ବ୍ୟୁରୋ): ରାଉରକେଲାରେ ଟଙ୍କା ଲଗାଅ ବିଜ୍ଞାପନ ଦେଖି ଟଙ୍କା ରୋଜଗାର କର। ଏମିତି କହି କୋଟି କୋଟି ଟଙ୍କା ଠକି ନେଇ ଫେରାର ହେଲା କମ୍ପାନୀ। କେବଳ ରାଉରକେଲା ସହର ନୁହେଁ ବେଦବ୍ୟାସ, ପୁରୁଣା ପାଣି, ଝାଡ଼ଖଣ୍ଡର ସିମଡେଗା ପ୍ରଭୃତି ଅଞ୍ଚଳର ଲୋକଙ୍କୁ ସାମିଲ୍ କରି ଲୋଭ ଦେଖାଇ ଠକି ନେଇଛନ୍ତି ଠକ କମ୍ପାନୀ। ଏବେ କମ୍ପାନୀର ପୋର୍ଟାଲ ଆଉ କାମ କରୁନାହିଁ। ଘରେ ବସି ବିଜ୍ଞାପନ ଦେଖି ରୋଜଗାର କରାଇବା ସହ ଭଲ ଲାଭ ଦେବାର ଲୋଭ ଦେଇ ଠକିନେଇ ଫେରାର ହେଲେ ଠକ। ଟଙ୍କା ହରାଇ ହତାଶ ହେବ ପରେ ଏବେ ରାଉରକେଲା ସାଇବର ଥାନା ଓ ରାଉରକେଲା ଏସପିଙ୍କ କାର୍ଯ୍ୟାଳୟରେ ପହଞ୍ଚି କମ୍ପାନୀ ନାଁରେ ଅଭିଯୋଗ କରିଛନ୍ତି ଲୋକେ। ଏମ୍‌ଏସ୍‌କ୍ୟୁୱାଟ୍ ନାମକ ଏକ ୱେବସାଇଟ ତିଆରି କରି ସେଠାରେ ନିବେଶ କରି ଲୋକଙ୍କୁ ଯୋଡିଥିଲା ଏହି କମ୍ପାନୀ। ଘରେ ବସି ପ୍ରତିଦିନ ଅତି କମରେ ୫୦୦ ଟଙ୍କା ରୋଜଗାର କରିବାର ଲୋଭ ଦେଇଥିଲା। ଗରିବ ଲୋକଙ୍କଠାରୁ ଟଙ୍କା ଜମା ନାଁରେ ୫ ହଜାର ଲୋକଙ୍କଠାରୁ ପ୍ରାୟ ୫୬ ହଜାର ହିସାବରେ କୋଟି କୋଟି ଟଙ୍କା ଠକି ନେଇ ଏବେ ୱେବସାଇଟ ବନ୍ଦ କରି ଫେରାର ହୋଇଯାଇଛନ୍ତି ଏହି ବ୍ୟକ୍ତି ଜଣକ। ପ୍ରାୟ ବର୍ଷକ ତଳେ ଅଶୋକ ବଡାଇକ ନାମକ ଜଣେ ବ୍ୟକ୍ତି ଏହି କମ୍ପାନୀ ବାବଦରେ ରାଉରକେଲା ସହରରେ ଲୋକଙ୍କୁ ଯୋଡିବା ପାଇଁ ଆରମ୍ଭ କରିଥିଲେ ଠକେଇ। ପରେ ସୁନ୍ଦରଗଡ଼ ଜିଲ୍ଲାର ଆଖପାଖ ଅଞ୍ଚଳ ସମେତ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଗାଁର ଲୋକେ ମଧ୍ୟ କମ୍ପାନୀରେ ଟଙ୍କା ଜମା କରିଥିଲେ। ତେବେ ଚଳିତ ମାସରେ ଟଙ୍କା ନ ଆସିବା ପରେ କମ୍ପାନୀର ଆପ ବନ୍ଦ ହୋଇଯାଇଥିଲା। ତେଣୁ କମ୍ପାନୀରେ ଟଙ୍କା ବିନିଯୋଗ କରିଥିବା ହିତାଧିକାରୀମାନେ ଠକେଇର ଶିକାର ହୋଇଥିବା ଜାଣି ଆଜି ରାଉରକେଲା ଏସପିଙ୍କୁ ଭେଟିଥିଲେ। କିନ୍ତୁ ଏସ୍‌ପି ସେମାନଙ୍କୁ ନିଜ ନିଜ ଅଞ୍ଚଳର ଥାନାରେ ଅଭିଯୋଗ କରିବା ପାଇଁ ପରାମର୍ଶ ଦେଇଥିବା ଜଣାପଡ଼ିଛି।

## କାନ୍ଥ ପଡ଼ି ଦମ୍ପତି ମୃତ, ଝିଅ ଗୁରୁତର

ବସ୍ତା,୨୨।୯(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅନ୍ତର୍ଗତ ମହାଦେବସରାଇ ଗ୍ରାମରେ ରବିବାର ବିଳମ୍ବିତ ରାତିରେ କାନ୍ଥ ଭୁଶୁଡ଼ି ପଡ଼ିବାରୁ ମା'-ବାପାଙ୍କ ମୃତ୍ୟୁ ଘଟିଛି। ଏଥିସହ ଏହି ଅଘଟଣରେ ସେମାନଙ୍କ ଝିଅ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ଏପରି ଏକ ଅଘଟଣ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମିଳିଥିବା ସୂଚନାନୁସାରେ, ରବିବାର ରାତିରେ ଖାଇ ସାରିବା ପରେ ଶୋଇବାକୁ ଯାଇଥିବା ସମୟରେ ରାତି ପ୍ରାୟ ଗୋଟାଏ ସମୟରେ ଅଚାନକ କାନ୍ଥ ଭୁଶୁଡ଼ି ପଡ଼ିଥିଲା। କାନ୍ଥ ତଳେ ସ୍ୱାମୀ ପିଠ ମୁର୍ମୁ ଓ ସ୍ତ୍ରୀ ମିନତୀ ମୁର୍ମୁ ଚାପି ହୋଇଯାଇଥିଲେ। ଏହାଛଡ଼ା ଝିଅ ଲକ୍ଷ୍ମୀ (୧୨ ବର୍ଷ) ମଧ୍ୟ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ନିକଟସ୍ଥ ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟ ପିଠ ଓ ମିନତୀଙ୍କୁ ମୃତ ଘୋଷଣା କରିଥିଲେ।

କର୍କଟ ହାରିବ, ଜୀବନ ଜିତିବ

# ବିଧାନସଭାରେ ବାଚସ୍ପତିଙ୍କୁ ଭେଟିଲେ କର୍କଟ ଯୋଦ୍ଧା



ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ): ଗୋଲାପ ଫୁଲକୁ ସ୍ନେହ ଓ ପ୍ରେମର ପ୍ରତୀକ ଭାବେ ଧରାଯାଏ। କ୍ୟାନ୍ସର ପରି ଏକ ମାରାତ୍ମକ ବ୍ୟାଧି ସହ ଲଢ଼ୁଥିବା ରୋଗୀଙ୍କୁ ଗୋଲାପ ଫୁଲଟିଏ ଦେଇ ସେମାନଙ୍କ ମନୋବଳ ବୃଦ୍ଧି କରିବା ସହ ଜୀବନ ପ୍ରତି ନୂତନ ଆଶା ସଞ୍ଚାର କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୨ ତାରିଖକୁ 'ବିଶ୍ୱ ଗୋଲାପ ଦିବସ' ଭାବେ ପାଳନ କରାଯାଏ। କର୍କଟ ରୋଗ ସହ ସଂଘର୍ଷ କରୁଥିବା ଲୋକଙ୍କୁ ଜିଇବା ପାଇଁ ପ୍ରେରଣା ଦେବା ତଥା ତାଙ୍କ ଜୀବନରେ ଖୁସି ଆଣିଦେବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଏହି ପରିପ୍ରେକ୍ଷୀରେ ଆୱାକେନ୍ ଟ୍ରଷ୍ଟ ପକ୍ଷରୁ ସ୍ୱାଗତିକା ଆଚାର୍ଯ୍ୟଙ୍କ ପ୍ରୟାସରେ କର୍କଟ ରୋଗ ସହ ଲଢ଼ି ସେଥିରୁ ମୁକ୍ତ ହୋଇଥିବା କର୍କଟ ଯୋଦ୍ଧା ବିଧାନସଭାଠାରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟିଥିଲେ। ମାନ୍ୟବର ବାଚସ୍ପତି ସେମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସେମାନଙ୍କର ଦୃଢ଼ ମନୋବଳର ପ୍ରଶଂସା କରିବା ସହ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ, ବିଧାୟକ ଇରାଶିଷ ଆଚାର୍ଯ୍ୟ ଓ ବାବୁ ସିଂ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଉପସ୍ଥିତ ରହି କର୍କଟ ଯୋଦ୍ଧାମାନଙ୍କ ମନୋବଳ ବଢ଼ାଇବା ସହ ଏହି ଯାତ୍ରାରେ ଲଢ଼େଇ ଜାରି ରଖିବା ପାଇଁ ଉତ୍ସାହିତ କରିଥିଲେ।

ଉପର ପଡ଼ିଆରେ ବାଲିଯାତ୍ରା ଦାବି

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ସିଏମ୍‌ସି ମେୟର୍



କଟକ,୨୨।୯(ସଂଚାର ବ୍ୟୁରୋ): ଚଳିତ ବର୍ଷର ଐତିହାସିକ ବାଲିଯାତ୍ରା କେବଳ ତଳ ପଡ଼ିଆରେ ଅନୁଷ୍ଠିତ ହେବା ସକାଶେ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ହୋଇଥିବା ବେଳେ କଟକର ଜନସାଧାରଣ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଏହା ସପକ୍ଷରେ ନାହାନ୍ତି। ତେଣୁ ବିଭିନ୍ନ ସମୟରେ ଚଳିତ ବର୍ଷର ବାଲିଯାତ୍ରା ତଳ ପଡ଼ିଆ ସହ ଉପର ପଡ଼ିଆରେ ବି ଆୟୋଜନ ସକାଶେ ବିଭିନ୍ନ ସମୟରେ ଦାବି ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ଆଜି ଏହି ମାମଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି କଟକ ମହାନଗର ନିଗମ (ସିଏମ୍‌ସି) ମେୟର୍ ସୁବାସ ସିଂ। ସେ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଏ ସଂକ୍ରାନ୍ତରେ ଏକ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ମେୟର ଶ୍ରୀ ସିଂ ଆଗାମୀ ବାଲିଯାତ୍ରା ଉଭୟ ତଳ ଓ ଉପର ପଡ଼ିଆରେ ଆୟୋଜନ କରିବା ଦିଗରେ ପଦକ୍ଷେପ ନେବା ସକାଶେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ବାଲିଯାତ୍ରା କଟକ ତଥା ଓଡ଼ିଶାବାସୀଙ୍କ ଭାବାବେଗ ସହ ଜଡ଼ିତ ହୋଇଥିବାରୁ ଏହି ଭାବାବେଗକୁ ସମ୍ମାନ ଦେଇ ଉଭୟ ପଡ଼ିଆରେ ଚଳିତ ବର୍ଷର ଯାତ୍ରା ଆୟୋଜନ ଦାବି ନେଇ ପୂର୍ବରୁ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଏପରିକି କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ ମଧ୍ୟ ଉପର ପଡ଼ିଆରେ ବାଲିଯାତ୍ରା ଆୟୋଜନ ହେବାର ଆବଶ୍ୟକତା ରହିଛି ବୋଲି ଗଣମାଧ୍ୟମରେ ଏକାଧିକ ବାର ତାଙ୍କର ପ୍ରତିକ୍ରିୟା ରଖିଛନ୍ତି।

କଟକରେ ବିଜେପି କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେଲେ ସଭାପତି

# ତ୍ରିଶୂଳିଆ ଛକରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ



କଟକ/ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ): ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଆଜି ଦିନିକିଆ କଟକ ଗସ୍ତ କରି ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଓ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗ ଦେଇଛନ୍ତି। ଏହି ଅବସରରେ ତ୍ରିଶୂଳିଆ ଛକରେ ମା' ପାଇଁ ଗଛଟିଏ ଅଭିଯାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ସେବା ପକ୍ଷ ଅବସରରେ ତୁଳସୀପୁର ଓ କଲେଜ ଛକଠାରେ ଅନୁଷ୍ଠିତ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଏବଂ ରକ୍ତଦାନ ଶିବିରକୁ ଶ୍ରୀ ସାମଲ ଉଦଘାଟନ କରିଛନ୍ତି। ଏଥିସହ ଏସସିବି ମେଡିକାଲ ଗସ୍ତ କରି ରୋଗୀମାନଙ୍କୁ ଫଳ ବଣ୍ଟନ କରିବା ସହ ପ୍ରେସ ଛକରେ ଦିବ୍ୟାଙ୍ଗଙ୍କୁ ହ୍ୱିଲଚେୟାର ବଣ୍ଟନ କରିଛନ୍ତି। ଏହାଛଡ଼ା ନୂଆବଜାରଠାରେ ଶ୍ରୀ ସାମଲଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଦଳୀୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ରାଜ୍ୟ ସଭାପତି ଭାବେ ପୁନଃଦାୟିତ୍ୱ ନେବା ପରେ ଶ୍ରୀ ସାମଲ ମା' କଟକଚଣ୍ଡୀଙ୍କୁ ଦର୍ଶନ କରି ରାଜ୍ୟର କଲ୍ୟାଣ ଓ ଉନ୍ନତି କାମନା କରିଥିଲେ। ସେଠାରେ ଶ୍ରୀ ସାମଲଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହା ପରେ ରାଜ୍ୟ ସଭାପତି ଶ୍ରୀ ସାମଲ ଜିଲ୍ଲା କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗ ଦେଇ ଦଳୀୟ ସାଙ୍ଗଠନିକ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଆଜିର କାର୍ଯ୍ୟକ୍ରମରେ ସାଂସଦ ଭର୍ତ୍ତୃହରି ମହତାବ, ନିଆଳି ବିଧାୟକ ଛବି ମଲ୍ଲିକ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ବରିଷ୍ଠ ନେତା ନୟନ ମହାନ୍ତି, ରାଜ୍ୟ ଉପସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ସମ୍ପାଦକ ସରୋଜ କର, କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ବିନୋଦ ଦାଶ, ସ୍ମୃତି ପଟ୍ଟନାୟକ, ଲଲାଟେନ୍ଦୁ ବଡ୍ଡୁ, ଶ୍ରୀତମ ଦାଶ, ରଶ୍ମିରେଖା ଦାଶ, ବୁଲୁ ଚକ୍ରବର୍ତ୍ତୀ, ପଦ୍ମଜା ଦେବତା, ସିକନ୍ଦର ଅଲ୍ଲୀଙ୍କ ସମେତ ରାଜ୍ୟ, ଜିଲ୍ଲା ଓ ମଣ୍ଡଳସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଶ୍ରୀ ସାମଲଙ୍କ ଏହି ଗସ୍ତ ସମୟରେ ବାରଙ୍ଗ, ଜୁଡିସିଆଲ ଛକ, ନୂଆପଡ଼ା, ନୂଆବଜାର, ଖପୁରିଆ, ବାଦାମବାଡି, ତୁଳସୀପୁରଠାରେ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ। ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ଶ୍ରୀ ସାମଲ କଟକବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## କଳିଙ୍ଗଘାଟିରେ ପୁଣି ଭୂସ୍ଖଳନ, ଧୋଇଗଲା ମରାମତି କାର୍ଯ୍ୟ

ଗଞ୍ଜାମ-କନ୍ଧମାଳ ଯୋଗାଯୋଗ ବିଚ୍ଛିନ୍ନ

ଦାରିଙ୍ଗବାଡ଼ି,୨୨।୯(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ବ୍ଲକ କଳିଙ୍ଗାଘାଟିରେ ପୁଣି ଥରେ ଭୂସ୍ଖଳନ ହୋଇଛି। ଗତ ୧୬ ତାରିଖ ମଧ୍ୟାହ୍ନରେ ପ୍ରଥମ ଥର ପାଇଁ ଭୂସ୍ଖଳନ ହୋଇଥିଲା। ତେବେ ଆଜି ବାଦଲ ଫଟା ବର୍ଷାଜନିତ ଭୂସ୍ଖଳନ ହେବା ଫଳରେ ପୂର୍ବରୁ ମରାମତି ହୋଇଥିବା କାମ ବି ଧୋଇଯାଇଛି। ସେହିପରି ପୂର୍ବରୁ ଭୂସ୍ଖଳନ ହୋଇଥିବା ସ୍ଥାନରୁ ଆଉ କିଛି ଦୂରରେ ପୁଣି ଏକ କଲଭର୍ଟ ତଳ ଅଂଶ ଧୋଇ ଯିବାରୁ ତାହା ଏବେ ବିପଦପୂର୍ଣ୍ଣ ହୋଇପଡ଼ିଛି। ମରାମତି କାର୍ଯ୍ୟରେ ନିୟୋଜିତ ମେସିନ ଓ ହାଇୱା ଓ ଅନ୍ୟାନ୍ୟ କେତେକ ମରାମତି ସାମଗ୍ରୀ ଉକ୍ତ ସ୍ଥାନରେ ପହଞ୍ଚିବା ମଧ୍ୟ ସମ୍ଭବପର ହୋଇପାରିନାହିଁ। ତେବେ ଘଟଣାସ୍ଥଳରେ କାମ କରୁଥିବା ଗାଡ଼ି, ହିଟାଚି କିମ୍ବା କୌଣସି ଲୋକଙ୍କର କ୍ଷତି ହୋଇଛି କି ନାହିଁ, ତା' ସ୍ପଷ୍ଟ ହୋଇପାରିନାହିଁ। କିନ୍ତୁ ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଫଳସ୍ୱରୂପ ସ୍ଥାନୀୟ ଅଞ୍ଚଳବାସୀ ଓ ଘାଟିତଳିଆ ଅଞ୍ଚଳ ଦୁର୍ଗାପ୍ରସାଦର ଜନସାଧାରଣ ଏବଂ ବ୍ୟବସାୟୀମାନେ ବହୁ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ପୂର୍ବରୁ ହୋଇଥିବା ଭୂସ୍ଖଳନ ସ୍ଥାନରେ ପ୍ରବଳ ବର୍ଷା ଜଳ ପ୍ରବାହିତ ହେଉଥିବା ବେଳେ ପାହାଡ଼ରୁ ବଡ଼ ବଡ଼ ପଥର ଭାସି ଆସି ମରାମତି କାର୍ଯ୍ୟକୁ ପୁଣି ନଷ୍ଟ କରିଦେଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଅଚାନକ ଚଢ଼ାଉ କରିବେ ଅଧିକାରୀ

## ଦାମ୍ କମାଇ ନ ଥିଲେ କାର୍ଯ୍ୟାନୁଷ୍ଠାନ ହେବ

ନୂଆଦିଲ୍ଲୀ, ୨୨।୯: ଜିଏସ୍‌ଟିରେ ଅଣାଯାଇଥିବା ସବୁଠୁ ବଡ଼ ସଂସ୍କାର ଲାଗୁ ହୋଇସାରିଛି। ଏହାର ଲାଭ ଯେଭଳି ଲୋକମାନଙ୍କ ପାଖରେ ପହଞ୍ଚିବ ତାହା ନିଶ୍ଚିତ କରିବାକୁ ସରକାର ସବୁ ପ୍ରକାର ଉଦ୍ୟମ କରୁଛନ୍ତି। ଆସନ୍ତାକାଲିଠାରୁ ଜିଏସ୍‌ଟି ଅଧିକାରୀମାନେ ବଜାର ଉପରେ ନଜର ରଖିବେ। ଉଭୟ କେନ୍ଦ୍ର ଓ ରାଜ୍ୟର ଜିଏସ୍‌ଟି ବିଭାଗର କ୍ଷେତ୍ର ଅଧିକାରୀମାନେ ବଜାରରେ ଅଚାନକ ଚଢ଼ଉ କରିବେ। ଜିଏସ୍‌ଟି କମିବା ପରେ ଯେଉଁ ଜିନିଷଗୁଡ଼ିକର ଦାମ୍ ଶସ୍ତା ହେବାର ଅଛି ସେମାନେ ତାହାକୁ କିଣିବେ। ଯଦି ଜିନିଷର ଦାମ୍ କମି ନଥିବ ତେବେ ସେମାନେ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ।

ଜିଏସ୍‌ଟି ବିଭାଗ ପକ୍ଷରୁ କ୍ଷେତ୍ର ଅଧିକାରୀମାନଙ୍କୁ ୫୪ଟି ଜିନିଷର ତାଲିକା ଦିଆଯାଇଛି। ରୋଷେଇ ଘର ବାସନକୁସନଠାରୁ ଆରମ୍ଭ କରି




ପ୍ରସାଧାନ ସାମଗ୍ରୀ ଓ ଦୈନନ୍ଦୀନ ବ୍ୟବହାର ଜିନିଷଗୁଡ଼ିକୁ ଗୋଟିଏ ସୂଚୀରେ ରଖାଯାଇଛି। ଯାହା ଫଳରେ ସେଗୁଡ଼ିକ ଉପରେ ନିରୀକ୍ଷଣ ରଖିବା ସହଜ ହେବ। ସେହି ସମୟ ସବୁ ପ୍ରକାର ଷ୍ଟେସନାରିକୁ ଗୋଟିଏ ତାଲିକାରେ ରଖାଯାଇଛି। ନିଜେ ବଜାରକୁ ଯାଇ ଏହି ଜିନିଷଗୁଡ଼ିକର ଦାମ୍ ଯାଞ୍ଚ କରିବାକୁ ଅଧିକାରୀମାନଙ୍କୁ କୁହାଯାଇଛି। ସେମାନେ ଆଗୁଆ ଦର ତାଲିକା ସଂଗ୍ରହ କରିଛନ୍ତି। ସେପ୍ଟେମ୍ବର ୨୨ ପରେ ପୁଣି ଥରେ ସେମାନେ ସେହି ଜିନିଷଗୁଡ଼ିକର ନୂଆ ଦର ସଂଗ୍ରହ କରିବେ। ନୂଆ ଓ ପୁରୁଣା ଦର ମଧ୍ୟରେ ତୁଳନା କରି ଦର ଯେତିକି କମିବା କଥା, କମ୍ ହୋଇଛି ନା ନାହିଁ ତାହା ଜାଣିବାକୁ ପ୍ରୟାସ କରିବେ।

ଇତି ମଧ୍ୟରେ ବିଭିନ୍ନ କ୍ଷେତ୍ରର ସଂସ୍ଥା ଜିଏସ୍‌ଟିର ଲାଭ ଲୋକମାନଙ୍କ ପାଖରେ ପହଞ୍ଚାଇବା ଲାଗି ପ୍ରସ୍ତୁତି କରିସାରିଛନ୍ତି। ଗାଡ଼ି କମ୍ପାନିଗୁଡ଼ିକ ସେମାନଙ୍କ କେଉଁ ମଡେଲ୍‌ର ଦାମ୍ କେତେ କମ୍ ହୋଇଛି ତାହା ବିଜ୍ଞାପନ ଜରିଆରେ ପ୍ରଚାର କରୁଛନ୍ତି। ଭାରତୀୟ ରେଳ ଏହାର ୫୦୦ ଏମ୍‌ଏଲ୍ ରେଳ ନୀର୍ ପାଣି ବୋତଲର ଦାମ୍‌କୁ ୧୦ ଟଙ୍କାରୁ କମ୍ କରି ୯ ଟଙ୍କା କରିଛି। ରେଳ ଷ୍ଟେସନ୍ ଓ ଟ୍ରେନ୍ ଭିତରେ ଆଇଆର୍‌ସିଟିସି ଅନୁମୋଦିତ ବିକ୍ରେତାମାନେ ବିକୁଥିବା ପାଣି ବୋତଲ ଦାମ୍ ମଧ୍ୟ ହ୍ରାସ କରାଯାଇଛି। ଅମୁଲ ମଧ୍ୟ ଏହାର ୭୦୦ ଉତ୍ପାଦର ଦାମ୍ ହ୍ରାସ କରିଛି। କମ୍ପାନିର ଘିଅ, ଲହୁଣି, ଆଇସ୍‌କ୍ରିମ୍ ଓ ଅନ୍ୟାନ୍ୟ ଦୁଗ୍ଧଜାତ ଜିନିଷର ଦାମ୍ କମ୍ ହୋଇଛି ଯାହା ଆସନ୍ତାକାଲିଠାରୁ ଲାଗୁ ହେବ। ଅମୁଲର ଏକ ଲିଟର ଘିଅର ମୂଲ୍ୟ ୪୦ ଟଙ୍କା କମ୍ ହୋଇଛି। ଏହା ପୂର୍ବରୁ ମଦର ଡେରି ପକ୍ଷରୁ ବିଭିନ୍ନ ଉତ୍ପାଦର ଦର ହ୍ରାସ ଘୋଷଣା କରାଯାଇଥିଲା। କମ୍ପାନିର ଉତ୍ପାଦଗୁଡ଼ିକର ଦାମ୍ ୨ ଟଙ୍କାରୁ ଆରମ୍ଭ କରି ୩୦ ଟଙ୍କା ପର୍ଯ୍ୟନ୍ତ କମ୍ ହୋଇଛି। ଟେଟ୍ରା ପ୍ୟାକ୍ ଦୁଗ୍ଧ, ଘିଅ, ଚିଜ୍, ଆଇସ୍‌କ୍ରିମ୍ ଓ ଲହୁଣି ଆଦିର ମୂଲ୍ୟ ହ୍ରାସ ପାଇଛି।

## ଆର୍‌ବିଆଇର ନୂଆ ଗାଇଡଲାଇନ

# ଏଣିକି କ୍ରେଡିଟ୍ କାର୍ଡରେ ଦେଇ ହେବନି ଘରଭଡ଼ା




ନୂଆଦିଲ୍ଲୀ, ୨୨।୯: ଫୋନ୍‌ପେ, ପେଟିଏମ୍, କ୍ରିଡ୍ ଏବଂ ଆମାଜନ ଭଳି ମୋବାଇଲ ଆପ୍ଲିକେସନରେ ଏଣିକି ଘରଭଡ଼ା ଦେଇ ହେବନି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏ ସମ୍ପର୍କିତ ପେମେଣ୍ଟକୁ ନେଇ ନୂଆ ଗାଇଡ୍‌ଲାଇନ ଜାରି କରିଛି। ନୂଆ ନିୟମ ଅନ୍ତର୍ଗତ ଫିନ୍‌ଟେକ ପ୍ଲାଟଫର୍ମ ଗୁଡ଼ିକ ନିଜ ଆପ୍‌ରେ କ୍ରେଡିଟ କାର୍ଡ ଜରିଆରେ ରେଣ୍ଟ୍ ପେମେଣ୍ଟ ସେବାକୁ ବନ୍ଦ କରି ଦେଇଛନ୍ତି। ରେଣ୍ଟ୍ ସର୍ଭିସକୁ ନେଇ ନୂଆ ସର୍କୁଲାର ଜାରି କରିଛି ଆର୍‌ବିଆଇ। ନୂଆ ନିୟମ ମୁତାବକ, ପେମେଣ୍ଟ ଆଗ୍ରିଗେଟର ଏବଂ ପେମେଣ୍ଟ ଗେଟ୍‌ୱେ ଏବେ କେବଳ ସେହି ବ୍ୟବସାୟୀଙ୍କ ସହ କାରବାର କରିପାରିବେ, ଯେଉଁମାନଙ୍କ ସହ ସେମାନଙ୍କ ସିଧାସଳଖ ସମ୍ପର୍କ ରହିଥିବ କିମ୍ବା କେୱାଇସି ସମ୍ପୂର୍ଣ୍ଣ ହୋଇଥିବ। ଘର ମାଲି ମାନେ ସାଧାରଣତଃ ପଞ୍ଜୀକୃତ ମର୍ଚ୍ଚାଣ୍ଟ ନୁହନ୍ତି। ଏହି ଆଧାରରେ ପ୍ଲାଟ୍‌ଫର୍ମ ଗୁଡ଼ିକରୁ ସେମାନଙ୍କ ଖାତାକୁ କ୍ରେଡିଟ୍ କାର୍ଡର ଟଙ୍କା ପଠାଇ ହେବନି। ପୂର୍ବରୁ କିଛି ଲୋକ ବିନା କେୱାଇସିରେ ଘର ଭଡ଼ା ଆଳ ଦେଖାଇ ସାଙ୍ଗସାଥୀ ଏବଂ ସମ୍ପର୍କିୟଙ୍କ ଖାତାକୁ କ୍ରେଡିଟ କାର୍ଡରୁ ଟଙ୍କା ପଠାଇ ଦେଉଥିଲେ। ଆପ୍ ଗୁଡ଼ିକ ତୁରନ୍ତ ଟଙ୍କା ଟ୍ରାନ୍ସଫର କରିବା ସହ ରିୱାର୍ଡ ପଏଣ୍ଟ କିମ୍ବା କ୍ୟାଶ୍‌ବ୍ୟାକ ମିଳିଥାଏ। ଘର ମାଲିକଙ୍କ ସମ୍ପୂର୍ଣ୍ଣ କେୱାଇସି ହୋଇ ନ ଥିବାରୁ ଆର୍‌ବିଆଇକୁ ଏହ ନିୟମ ସମ୍ପୂର୍ଣ୍ଣ ଠିକ୍ ଲାଗି ନ ଥିଲା। ଫିନ୍‌ଟେକ କମ୍ପାନି ଗୁଡ଼ିକ ମାର୍କେଟ ପ୍ଲେସ୍ ଭଳି କାମ କରୁଥିଲେ। ଏହାକୁ ବେଆଇନ ବୋଲି ଦର୍ଶାଇଥିଲା ଆର୍‌ବିଆଇ। ଏହି ସେବା ଏବେ ବନ୍ଦ ହୋଇଛି। ଫିନ୍‌ଟେକ କମ୍ପାନି ଗୁଡ଼ିକୁ ଏବେ କଡାକଡି ନିୟମ ପାଳନ କରିବାକୁ ହେବ। କ୍ରେଡିଟ୍ କାର୍ଡର ଏଭଳି ବେଆଇନ ବ୍ୟବହାରକୁ ରୋକିବାକୁ ପଦକ୍ଷେପ ଗ୍ରହଣ କରିଛି ଆର୍‌ବିଆଇ।



## ଆଜିର ସୁନା ଦର

ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୨,୫୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୩,୨୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୨,୫୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୩,୨୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୨,୫୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୦୩,୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୨,୭୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୩,୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୧୩,୦୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୩,୬୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୨,୫୮୦ ଓ ୧,୦୩,୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୩୮,୦୦୦ ଟଙ୍କା ହୋଇଛି।

### ନିମ୍ନମାନର ଲୁହାପଥର ଉପରେ ରପ୍ତାନି ଶୁଳ୍କ ପ୍ରସ୍ତାବ

# ୧୦ ହଜାର କୋଟି କ୍ଷତି ସହିବ ଓଡ଼ିଶା!

ଭୁବନେଶ୍ୱର, ୨୨।୯: କେନ୍ଦ୍ର ସରକାର ନିମ୍ନମାନର ଲୁହାପଥର ଉପରେ ରପ୍ତାନି ଶୁଳ୍କ ଲଗାଇବା ଉପରେ ବିଚାର କରୁଛନ୍ତି। ଏହି ଶୁଳ୍କ ଲାଗିଲେ ଓଡ଼ିଶା ବାର୍ଷିକ ୧୦ ହଜାର କୋଟି ଟଙ୍କା କ୍ଷତି ସହିବା ଆଶଙ୍କା ରହିଛି। ଏହି ପ୍ରସଙ୍ଗରେ ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ୟୁସିସିଆଇଏଲ୍) ପକ୍ଷରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଚାମ୍ବର ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖି ଏହି ଶୁଳ୍କକୁ ନେଇ ସତର୍କ କରାଯାଇଛି। ଏହି ଶୁଳ୍କ ଲାଗିଲେ ରାଜ୍ୟମାନଙ୍କର ୧୬୨୦୦ କୋଟି ଟଙ୍କାର ରାଜସ୍ୱ ହାନି ଘଟିବ ଏବଂ ଖଣି କ୍ଷେତ୍ରରେ କାର୍ଯ୍ୟ କରୁଥିବା ୫ ଲକ୍ଷ ଲୋକଙ୍କ ଜୀବିକା ପ୍ରତି ବିପଦ ସୃଷ୍ଟି ହେବ ବୋଲି କୁହାଯାଇଛି। ୟୁସିସିଆଇଏଲ୍ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଜଣାଇଛି ଯେ ନିମ୍ନମାନର ଲୁହାପଥର ଉପରେ ରପ୍ତାନି ଶୁଳ୍କ ଲାଗିଲେ ରାଜ୍ୟ ରାଜକୋଷକୁ ୧୦ ହଜାର କୋଟି ଟଙ୍କାର କ୍ଷତି ହେବ। କେବଳ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ୫୭୦୦ କୋଟି ଟଙ୍କାର ରାଜସ୍ୱ ହରାଇବ ବୋଲି ଏହା ଜଣାଇଛି। ତେଣୁ ନିମ୍ନମାନର ଲୁହାପଥର ଉପରେ ରପ୍ତାନି ଶୁଳ୍କ ନ ଲଗାଇବା ଲାଗି ଗଠନ କରାଯାଇଥିବା କମିଟିକୁ ପ୍ରସ୍ତାବ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚାମ୍ବର ନିବେଦନ କରିଛି। ରାଜ୍ୟରେ ଉତ୍ପାଦିତ ହେଉଥିବା ମାତ୍ର ୨୫-୩୦ ପ୍ରତିଶତ ଲୁହାପଥର ଉଚ୍ଚ ମାନର, ଯାହାକୁ ତତ୍କାଳ ବ୍ୟବହାର କରାଯାଇପାରୁଛି। ଅବଶିଷ୍ଟ ୭୦-୭୫ ପ୍ରତିଶତ ଲୁହାପଥର ହେଉଛି ଫାଇନ୍ସ ଯାହା ୫୮% ଏଫ୍‌ଇ ମାନଠାରୁ କମ୍। ସେଗୁଡ଼ିକୁ ଇସ୍ପାତ ଶିଳ୍ପ କିମ୍ବା ଏମ୍‌ଏସ୍‌ଏମ୍‌ଇମାନେ ବ୍ୟବହାର କରିପାରନ୍ତି ନାହିଁ। ଯଦି ସେଗୁଡ଼ିକୁ ରପ୍ତାନି କରା ନ ଯିବ ତେବେ ଖଣି ମୁହଁରେ ତାହା ଗଦା ହୋଇରହିବ। ତାହାର ପରିମାଣ ୧୮୦ ନିୟୁତ ଟନ୍‌ରୁ ଅଧିକ ବୋଲି ଭାରତୀୟ ଖଣି ବ୍ୟୁରୋ ଆକଳନ କରିଛି। ତେଣୁ ଏହି ଫାଇନ୍ସକୁ ରପ୍ତାନି କରିବା ହେଉଛି ଏକମାତ୍ର ଅର୍ଥନୈତିକ ବିକଳ୍ପ ବୋଲି ୟୁସିସିଆଇଏଲ୍ ପକ୍ଷରୁ କୁହାଯାଇଛି।

# ନୀଳଚକ୍ର ପଶ୍ଚିମବଙ୍ଗ ଶାଖା ପକ୍ଷରୁ ବୋଇତ ବନ୍ଦାଣ ପ୍ରସ୍ତୁତି ବୈଠକ

କୋଲକାତା, ୨୨।୯(ସଂଚାର ବ୍ୟୁରୋ): ଓଡ଼ିଆ ଜାତିର ଅସ୍ମିତା ଏବଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ସ୍ୱାଭିମାନର ସୁରକ୍ଷା ସହ ବିଶ୍ୱ ଦରବାରରେ ଏହି ଯଶସ୍ୱୀ ଜାତିର ଗାରିମାକୁ ପହଞ୍ଚାଇବା ପାଇଁ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ପଣ୍ଡାଙ୍କ ନିରବଚ୍ଛିନ୍ନ ଉଦ୍ୟମକୁ 'ନୀଳଚକ୍ର ପଶ୍ଚିମବଙ୍ଗ ଶାଖା' ଆହୁରି ଆଗେଇ ନେବା ଦିଗରେ ପଶ୍ଚିମବଙ୍ଗରେ ନିରନ୍ତର କାର୍ଯ୍ୟ କରିଆସୁଛି। ନୀଳଚକ୍ର ପଶ୍ଚିମବଙ୍ଗ ଅନୁଷ୍ଠାନ ପକ୍ଷରୁ ପୂର୍ବ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ ବୋଇତ ବନ୍ଦାଣ ଉତ୍ସବ ଧୁମ ଧାମରେ ଆୟୋଜନ କରାଯିବା ପାଇଁ ରବିବାର ଅପରାହ୍ନରେ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ସଭାପତି ବାଗ୍ମୀ ଲକ୍ଷ୍ମୀନାରାୟଣ ମଲ୍ଲିକଙ୍କ ଆବାହକତ୍ୱରେ ଇଣ୍ଡିଆନ ଆସୋସିଏସନ୍ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ ଚଳିତ ବର୍ଷ ବୋଇତ ବନ୍ଦାଣ ଉତ୍ସବ ଗଙ୍ଗାନଦୀ କୂଳ ଆର୍ମେନୀଆ ଘାଟ ଠାରେ ଅନୁଷ୍ଠିତ ହେବ। ନଭେମ୍ବର ୯ ତାରିଖ ରବିବାର ଦିନ ସାଧାରଣ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠାନ ହେବ।

ଏହି ଉତ୍ସବରେ ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବରେ ଯୋଗଦେବେ ବୋଲି ସଂଗଠନ ତରଫରୁ ଜାଣିବାକୁ ମିଳିଛି। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା ଓ ସାହିତ୍ୟିକ ତଥା ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତରାୟଙ୍କ



ସହ ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ଅନୁଷ୍ଠାନର ସଭାପତି ଶ୍ରୀ ମଲ୍ଲିକ କହିଥିଲେ ଯେ ଓଡ଼ିଆ ଭାଷା ସଂସ୍କୃତି, କଳା ପରମ୍ପରାକୁ ଉଜ୍ଜୀବିତ କରିବା ଦିଗରେ ଆମର ପ୍ରୟାସ ଅବିରତ ଚାଲୁ ରଖିବା ପାଇଁ ସମସ୍ତ ସଦସ୍ୟବୃନ୍ଦ ସଦାସର୍ବଦା ସକ୍ରିୟ ଭୂମିକା ଗ୍ରହଣ କରିଆସିଛନ୍ତି। ଚଳିତ ବର୍ଷ ବୋଇତ ବନ୍ଦାଣ ଉତ୍ସବକୁ ଐତିହାସିକ କରିବା ପ୍ରୟାସ କରାଯାଉଛି। ସମ୍ପାଦକ ଶେଷଦେବ ସାମଲ କହିଥିଲେ ଯେ ନୀଳଚକ୍ରର ଆଭିମୁଖ୍ୟ ସମଗ୍ର ଭାରତ ବର୍ଷରେ ପ୍ରସାରିତ ହେଉ। ବିଶେଷ କରି ପଡ଼ୋଶୀ ରାଜ୍ୟରେ ଥିବା ଓଡ଼ିଆମାନେ ଯେପରି ସେମାନଙ୍କ ଅଧିକାରକୁ ପ୍ରତିଷ୍ଠା କରିପାରନ୍ତି। ସେଥିପାଇଁ ନୀଳଚକ୍ର ଦାୟିତ୍ୱ ପାଳନ କରିବା ଉଚିତ୍। ସଂପ୍ରତି ନୀଳଚକ୍ର ସେହି ଧାରାକୁ ଅବ୍ୟାହତ ରଖି କାର୍ଯ୍ୟ କରୁଛି।

ସାହିତ୍ୟିକ ସାଫଲ୍ୟ କୁମାର ନନ୍ଦୀ, ମନମୋହନ ନାୟକ, କୃତିବାସ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କେତେକ ପ୍ରସ୍ତାବ ଉପସ୍ଥାପନ କରିବା ସହ ଅନୁଷ୍ଠାନର ପତ୍ରିକା 'ପ୍ରବାସ ମହକ - ୨୦୨୫' ପ୍ରକାଶ ପାଇବା ନେଇ ସବିଶେଷ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡନକନ୍ କମ୍ପାନୀର ଫାଇନାନ୍ସ ମ୍ୟାନେଜର ତଥା ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଅନୁପ କୁମାର ପରିଡ଼ା ଉତ୍ସବ କରିବା ପାଇଁ ଆର୍ଥିକ ସମ୍ବଳ ପାଇଁ ବକେୟା ସଦସ୍ୟଦେୟ ସହ ଅନ୍ୟାନ୍ୟ ଉପାୟ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧକ୍ଷ ବ୍ରଜକିଶୋର ଦାସ, ବିମ୍ବାଧର ପଲାଇ, ସୁଧୀର କୁମାର ଗେଡି, ତପନ କୁମାର ବେହେରା, ବିଜୟ କୁମାର, ରତିକାନ୍ତ ସାହୁ, ମନମୋନ ନାୟକ, ସୁଶାନ୍ତ କୁମାର ନାୟକ, ନୃସିଂହ ଚରଣ ପରିଡ଼ା, ହିମାଂଶୁ ଶେଖର ଦାସ, ମାନସ ରଞ୍ଜନ ଦାସ, ପ୍ରଶାନ୍ତ ଜେନା, ଷ୍ଟାଲିନ ବାରିକ, ଧର୍ମେନ୍ଦ୍ର ବିଶ୍ୱାଳ, ବିପିନ ବିହାରୀ ଦାସ, ବଳରାମ ନାୟକ, ସୂର୍ଯ୍ୟକାନ୍ତ ପୂହାଣ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ଉତ୍ସବ ପଶ୍ଚିମବଙ୍ଗର ଓଡ଼ିଆ ଭାଷା ଭାଷୀଙ୍କ ପାଇଁ ମର୍ଯ୍ୟାଦାଜନକ ଯେପରି ହୁଏ ସେଥି ପାଇଁ ସମସ୍ତେ ଦାୟିତ୍ୱ ବହନ କରିବାକୁ ହେବ। ଏହା ସହିତ ବିଦ୍ୟାଳୟ କାର୍ଯ୍ୟକ୍ରମ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷା ସମ୍ବନ୍ଧୀୟ ପ୍ରତିଯୋଗିତା ଉପରେ ମଧ ଆଲୋଚନା ହୋଇଥିଲା।

## ସିଜିୟୁ-ଆଇଭିପି ସେମିକଣ୍ଡକ୍ଟର ଏମ୍‌ଓୟୁ

ଭୁବନେଶ୍ୱର, ୨୨।୯: ସିଭି ରମଣ ଗ୍ଲୋବାଲ୍ ୟୁନିଭର୍ସିଟି (ସିଜିୟୁ)ର ଇଲେକ୍ଟ୍ରୋନିକ୍ସ ଓ କମ୍ୟୁନିକେସନ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ସେମିକଣ୍ଡକ୍ଟର ଡିଜାଇନ୍‌ରେ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଆଇଭିପି ସେମିକଣ୍ଡକ୍ଟର ସହିତ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଏହି ବୁଝାମଣାପତ୍ରରେ ସିଜିୟୁ ଓଡ଼ିଶାର କୁଳପତି ଡ. ବଂଶୀଧର ମାଝୀ ଓ ଆଇଭିପି




ସେମି ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ଓ ସିଇଓ ପି ରାଜା ମାଣିକମ୍ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଆଇଭିପି ସେମିର ଡିଜାଇନ ମୁଖ୍ୟ ତୁଷାର କାନ୍ତି ଭଟ୍ଟାଚାର୍ଯ୍ୟ ଓ ସିଜିୟୁର ପ୍ରୋ ଭାଇସ୍ ଚାନ୍‌ସେଲର୍ ପ୍ରଫେସର ଡ. ଜି ଶ୍ରୀଦେବୀ, ରେଜିଷ୍ଟ୍ରାର ଡ. ବିନୀତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ଓୟୁ ସମ୍ପର୍କରେ ଶ୍ରୀ ମାଣିକମ କହିଥିଲେ ଯେ ଏହି ସହଯୋଗିତାର ପ୍ରାଥମିକ ଲକ୍ଷ୍ୟ ହେଉଛି ଓଡ଼ିଶା ଓ ଭାରତର ସେମିକଣ୍ଡକ୍ଟର ମିସନ ଆବଶ୍ୟକତା ଅନୁଯାୟୀ ବଜାର ପାଇଁ ପ୍ରସ୍ତୁତ ଉତ୍ପାଦ ବିକାଶ କରିବା ଏବଂ ଛାତ୍ରଛାତ୍ରୀ ଓ ଗବେଷକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରି ଭାରତକୁ ସେମିକଣ୍ଡକ୍ଟର ଡିଜାଇନ ଓ ନବସୃଜନର କେନ୍ଦ୍ରଭୂମିରେ ପରିଣତ କରିବା।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୭୭ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



# କଥାବାର୍ତ୍ତା ପାଇଁ ଆମେରିକା ଯିବେ ଗୋୟଲ

### ଆଗେଇବ ବାଣିଜ୍ୟ ଆଲୋଚନା

ନୂଆଦିଲ୍ଲୀ, ୨୨।୯: ଆମେରିକା ସହ ବାଣିଜ୍ୟ ରାଜିନାମା ସମ୍ପର୍କରେ ଆଲୋଚନା କରିବା ପାଇଁ ଆସନ୍ତାକାଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଆମେରିକା ଗସ୍ତ କରିବେ। ତାଙ୍କ ସହ ଏକ ପ୍ରତିନିଧି ଦଳ ଯିବ। ସେମାନେ ଆମେରିକା ପ୍ରତିନିଧିମାନଙ୍କ ସହ ଆଲୋଚନାକୁ ଆଗକୁ ବଢ଼ାଇବା ଲାଗି କଥାବାର୍ତ୍ତା କରିବେ। ଗୋୟଲ ନ୍ୟୁୟର୍କ ଯିବେ ଓ ତାଙ୍କ ସହ ଭାରତ ତରଫରୁ ମୁଳଚାଲ କରୁଥିବା ମୁଖ୍ୟ ବ୍ୟକ୍ତି ବାଣିଜ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲ ରହିବେ।

ଚଳିତ ମାସ ୧୬ରେ ଆମେରିକାର ଏକ ପ୍ରତିନିଧି ଦଳ ଭାରତ ଆସି କଥାବାର୍ତ୍ତା କରିଥିଲେ। ସେହି ଧାରାକୁ ଆଗକୁ ବଢ଼ାଇବା ଲାଗି ଗୋୟଲ ଆମେରିକା ଯାଉଛନ୍ତି। ଭାରତ ଉପରେ ଆମେରିକା ଦୁଇଟି ପର୍ଯ୍ୟାୟରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛି। ଏଥି ସହିତ ନିକଟରେ ଏଚ୍-୧ବି ଭିସା ଆବେଦନ ଫି'କୁ ହଠାତ୍ ୧,୦୦,୦୦୦ ଡଲାରକୁ ବୃଦ୍ଧି କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ଦୁଇ ନିଷ୍ପତ୍ତି ଭାରତକୁ ଗୁରୁତର ପ୍ରଭାବିତ କରିଛି। ତେଣୁ ଆଲୋଚନା ଜରିଆରେ ଚାପ କୋହଳ କରିବାକୁ ଭାରତୀୟ ପ୍ରତିନିଧିମାନେ ଉଦ୍ୟମ କରିବେ। ଚଳିତ ବର୍ଷ ଫେବ୍ରୁଆରିରେ ଦୁଇ ଦେଶ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା କରିବା ଲାଗି ଆଲୋଚନା



କରିବାକୁ ସହମତ ହୋଇଥିଲେ। ସେହି ଆଲୋଚନାକୁ ଚଳିତ ବର୍ଷ ଅକ୍ଟୋବର-ନଭେମ୍ବର ସୁଦ୍ଧା ଶେଷ କରିବାକୁ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଗତ ଏପ୍ରିଲ୍ ୨ରେ ଟ୍ରମ୍ପ ଭାରତ ସମେତ ବିଭିନ୍ନ ଦେଶ ଉପରେ ଶୁଳ୍କ ଲଗାଇଥିଲେ। ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗିଥିଲା। ୟୁକ୍ରେନ୍ ସହ ଯୁଦ୍ଧ କରୁଥିବା ରୁଷ୍ ଠାରୁ ତେଲ କିଣୁଥିବାରୁ ଭାରତ ଉପରେ ଟ୍ରମ୍ପ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇଥିଲେ। ଫଳରେ ଗତ ଅଗଷ୍ଟ ୨୭ଠାରୁ ଭାରତ ଉପରେ ଶୁଳ୍କ ୫୦ ପ୍ରତିଶତକୁ ବୃଦ୍ଧି ପାଇଛି। ପୂର୍ବରୁ ହୋଇଥିବା ଆଲୋଚନା ସମୟରେ ଭାରତର କୃଷିଜାତ ଓ ଦୁଗ୍ଧଜାତ ବଜାରରେ ପ୍ରବେଶ କରିବାକୁ ଆମେରିକା ଜିଦ୍ ଧରିଥିଲା। ଭାରତ କିନ୍ତୁ ସେଥିରେ ରାଜି ହୋଇନଥିଲା। ତେଣୁ ଅଧା ବାଟରେ ଆଲୋଚନା ଅଟକିଯାଇଥିଲା।

## ଅଢ଼େଇ ହଜାରରୁ ୮୫ ହଜାର ପର୍ଯ୍ୟନ୍ତ ଶସ୍ତା ହେବ ଟିଭି

ନୂଆଦିଲ୍ଲୀ, ୨୨।୯: ଆସନ୍ତାକାଲିଠାରୁ ଦେଶବ୍ୟାପୀ ସଂଶୋଧିତ ଜିଏସ୍‌ଟି ଦର ଲାଗୁ ହେଉଛି। ଏହାର ପ୍ରଭାବରେ ଟିଭି ଦାମ୍‌ରେ ବଡ଼ ଧରଣର ହ୍ରାସ ଘଟିବ। ଟିଭି ନିର୍ମାତାମାନେ ବିଭିନ୍ନ ମଡେଲ୍‌ର ଦାମ୍‌ରେ ଅଢ଼େଇ ହଜାର ଟଙ୍କାରୁ ଆରମ୍ଭ କରି ୮୫ ହଜାର ଟଙ୍କା ପର୍ଯ୍ୟନ୍ତର ହ୍ରାସ କରିଛନ୍ତି। ଦାମ୍ କମିଥିବାରୁ ଆଗାମୀ ଦିନରେ ଟିଭି ବିକ୍ରିରେ ଉଲ୍ଲେଖନୀୟ ବୃଦ୍ଧି ହେବ ବୋଲି କମ୍ପାନିଗୁଡ଼ିକ ଆଶା କରୁଛନ୍ତି। ସୋନି, ଏଲ୍‌ଜି, ପାନାସୋନିକ୍ ଭଳି ପ୍ରତିଷ୍ଠିତ କମ୍ପାନି ଟିଭିର ସଂଶୋଧିତ ଦର ତାଲିକା ଜାରି କରିଛନ୍ତି। ସୋନିର ୪୩ ଇଞ୍ଚରୁ ୯୮ ଇଞ୍ଚ ପର୍ଯ୍ୟନ୍ତର ଟିଭିଗୁଡ଼ିକର ଦାମ୍ ୫୦୦୦ ଟଙ୍କାରୁ ଆରମ୍ଭ ହୋଇ ୭୧ ହଜାର ଟଙ୍କା ପର୍ଯ୍ୟନ୍ତ କମିଛି। ଏଲ୍‌ଜି ଇଲେକ୍ଟ୍ରୋନିକ୍ସର ୪୩ ଇଞ୍ଚରୁ ୧୦୦ ଇଞ୍ଚ ସ୍କ୍ରିନ୍ ଆକାରର ଟିଭି ଦାମ୍ ୨୫୦୦ ଟଙ୍କାରୁ ୮୫,୮୦୦ ଟଙ୍କା ପର୍ଯ୍ୟନ୍ତ କମ୍ ହୋଇଛି। ଏଲ୍‌ଜିର ୧୦୦ ଇଞ୍ଚ ଟିଭିର ଦାମ ୫,୮୫,୫୯୦ ଟଙ୍କା ଥିଲା। ଆସନ୍ତାକାଲିଠାରୁ ତାହାର ଦାମ୍ ୪,୯୯,୭୯୦ ଟଙ୍କା ହେବ। ପାନାସୋନିକ୍ ପକ୍ଷରୁ ମଧ ବିଭିନ୍ନ ମଡେଲ୍ ମୂଲ୍ୟରେ ୩୦୦୦ ଟଙ୍କାରୁ ୩୨ ହଜାର ଟଙ୍କା ପର୍ଯ୍ୟନ୍ତ ହ୍ରାସ କରାଯାଇଛି।

# ବି ସାଇରାମ ପରବର୍ତ୍ତୀ କୋଲ୍ ଇଣ୍ଡିଆ ମୁଖ୍ୟ



ନୂଆଦିଲ୍ଲୀ, ୨୨।୯: କୋଲ୍ ଇଣ୍ଡିଆର ପରବର୍ତ୍ତୀ ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଭାବେ ବି ସାଇରାମଙ୍କୁ ଚୟନ କରାଯାଇଛି। ସରକାରୀ ଉଦ୍ୟୋଗ ଚୟନ ବୋର୍ଡ (ପିଇଏସ୍‌ବି) ଏହି ପଦ ପାଇଁ ତାଙ୍କ ନାମକୁ ସୁପାରିସ କରିଛି। ଏହି ପଦ ଲାଗି ୧୦ଟି ଆବେଦନ ଆସିଥିଲା। ଶ୍ରୀ ସାଇରାମଙ୍କ ବ୍ୟତୀତ ମିନେରାଲ୍ ଏକ୍ସପ୍ଲୋରେସନ ଆଣ୍ଡ କନ୍‌ସଲ୍‌ଟାନ୍ସି ଲିମିଟେଡ୍‌ର ସିଏମ୍‌ଡି, ସେଣ୍ଟ୍ରାଲ୍ କୋଲ୍‌ଫିଲ୍ଡ ଲିମିଟେଡ୍‌ର ସିଏମ୍‌ଡି ମଧ ଏଥିପାଇଁ ଆବେଦନ କରିଥିଲେ। ବର୍ତ୍ତମାନ କୋଲ ଇଣ୍ଡିଆର ସିଏମ୍‌ଡି ଭାବେ କାର୍ଯ୍ୟ କରୁଥିବା ପି ଏମ୍ ପ୍ରସାଦ ଆସନ୍ତା ଅକ୍ଟୋବର ୩୧ରେ ଅବସର ଗ୍ରହଣ କରିବେ। ତାଙ୍କ ଉତ୍ତରାଧିକାରୀ ଭାବେ ଶ୍ରୀ ସାଇରାମ କାମ କରିବେ। ତେବେ ଏହା ପୂର୍ବରୁ ତାଙ୍କ ନାମକୁ ବିଭିନ୍ନ କର୍ତ୍ତୃପକ୍ଷଙ୍କ ମଞ୍ଜୁରି ଦରକାର। ତାଙ୍କ ପାଖରେ କୋଇଲା କ୍ଷେତ୍ରରେ କାମ କରିବାର ଦୀର୍ଘ ୩୪ ବର୍ଷର ଅଭିଜ୍ଞତା ରହିଛି।

# ମନ୍ଦିର ବାନା ବାନ୍ଧିବାକୁ ଯାଇ ମହୁମାଛି ଆକ୍ରମଣରେ ଯୁବକ ଗୁରୁତର



**ଜୟପୁର,୨୨।୯(ସଂଚାର ବ୍ୟୋରୋ):** ପୀଠ ରେ ନବରାତ୍ରି ପୂଜା ଆରମ୍ଭ ସେଇଲାଗି ଜୟପୁର ସହର ମୁଖ୍ୟ ରାସ୍ତା କଡ଼ରେ ଥିବା ମା ଜଗତ ଜନନୀ ମନ୍ଦିର ପକ୍ଷରୁ ମନ୍ଦିର ଚୁଳ ରେ ବାନା ବାନ୍ଧିବାକୁ ଜଣେ ଯୁବକ ମନ୍ଦିର ଉପରକୁ ଚଢ଼ି ଥିଲା କିନ୍ତୁ ସେ ସମୟରେ ମନ୍ଦିର ଉପରେ ଥିବା ମହୁ ଫେଣା ରୁ ମହୁମାଛି ତାଙ୍କୁ ଆକ୍ରମଣ କରିଥିଲେ ଫଳରେ ସେ ତଳକୁ ଓହ୍ଲାଇ ନ ପାରି ମନ୍ଦିର ପରେ ହିଁ ଗୁରୁତର ଅବସ୍ଥାରେ ରହିଯାଇଥିଲେ ପରେ ଅଗ୍ନିଶମ ବିଭାଗ ଙ୍କୁ ଖବର ଦିଆଯାବାରୁ ଅଗ୍ନିଶମ କର୍ମଚାରୀ ମନ୍ଦିର ଉପରକୁ ଯୁବକ ଙ୍କୁ ଉଦ୍ଧାର କରିବାକୁ ଚଢ଼ି ଥିଲେ କିନ୍ତୁ ଅଗ୍ନିଶମ କର୍ମଚାରୀ ବି ମହୁ ମାଛି ର ଆକ୍ରମଣ ର ଶିକାର ହୋଇ ତଳକୁ ଓହ୍ଲାଇ ଥିଲେ ଏବଂ ପରେ ଶରୀର ର କୁ ଆଚ୍ଛାଦିତ କରି ମନ୍ଦିର ଉପରକୁ ଯାଇ ଗୁରୁତର ଯୁବକ ଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିଥିଲେ। ଦୁଇ ଅଗ୍ନିଶମ କର୍ମଚାରୀ ଓ ବାନା ବାନ୍ଧି ବାକୁ ଯାଇଥିବା ଯୁବକ ତିନି ଜଣଙ୍କୁ ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି ।

# ବେଗୁନିଆ ପାହାଡ଼ରୁ ଦିନରାତ୍ର ପଥର ଲୁଟ



**ନୀଳଗିରି,୨୨।୯(ସଂଚାର ବ୍ୟୋରୋ):** ବାଲେଶ୍ୱର ଜିଲା ନୀଳଗିରି ତହସିଲ ଅଧୀନରେ ଥିବା ବେଗୁନିଆ ପଥର ଖାଦାନ, ପଥର ଚଟାଣ ଓ ପାହାଡ ଉପରେ ଦିବାରାତ୍ର ବେଧଡକ ଭାବେ ପଥର ଲୁଟ ହୋଇ ଚାଲିଥିବା ବେଳେ ପ୍ରଶାସନ ଓ ଖଣି ବିଭାଗର ନିରବକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପଥର ମାଫିଆମାନେ ବେଗୁନିଆ ପାହାଡ଼କୁ ନିଜ କବଜା କୁ ନେଇ ବେଧଡକ ଓ ବେଆଇନ ଭାବେ ପଥର ବ୍ଲାଷ୍ଟିଂ ସହ ପାହାଡ଼ ଶିଖର ରୁ ବଡ଼ ବଡ଼ ପଥର ସବୁ ତଳକୁ ଖସାଇ ଏକାଧିକ ଶ୍ରମିକ ଲଗାଇ ପଥର ଫଟାଇ ମେଟାଲ କରାଯିବା ପରେ ବାହାରକୁ ସ୍ଥାନାନ୍ତର ହେଉଛି। ସେହିପରି ତଳେ ଥିବା ପାହାଡ଼ର ବଡ ବଡ ପଥରକୁ ନିଆଁ ଲଗାଯାଇ ଫଟାଯିବା ପରେ ଛୋଟ ଛୋଟ କରି ମେଟାଲ ପ୍ରସ୍ତୁତ କରାଯାଇ ଚୋରାରେ ଚାଲାଣ କରୁଛନ୍ତି। ଦିନକୁ ଦିନ

## ପ୍ରଶାସନ ଓ ଖଣି ବିଭାଗ ନିରବଦ୍ରଷ୍ଟା

ଅବାଧରେ ବେଆଇନ ପଥର ଉତ୍ତୋଳନ ବୃଦ୍ଧି ପାଉଥିବାରୁ ସରକାରଙ୍କ ରାଜସ୍ୱ କ୍ଷତି ଘଟିବା ସହ ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବେଗୁନିଆ ପାହାଡ଼ ଦିନେ ଭରପୁର ମାତ୍ରାରେ ଜଙ୍ଗଲ ଥିଲା। ଏହି ପଥରଖାଦାନ ସରକାରୀ ସ୍ତରରେ ବହୁ ବର୍ଷ ଧରି ବନ୍ଦ ରହିଥିବା ବେଳେ ବେଗୁନିଆ ପାହାଡ ସଂଲଗ୍ନ ରହିଥିବା କାଣ୍ଡି କାଣ୍ଡି ମେଟାଲ କୁ ଦେଖିଲେ ଲାଗିବ ଏହି ଖାଦାନକୁ କେହି ଠିକାସୂତ୍ର ରେ ନେଇଛନ୍ତିକି ? ମାତ୍ର ସରକାରୀ ନିୟମକୁ ମାଫିଆମାନେ ଖୋଲାଖୋଲି ଉଲ୍ଲଂଘନ କରି ପଥର ଉତ୍ତୋଳନ କରୁଛନ୍ତି। ଅଞ୍ଚଳରେ ଜନବସତିର ଲୋକମାନେ ବିପଦସଂକୁଳ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି। ବେଆଇନ ପଥର ଉତ୍ତୋଳନ ବନ୍ଦ କରା ନଗଲେ ଧୀରେ ଧୀରେ ସବୁଜିମା ନଷ୍ଟ ହେଉଛି। ଏସବୁ ପ୍ରଶାସନ ର ଜାଣତରେ ହେଉଥିଲେ ମଧ୍ୟ ପ୍ରଶାସନ ଓ ଖଣି ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି।

# ପିଲାଙ୍କୁ ଏଯାଏଁ ମିଳିନି ପୋଷାକ

## ଧର୍ମଗଡ଼ ଶିକ୍ଷାବିଭାଗ ଅଧିନରେ ଅଛି ୧୫୫ ବିଦ୍ୟାଳୟ




୧୦ ଜଣ ପୋଷାକ ବଣ୍ଟନ କାରୀଙ୍କୁ ମିଳିଛି ଦାୟିତ୍ୱ

**କଳାହାଣ୍ଡି,୨୨।୯(ସଂଚାର ବ୍ୟୁରୋ):** ପ୍ରତି ବର୍ଷ ଅଗଷ୍ଟ ପହିଲା ସୁଦ୍ଧା ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପୋଷାକ ବଣ୍ଟନ କରିବା ବ୍ୟବସ୍ଥା ଥିଲେ ହେଁ ଚଳିତବର୍ଷ ଏଯାଏ ପୋଷାକ ବିତରଣ ଆରମ୍ଭ ହୋଇନି। ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ମୋଟ ୧୫୫ ବିଦ୍ୟାଳୟ ପାଇଁ ଚଳିତବର୍ଷ ୧୦ ଟି ବିଭିନ୍ନ ପୋଷାକ ବିତରଣ କାରିଙ୍କ ସହ ଏସ୍‌ଏସ୍‌ଜି ଗୋଷ୍ଠିଙ୍କୁ ଦାୟିତ୍ୱ ମିଳିଛି। ହେଲେ ଚଳିତବର୍ଷରେ କିଛି ନିୟମ ପରିବର୍ତ୍ତନ ହୋଇଥିବା ଜଣାପଡ଼ିଛି। କ୍ଲଷ୍ଟର ବଦଳରେ ଏଥର ବିଦ୍ୟାଳୟକୁ ଗଣତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବ୍ଲକର ଅନିତା ଅଗ୍ରୱାଲ ଟେଲରସ ୟୁନିଟକୁ ୧୫ଟି ବିଦ୍ୟାଳୟକୁ ଯୋଗାଇ ଦେବାକୁ ନିର୍ଦ୍ଦେଶ ଥିବା ବେଳେ ଦଣ୍ଡପାଟ ପିଜି-୧୬, କପିଳେଶ୍ୱର ବାବା ଏସ୍‌ଏସ୍‌ଜି - ୨୩, କପିଳେଶ୍ୱର ଟେଲର୍ସ-୧୮, ମାଆ ବୈଷ୍ଣବି ଏସ୍‌ଏସ୍‌ଜି-୭, ମାଆ ଭଣ୍ଡାର ଘରୁଆଣି ଏସ୍‌ଏସ୍‌ଜି-୧୩, ମାଆ ବୀଣାପାଣି ଏସ୍‌ଏସଜ- ୨୦, ମାଆ ଲଙ୍କେଶ୍ୱରୀ ଏସ୍‌ଏସ୍‌ଜି-୧୮, ମେହେର କୁଥଷ୍ଟୋର-୧୨, ଏନ୍ ମେହେର ଟେଲର୍ସ-୧୧ଟି ବିଦ୍ୟାଳୟକୁ ଯୋଗାଇ ଦେବା ଚୟନ କରାଯାଇ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ମୋଟ ୧୫୫ ବିଦ୍ୟାଳୟର ୧୪ହଜାର ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଥିରେ ଉପକୃତ ହେବେ। ତେବେ ପୋଷାକ ଯୋଗାଣ ଦାୟିତ୍ୱ ଚୟନକୁ ନେଇ ଏବେ ସାଧାରଣ ଭାବେ ସମାଲୋଚନା ହେଉଛି। ଚୟନ କରାଯାଇଥିବା ଅନେକ ଏସ୍‌ଏସ୍‌ଜି ଓ ବ୍ୟକ୍ତି ବିଶେଷଙ୍କ ନିଜ ଟେଲର୍ସରିଂ ନ ଥିବା ବେଳେ ଆବେଦନ ପତ୍ରରେ ଥିବା ଉଲ୍ଲେଖ କରାଯାଇଥିବା ଚର୍ଚ୍ଚା ହେଉଛି। ଯାହା କି ପ୍ରକୃତ ଯୋଗ୍ୟ ବିବେଚିତ ଏସ୍‌ଏସ୍‌ଜି, ବ୍ୟକ୍ତି ବିଶେଷ ବାଦ ପଡ଼ିଥିବା ଆଲୋଚନା ହେଉଛି। ବିଶେଷ ଭାବେ ଏସ୍‌ଏସ୍‌ଜି ମହିଳା ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବା ସରକାରଙ୍କ ଉଦ୍ୟମ ଥିବା ଓ ପ୍ରାଧାନ୍ୟ ଦେବା ଉଦେଶ୍ୟ ଥିଲେ ହିଁ ଅନେକ କ୍ଲଥ ଷ୍ଟୋର ଦୋକାନୀଙ୍କୁ ଗୁରୁତ୍ୱ ଦେଇଥିବା ଅଭିଯୋଗ ହୋଇଛି। ତେବେ ଚୟନ ପ୍ରକ୍ରିୟା ଉପରେ ସାଧାରଣ ଭାବେ ବିଭିନ୍ନ ମତ ପ୍ରକାଶ ପାଉଛି। ବିଗତ ବର୍ଷ ମାନଙ୍କରେ ବଣ୍ଟନ ହୋଇଥିବା ପୋଷାକ ଅତି ନିମ୍ନମାନର ଅଭିଯୋଗ ବାରମ୍ବାର ଉଠିଥିଲା। ଏହାର ପୁନରାବୃତ୍ତି ଚଳିତବର୍ଷ ଯେପରି ନ ହେଉ ସେଥିପ୍ରତି ଶିକ୍ଷା ବିଭାଗ ଯତ୍ନବାନ ହେବା ଆବଶ୍ୟକ ବୋଲି ସାଧାରଣ ରେ ଦାବି ହେଉଛି।ଏହା କୁ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଶାନ୍ତି କୁଟୀରର ନୂତନ ଗୃହ ଉଦ୍‌ଘାଟନ କଲେ ଜିଲ୍ଲାପାଳ ଓ ପୂର୍ବତନ ବିଚାରପତି

● ଅନ୍ତେବାସୀଙ୍କ ଉତ୍ସାହ ବଢ଼ାଇଲେ

**ସୁବର୍ଣ୍ଣପୁର,୨୨।୯(ସଂଚାର ବ୍ୟୁରୋ):** ସୋନପୁର ସହରର ରିଙ୍ଗ ରୋଡ ତେଲନଦୀ ପାର୍ଶ୍ୱ ରେ ଥିବା ଶାନ୍ତିକୁଟିର ବା ନାରାୟଣ ସେବାଶ୍ରମ ର ନୂତନ କୋଠା ଗୃହ ର ଶୁଭ ଉଦଘାଟନ ହୋଇଯାଇଛି। ଓଡିଶା ହାଇକୋର୍ଟ ର ଅବସର ପ୍ରାପ୍ତ ପ୍ରାକ୍ତନ ବିଚାରପତି ଜଷ୍ଟିସ ଚିତ୍ତରଞ୍ଜନ ଦାଶ, ମୁଖ୍ୟ ଅତିଥି, ନିମନ୍ତ୍ରିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗ ଦେଇ ଏହାର ଶୁଭ ଉଦଘାଟନ କରି ଶାନ୍ତି କୁଟୀର ର ଅନ୍ତେବାସୀ ମାନଙ୍କ ସହ ବାର୍ତ୍ତାଳାପ କରି ସେମାନଙ୍କର ଖାଦ୍ୟ, ବସ୍ତ୍ର, ସ୍ୱାସ୍ଥ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ ଓ ଏହାର ସୁ ପରିଚାଳନା ପାଇଁ ବିଭାଗୀୟ ଅଧିକାରୀ ଙ୍କୁ ପରାମର୍ଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧକ୍ଷା ତାମସୀ ତାମସ୍ମିତା ନାୟକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଋଷି ମାଝୀ, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ବରିଷ୍ଠ ସାମ୍ବାଦିକ ଗୋରେଖ ନାଥ ସାହୁ, କାଉନସିଲର ଶୁଭଦ୍ରା ବିଶି ଯୋଗଦେଇଥିଲେ। ଏଠାରେ ଆଜି ଅନ୍ତେବାସୀ ଙ୍କ ପାଇଁ ଛଅ ଗୋଟି ନୂତନ ଗୃହ ଉଦଘାଟନ କରାଯାଇଥିବା ବେଳେ ସମାଜ ସେବୀ ବୃନ୍ଦାବନ ରଥ, ମନୋଜ କର୍ମି, ନାରାୟଣ ରଥ, ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ ।

# ଗମ୍ଭାରିଗୁଡ଼ାରେ ନାରୀ ସଚେତନତା କାର୍ଯ୍ୟକ୍ରମ




**କଳାହାଣ୍ଡି,୨୨।୯(ସଂଚାର ବ୍ୟୁରୋ):** କୋକସରା ବ୍ଲକ ଅନ୍ତର୍ଗତ ଗମ୍ଭାରିଗୁଡ଼ା ଅଙ୍ଗନବାଡ଼ି କେନ୍ଦ୍ର ଠାରେ ମହିଳାଙ୍କ ସଚେତନତାକୁ ନେଇ ଭାରତୀୟ ଆଦିମ ଜାତି ସେବା ସଙ୍ଘ ଓ ସମାଜ କଲ୍ୟାଣ କାର୍ଯ୍ୟାଳୟ କଳାହାଣ୍ଡି ତରଫରୁ ଏକ ମହିଳା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ଇଶ ରାମ ସୁନାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ କୋକସରା ସିଡିପିଓ ଶ୍ରୀମତୀ ସରୋଜା କୁମାରୀ ସେଠୀ, ଥାନା ଅଧିକାରୀ ଜୟ ପ୍ରକାଶ ନାରାୟଣ ହୋତା ସମ୍ମାନୀୟ ଅତିଥି, ଡିଏସଡବ୍ଲୁଓ କାର୍ଯ୍ୟାଳୟର ଜେଣ୍ଡର ସ୍ପେସିଆଲିଷ୍ଟ ରାମ ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶକ୍ତି ସଦନ ଗୃହରେ କେଉଁ ମହିଳା ମାନେ ରହିପାରିବେ, ବାଲ୍ୟ ବିବାହ ରୋକିବା, ଯୌତୁକ ପ୍ରଥା, ଘରୋଇ ହିଂସା, ଯୌନ ଓ ମାନସିକ ନିର୍ଯ୍ୟାତନା ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଆଦି ବିଷୟରେ ଆଲୋଚନା କରିଥିଲେ। ଧର୍ମଗଡ଼ ଶକ୍ତି ସଦନ ର ପରିଚାଳିକା ସସ୍ମିତା ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠିତ ସଚେତନତା ସଭାରେ ଗମ୍ଭାରୀଗୁଡା ଗ୍ରାମପଞ୍ଚାୟତର ସି ଆର ପି, ଏମବିକେ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ସମେତ ଗ୍ରାମର ଯୁବତୀ ମାନେ ବହୁ ସଂଖ୍ୟାରେ ସାମିଲ ଥିବା ବେଳେ ଧର୍ମଗଡ଼ ଶକ୍ତି ସଦନ ଗୃହ କାର୍ଯ୍ୟାଳୟର ଦେବରାଜ ମହାନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ ।

## ବାଡା ନିର୍ମାଣରେ ବ୍ୟବହାର ପୁରୁଣା ରଡ୍

# ନିମ୍ନମାନର କାର୍ଯ୍ୟ ଯୋଗୁଁ ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ



**ନାଉଗାଁ,୨୨।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ତିରୁଣା ପଞ୍ଚାୟତର କୁରିକି ରାଜସ୍ୱ ଗ୍ରାମଟି ଗୋବରୀ ନାଳର ଅପରପାର୍ଶ୍ୱରେ ଅବସ୍ଥିତ। ଏହି ଗ୍ରାମକୁ ଯିବା ଆସିବା କରିବା ପାଇଁ ଗୋବରୀ ନାଳରେ ଏକ ପୋଲ ନିର୍ମାଣ କରାଯାଇଛି। ଏହି ପୋଲ ଦେଇ ଗ୍ରାମର ଲୋକମାନେ ଯାତାୟତ କରିଥାନ୍ତି। ପୋଲଟି କେଉଁ ବିଭାଗ ଅଧିନରେ ରହିଛି ସଠିକ୍ ତଥ୍ୟ ନଥିବା ବେଳେ ଗୋବରୀ ନାଳଟି ଜଳ ନିକାସ ଅଧିନରେ ରହିଛି। ଦୀର୍ଘଦିନ ହେବ ପୋଲଟି ନିର୍ମାଣ କରାଯାଇଥିବା ବେଳେ ପୋଲର ଦୁଇ ପାର୍ଶ୍ୱରେ ଥିବା ବାଡା ସମେତ ପୋଲଟି ନଷ୍ଟ ହୋଇଯାଇଛି। ଏହି ନାଳରେ ଆଉ ଏକ ପୋଲ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ୨୦୨୧ମାର୍ଚ୍ଚ ୩୦ରେ ତତ୍କାଳିନ ବିଡିଓ ଓ ବିଧାୟକଙ୍କୁ ଲିଖିତ ଭାବେ ଜଣାଯାଇଥିଲା। କୌଣସି ସୁଫଳ ନ ମିଳିବାରୁ ୨୦୨୨ ଅଗଷ୍ଟ ୨ରେ ଜିଲ୍ଲାପାଳଙ୍କ ଜନଶୁଣାଣି ପ୍ରକୋଷ୍ଠରେ ମଧ୍ୟ ଅଭିଯୋଗ କରାଯାଇଥିଲା। କିନ୍ତୁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିଲା। ବାଡା ଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବେଳେ କାଳକ୍ରମେ ତାହା ଭାଙ୍ଗି ଯାଇଥିଲା।ଯାହାଫଳରେ ଖୋଲା ପୋଲରେ ବୁଲା ଗୋରୁ ଗାଈ, ଏପରିକି ଗାଡି ମଟରରେ ଯିବା ଆସିବା କରୁଥିବା ଲୋକ ଅସାବଧାନତା ବଶତଃ ନାଳକୁ ଖସିପଡ଼ି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। କିନ୍ତୁ ସପ୍ତାହ ହେବ ଏହି ପୋଲର ବାଡାକୁ ଜଳ ନିକାସ ବିଭାଗ ପକ୍ଷରୁ ପୁନର୍ବାର ନିର୍ମାଣ କରାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ଖୁଲମଖୁଲା ଭାବେ ସରକାରୀ ନିୟମକୁ ଉଲଘଂନ କରାଯାଉଛି। କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇ ନଥିବା ବେଳେ ବାଡାରୁ ବାହାରି ଥିବା ପୁରୁଣା କଳଙ୍କି ଲଗା ରଡରେ କାର୍ଯ୍ୟ ଜାରି ରହିଥିବା ଦେଖାଯାଇଛି। ଏପରିକି ବାଡାର ଶେଷ ପର୍ଯ୍ୟନ୍ତ ଭଙ୍ଗା ନଯାଇ ଅଧା ପର୍ଯ୍ୟନ୍ତ ଭଙ୍ଗା ଯାଇ କାର୍ଯ୍ୟ ଜାରି ରହିଛି। କାର୍ଯ୍ୟ ଚାଲୁଥିବା ସମୟରେ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ରହୁ ନାହାନ୍ତି।

# ପୁଣି ସନ୍ତରାଗଡ଼ିଆ ବଜାରରରେ ଚୋରି

## ପାଞ୍ଚଦିନ ପରେ ବି ପୁଲିସ ହାତ ଖାଲି



**ନୀଳଗିରି,୨୨।୯(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ କ୍ରମାଗତ ଭାବେ ଚୋରି ସଂଖ୍ୟା ବଢ଼ିବା ସହିତ ଚୋରଙ୍କ ମନବଳ ବୃଦ୍ଧି ପାଇବାରେ ଲାଗିଛି। ଏହି କ୍ରମରେ ଗତ ୧୭ ତାରିଖ ବୁଧବାର ରାତ୍ରି ସମୟରେ ମାଲିକ ଉଦୟ କୁମାର ମହାନ୍ତିଙ୍କ ଦୋକାନରୁ ଚୋରି ହୋଇଛି। ସକାଳ ହେବାରୁ ଚୋରି ହୋଇଥିବା ପାଖ ଦୋକାନୀ ଦେଖି ଶ୍ରୀ ମହାନ୍ତି ଙ୍କୁ ଖବର ଦେଇଥିଲେ। ଦୋକାନ ମାଲିକ ଶ୍ରୀ ମହାନ୍ତି ଦୋକାନରେ ପହଞ୍ଚି ଦେଖନ୍ତି ତୋ କଂସା ପିତଳ ଏବଂ ମୂଲ୍ୟବାନ ଜିନିଷ ସବୁ ଚୋରି ହୋଇଛି। ଏହାର ଆନୁମାନିକ ଚାରିଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଏବଂ ଦଶ ହଜାର ଟଙ୍କା କେଶ ଚୋରି। ଏନେଇ ଇଶ୍ୱରପୁର ଫାଣ୍ଡିରେ ମାଲିକ ଉଦୟ କୁମାର ମହାନ୍ତି ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏକ ୩୬୭/୨୫ ନଂ ମାମଲା ରୁଜୁ ହେବାସହ ଇଶ୍ୱରପୁର ଫାଣ୍ଡି ଅଧିକାରୀ ବିକାଶ କୁମାର ଭୋଇ ତଦନ୍ତ ଜାରି ରଖିଥିବା ବେଳେ ଆଜିକୁ ପାଞ୍ଚଦିନ ପରେ ବି ପୋଲିସର ହାତ ଖାଲି ଥିବା ଜଣା ପଡ଼ିଛି। ତେବେ ପୋଲିସକୁ ଚକମା ଦେଇ ନୀଳଗିରି ଉପଖଣ୍ଡ ଅଞ୍ଚଳରେ ବାରମ୍ବାର ଚୋରି ହେବାକୁ ନେଇ ଆତଙ୍କିତ ଅଛନ୍ତି ଅଞ୍ଚଳର ବାସିନ୍ଦା। ତୁରନ୍ତ ଏହି ରାକେଟରେ ସଂପୃକ୍ତ ଚୋରଙ୍କୁ ଧରିବା ଏବଂ ଅଞ୍ଚଳବାସୀଙ୍କୁ ଚୋରୀ ଦାଉରୁ ମୁକ୍ତି ଦେବାକୁ ଦୃଢ଼ ଦାବୀ ହୋଇଛି।

# ବିଭିନ୍ନ ଦାବୀକୁ ନେଇ ଗଣଧାରଣାରେ ଜିପିଏଲ୍‌ଏଫ କର୍ମୀ




**କଣାସ,୨୨।୯ (ସଂଚାର ବ୍ୟୁରୋ):** ଏଲ୍ ଓଡ଼ିଶା ଜି.ପି.ଏଲ୍.ଏଫ କର୍ମୀ ସଂଘ ଡାକରାରେ ଆଜି କଣାସ ବ୍ଲକ ଜି.ପି.ଏଲ୍.ଏଫ କର୍ମୀମାନେ ବିଭିନ୍ନ ଦାବୀକୁ ନେଇ କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସି ରହିବା ସହିତ ଓ.ଏଲ୍.ଏମ୍ କାର୍ଯ୍ୟାଳୟରେ ତାଲା ପକାଇ ଦେଇଛନ୍ତି। ୬ମାସ ହେଲା ଦରମା ପାଇନଥିବାରୁ ବିଡିଓ, ଜିଲ୍ଲାପାଳ, ଏସ୍‌ଏମଡି, ମିଶକ୍ତି ମନ୍ତ୍ରୀଙ୍କୁ ପୂର୍ବ ପାଇଥିବା ନିର୍ଦ୍ଧାରିତ ପାରିଶ୍ରମ ରାଶୀ ପାଇବା ପାଇଁ ଜଣାଇ ଥିଲେ ମଧ୍ୟ ତାହାର କୌଣସି ସମାଧାନ ନ ହେବାରୁ ଗତ ୧୫ତାରିଖ ଦିନ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବିସିଥିଲେ। ଏସ.ଏମ.ଡି ଆଲୋଚନା କରିବା ପରେ ଧାରଣାରୁ ଉଠିଥିଲୁ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏକ ସପ୍ତାହ ବିତି ଯାଇଥିଲେ ମଧ୍ୟ କୌଣସି ସମାଧାନ ନ ହେବାରୁ ଆଜି ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ସ୍ଥାୟୀ ସମାଧାନ ନ ହେବା ପାର୍ଯ୍ୟନ୍ତ ବସିରହିବୁ ଓ ଓଲ୍.ଏଲ୍.ଏମ୍ ତାଲା ପକାଇ କୌଣସି କାର୍ଯ୍ୟ କରିବୁ ନାହିଁ ବୋଲି ଧାରଣାରେ ବସିଥିବା କର୍ମୀମାନଙ୍କ ଠାରୁ ପ୍ରକାଶ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ କଣାସ ପୋଲିସ୍ କାର୍ଯ୍ୟାଳୟରେ ଉପସ୍ଥିତ ରହିଥିଲେ।

# ଆନ୍ତର୍ଜାତୀୟ ଶାନ୍ତି ଦିବସ ପାଳିତ

**ନୟାଗଡ଼,୨୨।୯(ସଂଚାର ବ୍ୟୁରୋ):** ସଂଯୁକ୍ତ ରାଷ୍ଟ୍ରସଙ୍ଘ ଦେଶ ସମୂହ ପ୍ରତିବର୍ଷ ସେପ୍ଟେମ୍ବର ମାସ ୨୧ ତାରିଖକୁ ଅନ୍ତର୍ଜାତୀୟ ଶାନ୍ତି ଦିବସ ରୂପେ ପାଳନ ୧୯୮୧ ମସିହାରୁ ପାଳନ କରି ଆସୁଛନ୍ତି। ଏକ ଅନ୍ତର୍ଜାତୀୟ ଅନୁଷ୍ଠାନ ଭାବେ ସ୍କାଉଟ ଗାଇଡ଼ ଏହାର ପାଳନ କରିବା ସହିତ କପୋତ ପକ୍ଷୀକୁ ଶାନ୍ତିର ପ୍ରତୀକ ଭାବେ ନେଇ ଦୁଇହାତର ଓଲଟା ପାପୁଲିକୁ ସାଂକେତିକ ଚିହ୍ନ ଭାବେ ଅନ୍ୟକୁ ପ୍ରଦର୍ଶିତ କରାନ୍ତି। ନୟାଗଡ଼ ଜିଲ୍ଲା ତରଫରୁ ଭାରତ ସ୍କାଉଟ ଗାଇଡ଼ ଛାତ୍ରଛାତ୍ରୀ ଓ ସ୍କାଉଟ ମାଷ୍ଟର ଏବଂ ଗାଇଡ଼ କ୍ୟାପଟେନ ମାନଙ୍କୁ ନେଇ ଓଡଗାଁ ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ତରଫରୁ ନୟାଗଡ଼ ଜିଲ୍ଲା ଭାରତ ସ୍କାଉଟ ଗାଇଡ଼ ସମ୍ପାଦକ ତଥା ଆଇପି ଅନିଲ କୁମାର ଦାଶ, ଜିଲ୍ଲା ତାଲିମ କମିଶନର ଲକ୍ଷ୍ମୀଧର ମହାପାତ୍ର, କାଜଳାଇପଲ୍ଲୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ ମାଷ୍ଟର ଘନଶ୍ୟାମ ରାଉତ, ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ ମାଷ୍ଟର ସନ୍ତୋଷ କୁମାର ସାହୁ, ଅନୁଷ୍ଠିତ ବିଦ୍ୟାଳୟର ସ୍କାଉଟ ମାଷ୍ଟର ପରମାନନ୍ଦ ଦଳେଇ, ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ ମାଷ୍ଟର ସମରଜିତ ସାହୁ, ନୟାଗଡ଼ ହୋଲିଫ୍ୟାମିଲି ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ସ୍କାଉଟ ମାଷ୍ଟର ଅରୁଣ କୁମାର ମିଶ୍ର, ଅନୁଷ୍ଠିତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ମେଣ୍ଟୁନି ଶୋଷ

**ଜଗତସିଂହପୁର ,୨୨।୯(ସଂଚାର ବ୍ୟୁରୋ):** ଲୋକ କେମିତି ବିଶୁଦ୍ଧ ପାଣି ପାଇବେ, ସେଥିପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି ସରକାର । ହେଲେ ବାସ୍ତବରେ ଏହା କାର୍ଯ୍ୟକ୍ଷମ ହେଉଛି କି ନାହିଁ, ତାକୁ ଦେଖିବାକୁ କେହି ନାହିଁ । ଫଳରେ ଟାଙ୍କି ନିର୍ମାଣର ବର୍ଷବର୍ଷ ପରେ ବି ଶୁଦ୍ଧ ଜଳ ଟିକେ ପାଲଟିଛି ସାତ ସପନ । ଜଗତସିଂହପୁର ସଦର ବ୍ଲକରୁ ଆସିଛି ପିଇବା ପାଣି ପ୍ରକଳ୍ପର ପ୍ରକୃତ ସତ ।୩ ବର୍ଷ ତଳୁ ୩୪ ଲକ୍ଷ ଖର୍ଚ୍ଚରେ ଜଗତସିଂହପୁର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ମକ୍ଷୀ ଗାଁରେ ପାଣି ଟାଙ୍କି ନିର୍ମାଣ ସରିଛି। ହେଲେ ଆଜି ଯାଏଁ ଲୋକେ ପାଇପ୍ ଯୋଗେ ପାଣି ପାଇପାରିଲେ ନାହିଁ। ନିମ୍ନମାନର ପାଇପ୍ ପାଇଁ ମଟର୍ ଲଗାଉ ଲଗାଉ ଫାଟିଯାଉଛି !

# କଙ୍ଗାରୁ କୋର୍ଟର ନିର୍ଦ୍ଦେଶରେ ୩ ପରିବାର ୫ବର୍ଷ ବାସନ୍ଦ

## ରାଜ୍ୟ ମାନବା ଅଧିକାର କମିଶନରଙ୍କ ନିର୍ଦ୍ଦେଶକୁ ତହସିଲଦା ଓ ଆଇଆଇସି ଫୁ

**କଣାସ,୨୨।୯(ସଂଚାର ବ୍ୟୁରୋ):** ଦୀର୍ଘ ୫ବର୍ଷରୁ ଉର୍ଦ୍ଧ୍ୱ ଧରି କଣାସ ବ୍ଲକ ବଡାଲ ଗ୍ରାମପଞ୍ଚାୟତର ବଡଓରା ଗ୍ରାମର ଶରତ କୁମାର ସାହୁ, ବିରଞ୍ଚି ସାହୁ ଓ ବିଦୁର ସାହୁଙ୍କୁ ଗ୍ରାମବାସୀମାନେ ନିଆଁ, ପାଣି, ମନ୍ଦିର, ଦୋକାନରୁ ସୌଦା ଆଣିବା ବାସନ୍ଦ କରିଥିବାରୁ ଦୀର୍ଘ ଦିନ ହେଲା ଶରତ କୁମାର ସାହୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମକଦମା କରି ଆସୁଥିବା ବେଳେ ଉଚ୍ଚ ନ୍ୟାୟାଳୟ ବାରମ୍ବାର ଗଡ଼ିଶାଗୋଦା ପୋଲିସ୍ ଓ କଣାସ ତହସିଲଦାରଙ୍କୁ ତିନି ପରିବାର ଯେପରି ନ୍ୟାୟ ପାଇବେ ସେଥିପାଇଁ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇ ଆସୁଥିବା ବେଳେ ୧୭.୦୯.୨୦୨୫ ତାରିଖରେ ଉକ୍ତ ପରିବାର ଜନ୍ତାଳ ଭୋଗ ଓ ପିତୃ ଶ୍ରାଦ୍ଧ ଥିବାରୁ ଶ୍ରୀ ସାହୁ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ଗତ ୧୨.୦୮.୨୦୨୫ରିଖ ମାନବ ଅଧିକାର କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ କଣାସ ତହସିଲଦାର ଓ ଗଡ଼ିଶାଗୋଦା ଥାନା ଅଧିକାରୀ ଉପସ୍ଥିତ ରହି ଯେପରି ବାସନ୍ଦ ତିନି ପରିବାର ଜନ୍ତାଳ ଭୋଗ ଗାଁ ମନ୍ଦିରରେ କରିବା ସହିତ ପିତୃ ଶ୍ରାଦ୍ଧ ପକାଇବାକୁ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କଣାସ ତହସିଲଦାର ଏବଂ ଗଡ଼ିଶାଗୋଦା ଥାନା ଅଧିକାରୀ ସହଯୋଗ ନ କରିବାରୁ ଗ୍ରାମବାସୀମାନେ ଜନ୍ତାଳ ଭୋଗ କରାଇ ଦେଇ ନଥିଲେ। ପିତୃ ଶ୍ରାଦ୍ଧ ପକାଇବା ପାଇଁ ପୁରହିତକୁ ମନା କରିଦେବାରୁ ପିତୃ ଶ୍ରାଦ୍ଧ ଦେଇପାରି ନ ଥିଲେ। ଆଗକୁ ୨୮ତାରିଖ ଦିନ ଉକ୍ତ ପରିବାର ଦୁଆରେ ଠାକୁର ଗାଁ ଭୋଗ ଖାଇବା ଓ ୨ତାରିଖ ଦିନ ଦଶହରା ପୂଜା କରିବା ପାଇଁ ତହସିଲଦାର ଏବଂ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

● ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ୮୪ ଅଭିଯୋଗ ଦରଖାସ୍ତ ଗ୍ରହଣ




**ସୁବର୍ଣ୍ଣପୁର,୨୨।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଉଲୁଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଜଉଁରା ଭଉଁରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ. ନୃପରାଜ ସାହୁ ଓ ଉପ- ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୮୪ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୫୧ଗୋଟି ଦରଖାସ୍ତ ବ୍ୟକ୍ତିଗତ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସମସ୍ତ ସାମୂହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ, ଉଲୁଣ୍ଡା, ଚିନ୍ମୟ କୁମାର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳ, ସୋନପୁର ସୌମ୍ୟାରୂପା ରଥଙ୍କ ସମେତ ତହସିଲଦାର, ଉଲୁଣ୍ଡା, ମମତା ମେହେର, ଜଉଁରା ଭଉଁରା ସରପଞ୍ଚ, ଗ୍ରାମ ପଞ୍ଚାୟତ, ସୁନୀତା ସୀଙ୍ଗରା ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ସେବା ପର୍ବ ' ଉପଲକ୍ଷେ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା



**ସୁନ୍ଦରଗଡ଼,୨୨।୯(ସଂଚାର ବ୍ୟୁରୋ):** ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ପାଳିତ ହେଉଅଛି 'ସେବା ପର୍ବ'। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୁନ୍ଦରଗଡ଼ ପକ୍ଷରୁ ଦିନିକିଆ କର୍ମଶାଳା ତଥା ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। 'ବିକଶିତ ଭାରତ- ୨୦୪୭' ବିଷୟ ବସ୍ତୁକୁ ଆଧାର କରି ଆୟୋଜିତ ହୋଇଥିଲା ଚିତ୍ରାଙ୍କନ ପ୍ରତିଯୋଗିତା। ତିନି ଗୋଟି ବିଭାଗରେ ଆୟୋଜିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତା ସ୍ଥାନୀୟ ସଂସ୍କୃତି ଭବନ ଠାରେ ମହାବିଦ୍ୟାଳୟ ସ୍ତରୀୟ ଏବଂ ବୃତ୍ତିଗତ ବା ଯୁବ ଚିତ୍ରକାରଙ୍କ ପ୍ରତିଯୋଗିତା ଆୟୋଜିତ ହୋଇ ଥିବାବେଳେ ଜିଲ୍ଲା ଶିକ୍ଷା ବିଭାଗ ସହାୟତାରେ ସ୍ଥାନୀୟ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ସେଣ୍ଟ ଟେରେସା ଇଂରାଜୀ ବିଦ୍ୟାଳୟର ଛାତ୍ରୀ ଅସ୍ମିତା ନାୟକ ପ୍ରଥମ, ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ଅନୁଷ୍କା ପଟେଲ ଦ୍ୱିତୀୟ ଏବଂ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସୁନ୍ଦରଗଡ଼ର ଛାତ୍ର ପୀୟୂଷ ଦାସ ତୃତୀୟ ସ୍ଥାନରେ ରହିଛନ୍ତି।

# ବସ୍‌ରେ ଦୁଇ ନାବାଳକଙ୍କୁ ୨୫କିମି ବୁଲାଇବା ଅଭିଯୋଗକୁ ଖଣ୍ଡନ



**ବୈଶିଙ୍ଗା,୨୨।୯(ସଂଚାର ବ୍ୟୁରୋ):** ଗତ ୭ ତାରିଖ ରବିବାର ଦିନ ଅପରାହ୍ନ ୪ ଘଟିକା ସମୟରେ ଓଏସଆରଟିସି ର ମୁଖ୍ୟମନ୍ତ୍ରୀ ବସରେ ଦୁଇ ନାବାଳକ ଙ୍କୁ ୨୫ କିମି ବୁଲାଇ ବୁଲାଇ ବୈଶିଙ୍ଗା ରେ ଓହ୍ଲାଇ ଦେବା ଏବଂ ସାଧାରଣରେ କଣ୍ଡକ୍ଟର କୁ କାନ ଧରି ଉଠ ବସ କରାଇବା ଘଟଣା ଏକ ନିର୍ଦ୍ଦିଷ୍ଟ ସମ୍ବାଦ ପତ୍ର ରେ ପୃଷ୍ଠା ମଣ୍ଡନ କରିବା ଏକ କପୋଳ କଳ୍ପିତ ବୋଲି କଣ୍ଡକ୍ଟର ପ୍ରତାପ ଚନ୍ଦ୍ର ବୈଠା ଏବଂ ଡ୍ରାଇଭର ଗିରିଶ ଚନ୍ଦ୍ର ଜେନା ପ୍ରକାଶ କରିଛନ୍ତି। ଏଥିପଇଁ ପିୟୂଷ ର ବାପା ସରୋଜ ପୁଥାଳ ଏବଂ ରୋହିତ ର ବାପା ବ୍ରଜମୋହନ ବେହେରା ଏବଂ ସୃଷ୍ଟ ସ୍ୱୀକାରୋକ୍ତି ମଧ୍ୟ ଦେଇଛନ୍ତି। ଅନୁସନ୍ଧାନ ରୁ ଯାହା ଜଣାଯାଏ ଅପରାହ୍ନ ଘ.୨.୫୦ ମିନିଟ ସମୟରେ ଏହି ବସଟି (ଓଡି ୧୧ ଏଇ ୩୪୧୯) ନଡପୁର ରୁ ଆସିବା ସମୟ ରେ ବିଜେପିର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବ୍ରଜମୋହନ ବେହେରା ଙ୍କ ନାବାଳକ ପୁତ୍ର ରୋହିତ ଏବଂ ବୈଶିଙ୍ଗା ଗ୍ରାମର ସରୋଜ ପୁଥାଳଙ୍କ ନାବାଳକ ପୁତ୍ର ପିୟୁଷ ଦୁଇ ଜଣ ବସରେ ଚଢି ବୈଶିଙ୍ଗା ରେ ଓହ୍ଲାଇବାର ଥିଲା। ମାତ୍ର ପିୟୂଷ ଙ୍କ ବାପା ସରୋଜ ଘ.୩.୨୫ ମିନିଟ ସମୟ ରେ ବୈଶିଙ୍ଗା ବସ ଷ୍ଟାଣ୍ଡରେ ନ ଥିବାରୁ ପିଲା ଦୁଇ ଜଣ ନ ଓହ୍ଲାଇ ଶେଷ ସୀମା କଳମା ପର୍ଯ୍ୟନ୍ତ ସେହି ବସ ରେ ଚାଲି ଯାଇଥିଲେ। ସେଠାରୁ ଫେରିବା ପରେ ଘ.୪.୧୦ ମିନିଟ ସମୟ ରେ ବୈଶିଙ୍ଗା ଠାରେ ପିୟୂଷ ର ବାପା ସରୋଜ ପିଲା ଦୁଇ ଜଣଙ୍କୁ ଓହ୍ଲାଇ ନେବା ସହିତ କଣ୍ଡକ୍ଟର କୁ ୧୦ ଟଙ୍କା ଦେଇଥିଲେ ଏବଂ ବିରକ୍ତ ହୋଇଥିଲେ।ଏହାପରେ ବେତନଟୀ ସରକାରୀ ବସଷ୍ଟାଣ୍ଡରେ ଘ.୫.୧୫ମିନିଟରେ ପହଞ୍ଚିବା ପରେ ଡ୍ରାଇଭର ଓ କଣ୍ଡକ୍ଟର ଦୁଇ ଜଣ ନିଜ ନିଜ ଘରକୁ ଯାଇଥିଲେ।

# ଔଷଧୀୟ ଗୁଣରେ ଭରପୁର ସପୁରୀ



ଋତୁ ଅନୁଯାୟୀ ମିଳୁଥିବା ଫଳ ଖାଇଲେ ଅନେକ ଶାରୀରିକ ସମସ୍ୟାକୁ ଦୂରେଇ ଦେଇହୁଏ। ବିଶେଷ କରି ଖରାଦିନେ ଓ ବର୍ଷାଦିନେ ଟିକେ ଅଧିକ ପରିମାଣରେ ସପୁରୀ ମିଳିଥାଏ। ସପୁରୀ କେବଳ ପାଟିକୁ ଏତେ ସ୍ୱାଦିଷ୍ଟ ଲାଗିନଥାଏ ବରଂ ଆମ ଶରୀରକୁ ଅନେକ ଆବଶ୍ୟକୀୟ ପୋଷକତତ୍ତ୍ୱ ମଧ୍ୟ ଯୋଗାଇଥାଏ। ସପୁରୀରେ ଅନେକ ଔଷଧୀୟ ଗୁଣ ଭରପୁର ମାତ୍ରାରେ ରହିଛି। ଯାହା ସୁସ୍ଥ ଶରୀର ଗଠନ କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ସପୁରୀରେ ଭିଟାମିନ୍ ସି, ଭିଟାମିନ୍ ବି୬, ମାଙ୍ଗାନିଜ୍, ପୋଟାସିୟମ୍, ଫୋଲେଟ୍ ଏବଂ ଫାଇବର ସମେତ ଅନେକ ପୋଷକ ତତ୍ତ୍ୱ ରହିଛି। ଏହି କାରଣରୁ ସପୁରୀକୁ ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ ବୋଲି ବିବେଚନା କରାଯାଏ। ଯଦି ଆପଣ ସଠିକ ପରିମାଣରେ ଏବଂ ସଠିକ୍ ଉପାୟରେ ସପୁରୀ ଖାଆନ୍ତି ତେବେ ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଅନେକ ସକାରାତ୍ମକ ପ୍ରଭାବ ପକାଇଥାଏ। ସପୁରୀ ଆପଣଙ୍କ ହାର୍ଟକୁ ସୁସ୍ଥ ଏବଂ ସୁଦୃଢ଼ କରିବାରେ ପ୍ରଭାବଶାଳୀ ବୋଲି ପ୍ରମାଣିତ ହୋଇଛି। ଯଦି ଆପଣ ଗମ୍ଭୀର ଏବଂ ଜୀବନଘାତକ ହୃଦରୋଗର ଆଶଙ୍କା କମାଇବାକୁ ଚାହୁଁଛନ୍ତି, ତେବେ ଆପଣ ପୁଷ୍ଟିକର ତଥା ରସଯୁକ୍ତ ସପୁରୀ ଖାଇବା ଆରମ୍ଭ କରିବା ଉଚିତ। ଏହି ଫଳକୁ ଖାଇବା ଦ୍ୱାରା ଆମ ହାଡ଼ ମଜବୁତ ରହିଥାଏ।

ସପୁରୀ ପେଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି କରିବାରେ ସହାୟକ କରିଥାଏ। ତେଣୁ ଆପଣ ନିଜ ଡାଏଟ ଲିଷ୍ଟରେ ସପୁରୀ ସାମିଲ କରିପାରିବେ। ଯାହା ଆପଣ ଖାଇବା ଦ୍ୱାରା ଆପଣଙ୍କ ନିଜ ୱେଟ୍ ଲସ୍ ଜର୍ଣ୍ଣିକୁ ସହଜ କରିଦେଇଥାଏ। ଏଥିରେ କ୍ୟାଲୋରୀର ମାତ୍ରା କମ୍ ହେବା ସହିତ ଭିଟାମିନ ଏବଂ ମିନେରାଲ୍ସ ମଧ୍ୟ ଭରପୁର ଭାବେ ରହିଥାଏ। ଏଥିରେ ଅତ୍ୟଧିକ ମାତ୍ରାରେ ଜଳୀୟ ଅଂଶ ଥିବାରୁ ଏହା ଶରୀରକୁ ସତେଜ ମଧ୍ୟ ରଖିଥାଏ। ଆପଣଙ୍କ ସୂଚନା ପାଇଁ କହି ରଖୁଛୁ ଯେ ସପୁରୀ ଖାଇବା ଦ୍ୱାରା ଆପଣଙ୍କ ଆଖିର ସ୍ୱାସ୍ଥ୍ୟ ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଇଥାଏ। ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ ସି ମିଳିଥାଏ। ଏହି କାରଣରୁ ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବା ପାଇଁ ସପୁରୀ ଖାଇବାକୁ ପରାମର୍ଶ ଦିଆଯାଏ। ଯଦି ଆପଣ ଦୁର୍ବଳ ଅନୁଭବ କରୁଥିଲେ ଆପଣ ସପୁରୀ ଖାଇ ପାରିବେ ନିଶ୍ଚୟ। ଏହା କେବଳ ଯେ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ତା’ ନୁହେଁ ଅନେକ ସ୍ୱାସ୍ଥ୍ୟଲାଭ ସହିତ ଏହା ଆପଣଙ୍କ ତ୍ୱଚା ପାଇଁ ମଧ୍ୟ ବହୁତ ଲାଭଦାୟକ ବୋଲି ସାବ୍ୟସ୍ତ ହୋଇଛି। ଯଦି ଆପଣ ଚର୍ମ ସମ୍ବନ୍ଧୀୟ କୌଣସି ସମସ୍ୟାରେ ପଡ଼ନ୍ତି, ତେବେ ସପୁରୀ ଖାଆନ୍ତୁ କିମ୍ବା ଏହାର ରସ ପିଅନ୍ତୁ। ବ୍ରଣ ବ୍ୟତୀତ ମୁହଁରେ ହୋଇଥିବା ଦାଗକୁ ମଧ୍ୟ ହ୍ରାସ କରିଥାଏ। ସପୁରୀ ରସରେ ଥିବା ପୋଷକ ତତ୍ତ୍ୱ ତ୍ୱଚାରୁ ଡେଡ୍ ସ୍କିନ୍ ସେଲସଗୁଡ଼ିକୁ କମ୍ କରିଥାଏ, ଯାହାଦ୍ୱାରା ଆପଣଙ୍କ ସ୍କିନକୁ ଏକ ନ୍ୟାଚୁରାଲ୍ ଗ୍ଲୋ ମିଳିଥାଏ।



# ଓଜନ କମାଇବାରେ ସହାୟକ ଭୃଷଙ୍ଗ ପତ୍ର

ଦ୍ରୁତ ଗତିରେ ବଦଳୁଥିବା ଜୀବନଶୈଳୀରେ ସୁସ୍ଥ ରହିବା ଏକ ଚ୍ୟାଲେଞ୍ଜ ପାଲଟିଛି। ଫଳସ୍ୱରୂପ, ଅନେକ ଲୋକ ସହଜ ସମାଧାନ ଖୋଜୁଛନ୍ତି। ତଥାପି, ଭୃଷଙ୍ଗ ପତ୍ର ଓଜନ ହ୍ରାସ ଏବଂ କୋଲେଷ୍ଟ୍ରଲ ନିୟନ୍ତ୍ରଣ ପାଇଁ ଏକ ବରଦାନ ପ୍ରମାଣିତ ହୋଇପାରେ। ଡକ୍ଟର ହଂସଜୀଙ୍କ ଅନୁସାରେ , କେବଳ ଭୃଷଙ୍ଗ ପତ୍ରକୁ ପାଣିରେ ଫୁଟାଇ ପିଇବା ଦ୍ୱାରା ଅନେକ ସମସ୍ୟାର ଅନେକ ସମାଧାନ ହୋଇଯିବ। ଅନେକ ଲୋକ ଭାବନ୍ତି ଯେ, ଭୃଷଙ୍ଗ ପତ୍ର କେବଳ ପନିପରିବା ପାଇଁ ବ୍ୟବହୃତ ହୁଏ। ତଥାପି, ଭୃଷଙ୍ଗ ପତ୍ର ଏହାର ଆଣ୍ଟିଅକ୍ସିଡାଣ୍ଟ , ଭିଟାମିନ୍ ଏବଂ ଫାଇବର ପରିମାଣ ଯୋଗୁଁ ଅନ୍ୟାନ୍ୟ ଅନେକ ଉଦ୍ଦେଶ୍ୟରେ ଲାଭଦାୟକ। ପନିପରିବା ବ୍ୟତୀତ ଏହାର ସମ୍ଭାବ୍ୟ ପ୍ରୟୋଗ ବୁଝିବା ଗୁରୁତ୍ୱପୂର୍ଣ୍ଣ। ଭୃଷଙ୍ଗ ପତ୍ର କେଶ ପାଇଁ ବହୁତ ଭଲ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ କେଶ ମୂଳକୁ ମଜବୁତ କରେ ଏବଂ କେଶ ଝଡ଼ିବା କମ୍ କରେ। ଭୃଷଙ୍ଗ ପତ୍ରରେ ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ଇନ୍ଫ୍ଲେମାଟୋରୀ ଗୁଣ ଅଛି। ଏହା ଚର୍ମରେ ଦାଗ ଏବଂ ପ୍ରଦାହକୁ କମ୍ କରିବାରେ ସାହାଯ୍ୟ କରିପାରେ। ଭୃଷଙ୍ଗ ପତ୍ର ଖାଇବା ଦ୍ୱାରା ପେଟ ଫୁଲିବା, କୋଷ୍ଠକାଠିନ୍ୟ ଏବଂ ବଦହଜମି ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ। ଭୃଷଙ୍ଗ ପତ୍ର ରକ୍ତ ଶର୍କରାକୁ କମ କରେ। ଭୃଷଙ୍ଗ ପତ୍ରରେ ଭିଟାମିନ୍ ଏ, ବି, ସି ଏବଂ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ଭୃଷଙ୍ଗ ପତ୍ର ପାଣି ପିଇବା ଭଳି ଛୋଟ ଜୀବନଶୈଳୀରେ ପରିବର୍ତ୍ତନ ଦୀର୍ଘକାଳୀନ ଲାଭ ଦେଇପାରେ। ଏହା ଏକ ପ୍ରାକୃତିକ ଉପଚାର ଯାହା କୌଣସି ପାର୍ଶ୍ୱ ପ୍ରତିକ୍ରିୟା ବିନା ଆପଣଙ୍କ ସ୍ୱାସ୍ଥ୍ୟକୁ ଉନ୍ନତ କରିପାରିବ। ଯଦି ଆପଣ ଏକ ସୁସ୍ଥ ଶରୀର ବଜାୟ ରଖିବାକୁ ଚାହାଁନ୍ତି, ତେବେ ଆପଣ ଆପଣଙ୍କ ଦିନଚର୍ଯ୍ୟାରେ ଭୃଷଙ୍ଗ ପତ୍ର ପାଣିକୁ ସାମିଲ କରିବା ଉଚିତ।

# ମୁଣ୍ଡବ୍ୟଥା ହେଉଛି କି? ଆପଣାନ୍ତୁ ଏହି ସରଳ ଉପାୟ



ଆଜିକାଲି ପ୍ରାୟ ମୁଣ୍ଡବ୍ୟଥା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଖାଦ୍ୟପେୟ ଠିକ୍ ସମୟରେ ନ ଖାଇଲେ, ଆବଶ୍ୟକ ମୁତାବକ ପାଣି ନ ପିଇଲେ ଏହାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ଏଥିରୁ ଉପଶମ ପାଇବା ଲାଗି କେତୋଟି ସରଳ ତଥା ସହଜ ଉପାୟ ରହିଛି। ସବୁଠାରୁ ମୁଖ୍ୟ କଥା ହେଲା ସବୁବେଳେ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ଏଥିରେ ବିଳମ୍ବ ହେଲେ ପେଟରେ ଗ୍ୟାଷ୍ଟ୍ରିକ୍ ସମସ୍ୟା ଦେଖାଦେଇଥାଏ, ଯାହାଦ୍ୱାରା ମୁଣ୍ଡ ବିନ୍ଧେ। ତା’ସହ ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ। ଆଉ ଏକ କଥା ହେଲା ନିଦ୍ରା। ଆମକୁ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ନିହାତି ଦରକାର। ଏଥିରେ ଅସନ୍ତୁଳନ ଦେଖାଦେଲେ ତାହା ମୁଣ୍ଡବିନ୍ଧାର କାରଣ ସାଜିଥାଏ। ତେଣୁ ସବୁବେଳେ ଆବଶ୍ୟକ ମୁତାବକ ଶୁଅନ୍ତୁ। ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣି ପାରିଛନ୍ତି ଯେ ନିୟମିତ ଯୋଗ କରିବା ଦ୍ୱାରା ମୁଣ୍ଡବିନ୍ଧା ପରି ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ। ବେଳେବେଳେ ଟେନ୍‌ସନ୍‌ର ବଶବର୍ତ୍ତୀ ହେଲେ ମୁଣ୍ଡବିନ୍ଧା ସମସ୍ୟା ଦେଖାଦେଇଥାଏ। ତେଣୁ ଏହାଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।

# ଚର୍ବି କମାଇବାକୁ ଚାହୁଁଥିଲ ଖାଦ୍ୟରେ ସାମିଲ କରନ୍ତୁ ଟମାଟୋ



ଟମାଟୋରେ ଅନେକ ଉପକାରୀ ଗୁଣ ରହିଛି। ଆପଣ ଚର୍ବିଜନିତ ସମସ୍ୟା ସହ ଜଡ଼ିତ କି? ଯଦି ହଁ, ତେବେ ନିଜ ଦୈନନ୍ଦିନ ଖାଦ୍ୟ ତାଲିକାରେ ଟମାଟୋ ସାମିଲ କରନ୍ତୁ। ଏହା ଶରୀରରେ ଚର୍ବି ପରିମାଣ କମାଇବାରେ କେତେକାଂଶରେ ସାହାଯ୍ୟ କରିଥାଏ ବୋଲି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ ଚର୍ବିଜନିତ ସମସ୍ୟା ଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରିଥିଲେ। ସେମାନଙ୍କୁ ନିୟମିତ ଖାଦ୍ୟ ସହ ଟମାଟୋରେ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା। କିଛି ମାସ ପରେ ସେମାନଙ୍କର ଚର୍ବି କେତେକାଂଶରେ କମିଥିବାର ଜଣାପଡ଼ିଥିଲା। କେବଳ ସେତିକି ନୁହେଁ, ନିୟମିତ ଟମାଟୋ ଖାଇଲେ ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏହା ଦୃଷ୍ଟି ଶକ୍ତି ପାଇଁ ମଧ୍ୟ ଉପକାରୀ ସାବ୍ୟସ୍ତ ହୋଇଥାଏ। ଟମାଟୋ ଖାଇଲେ ତାହା କ୍ୟାନ୍‌ସର ଆଶଙ୍କାକୁ କେତୋକଂଶରେ ଦୂରେଇ ରଖେ ବୋଲି ଉକ୍ତ ରିପୋର୍ଟରୁ ଜଣାପଡ଼ିଛି। ଟମାଟୋ ଖାଇଲେ ତାହା ପାଚନ କ୍ରିୟାକୁ ମଧ୍ୟ ଦୃଢ଼ କରିଥାଏ।



# ଓଜନ କମାଏ ବ୍ଲାକ୍ କଫି

ଭାରତ ସମେତ ସାରା ବିଶ୍ୱରେ ଅଧିକାଂଶ ଲୋକଙ୍କର ଚା’ ଏବଂ କଫି ପ୍ରିୟ ହୋଇଥାଏ। ଅନେକ ଲୋକ ଚା’ କିମ୍ବା କଫି ସହିତ ସେମାନଙ୍କ ସକାଳର ଆରମ୍ଭ କରିଥାନ୍ତି। ଚା’ ହେଉ ଅବା କଫି, ପିଇଦେବା ମାତ୍ରେ ରିଲାକ୍ସ ଏବଂ ଫ୍ରେସ୍ ଅନୁଭବ ହୋଇଥାଏ। କିନ୍ତୁ ଚା’ ଅପେକ୍ଷା କଫିକୁ ଖୁବ୍ ପସନ୍ଦ କରିଥାନ୍ତି ଲୋକମାନେ। ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ କଫି ଅପେକ୍ଷା ବ୍ଲାକ୍ କଫି ଶରୀର ପାଇଁ ଅଧିକ ଲାଭକାରୀ ହୋଇଥାଏ ବୋଲି ବିବେଚନା କରାଯାଏ। ଆଜିକାଲି ଲୋକଙ୍କ ମଧ୍ୟରେ ବ୍ଲାକ୍ କଫି ପିଇବାର ଅଭ୍ୟାସ୍ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଯାହା ଆମ ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥାଏ। ଯଦି କଫି ସୀମିତ ପରିମାଣରେ ଏବଂ ସଠିକ୍ ଉପାୟରେ ପିଇଥାନ୍ତି, ତେବେ ଏହା ଶରୀରକୁ ଅନେକ ଲାଭ ପ୍ରଦାନ କରେ। ବ୍ଲାକ୍ କଫିକୁ ଯକୃତ ପାଇଁ ଏକ ଉତ୍କୃଷ୍ଟ ପାନୀୟ ଭାବରେ ବିବେଚନା କରାଯାଏ। ଏଥି ସହ ଏହା ମୁଣ୍ଡବିନ୍ଧାରୁ ମୁକ୍ତି ଦିଏ ଏବଂ ମେଟାବୋଲିଜିମ୍ ତ୍ୱରାନ୍ୱିତ କରେ। ବ୍ଲାକ୍ କଫି ମଧ୍ୟ ପାଚନ ଶକ୍ତି ବୃଦ୍ଧି କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୁଏ। ଆପଣମାନେ ଜାଣିରଖନ୍ତୁ ଯେ, ଓଜନ ହ୍ରାସ କରିବା ପାଇଁ ଲୋକମାନେ ବ୍ଲାକ୍ କଫି ମଧ୍ୟ ପିଅନ୍ତି। ଏପରି ପରିସ୍ଥିତିରେ, ଆପଣଙ୍କ ପାଇଁ ଏହା ଜାଣିବା ଗୁରୁତ୍ୱପୂର୍ଣ୍ଣ ଯେ ଆପଣ ସକାଳେ ଖାଲି ପେଟରେ ବ୍ଲାକ୍ କଫି ପିଇବା ଉଚିତ କି ନାହିଁ? ବ୍ଲାକ୍ କଫି ପିଇବାର ସଠିକ୍ ସମୟ ଏବଂ ଜଣେ ଦିନରେ କେତେ କପ୍ ବ୍ଲାକ୍ କଫି ପିଇପାରିବେ ତାହା ଜାଣନ୍ତୁ। ଆପଣମାନେ ନିଶ୍ଚିତ ଭାବରେ ମନେ ରଖନ୍ତୁ ଯେ, ଯଦି ଆପଣଙ୍କର ସକାଳେ ଉଠିବା ମାତ୍ରେ ଚା କିମ୍ବା କଫି ପିଇବାର ଅଭ୍ୟାସ ଅଛି, ତେବେ ଏହା ସ୍ୱାସ୍ଥ୍ୟ ପାଇଁ ଅହିତକର ହୋଇଥାଏ। ସକାଳେ ଖାଲି ପେଟରେ ଏହା ପିଇବା ଦ୍ୱାରା ଆମର ଲାଭ କରିବା ବଦଳରେ କ୍ଷତି କରିପାରେ। ଏହା ଗ୍ୟାସ୍, ଏସିଡିଟି, ପେଟ ଫୁଲିବା, କୋଷ୍ଠକାଠିନ୍ୟ, ଖରାପ ପାଚନ ଏବଂ ଅନ୍ୟାନ୍ୟ ମଧ୍ୟ ସୃଷ୍ଟି କରିପାରେ। ବିଶେଜ୍ଞଙ୍କ ମତରେ, ସକାଳେ ଖାଲି ପେଟରେ ବ୍ଲାକ୍ କଫି ପିଇବାଠାରୁ ଦୂରେଇ ରହିବା ଉଚିତ।

## ଖାଲି ପେଟରେ ବ୍ଲାକ୍ କଫି ପିଇବାର ଅସୁବିଧା

ଖାଲି ପେଟରେ କଫି ପିଇବା ଦ୍ୱାରା ଏସିଡିଟି ହୋଇପାରେ। କଫି ଶରୀରରେ କର୍ଟିସୋଲ ହରମୋନକୁ ବୃଦ୍ଧି କରେ, ଯାହାକୁ ଷ୍ଟ୍ରେସ୍ ହରମୋନ ବୋଲି କୁହାଯାଏ। ଏହି କାରଣରୁ, ଟେନସନ୍, ଷ୍ଟ୍ରେସ୍ ଏବଂ ମାନସିକ ସ୍ଥିତିର ସମ୍ମୁଖୀନ ହୋଇପାରେ। ଖାଲି ପେଟରେ କଫି ପିଇବା ଦ୍ୱାରା ଅନେକ ସାମ୍ନାକୁ ଆସିଥାଏ। ତୁମେ ଯାହା ପିଉଛ, କଫି କିମ୍ବା ଚା, ସକାଳର ଜଳଖିଆ ପରେ ପିଅ। ସକାଳେ ଏକ ହେଲଦି ଖାଦ୍ୟ ଖାଆନ୍ତୁ। ଏହା ପରେ ଆପଣ ଅଧ ଘଣ୍ଟା ପରେ ଆପଣ କଫି କିମ୍ବା ଚା ପିଇପାରିବେ ଏଥିରେ କୌସି ଅସୁବିଧା ନାହିଁ। ତେଣୁ, କଫି ପିଇବାର ସର୍ବୋତ୍ତମ ସମୟକୁ ଜଳଖିଆ ପରେ ବୋଲି ବିବେଚନା କରାଯାଏ। ଏହା ଶରୀରକୁ କ୍ଷତି ପହଞ୍ଚାଏ ନାହିଁ ବରଂ ଲାଭ ଦେଇଥାଏ। ବ୍ଲାକ୍ କଫି ଶରୀର ପାଇଁ ବହୁତ ଭଲ ବୋଲି ବିବେଚନା କରାଯାଏ। କିନ୍ତୁ ଯେକୌଣସି ଜିନିଷର ଅତ୍ୟଧିକ ବ୍ୟବହାର କ୍ଷତିକାରକ ହୋଇପାରେ। ତେଣୁ, ଆପଣ ଗୋଟିଏ ଦିନରେ ୨-୩ କପରୁ ଅଧିକ ବ୍ଲାକ୍ କଫି ପିଇବା ଉଚିତ୍ ନୁହେଁ। ଏହାଠାରୁ ଅଧିକ କଫି ପିଇବା ଶରୀର ପାଇଁ କ୍ଷତିକାରକ ହୋଇପାରେ। ତେବେ ଏଥିପ୍ରତି ସଚେତନ ରହିବା ନିହାତି ଆବଶ୍ୟକ।

# ଜିଲ୍ଲାସ୍ତରୀୟ ମାରାଥନ ଆୟୋଜିତ



**ଫୁଲବାଣୀ,୨୨ା୯( ସଂଚାର ବ୍ୟୁରୋ):** ଜିଲ୍ଲା କ୍ରୀଡା ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ମାରାଥନ (ନମୋ ଯୁବା ରନ୍ ଫର୍ ନଶା ମୁକ୍ତ ଭାରତ) ଆୟୋଜିତ ହୋଇଯାଇଛି। ଏହାର ଉଦ୍ଦେଶ୍ୟ ଥିଲା ସେବା, ସମର୍ପଣ ଓ ସଂବାଦ। ଏହା ସ୍ଥାନୀୟ କୋରୋନେସନ ଗ୍ରାଉଣ୍ଡରୁ ବାହାରି ମାଦିକୁନ୍ଦା ଛକ ଏବଂ ମାଦିକୁନ୍ଦା ଛକରୁ ଆସି କୋରୋନେସନ ଗ୍ରାଉଣ୍ଡରେ ଶେଷ ହୋଇଥିଲା। ଏହି ମାରଥନରେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଶମ୍ଭୁନାଥ ନନ୍ଦୀ, ଅବକାରୀ ଅଧିକ୍ଷକ ସୁଶାନ୍ତ କୁମାର ପାଢ଼ି, ମାନ୍ୟବର ବିଧାୟକ, ଫୁଲବଣୀଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ମହାନ୍ତି, ଜିଲ୍ଲା କ୍ରୀଡା ଅଧିକାରୀ ସମୀର କୁମାର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ, ଲୋକ ସମ୍ପର୍କ ଅଧିକାରୀ ଅକ୍ଷୟ କୁମାର ସେଠୀଙ୍କ ପାଖାପାଖି ସାତ ଶହ ଜଣ ପ୍ରତିଯୋଗୀ ସମସ୍ତ ବିଦ୍ୟାଳୟର ପି.ଇ.ଟି. ଓ ଅନ୍ୟାନ୍ୟ ଗଣମାଧ୍ୟମର ପ୍ରତିନିଧି, ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ।

# ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳିତ




**ଭେଡେନ,୨୨ା୯(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ସିଆଲଖଣ୍ଡଅଥା ଠାରେ ଗାଇଡ୍ କ୍ୟାପଟେନ୍ ବିଜୁଳି ବତୀ ଦଳେଇ ଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଶାନ୍ତି ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ତେବେ ଏହି ଅବସରରେ ସିଆଲଖଣ୍ଡଅଥା ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଶାନ୍ତି ପଦଯାତ୍ରା କରି ବିଭିନ୍ନ ସ୍ଥାନରେ ପ୍ଲାଷ୍ଟିକ, ପଲିଥିନ୍ ବ୍ୟବହାର ଯୋଗୁଁ କ'ଣ ସବୁ ଆମର କ୍ଷତି ହେଉଛି ତାରି ଉପରେ ଏକ ସଚେତନତା ମୂଳକ ଅଭିନୟ ସିଆଲଖଣ୍ଡଅଥା ହାଇସ୍କୁଲ ର ମଦରଟେରେସା କମ୍ପାନୀ ର ଗାଇଡସ୍ ମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା।ଏଥି ରେ ସରପଞ୍ଚ ତଥା ଗ୍ରାମବାସୀଙ୍କ ସହଯୋଗ ରହିଥିଲା। ବିଶ୍ୱ ଶାନ୍ତି ଦିବସ ଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା, ବୃକ୍ଷରୋପଣ, ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟ ରଖାଯାଇଥିଲା। ବିଦ୍ୟାଳୟ ର ପ୍ରଧାନଶିକ୍ଷକ ତଥା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଗାଇଡସ୍ ମାନଙ୍କୁ ଉତ୍ସାହିତ କରିବାସହ ଶୁଭକାମନା କରିଥିଲେ।

### ରାସ୍ତା ନିର୍ମାଣ ଦାବି

# ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ ଆନ୍ଦୋଳନ

**ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଲିଖିତ ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକ**

**ଲାଞ୍ଜିଗଡ଼,୨୨ା୯ (ସଂଚାର ବ୍ୟୋରୋ):** ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତ ୧୭ଖଣ୍ଡ ଗାଁର ଲୋକେ ରାସ୍ତା ପାଇଁ ସୋମବାର ରାସ୍ତାରୋକ ଆନ୍ଦୋଳନ କରିଛନ୍ତି। ଭବାନୀପାଟଣା-ରାୟଗଡ଼ା ୬ ନମ୍ବର ରାଜ୍ୟ ରାଜପଥ ପୋଖରୀବନ୍ଧ ଛକରେ ରାସ୍ତା ଅବରୋଧ ଯୋଗୁଁ ଆଜି ଅଖ ଚକ ଜାମ ହୋଇଯାଇଛି। ମୁକୁନ୍ଦପୁର ଭାୟା କନେର ମୁକୁନ୍ଦପୁର ରାସ୍ତା ନିର୍ମାଣ ଦାବିରେ ଲୋକେ ରାସ୍ତାରୋକ କରିଥିବାବେଳେ ଦୀର୍ଘ ୮ ଘଣ୍ଟା ଯାଏଁ ରାସ୍ତା ଅବରୋଧ ହୋଇ ରହିଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା। ଲୋକେ ନାହିଁନ'ଥିବା ହଇରାଣର ଶିକାର ହୋଇଥିଲେ। ଘଟଣାସ୍ଥଳରେ ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେର, ଅତିରିକ୍ତ ତହସିଲଦାର ସନ୍ଦୀପ ତିର୍କୀ, ବିଶ୍ୱନାଥପୁର ପୋଲିସ ପକ୍ଷରୁ ଥାନାଧିକାରୀ ତୁଳସୀରାମ ଶବର, ଏସ.ଆଇ ବୁଦ୍ଧିଶ୍ୟାମ ମାଝୀଙ୍କ ନେତୃତ୍ୱରେ ପୁଲିସ ବାହିନୀ ପହଞ୍ଚି ଲୋକଙ୍କୁ ବୁଝାସୁଝା ପାଇଁ ଉଦ୍ୟମ କରିଥିଲେ। ତେବେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ




ବିଭାଗ ଲିଖିତ ପ୍ରତିଶ୍ରୁତି ନଦେବାଯାଏଁ ଲୋକେ ଉଠିବୁ ନାହିଁ ବୋଲି ଜିଦରେ ଅଡ଼ି ବସିଥିଲେ। ଶେଷରେ ଘଟଣାସ୍ଥଳରେ ବିଭାଗୀୟ ଉପଖଣ୍ଡ ଅଧିକାରୀ ପି.ଏକ୍କା, ସହକାରୀ ଯନ୍ତ୍ରୀ ଭଗବାନ ଗଉଡ଼ ପ୍ରମୁଖ ପହଞ୍ଚିବା ପରେ ଲୋକଙ୍କ ଆକ୍ରୋଶ ଦେଖି ରାସ୍ତାକୁ ବୁଲି ଦେଖିବାକୁ ଯାଇଥିଲେ। ସେହିପରି ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ମଧ୍ୟ ରାସ୍ତା ପରିଦର୍ଶନ କରିବା ପରେ ଆସି ଲୋକଙ୍କୁ ବୁଝାସୁଝା କରିବାକୁ ପହଞ୍ଚିଥିଲେ। ସେହିପରି କେସିଙ୍ଗା ଏସଡିପିଓ ଲୋକନାଥ ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ଗ୍ରାମ୍ୟ ଉନ୍ନୟନ ବିଭାଗ, ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ୧୫ ଦିନ ମଧ୍ୟରେ ରାସ୍ତା ମରାମତି ଓ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ରାସ୍ତା ଓ ପୋଲ ନିର୍ମାଣ ପାଇଁ ଲିଖିତ ପ୍ରତିଶ୍ରୁତି ଦିଆଯିବା ପରେ ଅପରାହ୍ନ ୨ଟା ସମୟରେ ପ୍ରାୟ ୮ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ରହିଥିଲେ।

# ଶିକ୍ଷୟିତ୍ରୀଙ୍କ ବଦଳିକୁ ବିରୋଧ କରି ଧାରଣା ଦେଲେ ଛାତ୍ରଛାତ୍ରୀ

**ବାଲିପାଟଣା,୨୨ା୯(ସଂଚାର ବ୍ୟୁରୋ):** ଶିକ୍ଷୟିତ୍ରୀଙ୍କ ବଦଳିକୁ ବିରୋଧ କରି ବିଦ୍ୟାଳୟ ରେ ତାଲା ପକାଇଲେ ଛାତ୍ରଛାତ୍ରୀ। ରାଜଧାନୀ ଉପକଣ୍ଠ ବାଲିପାଟଣା ଶିକ୍ଷା ମଣ୍ଡଳ ନିଳକଣ୍ଠ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦଳକଶୋଟି ରେ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟ ସମ୍ମୁଖ ରେ ଧାରଣା ରେ ବସିଛନ୍ତି। ବିଦ୍ୟାଳୟରେ ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ଜଣେ ଛୁଟିରେ ଅଛନ୍ତି। ଅନ୍ୟ ଜଣେ ଶିକ୍ଷୟିତ୍ରୀ ସୁହାସିନି ବେହେରା ଙ୍କର ଅନ୍ୟ ବିଦ୍ୟାଳୟକୁ ବଦଳୀ ହୋଇଛି। ୨ଜଣ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ଥିବା ୯ ଗୋଟି ଶ୍ରେଣୀକୁ ସମ୍ଭାଳିବା ଏକ ପ୍ରକାର ଅସମ୍ଭବ ହେବା ଏହା ସହ ଶିକ୍ଷୟିତ୍ରୀ ସୁହାସିନି ବେହେରା ଙ୍କୁ ଛାତ୍ରଛାତ୍ରୀ ମାନେ ଛାଡିବାକୁ ନାରାଜ। ଯଥାଶିଘ୍ର ବଦଳି କାନ୍ସେଲ କରିବା ପାଇଁ ଛାତ୍ରଛାତ୍ରୀ ମାନେ ଦାବୀ କରିଛନ୍ତି।



# ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀଙ୍କ ଦାଦାଗିରି

## ଥାନାରେ ଅଭିଯୋଗ କଲେ ରୋଗୀଙ୍କ ସମ୍ପର୍କୀୟ

**କନ୍ଧମାଳ,୨୨ା୯(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲନ୍ଦାପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରରେ ପିଅନ ଭାବେ କାର୍ଯ୍ୟ ରତ ଥିବା ଜଣେ କର୍ମଚାରୀ ଙ୍କର ରୋଗୀଙ୍କ ସମ୍ପର୍କୀୟ ଙ୍କ ଉପରେ ଦାଦାଗିରି ଏବଂ ଅସଭ୍ୟ ଭାଷା ରେ ଗାଳି କୁ ନେଇଁ ଭିଡିଓ ହେଲା ଭାଇରାଲ୍। ଥାନାରେ ଅଭିଯୋଗ କଲେ ରୋଗୀଙ୍କ ସମ୍ପର୍କୀୟ। କାଶ୍ୟପ କହଁର ଥାନାରେ ଅଭିଯୋଗ କଲା ପରେ ଥାନା ଅଧିକାରୀ ଅଭିଯୁକ୍ତ ଙ୍କୁ ଗିରଫ କରିଥିବା ସୂଚନା ମିଳିଛି। କଶ୍ୟପ କହଁର ଙ୍କ ତାଙ୍କର ସମ୍ପର୍କୀୟ ଙ୍କୁ ମେଡିକାଲ ନେଇଥିଲେ। ଉକ୍ତ ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପିଅନ ସିଲୁ ସାହୁ ବ୍ୟତୀତ ଅନ୍ୟ କୌଣସି କର୍ମଚାରୀ ନଥିଲେ ଯାହା ଫଳରେ କି କଶ୍ୟପ କହଁର ସିଲୁ ସାହୁ ବା ପିଅନ ଙ୍କୁ ପଚାରି ବୁଝିଥିଲେ କି ଡକ୍ଟର୍ ଆଉ ଅନ୍ୟ କର୍ମଚାରୀ କୁଆଡେ଼ ଗଲେ ଫଳରେ ମେଡିକାଲ ଖୋଲା ଥାଇ ବି ପୁରା ଖାଁ ଖାଁ ଲାଗୁଚି। ଏତିକି ସମୟରେ ସିଲୁ ସାହୁ ଓଲଟି ସେଇ ରୋଗୀଙ୍କ ସମର୍କୀୟ ଙ୍କୁ ନାହିଁନ ଥିବା ଅସଭ୍ୟ ଭାଷା ରେ ଗାଳି ଗୁଲଜ କରିଥିବାରୁ କାଶ୍ୟପ କହଁର



ଗୋଛାପଡ଼ା ଥାନାରେ ଲିଖିତ ଅଭିଯୋଗ ଦେଇ ସିଲୁ ସାହୁ ଗାଳି କରୁଥିବା ଭିଡିଓ ଟି ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଦେବା ସହିତ ନିଜର ମତ ରଖିଛନ୍ତି। ବାଲନ୍ଦାପଡ଼ା ହସ୍ପିଟାଲ ରେ ଏହା ନୂଆ କଥା ନୁହେଁ ଏହି ହସ୍ପିଟାଲ ରେ ସର୍ବଦା କର୍ମଚାରୀ ମାନେ ରୁହନ୍ତି ନାହିଁ ମନ ଇଛା ଲୋକଙ୍କୁ ଦୁର୍ବ୍ୟବହାର କରନ୍ତି ବଲି କର୍ତ୍ତବ୍ୟ ନିୟୁକ୍ତ ର ଜିଲ୍ଲା ପ୍ରତିନିଧି ଙ୍କୁ ପ୍ରତିକ୍ରିୟା ଦେଇଥିଲେ। ପୂର୍ବ ବିଜେଡି ସରକାର ରେ ତ ଏଭଳି ଦୁର୍ନୀତି ବେଶୀ ହଉଥିଲା ହେଲେ ଏବେ ବିଜେପି ସରକାର ଏଭଳି ଦାଦାଗିରି ଏବଂ ଦୁର୍ନୀତି କାରି କର୍ମଚାରୀ ସିଲୁ ସାହୁ ଙ୍କୁ ପଦକ୍ଷେପ ନେବେ ନା ଘଣ୍ଟ ଘୋଡ଼େଇବେ ତାହା ଦେଖିବା ବାକି ରହିଛି।

## ପ୍ରୋତ୍ସାହନ ରାଶିରେ ସନ୍ତୁଷ୍ଟ ନୁହଁନ୍ତି କର୍ମଚାରୀ

# ସ୍ଥାୟୀ ଦରମା ଦାବିରେ ଜିପିଏଲଏଫ ସଂଘ ପକ୍ଷରୁ ଧାରଣା

**କଳାହାଣ୍ଡି,୨୨ା୯(ସଂଚାର ବ୍ୟୁରୋ):** ପୂର୍ବ ରାଜ୍ୟ ସରକାର ସମୟରେ ମିଶନ ଶକ୍ତି ବିଭାଗ ଖୋଲି ରାଜ୍ୟରେ ଥିବା ମହିଳା ଙ୍କୁ ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ କରିବା ପାଇଁ ଉଦ୍ୟମ ଆରମ୍ଭ



ହୋଇଥିଲା। ତେବେ ଏହି ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା କମ୍ୟୁନିଟି ସପୋର୍ଟ ଷ୍ଟାଫ ମହିଳା କର୍ମଚାରୀ ଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ରାଶି ପ୍ରଦାନ କରା ଯାଉଥିଲା। ତେବେ ଗତ ୬ ମାସ ହେବ ପୂର୍ବରୁ ମିଳୁଥିବା ପ୍ରୋତ୍ସାହନ ରାଶି ମିଳିନଥିବା ନେଇ ଜିପିଏଲଫ ସଙ୍ଘ ପକ୍ଷରୁ ଜିଲ୍ଲା ପ୍ରଶାସନ ନିକଟରେ ଗତ ୧୫ ତାରିଖରେ ଧାରଣା ଦେଇ ଅଭିଯୋଗ କରାଯାଇଥିଲା। ଜିପିଏଲଫ ସଙ୍ଘ ପକ୍ଷରୁ ପ୍ରୋତ୍ସାହନ ରାଶି ନୁହେଁ ସ୍ଥାୟୀ ଦରମା ପ୍ରଦାନ କରିବାକୁ ଦାବି କରାଯାଇଛି। ତେବେ ଜିଲ୍ଲା ପ୍ରଶାସନ ଅଭିଯୋଗ ର ୧ ସପ୍ତାହ ମଧ୍ୟରେ କୌଣସି ପଦକ୍ଷେପ ଗ୍ରହଣ କରି ନଥିବାରୁ ସୋମବାର ରାଜ୍ୟ ସଙ୍ଘ ର ଡାକରା ରେ କଳାହାଣ୍ଡି ଜିଲ୍ଲାର ସମସ୍ତ କାର୍ଯ୍ୟରତ ଜିପିଏଲଫ ସଙ୍ଘ ମହିଳା କର୍ମଚାରୀ ମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏହି ଦାବି କୁ ସମର୍ଥନ ଜଣାଇ କୋକସରା ବ୍ଲକ ରେ କାର୍ଯ୍ୟରତ ୨୧ ଜିପିଏଲଫ ସଙ୍ଘ ର ଶତାଧିକ ମହିଳା କର୍ମଚାରୀ ବ୍ଲକ ସଭପତି କୁନି ରଣା ଓ ସମ୍ପାଦିକା ଅଞ୍ଜଳି ସିଂ ଙ୍କ ନେତୃତ୍ୱରେ ବ୍ଲକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏ ସମ୍ବନ୍ଧିତ ଏକ ଦାବିପତ୍ର ବିଡ଼ିଓ ଙ୍କ ଅନୁପସ୍ଥିତ ଥିବାରୁ ମୁଖ୍ୟ କିରାଣୀ ଙ୍କୁ ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ଦାବି ପୂରଣ ନେଇ କୌଣସି ପଦକ୍ଷେପ ଗ୍ରହଣ ନକଲେ ଆନ୍ଦୋଳନ କୁ ଆହୁରି ତୀବ୍ର କରାଯିବ ବୋଲି ଜିପିଏଲଫ ସଙ୍ଘ ର କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

# ଗୀତା ଟ୍ରଷ୍ଟ ପକ୍ଷରୁ ମେଗା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ବାଲିପାଟଣା,୨୨ା୯(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନ ଅବସରରେ ବାଲିପାଟଣା ବନମାଳୀପୁର ସ୍ଥିତ ଗୀତା ଇନଷ୍ଟିଚ୍ୟୁଟ ଅଫ୍ ଇନଫରମେସନ ଟେକ୍ନୋଲୋଜି ଏବଂ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ



ସେବା ପକ୍ଷ ପାଳନ କରାଯାଇଛି।ଅନୁଷ୍ଠାନର ଅଧ୍ୟକ୍ଷ ମନୋରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଇନଷ୍ଟିଚ୍ୟୁଟ ସଭାଗୃହରେ ଗୀତା ଇନଷ୍ଟିଚ୍ୟୁଟ ଓ ସୁଶୃତା ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ମେଗା ମାଗଣା ସ୍ୱାସ୍ଥ୍ୟ ଏବଂ ଚକ୍ଷୁ ଚିକିତ୍ସା ଶିବିର ସହିତ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି ଉପସଭାପତି ଗୋଲଖ ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଫାଣ୍ଡି ଅଧିକାରୀ ରାକେଶ କୁମାର ସାମଲ, ସୁଶୃତା ହସ୍ପିଟାଲର ସ୍ୱାସ୍ଥ୍ୟ ଅଧିକାରୀ ତ୍ରିଲୋଚନ ସାହୁ, ବନମାଳୀପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ପୃଥିରାଜ ଅଂଶୁମାନ, ଦୈତାରି ମାଣିକ ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅସ୍ଥିଶଲ୍ୟ, ମାନସିକ, ଚକ୍ଷୁ, ସାଧାରଣ, ଡେଣ୍ଟାଲ, ସର୍ଜରୀ, ମେଡିସିନ ଆଦି ବିଭାଗର ବିଶେଷଜ୍ଞ ମାନଙ୍କ ଦ୍ୱାରା ମୋଟ ୩୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇ ଥିଲା।

# ବିପଦସଙ୍କୁଳ ଅବସ୍ଥାରେ ମୁକୁଳା ଟ୍ରାନ୍ସଫର୍ମର

● ବିଦ୍ୟୁତ୍ ବ୍ୟବସ୍ଥାର ବିଚିତ୍ର ସ୍ଥିତି

**ମ.ରାମପୁର,୨୨ା୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ଅଧିନସ୍ତ ସାଇଦଳଙ୍ଗା ଗ୍ରାମ ପଞ୍ଚାୟତ ପଡ଼ା ଠାରୁ ଅଇଁଲାପାଲି ଦେଇ ଅନ୍ୟାନ୍ୟ ଗାଁ କୁ ସଂଯୋଗ କରୁଥିବା ରାସ୍ତା କଡ଼ରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଲତା ଗଛ୍ଛ ମାଡ଼ିଯିବା ସହ ବିପଦସଙ୍କୁଳ ଅବସ୍ଥାରେ ପଡ଼ିରହିଛି। ଫଳରେ ଏହା ବିପଦକୁ



ଆମନ୍ତ୍ରଣ କରୁଥିବା ସ୍ଥାନୀୟ ଲୋକଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଟ୍ରାନ୍ସଫର୍ମରରେ ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ପ୍ରବାହିତ ହେଉଥିବା ବେଳେ ଏହା ମନୁଷ୍ୟ ଓ ବୁଲାପ୍ରାଣୀଙ୍କ ପାଇଁ କାଳ ସାଜିଛି। ପୂର୍ବରୁ ଏମିତି ଅନେକ ବୁଲା ଗୋରୁମାନେ ଟ୍ରାନ୍ସଫର୍ମର ପରିସରକୁ ଘାସ ଚରିବାକୁ ଆସି ମୃତ୍ୟୁ ଘଟିଥିବା ନଜିର ରହିଛି। ଉକ୍ତ ଟ୍ରାନ୍ସଫର୍ମର ଚାରିପଟେ ପାଚେରି ଅବା ତାରବାଡ଼ ଘେରାଇବା ପାଇଁ ବିଦ୍ୟୁତ୍ ବିଭାଗ ପାଖରେ ବିଭିନ୍ନ ସମୟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଯାହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।ଏହି ଟ୍ରାନ୍ସଫର୍ମରରୁ ପଞ୍ଚାୟତ ଗୃହ ସମେତ ଉକ୍ତ ପଡ଼ାର ପ୍ରତ୍ୟେକ ଘରକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ନିୟମାନୁଯାୟୀ ଟ୍ରାନ୍ସଫର୍ମର ଗୁଡ଼ିକ ଜନବସତି ଠାରୁ ଦୂରରେ ବସାଇବା ସହ ଏହାର ଚାରିପାଖ ଆବଦ୍ଧ କରାଯିବାର ପ୍ରାବଧାନ ରହିଛି, ଫଳରେ ବାହାରର କୌଣସି ଜୀବଜନ୍ତୁ ସେହି ପରିସରକୁ ପ୍ରବେଶ କରିପାରିବେ ନାହିଁ।

# ନିଟ୍ ପରୀକ୍ଷାରେ ସିକ୍ୟୁରିଟି ଗାର୍ଡ ପୁଅ ଜ୍ୟୋତିପ୍ରକାଶଙ୍କ ସଫଳତା

**ବାଲିଆପାଳ,୨୨ା୯(ସଂଚାର ବ୍ୟୁରୋ):** ନିଟ ପରୀକ୍ଷାରେ ବସ୍ତା ବ୍ଲକ୍ ନାବାରା ପଞ୍ଚାୟତ ଅନ୍ତର୍ଗତ ସିତାଡିହା ଗାଁର ଜ୍ୟୋତି ପ୍ରକାଶ ସଫଳତା ଅର୍ଜନ କରିଛନ୍ତି। ସେ ୨୬୪୪୦ ରେଙ୍କ ରେ ଥିବା ବେଳେ କାଉସିଲିଙ୍ଗ ପରେ ସୁନ୍ଦରଗଡ଼ ସରକାରୀ ମେଡ଼ିକାଲ୍ କଲେଜରେ ପଢିବା ପାଇଁ ମନୋନୀତ ହୋଇଛନ୍ତି।ପିତା କ୍ଷୀରୋଦ



ସାହୁ ଓ ମାତା ରୀତାଞ୍ଜଳି ସାହୁଙ୍କ ଜ୍ୟେଷ୍ଠ ପୁତ୍ର ଜ୍ୟୋତି ପ୍ରକାଶ। ତାପୁଣ୍ଡିଆ ସ୍ଥିତ କୁଞ୍ଜବିହାରୀ କୃପାସିନ୍ଧୁ ବିଦ୍ୟାଳୟର ୨୦୨୨ ରେ ୫୬୭ ନମ୍ବର ଏବଂ ୨୦୨୪ ରେ +୨ ରେ ୫୩୯ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ବାପା ବାଲିଆପାଳରେ ଏକ ଘରୋଇ କମ୍ପାନୀରେ ସିକ୍ୟୁରିଟ ଗାର୍ଡ ଭାବେ କାର୍ଯ୍ୟ କରନ୍ତି। ମା ଜଣେ ଗୃହିଣୀ। ପୁଅର ଡାକ୍ତରି ପଢ଼ିବାର ମନୋବୃତ୍ତି ଦେଖି ବାପା ବହୁତ ଗରୀବ ହୋଇଥିଲେ ମଧ୍ୟ ୬ ମାସ ପାଇଁ ଭୁବନେଶ୍ୱର ଏକ ଘରୋଇ କଚୋଙ୍ଗସେଣ୍ଟରେ ନାମ ଲେଖାଇଥିଲେ। କୋଚିଙ୍ଗ ନେବାର ପ୍ରଥମ ଥର ପରୀକ୍ଷାରେ ପାସ୍ କରିଥିବାରୁ ଜ୍ୟୋତି ପ୍ରକାଶଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟିଛି। ଏହି ସଫଳତା ପାଇଁ କଠିନ ପରିଶ୍ରମ, ଗୁରୁଜନ, ବାପା, ମାଆ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ପିଲା ଦିନରୁ ପାଠପଢାଉ ଥିବା ଶିକ୍ଷକ ଖଗେନ୍ଦ୍ର ପାଳ ଓ ହାଇସ୍କୁଲର ପରମାନନ୍ଦ ଦେ ଙ୍କୁ ଶ୍ରେୟ ଦେଇଛନ୍ତି ଜ୍ୟୋତି ପ୍ରକାଶ।

# ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ



**ବାଲିଆପାଳ,୨୨ା୯(ସଂଚାର ବ୍ୟୁରୋ):** ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଅବସରରେ ବାଲିଆପାଳ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସୋମବାର ପୂର୍ବାହ୍ନ ରେ ରକ୍ତ ଦାନ ଶିବିର ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ହସ୍ପିଟାଲ ଇନର୍ଚାରଜ ପ୍ରୀତମ କୁମାର ସାହୁ, ମଧୁପୁରା ଲମ୍ବୋଦର ମାହାନା, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଚକ୍ରଧର ଜେନା, ଜିଲ୍ଲା ଯକ୍ଷ୍ମା ସଂଯୋଜକ ବିଶ୍ୱ ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମେଡିସିନ, ସ୍ତ୍ରୀପ୍ରସୁତି, ନାଶାଗଳା, ଅସ୍ଥି, ଦାନ୍ତ, ଶିଶୁ ବିଭାଗରୁ ବାଲେଶ୍ୱର ହସ୍ପିଟାଲରୁ ଆସିଥିବା ବିଶେଷଜ୍ଞ ମାନଙ୍କ ଦ୍ୱାରା ଉଭୟ ମହିଳା, ପୁରୁଷ ଓ ଶିଶୁ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଏହା ବ୍ୟତିତ ଗର୍ଭବତୀ ମହିଳାମାନଙ୍କର ପୋଷଣ ପାଇଁ କାଉନସିଲିଂ ମଧ୍ୟ ହୋଇଛି। ଏହି କାର୍ଯ୍ୟକ୍ରମକୁ ହସ୍ପିଟାଲ୍ ସୁପରଭାଇଜର ରମାନାଥ କର, ବ୍ଲକ ପ୍ରୋଗ୍ରାମ ଅଫିସର୍ ବିଶ୍ୱଜିତ ଦାସ, ଫାର୍ମାସିଷ୍ଟ ସରୋଜ କୁମାର ଦାସ, ପିଏଚଇଓ ଝୁନିବାଳା ଦେ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ରକ୍ତ ଦାନ ଶିବିର ଆୟୋଜନ କରାଯାଇଥିଲା। ଅଭିଯାନରେ ୭୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ସେବା ଯୋଗାଇ ଦେବା ସହିତ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆସନ୍ତା ବୁଧବାର ଓ ଗୁରୁବାର ଦିନ ଗର୍ଭବତୀ ମହିଳା ମାନଙ୍କର ଅଲଟ୍ରାସାଉଣ୍ଡ କରାଯିବ ବୋଲି ଇନର୍ଚାରଜ ସୂଚନା ଦେଇଛନ୍ତି।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ୮୯ଟି ଅଭିଯୋଗ ପଞ୍ଜୀକୃତ

**ନାଉଗାଁ,୨୨ା୯(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଜ୍ୟୋତି ଫେଡରେସନ ସମ୍ମିଳନୀ କକ୍ଷରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲା ପାଳ ଜେ ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ।



ଶିବିରରେ ସମୁଦାୟ ୮୯ଟି ଅଭିଯୋଗ ପଂଜିକୃତ ହୋଇଥିଲା। ସେଥିମଧ୍ୟରୁ ଗ୍ରାମ୍ୟ ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୧୦ଟି ଓ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୯ଟି ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଆବାସ ଯୋଜନା ସମ୍ପର୍କୀୟ ୨୯ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୭ଟି, ରାସନ କାର୍ଡ ସମ୍ପର୍କିତ ୧ଟି, ଭତା ସମ୍ବନ୍ଧୀୟ ୨ଟି, ପୋଲିସ ସହାୟତା ୧ଟି, ଏବଂ ଅନ୍ୟାନ୍ୟ ୨୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥି ମଧ୍ୟରୁ ୩ଟି ଅଭିଯୋଗ ତତକାଳ ଫଇସଲା କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡିକର ସମାଧାନ କରାଯିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି। ଏହି ଶିବିରରେ ବଛାଳୋ ପଞ୍ଚାୟତ ସମିତି ସଭ୍ୟ ଚନ୍ଦନ ଲେଙ୍କା ଅଭିଯୋଗ ଶୁଣାଣିରେ ଅଭିଯୋଗ କରାଯାଉଥିଲେ ମଧ୍ୟ ଅଭିଯୋଗର କାର୍ଯ୍ୟକାରୀ ହେଉ ନଥିବା ଅଭିଯୋଗ କରିଥିଲେ। ଉକ୍ତ ପଞ୍ଚାୟତରେ ଥିବା ବିଭିନ୍ନ ସମସ୍ୟା ଉପରେ ସେ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରୁଥିଲେ ମଧ୍ୟ ତାହାର କୌଣସି ସୁଫଳ ମିଳୁ ନାହିଁ। ଯାହାଫଳରେ ଜନସାଧାରଣଙ୍କ କୌଣସି ସମସ୍ୟା ସମାଧାନ ହୋଇପାରୁନାହିଁ। ଅଲଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ନବକିଶୋର ମହାନ୍ତି ଉକ୍ତ ପଞ୍ଚାୟତରେ ଥିବା ଚାଷ ଜମିରୁ ଉଦବୃତ ଜଳ ନିଷ୍କାସନ ହୋଇ ପାରୁନାହିଁ। ପଞ୍ଚାୟତ ଦେଇ ପ୍ରବାହିତ ହାତୀ ଜୋରର ତଳ ମୁଣ୍ଡରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଜବରଦଖଲ କରି ରଖିଥିବା ଯୋଗୁଁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗରେ ଦର୍ଶାଯାଇଛି। ସାମାଜିକ ନ୍ୟାୟ ମଞ୍ଚ ଓ ଜନସ୍ୱାର୍ଥ ସୁରକ୍ଷା କମିଟି ପକ୍ଷରୁ ବିଜୟ କୁମାର ଦାସ, ସୁବାସ ସ୍ୱାଇଁ, ସର୍ବେଶ୍ୱର ମହାରଣା, ଗୌରାଙ୍ଗ ଦାସ, ବାବୁରାମ ସ୍ୱାଇଁ, ବଂଶୀଧର ଦାସ ଆଦି ୮ ଦଫା ଦାବି ସମ୍ବଳିତ ଅଭିଯୋଗ ପ୍ରଦାନ କରିଥିଲେ।

# ଧାରଣାରେ ବସିଲେ ଜିପିଏଲଏଫ କର୍ମକର୍ତ୍ତା

**ଜୟପୁର,୨୨ା୯ (ସଂଚାର ବ୍ୟୁରୋ):** ସ୍ଥାୟୀ ଦରମା ଓ ନିଯୁକ୍ତି ର ସ୍ଥାୟୀତ୍ୱ ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟ ବନ୍ଦ ସହ ବ୍ଲକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ରେ ଧାରଣା ଦେଲେ ଆଜି ଠୁ କାର୍ଯ୍ୟବନ୍ଦ ସହ



ଧାରଣା ରେ ବସିବେ ଜି ପି ଏଲ ଏଫ କର୍ମଚାରୀଆଜି ଠୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବ ପରି ସ୍ଥାୟୀ ଦରମା ଲାଗୁ କରିବା ପାଇଁ ଧାରଣ ରେ ବସିବେ ଅଲ ଓଡିଶା ଗ୍ରାମ ପଞ୍ଚାୟତ ସ୍ତରୀୟ କାର୍ଯ୍ୟକର୍ତା ସଙ୍ଘଠନ ର ସମସ୍ତ ଗୋଷ୍ଠୀ ସହାୟକ କର୍ମଚାରୀ। ପୂର୍ବ ରୁ ସମସ୍ତ କର୍ମଚାରୀ ମାସିକ ସ୍ଥାୟୀ ଦରମା ପାଉଥିଲେ କିନ୍ତୁ ଚଳିତ ବର୍ଷ ଏପ୍ରିଲ ମାସ ଠାରୁ ସରକାର ସ୍ଥାୟୀ ଦରମା ବଦଳ ରେ ପ୍ରୋତ୍ସାହନ ଭିତ୍ତିକ ଦରମା ଲାଗୁ କରିଛନ୍ତି, ଏହା ସହ ସିଆରପି ଙ୍କ ସ୍ଥାୟୀତ୍ୱ, ନେଇ ରାଜ୍ୟଅଲ ଓଡିଶା ଗ୍ରାମ ପଞ୍ଚାୟତ ସ୍ତରୀୟ କାର୍ଯ୍ୟକର୍ତା ସଙ୍ଘଠନ ପକ୍ଷରୁ ଜିଲ୍ଲାପାଳ, ବିଭଗୀୟ ମନ୍ତ୍ରୀ ଙ୍କୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସଫଳ ମିଳି ନଥିବା ରୁ ଆଜି ରାଜ୍ୟ ସଙ୍ଘ ର ଆହ୍ୱାନ ରେ ଓଡିଶା ର ୩୧୪ ଟି ବ୍ଲକ ସମ୍ମୁଖରେ କାର୍ଯ୍ୟ ବନ୍ଦ ସହ ଧାରଣା ଦେଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସଙ୍ଘ ଧାରଣା ରେ ବସିବ ବୋଲି ବ୍ଲକ ସଙ୍ଘ ର ସଂପାଦକ ମହେଶ୍ୱରୀ ବୈଦ ସୂଚନା ଦେଇଛନ୍ତି ।

# ବ୍ଲକସ୍ତରୀୟ ଏକଦିବସୀୟ ସ୍ୱଚ୍ଛତା ଓ ପରିମଳ କାର୍ଯ୍ୟକ୍ରମ

**କଣାସ,୨୨ା୯(ସଂଚାର ବ୍ୟୁରୋ):** କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଜି ବ୍ଲକ ସ୍ତରୀୟ ସ୍ୱଚ୍ଛତା ହିଁ ସେବା ଏବଂ ପରିମଳ ସମ୍ବନ୍ଧୀୟ ଏକ ଦିବସୀୟ ପରିଚାଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତ, କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ, ଅତିରିକ୍ତ ବିଡିଓ ମଙ୍ଗଳ ସିଂ ହେମ୍ବ୍ରମ୍, ଯୋଗଦେଇ ସ୍ୱଚ୍ଛତା ହିଁ ସେବା ଏବଂ ପରିମଳ ସମ୍ବନ୍ଧୀୟ ବିଭିନ୍ନ ସୂଚନା ଦେବା ସହ ୧୦୦ଜଣ କାରିଗରଙ୍କୁ ଜୋତା, ହାତ ଗ୍ଲୋଭସ୍, ମୋଜା, ପରିବେଶ ସ୍ୱଚ୍ଛତା ରକ୍ଷାକରିବା ପାଇଁ ବିଭିନ୍ନ ସାମଗ୍ରୀ ପ୍ରଧାନ କରିଥିଲେ। ଏହି ବୈଠକରେ କଣାସ ବ୍ଲକ ସମସ୍ତ ପଞ୍ଚାୟତ ଅଧିକାରୀ ଓ ଶାତାଧିକ କାରିଗର ଯୋଗଦେଇଥିଲେ।

